ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜୁନ୍ ୭/୨୦୨୩ (୧୪ ପୃଷ୍ଠା) | Bhubaneswar, Wednesday, June 7/2023 | Page 14 | ₹ 7.00 | SAMBALPUR
୪୯ଶ ଭାଗ ୧୯୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 192 ମୂଲ୍ୟ ₹୭/-

# ଏ ଟ୍ରେନ୍‌ରେ ଯିବୁନାହିଁ

**ବାଲେଶ୍ୱର ବାହାନଗାରେ ଘଟିଯାଇଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ଭରି ଦେଇଛି। ଯାତ୍ରା ବେଳେ କେଉଁଠି କିଛି ତ୍ରୁଟି ଦେଖିବା ମାତ୍ରେ ସେମାନଙ୍କ ଆଖି ଆଗକୁ ଚାଲିଆସୁଛି ସେହି ଭୟାନକ ଦୃଶ୍ୟ। କାଳେ କ'ଣ ଅଘଟଣ ଘଟିଯିବ ସେଥିପାଇଁ ଯାତ୍ରୀଗଣ ଆଶଙ୍କାରେ ରହୁଛନ୍ତି। ଏଭଳି ସ୍ଥିତି ମଙ୍ଗଳବାର ଦେଖିବାକୁ ମିଳିଛି ବ୍ରହ୍ମପୁର ରେଳ ଷ୍ଟେଶନରେ। ସିକନ୍ଦରାବାଦ୍‌-ଅଗରତାଲା ଏକ୍ସପ୍ରେସ ବି-୫ ଏସି ବଗିରୁ ଧୂଆଁ ବାହାରିବା ପରେ ଯାତ୍ରୀମାନେ ଭୟଭୀତ ହୋଇ ଓହ୍ଲାଇ ପଡ଼ିଥିଲେ। ବଗି ନ ବଦଳାଇଲେ ଏହି ଟ୍ରେନ୍‌ରେ ଯାତ୍ରା କରିବୁ ନାହିଁ ବୋଲି ସେମାନେ ଅଡ଼ି ବସିଥିଲେ। ଷ୍ଟେଶନ କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଘଣ୍ଟାଏ ବିଳମ୍ବରେ ଉକ୍ତ ଟ୍ରେନ୍ ଆଗକୁ ଗଡ଼ିଥିଲା। ତେବେ ଭୟ ଆଶଙ୍କାରେ ଯାତ୍ରୀମାନେ ରହିବା ସହ ଭଗବାନଙ୍କ ଭରସାରେ ଯାଇଥିଲେ।**

## ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ

- ଡରି ଓହ୍ଲାଇପଡ଼ିଲେ ଯାତ୍ରୀ
- ୧ ଘଣ୍ଟା ଅଟକିଲା ଟ୍ରେନ୍

ବ୍ରହ୍ମପୁର ଅଫିସ/ଭୁବନେଶ୍ୱର (ବ୍ୟୁରୋ)୬।୬



ବ୍ରହ୍ମପୁର ଷ୍ଟେଶନରେ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍‌ରୁ ଓହ୍ଲାଇ ପଡ଼ିଥବା ଯାତ୍ରୀମାନେ।

ଗଞ୍ଜାମ ଜିଲା ବ୍ରହ୍ମପୁର ରେଳ ଷ୍ଟେଶନରେ ମଙ୍ଗଳବାର ସିକନ୍ଦରାବାଦ୍‌-ଅଗରତାଲା ଏକ୍ସପ୍ରେସ ବି-୫ ଏସି ବଗିରୁ ଧୂଆଁ ବାହାରିବା ପରେ ଯାତ୍ରୀମାନେ ଭୟଭୀତ ହୋଇ ଓହ୍ଲାଇ ପଡ଼ିଥିଲେ। ତୁରନ୍ତ ରେଳୱେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଧୂଆଁକୁ ଆୟତ୍ତ କରିଥିଲେ ମଧ୍ୟ ଯାତ୍ରୀମାନେ ସେହି ଟ୍ରେନ୍‌ରେ ଯିବାକୁ ରାଜି ହୋଇ ନ ଥିଲେ। ରେଳୱେ କର୍ତ୍ତୃପକ୍ଷ ପହଞ୍ଚି ବୁଝାଶୁଝା କରିବାରୁ ପ୍ରାୟ ୧ ଘଣ୍ଟା ପରେ ଟ୍ରେନଟି ଯାତ୍ରୀଙ୍କୁ ଧରି ବ୍ରହ୍ମପୁର ଷ୍ଟେଶନ ଛାଡିଥିଲା। ଶର୍ଟ ସର୍କିଟରୁ ଧୂଆଁ ବାହାରିଥିଲା ଏବଂ ତାହାକୁ ଠିକ୍ କରିଦିଆଯାଇଛି ବୋଲି ରେଳ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ୧୨ଟା ୩୭ରେ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ (ନଂ.୦୭୦୩୫୦) ବ୍ରହ୍ମପୁର ରେଳ ଷ୍ଟେଶନରେ ପହଞ୍ଚିଥିଲା। ଟ୍ରେନଟି ଅଟକିବା କ୍ଷଣି ଶତାଧିକ ଯାତ୍ରୀ ଓହ୍ଲାଇ ପଡ଼ି ଷ୍ଟେଶନ ମାଷ୍ଟର ଓ କର୍ତ୍ତୃପକ୍ଷଙ୍କୁ ଖୋଜିଥିଲେ। ଟ୍ରେନରୁ ଧୂଆଁ ବାହାରୁଥିବା ସେମାନେ କହିଥିଲେ। ଷ୍ଟେଶନ ପ୍ରବନ୍ଧକ ଦୁର୍ଗାପ୍ରସାଦ ବ୍ରହ୍ମା, ଇଲେକ୍ଟ୍ରି ବିଭାଗ ଓ ଅଗ୍ନିଶମ ବିଭାଗ ତୁରନ୍ତ ଯାଇ ଯାଞ୍ଚ କରିଥିଲେ। ବି-୫ ଏସି କୋଚ କମ୍ପ୍ରେସରରେ ଶର୍ଟ ସର୍କିଟ ହୋଇ ଧୂଆଁ ବାହାରୁଥିବା ଜଣାପଡିବା ପରେ ତାହାକୁ ଠିକ୍ କରାଯାଇଥିଲା। ବଗିରେ ଆଉ କୌଣସି ଅସୁବିଧା ନ ଥିବା ଷ୍ଟେଶନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ଯାତ୍ରୀମାନେ ବଗିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ପାଇଁ ଦାବି କରିଥିଲେ। ସେଥିରେ ଗଲାବେଳେ ପୁଣି ଥରେ କିଛି ଅସୁବିଧା ହେଲେ କ'ଣ କରିବୁ ବୋଲି ଶିଶୁକୁ ଧରି ହାଇଦ୍ରାବାଦରୁ ଆସିଥିବା ଜଣେ ମହିଳା ଯାତ୍ରୀ ପ୍ରଶ୍ନ କରିଥିଲେ। ସେହିପରି ଅନ୍ୟ ଯାତ୍ରୀମାନେ ମଧ୍ୟ ବଗି ବଦଳାଯାଉ ବୋଲି କହିଥିଲେ। ବ୍ରହ୍ମପୁରରେ ବଗି ବଦଳାଇବା ସମ୍ଭବ ନୁହେଁ, ଖୋର୍ଦ୍ଧା ରୋଡ୍‌ରେ ବଦଳାଯିବ ବୋଲି ଷ୍ଟେଶନ କର୍ତ୍ତୃପକ୍ଷ କହିବା ପରେ ଯାତ୍ରୀମାନେ ଟ୍ରେନ୍‌କୁ ଉଠିଥିଲେ। ଏହାପରେ ଅପରାହ୍ନ ୧ଟା ୩୨ ମିନିଟରେ ଟ୍ରେନ୍‌ଟି ବ୍ରହ୍ମପୁର ଷ୍ଟେଶନ ଛାଡ଼ିଥିଲା। ତେବେ ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ଉକ୍ତ ବଗିକୁ ବଦଳା ଯାଇ ନ ଥିବା ଜଣାପଡ଼ିଛି। ସୁରକ୍ଷା ପାଇଁ ଅଧିକ ଅଗ୍ନି ନିର୍ବାପକ କର୍ମଚାରୀ, ବିଦ୍ୟୁତ୍ କର୍ମଚାରୀ ଓ ରେଳ ସୁରକ୍ଷା କର୍ମଚାରୀଙ୍କୁ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସରେ ପଠାଯାଇଥିବା ଖୋର୍ଦ୍ଧା ରୋଡ୍ ମଣ୍ଡଳ ଜନସମ୍ପର୍କ ଅଧିକାରୀ ଲଳିତା ପଣ୍ଡା କହିଛନ୍ତି।


## ବ୍ରିଜ୍‌ଭୂଷଣଙ୍କ ଘରେ ପୋଲିସ ତନାଘନା

ନୂଆଦିଲ୍ଲୀ,୬।୬

ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ଫସିଥିବା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ବିଦାୟୀ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଉତ୍ତର ପ୍ରଦେଶର ଗୋଣ୍ଡାସ୍ଥିତ ତାଙ୍କ ଘରେ ମଙ୍ଗଳବାର ଦିଲ୍ଲୀ ପୋଲିସ ଚଢ଼ାଉ କରିଛି। ପୋଲିସ ତାଙ୍କର କେତେଜଣ ସହଯୋଗୀ ଓ ଘରେ କାମ କରୁଥିବା ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି। ସେହିପରି ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ନାବାଳିକା କୁସ୍ତିଯୋଦ୍ଧାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଏହି ମାମଲାରେ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ବିରୋଧରେ ପ୍ରମାଣ ସଂଗ୍ରହ କରିବା ପରେ କୋର୍ଟରେ ରିପୋର୍ଟ ଦାଖଲ କରାଯିବ ବୋଲି ପୋଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଓଲିମ୍ପିଆନ୍ ରେସ୍‌ଲର ବଜରଙ୍ଗ ପୁନିଆ କହିଛନ୍ତି, ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ହୋଇଥିବା ବୈଠକ ସମ୍ପର୍କରେ ମୁହଁ ଖୋଲିବାକୁ ସରକାରଙ୍କ ପକ୍ଷରୁ ମନା କରାଯାଇଛି। ଶାହାଙ୍କ ସହ ଆମର କୌଣସି ସେଟିଂ ବା ଡିଲ୍ ହୋଇନାହିଁ। କେବଳ ତଦନ୍ତ ଚାଲିଛି ବୋଲି ଶାହା ସେମାନଙ୍କୁ କହିଥିଲେ। ତେଣୁ ବିକ୍ଷୋଭ ଆନ୍ଦୋଳନ ସରିନାହିଁ। ଏହାକୁ କିପରି ଆଗକୁ ବଢ଼ାଯିବ ତା' ଉପରେ ଆମେ ରଣନୀତି ସ୍ଥିର କରୁଛୁ। ସୂତ୍ରରୁ ଜଣାପଡ଼ିଛି ଯେ, ଘଣ୍ଟାଏରୁ ଅଧିକ ସମୟ ଧରି ଚାଲିଥିବା ଉକ୍ତ ବୈଠକରେ ବଜରଙ୍ଗ, ସାକ୍ଷୀ ମଲିକ, ସଙ୍ଗୀତା ଫୋଗତ୍ ଓ ସତ୍ୟୱ୍ରାର୍ଟ କାଡିଆନ୍ ଉପସ୍ଥିତ ଥିଲେ। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ନିରପେକ୍ଷ ତଦନ୍ତ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ କୁସ୍ତିଯୋଦ୍ଧାମାନେ ଶାହାଙ୍କ ନିକଟରେ ଦାବି କରିଥିଲେ।

**ଆଜିର ସମ୍ପାଦକୀୟ**
ନିର୍ଭରଯୋଗ୍ୟ ନୁହେଁ



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଜୁନ୍, ୨୦୨୩



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୁରିନାମର ସର୍ବୋଚ୍ଚ ବେସାମରିକ ସମ୍ମାନ ମିଳିଛି। ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧିରେ ମୁର୍ମୁଙ୍କ ଅବଦାନକୁ ନେଇ ସୁରିନାମ ରାଷ୍ଟ୍ରପତି ଚନ୍ଦ୍ରିକାପ୍ରସାଦ ସନ୍ତୋଖୀ ତାଙ୍କୁ ଏକ ଭବ୍ୟ ସମାରୋହରେ 'ଗ୍ରାଣ୍ଡ୍ ଅର୍ଡର ଅଫ୍ ଦି ଚେନ୍ ଅଫ୍ ୟଲୋ ଷ୍ଟାର' ପ୍ରଦାନ କରିଛନ୍ତି। ମୁର୍ମୁ ରବିବାର ତିନିଦିନିଆ ସୁରିନାମ ଗସ୍ତରେ ଯାଇଥିଲେ। ଗତବର୍ଷ ଜୁଲାଇରେ ରାଷ୍ଟ୍ରପତି ହେବା ପରେ ଏହା ସୁରିନାମକୁ ତାଙ୍କର ପ୍ରଥମ ଗସ୍ତ। ଏହି ଅବସରରେ ସେ ପ୍ରତିପକ୍ଷ ସନ୍ତୋଖୀ ଏବଂ ସୁରିନାମ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।



## ସଂକ୍ଷେପରେ

### ବିଶ୍ୱର ୨୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଭାରତରୁ ୧୫

**ନୂଆଦିଲ୍ଲୀ, ୬।୬:** ୨୦୨୨ର ବାୟୁ ପ୍ରଦୂଷଣ ସୂଚକାଙ୍କରେ ଭାରତ ଅଷ୍ଟମ ସ୍ଥାନରେ ରହିଛି। ଏହି ତାଲିକାରେ ଚାଦ୍, ଇରାକ, ପାକିସ୍ତାନ, ବାହାରିନ ଏବଂ ବାଂଲାଦେଶ ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର। ସୁଇଜରଲାଣ୍ଡର ଏୟାର କ୍ୱାଲିଟି ଟେକ୍ନୋଲୋଜି କମ୍ପାନୀ ଆଇକ୍ୟୁଏୟାର ପକ୍ଷରୁ ପ୍ରକାଶିତ ବିଶ୍ୱ ବାୟୁ ମାନ ରିପୋର୍ଟ ଅନୁଯାୟୀ ବିଶ୍ୱର ୨୦ ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଭାରତର ୧୫ଟି ସହର ରହିଛି। ତାଲିକାର ପ୍ରଥମ ସ୍ଥାନରେ ପାକିସ୍ତାନର ଲାହୋର ରହିଥିବାବେଳେ ଏହା ପଛକୁ ଚାଇନାର ହୋଟନ, ଭାରତର ଭିୱାଡ଼ି ଏବଂ ଦିଲ୍ଲୀ ରହିଛି। ୨୦ ସ୍ଥାନ ମଧ୍ୟରେ ରହିଥିବା ଅନ୍ୟ ଭାରତୀୟ ସହରଗୁଡ଼ିକ ହେଲେ ଆସୋପୁର, ନୂଆଦିଲ୍ଲୀ, ପାଟନା, ଗାଜିଆବାଦ, ଧରୁହେରା, ଛାପ୍ରା, ମୁଜାଫରନଗର, ଫୈସଲାବାଦ, ଗ୍ରେଟର ନୋଏଡା, ବାହାଦୁରଗଡ଼, ଫରିଦାବାଦ ଏବଂ ମୁଜାଫରପୁର।

### ଆସାମ-ଅରୁଣାଚଳ ସୀମାରେ ଗୁଳି: ୨ ନିହତ

**ଗୁଆହାଟୀ/ଇଟାନଗର, ୬।୬:** ଆସାମର ଢେମାଜି ଜିଲାରେ ସୋମବାର ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରମଣକାରୀ ଅରୁଣାଚଳପ୍ରଦେଶର ବୋଲି ଅଭିଯୋଗ ହୋଇଛି। ଦୁଇ ରାଜ୍ୟର ସୀମାବର୍ତ୍ତୀ ପାନବାରି ଅଞ୍ଚଳରେ ଏହି ଗୁଳିକାଣ୍ଡ ଘଟିଛି। ମୃତକ ବୋଗା ଚୁଟିଆ ଏବଂ ମୋନିଟୁ ଗୋଗୋଇ ଗଛ ଲଗାଉଥିବାବେଳେ ସେମାନଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଏହି ଘଟଣା ପରେ ଢେମାଜି ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୁଳିକାଣ୍ଡରେ ସମ୍ପୃକ୍ତି ନେଇ ଅରୁଣାଚଳପ୍ରଦେଶର ଲୋୟର ସିଆଙ୍ଗ ଜିଲାରୁ ୫ ଜଣଙ୍କୁ ଗିରଫ କରାଯାଇଛି।

**ଏୟାର ଇଣ୍ଡିଆ ବିମାନ ଇଞ୍ଜିନ୍‌ରେ ତ୍ରୁଟି**

### ରୁଷିଆ ଗଲା ଦିଲ୍ଲୀ-ସାନଫ୍ରାନ୍ସିସ୍କୋ ବିମାନ

**ନୂଆଦିଲ୍ଲୀ, ୬।୬:** ନୂଆଦିଲ୍ଲୀରୁ ସାନଫ୍ରାନ୍ସିସ୍କୋ ଯାଉଥିବା ଏୟାର ଇଣ୍ଡିଆ ବିମାନର ଇଞ୍ଜିନ୍‌ରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାକୁ ରୁଷିଆ ନିଆଯାଇଛି। ୨୧୬ ଯାତ୍ରୀ ଓ ୧୬ କର୍ମଚାରୀଙ୍କୁ ନେଇ ଯାଇଥିବା ଉକ୍ତ ବିମାନ ରୁଷିଆର ମାଗାଡାନ୍ ଏୟାରପୋର୍ଟରେ ସୁରକ୍ଷିତ ଅବତରଣ କରିଛି। ସେଠାରେ ଯାତ୍ରୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯିବା ସହ ଶୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବିକଳ୍ପ ଯୋଗାଇ ଦିଆଯିବ।



ନୋଭା କାଖୋଭ୍‌କା ଡ୍ୟାମ୍ ଭୁଶୁଡ଼ିବା ପର ଦୃଶ୍ୟ।



ଖେର୍‌ସନ୍‌ରୁ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି ଲୋକେ।

# ନୋଭା କାଖୋଭ୍‌କା ଡ୍ୟାମ୍ ଭୁଶୁଡ଼ିଲା

**ମସ୍କୋ/କିଭ୍, ୬।୬**

**୧୪ ଗ୍ରାମର ୨୨ ହଜାର ଲୋକ ସ୍ଥାନାନ୍ତରିତ**

**ପରସ୍ପରକୁ ଦୋଷ ଦେଲେ ରୁଷିଆ, ୟୁକ୍ରେନ୍**

ଦକ୍ଷିଣ ୟୁକ୍ରେନ୍ ଓ ରୁଷିଆ ମଝିରେ ଥିବା ଏକ ବୃହତ୍ ଡ୍ୟାମ୍‌କୁ ମଙ୍ଗଳବାର ଟାର୍ଗେଟ କରାଯାଇଛି। ଫଳରେ ଏହାର ଏକ ବଡ଼ ଅଂଶ ଭୁଶୁଡ଼ିପଡ଼ିଛି। ଏଥିଯୋଗୁ ଦୁଇଦେଶର ସୀମାରେ ବନ୍ୟା ସ୍ଥିତି ଉପୁଜିବାରୁ ଖେରସନ ଅଞ୍ଚଳ ଅଧୀନ ୧୪ ଗ୍ରାମର ୨୨,୦୦୦ ଲୋକ ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଡ୍ୟାମ୍ ଭୁଶୁଡ଼ିବା ପରେ ରୁଷିଆ ଓ ୟୁକ୍ରେନ୍ ପରସ୍ପରକୁ ଦାୟୀ କରିଛନ୍ତି। ସୋଭିଏଟ୍ ଅମଳର ବିଶାଳକାୟ ନୋଭା କାଖୋଭ୍‌କା ଡ୍ୟାମ୍‌ରୁ କ୍ରିମିଆର ଆଣବିକ କେନ୍ଦ୍ରକୁ ଶୀତଳୀକରଣ ପାଇଁ ଜଳ ଯୋଗାଣ କରାଯାଇଥାଏ। ତେବେ ଏଥିଯୋଗୁ ତତ୍କାଳ ଆଣବିକ ବିପଦ ସୃଷ୍ଟି ହୋଇ ନ ଥିବା ଜାତିସଂଘ ପରମାଣୁ ସଂସ୍ଥା କହିଛି।

ରୁଷିଆ ଜାଣିଶୁଣି ନୋଭା କାଖୋଭ୍‌କା ଡ୍ୟାମ୍‌କୁ ବିସ୍ଫୋରଣରେ ଉଡ଼ାଇଦେଇଥିବା ୟୁକ୍ରେନ୍ ଓ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ଅଭିଯୋଗ ଆଣିଛନ୍ତି। କେବଳ ଏତିକି ନୁହେଁ, ରୁଷିଆ ଏହାକୁ ଧ୍ୱଂସ କରିବା ପରେ ୧୫୦ ଟନ୍ ଇଞ୍ଜିନ ଅଏଲ୍ ନିପ୍ରୋନଦୀକୁ ଛାଡ଼ିଦେଇଥିବାରୁ ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି କିଭ୍ କହିଛି। ଅନ୍ୟପକ୍ଷେ କ୍ରେମ୍‌ଲିନ୍ କହିଛି, ମସ୍କୋ ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାବେଳେ ଏଥିରୁ ଦୃଷ୍ଟି ହଟାଇବା ପାଇଁ ୟୁକ୍ରେନ୍ ଏହାକୁ ଉଡ଼ାଇଦେଇଛି। ଡ୍ୟାମ୍‌ଟି ଆପେ ଆପେ ଭୁଶୁଡ଼ିପଡ଼ିଥିବା ନେଇ ରୁଷିଆ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ନିଯୁକ୍ତ କେତେଜଣ ଅଧିକାରୀ କହିଛନ୍ତି। ତେବେ ନିଜ ନିଜ ଯୁକ୍ତି ସପକ୍ଷରେ କୌଣସି ପକ୍ଷ ତତ୍କାଳ ପ୍ରମାଣ ଦେଇପାରି ନାହାନ୍ତି। ଜେନେଭା କନ୍‌ଭେନ୍‌ସନ୍ ଯୁଦ୍ଧ ସମୟରେ କୌଣସି ଡ୍ୟାମ୍‌କୁ ଟାର୍ଗେଟ କରାଯିବା ଉପରେ ପୂର୍ବରୁ ବାରଣ କରିଛି। କାରଣ ଏଭଳି ନିର୍ମାଣ ଧ୍ୱସ୍ତବିଧ୍ୱସ୍ତ ହେଲେ ସାଧାରଣ ନାଗରିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ୟୁକ୍ରେନ୍ ଦଖଲରେ ଥିବା ଖେରସନ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଜଳସ୍ତର ୧ ମିଟର ବୃଦ୍ଧି ପାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ନୋଭା କାଖୋଭ୍‌କା ଡ୍ୟାମ୍‌ରୁ ଦକ୍ଷିଣ ୟୁକ୍ରେନ୍‌ର ଚାଷଜମିଗୁଡ଼ିକୁ ଜଳସେଚନ କରାଯାଇଥାଏ। ଏହି ବୃହତ୍ ନଦୀବନ୍ଧ ଯୋଜନାରୁ ରୁଷିଆ ଦଖଲରେ ଥିବା କ୍ରିମିଆ ଉପଦ୍ୱୀପ ଏବଂ ଝାପୋରିଝିଆ ଆଣବିକ କେନ୍ଦ୍ରକୁ ଶୀତଳ କରିବା ପାଇଁ ମଧ୍ୟ ଜଳଯୋଗାଣ ହୋଇଥାଏ। ତେଣୁ ଏହା ଧ୍ୱସ୍ତହେବା ପରେ ସମ୍ପୃକ୍ତ ଅଞ୍ଚଳରେ ନୂଆ ମାନବୀୟ ବିପର୍ଯ୍ୟୟ ଦେଖାଦେଇଛି।

୨୦୨୨ ଫେବୃୟାରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ରୁଷିଆ ଏହି ଡ୍ୟାମ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ନିପ୍ରୋ ନଦୀର ଉତ୍ତର ଭାଗକୁ ଗତବର୍ଷ ୟୁକ୍ରେନୀୟ ସୈନ୍ୟ ପୁନଃ ଦଖଲ କରିଥିଲେ। ରୁଷିଆ ଓ ୟୁକ୍ରେନ୍ ଏହାକୁ ଧ୍ୱଂସ କରିବା ପାଇଁ ଯୋଜନା କରୁଥିବା ନେଇ ସେବେଠୁ ପରସ୍ପର ଉପରେ ଦୋଷ ଲଦି ଆସୁଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଟେଲିଗ୍ରାମ୍‌ରେ କହିଛନ୍ତି, ରୁଷୀୟମାନେ ଆତଙ୍କବାଦୀ। ସେମାନେ କାଖୋଭ୍‌କା ଡ୍ୟାମ୍‌ରେ ଆଭ୍ୟନ୍ତରୀଣ ବିସ୍ଫୋରଣ ଘଟାଇଛନ୍ତି। ଫଳରେ ୮୦ଟି ବସତି ଜଳମଗ୍ନ ହୋଇଯାଇଛି। ଜଳବିଦ୍ୟୁତ୍ ଯୋଜନା ଡ୍ୟାମ୍ ଭୁଶୁଡ଼ିବା ପରେ ସେମାନଙ୍କୁ ୟୁକ୍ରେନୀୟ ଭୂଖଣ୍ଡରୁ ବିତାଡ଼ିତ କରାଯିବା ଉପରେ ସାରା ବିଶ୍ୱ ଜୋର୍ ଦେଇଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ମହାସଚିବ ଜେନ୍ସ୍ ଷ୍ଟୋଲ୍‌ଟେନ୍‌ବର୍ଗ ଏହାକୁ ଏକ ବର୍ବର କାର୍ଯ୍ୟ ଭାବେ ଅଭିହିତ କରିଛନ୍ତି। ୟୁକ୍ରେନ୍ ଯୁଦ୍ଧରେ ରୁଷିଆର ବର୍ବରତା ପୁଣି ଥରେ ସାମ୍ନାକୁ ଆସିଥିବା ସେ କହିଛନ୍ତି। କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍‌ଙ୍କ ମତରେ ଏହା ହେଉଛି ୟୁକ୍ରେନ୍‌ର ଆତ୍ମଘାତୀ କାର୍ଯ୍ୟ। ୟୁକ୍ରେନୀୟ ସୈନ୍ୟ ନିଜ ଲକ୍ଷ୍ୟ ହାସଲ କରିବାରେ ବିଫଳ ହେବା ପରେ ଏପରି କାଣ୍ଡ ଭିଆଉଛନ୍ତି। କ୍ରିମିଆରେ ରୁଷିଆ ପକ୍ଷରୁ ନିଯୁକ୍ତ ଗଭର୍ନର ସେର୍ଗେଇ ଅକ୍ସିନୋଭ୍ କହିଛନ୍ତି, ନର୍ଥ କ୍ରିମିଆ କେନାଲରେ ଜଳସ୍ତର ବଢ଼ିବାରେ ଲାଗିଛି। ନିପ୍ରୋ ନଦୀରୁ ଅଧିକ ଜଳ ପ୍ରବାହିତ ହେଉଥିବାରୁ ଆଗକୁ ବିପଦ ବଢ଼ିପାରେ।

➡ ୟୁକ୍ରେନ୍‌ର ନିପ୍ରୋ ନଦୀ ଉପରେ ନୋଭା କାଖୋଭ୍‌କା ଡ୍ୟାମ୍ ନିର୍ମିତ। ଖେରସନ୍ ସହରର ୩୦ କି.ମି. ପୂର୍ବରେ ଏହା ଅବସ୍ଥିତ।

➡ ଏହି ନଦୀବନ୍ଧ ଯୋଜନାର ଉଚ୍ଚତା ୩୦ ମିଟର ହୋଇଥିବାବେଳେ ଲମ୍ବ ୩.୨ କି.ମି.। ୧୯୫୬ରେ କାଖୋଭ୍‌କା ଜଳବିଦ୍ୟୁତ୍ ପ୍ରକଳ୍ପର ଏକ ଅଂଶ ଭାବେ ଏହାର ନିର୍ମାଣ କରାଯାଇଥିଲା।

➡ ଜାପୋରୋଝିଆସ୍ଥିତ ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ରକୁ ଶୀତଳ କରିବା ପାଇଁ ଏହି ଡ୍ୟାମ୍‌ରୁ ଜଳଯୋଗାଣ କରାଯାଇଥାଏ।

➡ ଆମେରିକାର ଉଟାହସ୍ଥିତ ଗ୍ରେଟ୍ ସଲ୍ଟ ଲେକ୍ ପରିମାଣର ଜଳ ଏହି ଡ୍ୟାମ୍‌ରେ ଗଚ୍ଛିତ ହୋଇରହିଥାଏ।

➡ ୨୦୧୪ରୁ ରୁଷିଆ ନିଜ ଦଖଲରେ ରଖିଥିବା କ୍ରିମିଆ ଉପଦ୍ୱୀପକୁ ମଧ୍ୟ ଏହି ଡ୍ୟାମ୍‌ରୁ ପାଣି ଯାଇଥାଏ। ତେଣୁ ଡ୍ୟାମ୍‌ଟି ଧ୍ୱଂସହେବା ପରେ କ୍ରିମିଆର କେନାଲ ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି।

➡ ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠୁ ଉକ୍ତ ଡ୍ୟାମ୍‌କୁ ନିଜ ଦଖଲରେ ରଖିଛି। ୟୁକ୍ରେନୀୟ ସୈନ୍ୟ ଖେରସନକୁ ପୁନଃ ଦଖଲ କରିବା ସମୟରେ ଡ୍ୟାମ୍‌ର କିଛି ଅଂଶ ଭାଙ୍ଗିଯାଇଥିବା ଚିତ୍ର ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

➡ ଡ୍ୟାମ୍ ଭୁଶୁଡ଼ିବା ପରେ ୧୪ ବସତିର ୨୨,୦୦୦ ଲୋକ ବନ୍ୟା ଭୟରେ ସୁରକ୍ଷିତ ସ୍ଥାନକୁ ପଳାୟନ କରିଛନ୍ତି।

**ଡାମୋହ ସ୍କୁଲ୍ ହିଜାବ ବିବାଦ**

## ତଦନ୍ତରେ ଯାଇଥିବା ଅଫିସରଙ୍କୁ କାଳିମାଡ଼

**ଭୋପାଳ, ୬।୬ (ଆଇଏଏନ୍‌ଏସ୍)**

ମଧ୍ୟପ୍ରଦେଶର ଡାମୋହସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ହିଜାବକୁ ନେଇ ବିବାଦ ଦେଖାଦେଇଥିଲା। ଏହାର ତଦନ୍ତ କରିବାକୁ ଯାଇଥିବା ଜଣେ ସରକାରୀ ଅଧିକାରୀଙ୍କୁ ମଙ୍ଗଳବାର କାଳିମାଡ଼ ହୋଇଛି। କାଳିମାଡ଼ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଫିସର ଜଣକ ଗାଡ଼ିରେ ବସିଥିବାବେଳେ ଦୁଇଜଣ ଲୋକ ତାଙ୍କୁ କାଳି ଫିଙ୍ଗିବା ସହ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଡାମୋହସ୍ଥିତ ଗଙ୍ଗାଯମୁନା ହାୟର ସେକେଣ୍ଡାରୀ ସ୍କୁଲ୍‌ର ହିଜାବ ବିବାଦ ମାମଲାର ତଦନ୍ତ କରିବାକୁ ଯାଇଥିବାରୁ ସେ ଆକ୍ରମଣର ସମ୍ମୁଖୀନ ହେଲେ ବୋଲି ଅଫିସର ଜଣକ କହିଛନ୍ତି। ସେ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଏତଲା ଦେବେ ବୋଲି କହିଛନ୍ତି। ଉକ୍ତ ସ୍କୁଲ୍‌ର ୩ ହିନ୍ଦୁ ଛାତ୍ରୀଙ୍କୁ ଜବରଦସ୍ତ ଧର୍ମାନ୍ତରୀକରଣ କରାଯାଇଥିବା ଭାଜପା ନେତା ଅଭିଯୋଗ କରିଥିବାବେଳେ ସ୍କୁଲ୍‌ର ଶିକ୍ଷୟିତ୍ରୀ ଏହାକୁ ଖଣ୍ଡନ କରି ଛାତ୍ରୀମାନେ ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିଥିବା କହିଛନ୍ତି।

# ମଣିପୁର: ଉଗ୍ରପନ୍ଥୀଙ୍କ ଗୁଳିରେ ଯବାନ ଶହୀଦ

**୨ ଆସାମ ରାଇଫଲ୍ସ ଯବାନ ଆହତ**

**ଗୁଆହାଟୀ, ୬।୬**

ମଣିପୁରର କାକ୍‌ଚିଙ୍ଗ ଜିଲାର ସୁଗ୍‌ନୁ-ସେରୋଉ ଅଞ୍ଚଳରେ ମଙ୍ଗଳବାର ସକାଳେ ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ଜଣେ ବିଏସ୍‌ଏଫ୍ ଯବାନ ଶହୀଦ ହୋଇଥିବାବେଳେ ଆସାମ ରାଇଫଲ୍ସର ୨ ଯବାନ ଆହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଛି। ଆସାମ ରାଇଫଲ୍ସ, ବିଏସ୍‌ଏଫ୍ ଏବଂ ପୋଲିସ ସୋମବାର ରାତିରେ ସୁଗ୍‌ନୁ-ସେରୋଉ ଅଞ୍ଚଳରେ ମିଳିତ ତଲାସି ଅଭିଯାନ ଚଳାଇଥିବାବେଳେ କୁକି ଉଗ୍ରପନ୍ଥୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଗୁଳିମାଡ଼ରେ ଆହତ ବିଏସ୍‌ଏଫ୍ କନ୍‌ଷ୍ଟେବଲ ରଞ୍ଜିତ ଯାଦବଙ୍କୁ କାକ୍‌ଚିଙ୍ଗର ଜୀବନ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଆସାମ ରାଇଫଲ୍ସର ୨ ଆହତ ଯବାନଙ୍କୁ ବିମାନ ଯୋଗେ ମନ୍ତ୍ରିପୁଖରିକୁ ନିଆଯାଇଛି।

### ଏନ୍‌ଏଚ୍-୨ରୁ ଅବରୋଧ ୭ ଦିନ ପାଇଁ ଉଠିଲା

**ଇମ୍ଫାଲ, ୬।୬ :** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅପିଲ୍ କ୍ରମେ କୁକି ବହୁଳ କାଙ୍ଗ୍‌ପୋକ୍‌ପି ଜିଲାର ଆଦିବାସୀ ଏକତା କମିଟି (ସିଓଟିୟୁ) ଜାତୀୟ ରାଜପଥ-୨କୁ ୭ ଦିନ ପାଇଁ ଅବରୋଧ ମୁକ୍ତ କରିଛି। ମଣିପୁର ହିଂସା ପରେ ଇମ୍ଫାଲ-ଡିମାପୁର ଏନ୍‌ଏଚ-୨କୁ ଦୀର୍ଘଦିନ ହେବ ଅବରୋଧ କରି ରଖାଯାଇଥିବାରୁ ଖାଦ୍ୟ, ଔଷଧ, ପେଟ୍ରୋଲ, ଡିଜେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ରାଜ୍ୟରେ ପହଞ୍ଚି ପାରୁନାହିଁ। ଫଳରେ ସେଠାରେ ପେଟ୍ରୋଲ ଲିଟର ୨୦୦ ଟଙ୍କାରେ ପହଞ୍ଚିଛି। ଉକ୍ତ ରାଜପଥକୁ ଅବରୋଧମୁକ୍ତ କରିବା ଲାଗି ଶାହା ଜନସାଧାରଣଙ୍କୁ ନିବେଦନ କରିଥିଲେ। ସିଓଟିୟୁ ୭ ଦିନ ପାଇଁ ଅବରୋଧ ହଟାଇଥିବାବେଳେ କେତେକ ସର୍ତ୍ତ ରଖିଛି। ରାଜ୍ୟର ଜୀବନରେଖା କୁହାଯାଉଥିବା ଉକ୍ତ ରାଜପଥରେ ସକାଳ ୧୦ରୁ ୨ଟା ପର୍ଯ୍ୟନ୍ତ ଟ୍ରକ୍ ଚଳାଚଳକୁ ଅନୁମତି ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲ ସାମଗ୍ରୀ ନେଇଯାଉଥିବା ଟ୍ରକ୍‌ଗୁଡ଼ିକୁ ଯାତାୟାତ ଅନୁମତି ମିଳିବ। ଗାଡ଼ିଗୁଡ଼ିକୁ କେବଳ କେନ୍ଦ୍ରୀୟ ବଳ ସୁରକ୍ଷା ଯୋଗାଇଦେବ ବୋଲି ସିଓଟିୟୁ ପକ୍ଷରୁ କୁହାଯାଇଛି।

# ଗଣମାଧ୍ୟମର ହାତ ରକ୍ତରଞ୍ଜିତ: ହାଇକୋର୍ଟରେ ହ୍ୟାରି

**ଲଣ୍ଡନ୍, ୬।୬**



ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ସାନପୁଅ ପ୍ରିନ୍ସ ହ୍ୟାରି ମଙ୍ଗଳବାର ଏକ ଖବରକାଗଜର ବେଆଇନ କାର୍ଯ୍ୟକଳାପ ବିରୋଧରେ ଲଣ୍ଡନ ହାଇକୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ବ୍ରିଟେନ୍ ଗଣମାଧ୍ୟମର ହାତ ରକ୍ତରଞ୍ଜିତ ବୋଲି ଏହି ଅବସରରେ ସେ ସମାଲୋଚନା କରିଛନ୍ତି। କୋର୍ଟରେ ହାଜର ହେବାରେ ହ୍ୟାରି ହେଉଛନ୍ତି ୧୩୦ ବର୍ଷ ମଧ୍ୟରେ ବ୍ରିଟିଶ୍ ରାଜ ପରିବାରର ପ୍ରଥମ ସଦସ୍ୟ।

୩୮ ବର୍ଷୀୟ ଡ୍ୟୁକ୍ ଅଫ୍ ସସେକ୍ସ ହ୍ୟାରି ଲଣ୍ଡନ ହାଇକୋର୍ଟର ୱିଟ୍‌ନେସ୍ ବକ୍ସରେ ଛିଡ଼ାହୋଇ ଡେଲି ମିରର, ସଣ୍ଡେ ମିରର ଏବଂ ସଣ୍ଡେ ପିପୁଲର ପ୍ରକାଶକ ମିରର୍ ଗ୍ରୁପ୍ ନ୍ୟୁଜ୍‌ପେପର(ଏମ୍‌ଜିଏନ୍) ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଖବରକାଗଜଗୁଡ଼ିକ ତାଙ୍କ ବିରୋଧରେ ଘୃଣାଭାବ ବଢ଼ାଉଛନ୍ତି। ଏପରି କି ତାଙ୍କୁ ଠକ, ସ୍ୱଳ୍ପବୟସ୍କ ମଦ୍ୟପ, ଦାୟିତ୍ୱହୀନ ଡ୍ରଗ୍ସ ସେବନକାରୀ ଭାବେ ଅଭିହିତ କରିବାକୁ ପଛାଇନାହାନ୍ତି। ଏହା ପୂର୍ବରୁ ଏଡ୍‌ୱାର୍ଡ ୭ମ ରାଜ୍ୟଭାର ଗ୍ରହଣ କରି ନ ଥିବା ସମୟରେ ଦୁଇ ଅଦାଲତରେ ହାଜର ହୋଇଥିଲେ। ୧୮୭୦ରେ ସେ ଏକ ଛାଡ଼ପତ୍ର ମାମଲାରେ କୋର୍ଟରେ ହାଜର ହୋଇଥିଲେ। ଏହାର ୨୦ ବର୍ଷ ପରେ ସେ ତାସଖେଳରେ ମିଥ୍ୟା ଅପବାଦ ମାମଲାରେ ମଧ୍ୟ କୋର୍ଟକୁ ଯାଇଥିଲେ। ରାଜସିଂହାସନର ପଞ୍ଚମ ଦାୟାଦ ହ୍ୟାରି ବ୍ରିଟିଶ୍ ପ୍ରେସ୍, ତାଙ୍କ ଆତ୍ମଜୀବନୀ 'ସ୍ପେୟାର' ପ୍ରକାଶନ ଏବଂ ନେଟ୍‌ଫ୍ଲିକ୍ସ ଡକ୍ୟୁମେଣ୍ଟାରି ସିରିଜ ବିରୋଧରେ ଆଇନଗତ ବିବାଦକୁ ନେଇ ଗତ ୬ ମାସ ମଧ୍ୟରେ ଅନେକ ଥର ଚର୍ଚ୍ଚାକୁ ଆସିଛନ୍ତି। ହାଇକୋର୍ଟରେ ହ୍ୟାରିଙ୍କ ହାଜିରା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି।



ଧରିତ୍ରୀ
DHARITRI




ପୁରୀ ରଥଖଳାରେ ମଙ୍ଗଳବାର ଚିତ୍ରକାର ସେବକ ନିର୍ମାଣାଧୀନ ରଥରେ ପ୍ରାଇମର ଦେଉଛନ୍ତି।

# ମାମଲା ରୁଜୁ କଲା ସିବିଆଇ

**ବାହାନଗା ଟ୍ରେନ ଦୁର୍ଘଟଣା**

ବାଲେଶ୍ୱର ଅଫିସ/ବାହାନଗା(ଡି.ଏନ.ଏ.)/ ଭୁବନେଶ୍ୱର,୬।୬ (ବ୍ୟୁରୋ)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମାମଲା ରୁଜୁ କରିବା ସହ ୧୦ ଜଣିଆ ଟିମ୍ ତଦନ୍ତ କରିଛି। ୨୮୮ ଲୋକଙ୍କ ଜୀବନ ନେଇଥିବା ଏହି ଭୟାବହ ଦୁର୍ଘଟଣା ଦୁର୍ଘଟଣା ପଛରେ ଯାନ୍ତ୍ରିକ ତ୍ରୁଟି ନା ମନୁଷ୍ୟକୃତ ସେନେଇ ସିବିଆଇ ତଦନ୍ତ କରିବ। ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍‌ରେ ଟ୍ରାମ୍ପରିଂ ଯୋଗୁ ଦୁର୍ଘଟଣା ଘଟିଲା ବୋଲି ରେଲୱେର ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଇଥିଲା। ଦୁର୍ଘଟଣା ପଛରେ ଅନ୍ତର୍ଘାତୀ କାର୍ଯ୍ୟ ହୋଇଥିବା ଅଧିକାରୀମାନେ ସନ୍ଦେହ କରିବା ପରେ ରେଳ ମନ୍ତ୍ରଣାଳୟ ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇଥିଲା। ତେବେ ସରକାର ଏହାକୁ ଅନ୍ତର୍ଘାତୀ କାର୍ଯ୍ୟର ରୂପ ଦେଇ ରେଲୱେ ବୋର୍ଡ ଓ ମନ୍ତ୍ରଣାଳୟର ଅବହେଳାକୁ ଘୋଡ଼ାଇବାକୁ ଚେଷ୍ଟା କରୁଥାଇପାରନ୍ତି ବୋଲି ଅନେକେ ସନ୍ଦେହ କରୁଛନ୍ତି।

ରେଳ ମନ୍ତ୍ରଣାଳୟର ଅନୁରୋଧ, ଓଡ଼ିଶା ସରକାରଙ୍କ ସହମତି ଏବଂ ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ୍ରମେ ସିବିଆଇ ଜୁନ୍ ୨ ତାରିଖ ବାହାନଗା ବଜାର ନିକଟରେ କରମଣ୍ଡଳ ଏକ୍ସପ୍ରେସ୍, ବେଙ୍ଗାଲୁରୁ- ହାଓଡ଼ା ଏକ୍ସପ୍ରେସ୍ ଓ ମାଲ୍‌ବାହୀ ଟ୍ରେନ୍ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ନେବା ସହ ମାମଲା ଦାଏର କରିଛି ବୋଲି ଏହାର ମୁଖପାତ୍ର କହିଛନ୍ତି। ଫରେନ୍‌ସିକ୍ ବିଶେଷଜ୍ଞଙ୍କ ସହ ସିବିଆଇ ଅଧିକାରୀମାନଙ୍କ ଟିମ୍ ସୋମବାର ବାଲେଶ୍ୱର ଜିଲାରେ ପହଞ୍ଚିଥିବାବେଳେ ମଙ୍ଗଳବାର ଅପରାହ୍ନ ୨ଟା ୧୫ ମିନିଟ୍‌ରେ ଏତଲା ଦାଏର କରିଛି। ଜୁନ୍ ୩ରେ ବାଲେଶ୍ୱର ଜିଆର୍‌ପି ପକ୍ଷରୁ ଆଇପିସିର ଦଫା ୩୩୭, ୩୩୮, ୩୦୪ଏ ଏବଂ ୩୪ ତଥା ରେଲ୍‌ୱେ ଆଇନର ଧାରା ୧୫୩, ୧୫୪ ଏବଂ ୧୭୫ରେ ଏତଲା ଦାଏର କରାଯାଇଥିବାବେଳେ ସିବିଆଇ ଏହାକୁ ହାତକୁ ନେଇଛି। ଦୁର୍ଘଟଣା ଏବଂ ଓଭରହେଡ୍ ବିଦ୍ୟୁତ୍ ଲାଇନ ସଂସ୍ପର୍ଶରେ ଆସି ଏତେ ଲୋକଙ୍କର ମୃତ୍ୟୁ ଘଟିଲା ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଦୁର୍ଘଟଣା ଯୋଗୁ ବିଦ୍ୟୁତ୍ ଖୁଣ୍ଟ ନଇଁଯିବା ସହ ତାର ଛିଡ଼ିଥିଲା। ସିବିଆଇ ଏହାକୁ ନିଜ ଏତଲା ଭାବେ ପୁନର୍ବାର ଦାଏର କରିଛି। ଦୁର୍ଘଟଣା ପାଇଁ କୌଣସି ନିର୍ଦ୍ଦିଷ୍ଟ ରେଳ କର୍ମଚାରୀ ଦୋଷୀ କି ନୁହନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ଏହା ଜଣାପଡ଼ିବ ବୋଲି ଏତଲାରେ କୁହାଯାଇଛି। ☞ପୃଷ୍ଠା-୨

## ରେପୋ ରେଟ୍ ଅପରିବର୍ତ୍ତିତ ରହିପାରେ

**ନୂଆଦିଲ୍ଲୀ,୬।୬:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ମଙ୍ଗଳବାର ମୁଦ୍ରାନୀତି କମିଟି (ଏମ୍‌ପିସି)ର ତିନିଦିନିଆ ବୈଠକ ଆରମ୍ଭ ହୋଇଛି। ବୈଠକ ଶେଷ ହେବା ପରେ ଜୁନ୍ ୬ ପୂର୍ବାହ୍ନ ପ୍ରାୟ ୧୦ଟାରେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମକୁ ସମ୍ବୋଧିତ କରି ଏହାର ନିଷ୍କର୍ଷ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବେ। ମୁଦ୍ରାସ୍ଫୀତି ଧୀରେ ଧୀରେ କମୁଥିବାରୁ ଏଥର ରେପୋ ରେଟ୍ (ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଦେଉଥିବା ଋଣ ଉପରେ ସୁଧ ହାର) ଅପରିବର୍ତ୍ତିତ ରହିପାରେ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ଅନୁମାନ କରୁଛନ୍ତି। ଏପରି ହେଲେ ବ୍ୟାଙ୍କଗୁଡ଼ିକରୁ ଘର, ଗାଡ଼ି ଓ ଅନ୍ୟ ଉଦ୍ଦେଶ୍ୟରେ ଋଣ ନେଇଥିବା ଲୋକଙ୍କୁ ମାସିକ କିସ୍ତି ବା ଇଏମ୍‌ଆଇ ପଇଠ ☞ପୃଷ୍ଠା-୨

## ସମସ୍ୟା ସୃଷ୍ଟି କରୁଛି ଭୁଲ୍ ନମ୍ବରିଂ

### ମୃତଦେହ ଖୋଜିଖୋଜି ଥକିଗଲେଣି ପରିବାର

ଭୁବନେଶ୍ୱର,୬।୬(ବ୍ୟୁରୋ)

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚିହ୍ନଟ ପାଇଁ ବାଲେଶ୍ୱରରୁ ୧୯୩ଟି ମୃତଦେହ ଭୁବନେଶ୍ୱରକୁ ଆସିଥିଲା। ସେଥିମଧ୍ୟରୁ ୧୨୩ଟି ମୃତଦେହ ଏମ୍‌ସରେ ରଖାଯାଇଥିଲା। ମଙ୍ଗଳବାର ରାତି ସୁଦ୍ଧା ୭୧ଟି ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଏବେବି ୫୨ଟି ମୃତଦେହ ଚିହ୍ନଟ ଅପେକ୍ଷାରେ ରହିଛି। ଏପଟେ ଦୁର୍ଘଟଣାର ୪ଦିନ ପରେ ବି ବହୁ ପରିବାର ଓ ସମ୍ପର୍କୀୟ ସେମାନଙ୍କ ଲୋକଙ୍କୁ ଖୋଜି ପାଉନାହାନ୍ତି। କିଏ ବାପାକୁ ଖୋଜୁଛି ତୋ ଆଉ କିଏ ମା’, ଭଉଣୀ, ପୁଅ ଓ ସମ୍ପର୍କୀୟଙ୍କୁ ଖୋଜୁଛି। ହାତରେ ଫଟୋ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଧରି ବାଲେଶ୍ୱରରୁ କଟକ, ଭୁବନେଶ୍ୱର ବୁଲି ବୁଲି ଥକିପଡିଥିବା ଦେଖିବାକୁ ମିଳୁଛି। ବହୁ ମୃତଦେହର ଅବସ୍ଥା ବିକୃତ ହୋଇଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା ଉଭୟ ଡାକ୍ତରୀ ଦଳ ଓ ପରିବାର ଲୋକଙ୍କ ଲାଗି କଷ୍ଟକର ହୋଇପଡ଼ିଛି। ସବୁଠାରୁ ବଡ଼କଥା ହେଉଛି, ☞ପୃଷ୍ଠା-୨

## ସିବିଆଇ ତଦନ୍ତ ବିରୋଧରେ ୧୨ ଦଳର ବିକ୍ଷୋଭ ଆଜି

ଭୁବନେଶ୍ୱର, ୬।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ସିବିଆଇ ତଦନ୍ତକୁ ବିରୋଧ କରିଛନ୍ତି କଂଗ୍ରେସ ସମେତ ମୋଟ୍ ୧୨ ରାଜନୈତିକ ଦଳ। ଉକ୍ତ ଦଳଗୁଡ଼ିକ ହେଲା କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇଏମ୍‌ଏଲ୍(ଲିବରେଶନ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ଆମ୍ ଆଦ୍‌ମୀ ପାର୍ଟି, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ସମତାକ୍ରାନ୍ତି ଦଳ, ସିପିଆଇଏମ୍‌ଏଲ୍(ରେଡ୍‌ଷ୍ଟାର) ଏବଂ ଆର୍‌ପିଆଇ। ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ ନୁହେଁ, ବରଂ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ପାଇଁ ଦାବି କରାଯାଇଛି। ଏନେଇ ଏହି ଦଳଗୁଡ଼ିକ ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି। ସୋମବାର ଆୟୋଜିତ ଏକ ବୈଠକରେ ଏହି ଦଳଗୁଡ଼ିକର ରାଜନେତାମାନେ ସାମିଲ ହୋଇ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ☞ପୃଷ୍ଠା-୨

ନିଜ ବ୍ୟାଙ୍କିଙ୍ଗ୍‌କୁ ସୁରକ୍ଷିତ ରଖନ୍ତୁ।
ସମ୍ପର୍କ କରନ୍ତୁ ଆମର ଅଧିକୃତ କଷ୍ଟମର କେୟାର ନମ୍ବର ରେ
1800 1080
ଅପଡେଟେଡ୍ ଫୋନ ନମ୍ବର୍ ପାଇଁ ସର୍ବଦା ଆମର ୱେବସାଇଟ୍ ଦେଖନ୍ତୁ।
www.icicibank.com
ICICI Bank

## ପ୍ରଦୀପ ପୁରୋହିତଙ୍କ ଫ୍ଲାଟ୍‌ରୁ ଡ୍ରାଇଭରଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର,୬।୬(ବ୍ୟୁରୋ)

ବରିଷ୍ଠ ଭାଜପା ନେତା ତଥା ବରଗଡ଼ ଜିଲା ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଭୁବନେଶ୍ୱରସ୍ଥିତ ଫ୍ଲାଟ୍‌ରୁ ତାଙ୍କ ଡ୍ରାଇଭର ଧନୁର୍ଜୟ ପାଣ୍ଡେ(୪୮)ଙ୍କ ମୃତଦେହ ମଙ୍ଗଳବାର ଠାବ ହୋଇଛି। ତାଙ୍କ ଘର ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ ହୋଇଥିବାବେଳେ ଘର ଫ୍ୟାନ୍‌ରେ ବେକରେ ଦଉଡ଼ି ବନ୍ଧା ଅବସ୍ଥାରେ ମୃତଦେହଟି ଝୁଲି ରହିଥିଲା। ତେବେ ସେ ଆତ୍ମହତ୍ୟା କରିଥିବା ନେଇ ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ସନ୍ଦେହ କରୁଛି। ବଡ଼ଭାଇ ବିହାରୀ ପାଣ୍ଡେ ଭୁବନେଶ୍ୱରରେ ପହଞ୍ଚି ମୃତଦେହ ଦେଖିବା ପରେ ଏନେଇ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୪/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାତି ହୋଇଯିବାରୁ ମୃତଦେହକୁ ପୋଲିସ ଫ୍ଲାଟ୍‌ରୁ ଜବତ କରିନାହିଁ। ଥାନାଧିକାରୀ ଶ୍ୟାମସୁନ୍ଦର

**■ ପୋଲିସ ଠିକ୍ ତଦନ୍ତ କରି କାରଣ ବାହାର କରୁ: ପ୍ରଦୀପ**

ରାଓ କହିଛନ୍ତି, ବୁଧବାର ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ଧନୁର୍ଜୟଙ୍କ ମୃତଦେହକୁ ଜବତ କରାଯାଇ କ୍ୟାପିଟାଲ ହସ୍ପିଟାଲ ପଠାଯିବ। ଏହା ଆତ୍ମହତ୍ୟା ନା ହତ୍ୟା, ତାହା ଏବେ କହିହେବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ପରିବାର ଲୋକଙ୍କ ବୟାନ ଆଧାରରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକରୋଡ଼ସ୍ଥିତ ଭଗବାନ ଟାୱାର ଆପାର୍ଟମେଣ୍ଟରେ ଥିବା ପ୍ରଦୀପଙ୍କ ଫ୍ଲାଟ୍ ନଂ.୭୦୩ରେ ଏହି ଘଟଣା ଘଟିଛି। ଏନେଇ ପ୍ରଦୀପ କହିଛନ୍ତି, ଧନୁର୍ଜୟ ୯ ବର୍ଷ ହେଲା ମୋ ପାଖରେ କାମ କରୁଥିଲେ। ସେ କିଛି ବି ନିଶା ସେବନ କରୁ ନ ଥିଲେ। ସମସ୍ତଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା। କାହା ସହ ଶତ୍ରୁତା କିମ୍ବା ପାରିବାରିକ କଳହ ମଧ୍ୟ ନ ଥିଲା। ସୋମବାର ରାତି ୧ଟାରେ ଧନୁର୍ଜୟଙ୍କ ସହ ଦିଲ୍ଲୀରେ ଥାଇ କଥା ହୋଇଥିଲି। ମଙ୍ଗଳବାର ଭୁବନେଶ୍ୱର ଫେରିବି ବୋଲି ଧନୁର୍ଜୟଙ୍କୁ କହିଥିଲି। ଏଥିପାଇଁ ସକାଳ ସାଢ଼େ ୭ଟାରେ ଏୟାରପୋର୍ଟରେ ଧନୁର୍ଜୟ ଗାଡ଼ି ନେଇ ପହଞ୍ଚିବେ ବୋଲି କହିଥିଲେ। ହେଲେ ସକାଳେ ପ୍ରଦୀପ ବାରମ୍ବାର କଲ୍ କରୁଥିଲେ ମଧ୍ୟ ଧନୁର୍ଜୟ ରିସିଭ୍ କରି ନ ଥିଲେ। ତେଣୁ ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ସିଧା ଭଗବାନ ଟାୱାରସ୍ଥିତ ଉକ୍ତ ଫ୍ଲାଟ୍‌କୁ ଯାଇଥିଲେ। ହେଲେ ଭିତର ପଟୁ କବାଟ ଲକ୍ ଥିବାରୁ ପ୍ରଦୀପ ସୋସାଇଟି ଲୋକଙ୍କୁ ଡାକିଥିଲେ। ଏହାପରେ ସ୍ଥାନୀୟ ଥାନାକୁ ଖବର ଦିଆଯାଇଥିଲା। ପୋଲିସ କବାଟ ଭାଙ୍ଗି ଭିତରେ ପଶିବା ପରେ ସେଠାରେ ଏକ ରୁମ୍‌ରେ ଧନୁର୍ଜୟଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ତେବେ ପୋଲିସ ଠିକ୍ ତଦନ୍ତ କଲେ ଧନୁର୍ଜୟଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପ୍ରଦୀପ କହିଛନ୍ତି।

## ଦୀର୍ଘଦିନ ସ୍ତନ୍ୟପାନ କରିଥିବା ଶିଶୁ ପାଠପଢ଼ାରେ ଭଲ କରିଥାଆନ୍ତି



ଲଣ୍ଡନ, ୬।୬

ଯେଉଁ ଶିଶୁମାନେ ଅଧିକ ଦିନ ପର୍ଯ୍ୟନ୍ତ ସ୍ତନ୍ୟପାନ କରିଥାନ୍ତି, କିଶୋରାବସ୍ଥାରେ ସେମାନେ ପାଠପଢ଼ାରେ ଭଲ ନମ୍ବର ରଖିଥାଆନ୍ତି ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ହାଇସ୍କୁଲ୍‌ରେ ପଢୁଥିବା ବ୍ରିଟେନର ୫,୦୦୦ ପିଲାଙ୍କ ଉପରେ ଅଧ୍ୟୟନ କରି ଗବେଷକମାନେ ଉପରୋକ୍ତ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଉକ୍ତ ଅଧ୍ୟୟନ ‘ଆର୍ଚିଭ୍‌ସ ଅଫ୍ ଡିଜିଜ୍ ଇନ୍ ଚାଇଲ୍ଡହୁଡ୍’ରେ ସୋମବାର ପ୍ରକାଶ ପାଇଛି। ୨,୦୦୦ରୁ ୨୦୦୨ ମଧ୍ୟରେ ଜନ୍ମିତ ଶିଶୁମାନଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ପିଲା ଯେତେ ଅଧିକ ଦିନ ସ୍ତନ୍ୟପାନ କରିବେ, ସେମାନେ ମୂଲ୍ୟାଙ୍କନ ପରୀକ୍ଷାରେ ସେତେ ଭଲ ନମ୍ବର ରଖିବେ ବୋଲି ଅକ୍ସଫୋର୍ଡ ୟୁନିଭର୍ସିଟିର ନ୍ୟାଶନାଲ ପେରିନାଟାଲ ଏପିଡେମିଓଲୋଜି ୟୁନିଟ୍‌ର ଗବେଷକ ଡ. ରାନୀ ପେରିରା-ଏଲିଆସ୍ କହିଛନ୍ତି। ଅଧ୍ୟୟନରେ ସାମିଲ ହୋଇଥିବା ଶିଶୁମାନେ କେତେଦିନ ସ୍ତନ୍ୟପାନ କରିଛନ୍ତି, ତାହାକୁ ନେଇ ସେମାନଙ୍କୁ ବିଭିନ୍ନ ଗ୍ରୁପ୍‌ରେ ଭାଗ କରାଯାଇଥିଲା। କେତେକ ପିଲା ଆଦୌ ସ୍ତନ୍ୟପାନ କରି ନ ଥିବାବେଳେ ଅନ୍ୟ କେତେଜଣ ଅଳ୍ପ କେଇମାସ ଏବଂ ଅନ୍ୟମାନେ ବର୍ଷେ କିମ୍ବା ତା’ଠାରୁ ଅଧିକ ଦିନ ସ୍ତନ୍ୟପାନ କରିଥିବା ଦେଖାଯାଇଥିଲା। ପ୍ରତି ଗ୍ରୁପ୍ ସହ ବ୍ରିଟେନର ଜେନେରାଲ ସାର୍ଟିଫିକେଟ ଅଫ୍ ସେକେଣ୍ଡାରୀ ଏଜୁକେଶନ (ଜିସିଏସ୍‌ଇ) ପରୀକ୍ଷା ମାର୍କକୁ ତୁଳନା କରିଥିଲେ। ଏଥିରୁ ଜଣାପଡ଼ିଥିଲା, ଯେଉଁମାନେ ବର୍ଷେରୁ ଅଧିକ ଦିନ ସ୍ତନ୍ୟପାନ କରିଥିଲେ, ସେମାନେ ଗଣିତ ଓ ଇଂଲିଶରେ ପ୍ରାୟ ୩୯ ପ୍ରତିଶତ ଅଧିକ ନମ୍ବର ରଖିଥିଲେ। ଯେଉଁମାନେ ଅନ୍ୟୂନ ୪ ମାସ ସ୍ତନ୍ୟପାନ କରିଥିଲେ, ସେମାନେ ଆଦୌ ସ୍ତନ୍ୟପାନ କରି ନ ଥିବା ପିଲାଙ୍କଠାରୁ ପରୀକ୍ଷାରେ ୨ରୁ ୩ ପଏଣ୍ଟ ଅଧିକ ନମ୍ବର ରଖିଥିଲେ। ଯେତେ ଅଧିକ ମାସ ସ୍ତନ୍ୟପାନ କରିଛନ୍ତି, ପରୀକ୍ଷାରେ ସେତେ ଅଧିକ ନମ୍ବର ରହିଥିବା ଅଧ୍ୟୟନରୁ ଜଣାପଡ଼ିଥିଲା। ଇଂଲଣ୍ଡର ୧୬ ବର୍ଷ ବୟସର ପିଲାମାନଙ୍କ ଶିକ୍ଷାଗତ ଫଳାଫଳ ସହ ସେମାନଙ୍କ ସ୍ତନ୍ୟପାନ ଅବଧିର ସିଧାସଳଖ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିବା ଅଧ୍ୟୟନ ସିଦ୍ଧାନ୍ତରେ କୁହାଯାଇଛି।

ଓଡ଼ିଶା ସରକାର
ସାମାନ୍ୟ ସତର୍କତା ଅଂଶୁଘାତକୁ ଦୂରେଇ ଦେଇ ପାରିବ
ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ
• ଦିନ ୧୧ଟାରୁ ୩ଟା ମଧ୍ୟରେ ଟାଣ ଖରାକୁ ଯାଆନ୍ତୁ ନାହିଁ କିମ୍ବା ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ।
• ଟାଣ ଖରାରେ ବାହାରକୁ ଯିବାକୁ ଥିଲେ ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଏବଂ ସାଙ୍ଗରେ ପାଣି ବୋତଲ ଓ ଛତା ନେବାକୁ ଭୁଲନ୍ତୁ ନାହିଁ।
• ଶିଶୁ, ଗର୍ଭବତୀ ମହିଳା, ବୃଦ୍ଧ, ଉଚ୍ଚ ରକ୍ତଚାପ ଏବଂ ମଧୁମେହରେ ପୀଡ଼ିତ ବ୍ୟକ୍ତିମାନେ ଅଧିକ ସତର୍କ ରୁହନ୍ତୁ।
• ମାଦକ ଦ୍ରବ୍ୟ, ସିଗାରେଟ୍, ତମାଖୁ ଆଦି ସେବନ କରନ୍ତୁ ନାହିଁ।
• ଗ୍ରୀଷ୍ମ ପ୍ରବାହ ସମୟରେ କେହି ହଠାତ୍ ଅସୁସ୍ଥ ଅନୁଭବ କଲେ ଆଦୌ ହେଳା କରନ୍ତୁ ନାହିଁ। ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ।
• ସମସ୍ତ ସରକାରୀ ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ପାଇଁ ନିଃଶୁଳ୍କ ଚିକିତ୍ସା ଉପଲବ୍ଧ।
ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ସହାୟତା ନମ୍ବର ୧୦୪ କୁ ଯୋଗାଯୋଗ କରନ୍ତୁ।
ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
DSPL-69
OIPR-10003/13/0049/2324

**ଆଜିର ମନ୍ତବ୍ୟ**

"ବେରୋଜଗାରି, ମୁଦ୍ରାସ୍ଫୀତି, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ଆମର ସମସ୍ୟା ରହିଛି। ଏହା ଉପରେ କେହି କିଛି କହୁନାହାନ୍ତି। ସମସ୍ତେ ରାମ, ହନୁମାନ, ମନ୍ଦିର ସମ୍ପର୍କରେ ଚର୍ଚ୍ଚା କରୁଛନ୍ତି। କିନ୍ତୁ ମନ୍ଦିର ନିଯୁକ୍ତି ସୃଷ୍ଟି କରିବ ନାହିଁ।

– ସାମ୍ ପିତ୍ରୋଡ଼ା, ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଖାରୁ ପତର ଆଁଶୁ**
**ଘଇତାକୁ ଦେଖି ନଅର ପଅର**
**ଦିଅରକୁ ଦେଖି ହସୁ।**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ ହେବ ନାହିଁ। ବୟସ୍କ ସ୍ୱାମୀକୁ ପଛ କରି ବା ହତାଦର କରି ଯୁବା ବ୍ୟକ୍ତି ପ୍ରତି ଆସକ୍ତ ହୋଇପଡୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୋଳଥ ବୋତି**
**କାଳୀ ଗୋଡ଼ରେ ହଳଦୀ ବୋଳିଲେ**
**କଉଡ଼ି କ୍ଷତି।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇ ପାରି ନଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ସ୍ତ୍ରୀଙ୍କ ବିରୋଧରେ ଥାନାରେ ଏତଲା

**ବାହାନଗା ଟ୍ରେନ୍ ଦୁର୍ଘଟଣା**

**ଜୀବିତ ସ୍ୱାମୀକୁ ମୃତ ଦର୍ଶାଇ ସରକାରୀ ସହାୟତା ହାତେଇବା ଉଦ୍ୟମ ପଣ୍ଡ**

ବଡ଼ମ୍ବା,୬।୬(ଡି.ଏନ.ଏ.)

ବାଲେଶ୍ୱର ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ସମସ୍ତ ମୃତାହତଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏନେଇ ପ୍ରକ୍ରିୟା ଜାରି ରହିଥିବାବେଳେ ଜଣେ ମହିଳା ମୃତକଙ୍କ ଅନୁକମ୍ପା ରାଶି ହାତେଇବା ପାଇଁ ଜୀବିତ ସ୍ୱାମୀଙ୍କୁ ମୃତ ଘୋଷଣା କରିବାକୁ ପଛାଇ ନାହାନ୍ତି। ଏହା ଜଣାପଡ଼ିବା ପରେ ମଙ୍ଗଳବାର କଟକ ଜିଲା ମାଣିଆବନ୍ଧ ଅଞ୍ଚଳର ବିଜୟ ଦତ୍ତ ଥାନାରେ ସମ୍ପୃକ୍ତା ମହିଳାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳା ଜଣଙ୍କ ତାଙ୍କ ସ୍ତ୍ରୀ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସ୍ତ୍ରୀଙ୍କ ଟଙ୍କା ଲୋଭ ଯୋଗୁ ମାଣିଆବନ୍ଧ ଅଞ୍ଚଳରେ ତାଙ୍କ ସମ୍ମାନ ହାନି ହୋଇଛି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପ୍ରକାଶ ଯେ, ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ସରକାର ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ରାଶ ହାତେଇବା ପାଇଁ ଜଣେ ମହିଳା ଉଦ୍ୟମ କରିଥିଲେ। ରେଳ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା କହି ସେ ଘଟଣାସ୍ଥଳରେ ପହଞ୍ଚି ଏକ ଅଚିହ୍ନା ମୃତଦେହକୁ ଚିହ୍ନଟ କରି ସହାୟତା ରାଶି ପାଇବାକୁ ଦାବି କରିବା ସହ ପ୍ରମାଣପତ୍ର ଦାଖଲ କରିଥିଲେ। ଉକ୍ତ ପ୍ରମାଣପତ୍ରଗୁଡ଼ିକ ଜାଲ୍ ହୋଇଥିବା ବିଭାଗୀୟ ଅଧିକାରୀମାନେ ଜାଣିପାରିଥିଲେ। ଏହାପରେ ଘଟଣାସ୍ଥଳରୁ କୌଶଳକ୍ରମେ ସମ୍ପୃକ୍ତ ମହିଳା ଓ ତାଙ୍କ ସହଯୋଗୀ ଚମ୍ପଟ ମାରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାର ହୋଇଥିଲା। ବିଜୟ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରି ସ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସମ୍ପୃକ୍ତ ମହିଳା ବିଜୟଙ୍କଠାରୁ ୧୩ ବର୍ଷ ହେବ ପୃଥକ ରହିଥିବା ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ମାଣିଆବନ୍ଧ ଭାରପ୍ରାପ୍ତ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀଙ୍କୁ ପଚରାଯିବାରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ପରାମର୍ଶ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ସାନ ଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

ଫିରିଙ୍ଗିଆ, ୬।୬

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡିମିରିଗୁଡ଼ା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଡିମିରିଗୁଡ଼ା ଗ୍ରାମର ନରେନ୍ଦ୍ର ବିନ୍ଧାଣୀ ଓ ସାନଭାଇ କର୍ଣ୍ଣ ବିନ୍ଧାଣୀଙ୍କ ମଧ୍ୟରେ ସୋମବାର ରାତିରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରିବାର ଓ ସାହିପଡିଶା ଲୋକେ ଏଥିରେ ହସ୍ତକ୍ଷେପ କରି ଉଭୟଙ୍କୁ ବୁଝାଶୁଝା କରି ଅଲଗା କରିଥିଲେ। ନରେନ୍ଦ୍ର ଖାଇସାରି ବାରଣ୍ଡାରେ ରାତିରେ ଏକ ଖଟିଆରେ ଶୋଇଥିଲେ। କିଛି ସମୟ ପରେ ସାନଭାଇ କର୍ଣ୍ଣ ଆସି ତାଙ୍କୁ ଟାଙ୍ଗିଆରେ ହାଣି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ନରେନ୍ଦ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଫିରିଙ୍ଗିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପୁଅ ଅକ୍ଷୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଛି। ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ଅଧିକାରୀ ତପନ ନାହାକ ସୂଚନା ଦେଇଛନ୍ତି।

# ବାହାନଗା ରେଳ ଦୁର୍ଘଟଣା: ମୃତକଙ୍କ ସଂଖ୍ୟା ୨୮୮କୁ ବଢ଼ିଲା

- **ଚିହ୍ନଟ ପରେ ୨୦୫ ମୃତଦେହ ହସ୍ତାନ୍ତର**
- **ଅବଶିଷ୍ଟ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି: ମୁଖ୍ୟ ଶାସନ ସଚିବ**

ଭୁବନେଶ୍ୱର,୬।୬(ବ୍ୟୁରୋ)

ବାଲେଶ୍ୱର ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୮୮କୁ ବୃଦ୍ଧିପାଇଛି। ବାଲେଶ୍ୱର ଜିଲାପାଳଙ୍କଠାରୁ ମିଳିଥିବା ଚୂଡ଼ାନ୍ତ ତଥ୍ୟ ଅନୁସାରେ ଏହି ସଂଖ୍ୟା ୨୮୮ ବୋଲି ଜଣାପଡ଼ିଛି। ସୋମବାର ସନ୍ଧ୍ୟା ସୁଦ୍ଧା ମୃତ୍ୟୁ ସଂଖ୍ୟା ୨୭୫ କୁହାଯାଇଥିଲା। ପ୍ରଥମେ ରେଳ ଟ୍ରାକ୍‌ରୁ ୩୦ ମିଟର, ପରେ ୭୦ ମିଟର ଓ ଏହା ପରେ ୨୦୦ ଫୁଟ ପର୍ଯ୍ୟନ୍ତ ଦୁର୍ଘଟଣା ସ୍ଥାନର ପୁଙ୍ଖାନୁପୁଙ୍ଖ ତନଖି ଏବଂ ଯାଞ୍ଚ, ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନା ଆଧାରରେ ଜିଲାପାଳ ଚୂଡ଼ାନ୍ତ ରିପୋର୍ଟରେ ମୃତକଙ୍କ ସଂଖ୍ୟା ୨୮୮ ବୋଲି ଦର୍ଶାଇଛନ୍ତି।

ମଙ୍ଗଳବାର ଅପରାହ୍ନରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ଭୁବନେଶ୍ୱରକୁ ପ୍ରଥମେ ୧୯୩ଟି ମୃତଦେହ ପଠାଯାଇଥିଲା, ଯାହାକି ବିଭିନ୍ନ ଶବ ସଂରକ୍ଷଣ କେନ୍ଦ୍ରରେ ରଖାଯାଇଥିଲା। ବାଲେଶ୍ୱରଠାରେ ଜିଲା ମଧ୍ୟରେ ଟ୍ରାକ୍‌ରୁ ହସ୍ପିଟାଲ ପର୍ଯ୍ୟନ୍ତ ରେକର୍ଡ ଯାଞ୍ଚ କରି ଜିଲାସ୍ତରରେ ୯୪ଟି ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କ ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଭଦ୍ରକରେ ଚିକିତ୍ସିତ ଥିବା ଆହତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ମୃତଦେହ ଚିହ୍ନଟ ପରେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ରେଳବାଇ ପୋଲିସ ମଧ୍ୟ ତାଙ୍କ ପତ୍ରରେ ଏହି ସଂଖ୍ୟା ବାଲେଶ୍ୱର ଜିଲାପାଳଙ୍କୁ ଜଣାଇଛନ୍ତି। ଆହତଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଜଣେ ସଙ୍କଟାପନ୍ନ ସ୍ଥିତିରେ ଅଛନ୍ତି। ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରାଯାଉଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

୯୬ଟି ଆମ୍ବୁଲାନ୍ସରେ ୧୯୩ଟି ମୃତଦେହକୁ ଭୁବନେଶ୍ୱର ଅଣାଯାଇଥିଲା। ସେଥିରୁ ମଙ୍ଗଳବାର ଅପରାହ୍ନ ସୁଦ୍ଧା ୧୧୦ଟି ମୃତଦେହ ଚିହ୍ନଟ ହୋଇ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ବାଲେଶ୍ୱରରେ ୯୪, ଭଦ୍ରକରେ ଗୋଟିଏ ଓ ଭୁବନେଶ୍ୱରରେ ୧୧୦କୁ ମିଶାଇ ମୋଟ ୨୦୫ଟି ମୃତଦେହ ଚିହ୍ନଟ ପରେ ହସ୍ତାନ୍ତର କରାଯାଇଛି। ଆଉ ୮୩ଟି ମୃତଦେହ ଚିହ୍ନଟ ପ୍ରକ୍ରିୟାରେ ରହିଛି। ଚିହ୍ନଟ ହୋଇପାରି ନ ଥିବା ସବୁ ମୃତଦେହଗୁଡ଼ିକର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇସାରିଛି, ଯାହାକି ପରବର୍ତ୍ତୀ ସମୟରେ ଚିହ୍ନଟ ପ୍ରକ୍ରିୟାକୁ ସାହାଯ୍ୟ କରିବ।

ରାଜ୍ୟ ସରକାରଙ୍କ କଲ୍ ସେଣ୍ଟରକୁ ଟ୍ରୋଲ୍ ଫ୍ରି ନମ୍ବର–୧୮୦୦୩୪୫୦୦୬୧ ଏବଂ ୧୯୨୯ରେ ବହୁ ଟେଲିଫୋନ୍ ଆସୁଛି, ଯେଉଁଥିରେ ଲୋକମାନେ ସେମାନଙ୍କ ଆତ୍ମୀୟସ୍ୱଜନଙ୍କ ସମ୍ପର୍କରେ ଅନୁସନ୍ଧାନ କରୁଛନ୍ତି। ଚିକିତ୍ସିତଙ୍କୁ ସାକ୍ଷାତ, ମୃତଦେହ ଚିହ୍ନଟୀକରଣ ଓ ପରିବହନ ଆଦି ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରାଯାଉଛି। ବୁଧବାର ସୁଦ୍ଧା ମୃତଦେହ ଚିହ୍ନଟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିବ ବୋଲି ମୁଖ୍ୟ ଶାସନ ସଚିବ ଆଶା ପ୍ରକାଶ କରିଛନ୍ତି।

ସନ୍ଧ୍ୟାରେ ଅନୁଷ୍ଠିତ ଏ ସମ୍ପର୍କିତ ଏକ ବୈଠକରେ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ହସ୍ପିଟାଲରେ ଅଲଗା ରହିଥିବା ମୃତଦେହଗୁଡ଼ିକୁ ଏମ୍ସ ହସ୍ପିଟାଲକୁ ଅଣାଯାଇ ଏକତ୍ର ଗୋଟିଏ ସ୍ଥାନରେ ସଂରକ୍ଷିତ କରି ରଖାଯିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଫଳରେ ମୃତଦେହ ଚିହ୍ନଟୀକରଣ ପାଇଁ ସମ୍ପର୍କୀୟମାନେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ଆସି ପହଞ୍ଚିବେ ଓ ଏହାଫଳରେ ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟା ଅଧିକ ସହଜ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

# ୧୨ସହରରେ ଚାଲିଛି ବୁଲାକୁକୁରଙ୍କ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ: ମନ୍ତ୍ରୀ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ରାଜ୍ୟର ୧୨ଟି ସହରାଞ୍ଚଳରେ ବୁଲାକୁକୁରଙ୍କ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ କରାଯାଉଛି। ତାଲିମପ୍ରାପ୍ତ ପ୍ରାଣୀ ଚିକିତ୍ସକ ଏବଂ ଆଧୁନିକ ଚିକିତ୍ସା ସୁବିଧା ସହିତ ଏହି ପଦକ୍ଷେପ ମାଧ୍ୟମରେ ସାରା ରାଜ୍ୟରେ ଉକ୍ତ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଏକ ନେଟ୍‌ୱାର୍କ ପ୍ରତିଷ୍ଠା କରାଯାଇଛି। ବୁଲାକୁକୁରଙ୍କୁ ସେମାନେ ରହୁଥିବା ଅଞ୍ଚଳରୁ ଧରାଯାଇ ଜନ୍ମ ନିୟନ୍ତ୍ରଣ ଅପରେଶନ ଓ ଟିକାକରଣ ପରେ ପୁନର୍ବାର ସେମାନେ ରହୁଥିବା ସ୍ଥାନରେ ଛାଡ଼ି ଦିଆଯାଉଛି। ଏହା କୁକୁର ଓ ମଣିଷଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ଓ ସୁସଙ୍ଗତ ସହାବସ୍ଥାନ ଏବଂ ଜଳାତଙ୍କ ପରି ରୋଗର ନିୟନ୍ତ୍ରଣ ଦିଗରେ ସହାୟକ ହୋଇପାରୁଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ରାଜ୍ୟ ପ୍ରାଣୀ କଲ୍ୟାଣ ବୋର୍ଡର ମିଳିତ ସହଯୋଗରେ ଆୟୋଜିତ କୁକୁର ଜନ୍ମ ନିୟନ୍ତ୍ରଣ, ପ୍ରାଣୀ କଲ୍ୟାଣ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, କୁକୁର ଜନ୍ମ ନିୟନ୍ତ୍ରଣ ନିୟମ ୨୦୨୩କୁ ରାଜ୍ୟରେ ଯେପରି ଠିକ୍ ରୂପେ କାର୍ଯ୍ୟକାରୀ କରାଯିବ ସେନେଇ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ଆବଶ୍ୟକ। ଓଡ଼ିଶା ଜୈବ ବିବିଧତା ଏବଂ ବିବିଧ କୃଷି ପ୍ରଣାଳୀର ରାଜ୍ୟ। ଏଠାରେ ସର୍ବଦା ମନୁଷ୍ୟ ଓ ପଶୁପକ୍ଷୀଙ୍କ ଘନିଷ୍ଠ ସମ୍ବନ୍ଧ ରହିଆସିଛି। କ୍ଷେତରେ କାର୍ଯ୍ୟରତ ବଳଦଠାରୁ ଆରମ୍ଭ କରି କୁକୁର, ବିଲେଇ, ଶୁଆ ଆଦି ପଶୁପକ୍ଷୀ ଆମର ଅତ୍ୟନ୍ତ ବିଶ୍ୱସ୍ତ ଓ ସେମାନେ ଆମ ସମାଜରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନିଶ୍ଚିତ କରିବା ଆମର କର୍ତ୍ତବ୍ୟ। କୁକୁର ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହ ଓଡ଼ିଶାରେ ପ୍ରାଣୀ କଲ୍ୟାଣକୁ ମଜଭୁତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଲା ଓ ଅସହାୟ ପଶୁପକ୍ଷୀଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୬୨ ସହ ରାଜ୍ୟବ୍ୟାପୀ ଆନିମାଲ ହେଲ୍‌ପଲାଇନ ପ୍ରତିଷ୍ଠା କରାଯାଇଛି। ରାଜ୍ୟର ୧୧ଟି ସହରାଞ୍ଚଳରେ ଆନିମାଲ ଆମ୍ବୁଲାନ୍ସ ଓ ଅନ୍ୟ ଅଞ୍ଚଳରେ ମୋବାଇଲ୍ ଭେଟେରିନାରି ୟୁନିଟ୍ ଏହି ସେବା ଯୋଗାଇ ଦେଉଛି। ପ୍ରାଣୀ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାରେ ଆଉ ଏକ ପାଦ ଆଗକୁ ଯାଇ ଗୋଶାଳାଗୁଡ଼ିକୁ ସହାୟତା ପ୍ରଦାନ କରାଯାଉଛି। ଅସହାୟ ଗୋରୁଙ୍କୁ ଆଶ୍ରୟ ଏବଂ ଯତ୍ନ ଯୋଗାଇ ଦେଉଥିବା ରାଜ୍ୟର ପଞ୍ଜୀକୃତ ୫୨ଟି ଗୋଶାଳାକୁ ଗୋରୁଙ୍କ ଯତ୍ନ ଓ ରକ୍ଷଣାବେକ୍ଷଣ ପାଇଁ ସହାୟତା ବାବଦକୁ ପ୍ରତି ବୟସ୍କ ଗୋରୁ ପାଇଁ ବାର୍ଷିକ ୧୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ପ୍ରକୃତିବଶତଃ ମନର ଅସନ୍ତୋଷକୁ କଠୋର ବାକ୍ୟରେ ପ୍ରକାଶ କରିପାରନ୍ତି। ସାମୟିକ ଭାବପ୍ରବଣତା କାରଣରୁ ବିଭିନ୍ନ ବିଫଳତାକୁ ନେଇ ଚିନ୍ତିତ ରହିପାରନ୍ତି। ଅଫିସ କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ ହେବେ। ପାରିବାରିକ ସ୍ଥିତି, ପରିବହନ, ନିର୍ମାଣ, ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ।

**ବୃଷ**
ଛୋଟ ଛୋଟ ସାଧାରଣ କଥାକୁ ନେଇ ମାନସିକ ସ୍ତରରେ ଉତ୍ତେଜିତ ରହିବେ। ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିବେ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ**
କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ରହିପାରିବେ ନାହିଁ। ଆପଣଙ୍କର ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳି ଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। ବ୍ୟବସାୟ ଓ ପରିବହନରେ କାମ ହାସଲ କରିବେ। ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ଉପକୃତ ହୋଇପାରନ୍ତି।

**କର୍କଟ**
ଗତକାଲିର ଅଧୁରା କାମକୁ ଆଜି ସମ୍ପନ୍ନ କରିବାରେ ସମର୍ଥ ହେବେ। ବନ୍ଧୁ ମିଳନ ସଙ୍ଗକୁ ଦୂରଯାତ୍ରା, ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ନିଜକୁ ସାମିଲ୍ କରିପାରନ୍ତି। ଜମିଜମା, ମାଲିମକଦ୍ଦମା, ନିର୍ମାଣ, ଯୋଗାଯୋଗ, ସାମ୍ବାଦିକତା, ଏଜେନ୍ସିରେ ପ୍ରତିଷ୍ଠାର୍ଜନ କରିବେ। ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି।

**ସିଂହ**
କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରି ପରିବେଶକୁ ଗମ୍ଭୀର କରି ଦେଇପାରନ୍ତି। ଫଳତଃ ବିଭିନ୍ନ ପ୍ରକାରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କନ୍ୟା**
ସ୍ୱାସ୍ଥ୍ୟସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ତଥାପି ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସାବଧାନ ରହନ୍ତୁ ନତୁବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**
ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଚିନ୍ତାର କାରଣ ହୋଇପାରେ। ମାଙ୍ଗଳିକ କାମରେ କୌଣସି ସମସ୍ୟା ସୃଷ୍ଟିର ସମ୍ଭାବନା ରହିଛି। ଅବଶ୍ୟ ପରିସ୍ଥିତି ପ୍ରତି ସତର୍କ ରହି କାମ କରନ୍ତୁ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ବିଛା**
କୌଣସି ବନ୍ଧୁଙ୍କ ଅସୌଜନ୍ୟ କାର୍ଯ୍ୟକଳାପ ମନକୁ ମାନ୍ଦା କରିଦେଇପାରେ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ ,ଫଳରେ ମତଦ୍ୱୈଧ ଘଟିବ। ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ସତର୍କରେ ନ ଚଳିଲେ କେତେକ ସମ୍ଭାବ୍ୟ ଅସୁବିଧା ଭୋଗ କରିବାକୁ ପଡ଼ିପାରେ। କୌଣସି କଥାରେ ଅନ୍ୟମାନଙ୍କୁ ପୂର୍ଣ୍ଣ ବିଶ୍ୱାସ କରି କାମକରିବା ଠିକ୍ ହେବ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ଅଧିକାଂଶ ସମୟ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ମକର**
ପରିବାରର ସହଯୋଗ ଓ ସମର୍ଥନ ଆଜିର କାମରେ ଆପଣଙ୍କୁ ବହୁତ ସାହାଯ୍ୟ କରିବ। ବନ୍ଧୁମାନଙ୍କ ଗହଣରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧିପାଇବ।

**କୁମ୍ଭ**
କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ**
ପୂର୍ବଦିନଗୁଡ଼ିକ ଅପେକ୍ଷା ଆଜିର ଦିନଟି ସବୁ ଦିଗରୁ ଭଲ ରହିବ। ଶୁଭକାର୍ଯ୍ୟ ସମ୍ପାଦନ କରିବେ ଏବଂ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ସହଯୋଗ ମିଳିବ। ଅସାବଧାନତା କାରଣରୁ କୌଣସି ମୂଲ୍ୟବାନ୍ ଜିନିଷ ଠିକ୍ ସମୟରେ ନ ପାଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ସଂଗଠନ କିମ୍ବା ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ।

ଆଜି ଆଷାଢ଼ କୃଷ୍ଣ ଚତୁର୍ଥୀ ବୁଧବାର, ଜୁନ୍ ୭ ତାରିଖ, ରାଶି ନକ୍ଷତ୍ର–ଉତ୍ତରାଷାଢ଼ା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୪୮ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।

## ମାମଲା ରୁଜୁ କଲା...

ପ୍ରଥମ ପୃଷ୍ଠାରୁ...



ବାହାନଗାରେ ସିବିଆଇର ୧୦ ଜଣିଆ ଟିମ୍।

ସିବିଆଇ ଟିମ୍ ପ୍ରଥମେ ବାଲେଶ୍ୱର ରେଳଷ୍ଟେଶନରେ ଷ୍ଟେଶନ ମ୍ୟାନେଜରଙ୍କ ଅଧୀନରେ ଥିବା ପ୍ୟାନେଲ୍ ବୋର୍ଡର ୪ଜଣ କର୍ମଚାରୀଙ୍କୁ ପଚରାଉଚୁରା କରିବା ପରେ ବାହାନଗା ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ବାହାନଗା ଷ୍ଟେଶନ ମ୍ୟାନେଜର ରୁମ୍, ଷ୍ଟେଶନର ଏସ୍‌ଏସ୍‌ଆଇ ରିଲେ ରୁମ୍ ଓ ଷ୍ଟେଶନ ରୁମ୍ ଆଦି ତଦନ୍ତ କରିବା ସହିତ ରେଳଧାରଣାର ଅପ୍ ଲାଇନ୍‌କୁ ଯାଇ ତଦନ୍ତ କରିଥିଲେ। ତଦନ୍ତରେ ସିବିଆଇ ଟିମ୍ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବା ସହିତ କିଛି ରେକର୍ଡପତ୍ର ହେପାଜତକୁ ନେଇଥିବା ଅନୁମାନ କରାଯାଉଛି। ଏକସଙ୍ଗରେ ପଶ୍ଚିମବଙ୍ଗର ଖଡ଼ଗପୁର, ବାଲେଶ୍ୱର, ବାହାନଗା ଓ ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ବିଭିନ୍ନ ଦିଗ ଉପରେ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣା ଦିନ ବାହାନଗା ରେଳ ଷ୍ଟେଶନରେ ଷ୍ଟେଶନ ମାଷ୍ଟର କିଏ ଥିଲେ, କେଉଁ ପରିସ୍ଥିତିରେ ସିଗନାଲ ଦିଆଯାଇଥିଲା, କ'ଣ ପାଇଁ ଲୁପ୍ ଲାଇନ୍‌ରେ ମାଲବୋଝେଇ ଟ୍ରେନ୍‌କୁ ଛିଡ଼ା କରାଯାଇଥିଲା, ଅପ୍‌ଲାଇନ୍‌ରେ ଗ୍ରୀନ୍ ସିଗ୍‌ନାଲ ସତ୍ତ୍ୱେ ଟ୍ରାକ୍ ବଦଳାଯାଇଥିଲା କି ନାହିଁ ସେ ବାବଦରେ ଆସିଥିବା ତଦନ୍ତକାରୀ ଦଳ ଅନୁଧ୍ୟାନ କରୁଛନ୍ତି। ଏନେଇ ସିବିଆଇ ପକ୍ଷରୁ ଆଇପିସି ଓ ରେଲୱେ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ସିବିଆଇ ଏଫଆଇଆର ମୁତାବକ ଆଇପିସିର ଦଫା ଅନୁସାରେ ୩୩୭– ଜୀବନ ପ୍ରତି ବିପଦ ଆଣିବା, ୩୩୮– ଗଭୀର ଆଘାତ ଦେଇ ଜୀବନକୁ ବିପଦରେ ପକାଇବା, ୩୦୪ (ଏ)– ଅବହେଳାରୁ ମୃତ୍ୟୁ ଓ ୩୪– ମିଳିତ ଭାବେ ଅପରାଧ ଘଟାଇବା ଏବଂ ରେଳବାଇ ଆଇନରେ ଦଫା ଅନୁସାରେ ୧୫୩– ଉଦ୍ଦେଶ୍ୟମୂଳକ ଭାବେ ରେଳଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇବା, ୧୫୪– ଅବହେଳାରୁ ରେଳଯାତ୍ରୀଙ୍କ ଜୀବନକୁ ବିପଦକୁ ଠେଲିଦେବା ଓ ୧୭୫– ଦାୟିତ୍ୱରେ ଥିବା ରେଳ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଆଦି ଥିବା ଜଣାପଡ଼ିଛି। ତେବେ ଦଫା ୩୩୭ରେ ସର୍ବାଧିକ ୫ ବର୍ଷ ଏବଂ ଅନ୍ୟ ଦଫାଗୁଡ଼ିକରେ ୨ବର୍ଷ କାରାଦଣ୍ଡ ବ୍ୟବସ୍ଥା ରହିଛି।

ପ୍ରାଥମିକ ତଦନ୍ତରେ ବାହାନଗା ଷ୍ଟେଶନ ମାଷ୍ଟର କହିଛନ୍ତି ଯେ, ପ୍ଲାଟଫର୍ମ ୨ରେ ଗ୍ରୀନ୍ ସିଗ୍‌ନାଲ୍ ଦେଇଥିଲେ। ଲୁପ୍ ଲାଇନ୍‌ରେ କେମିତି ଟ୍ରେନ୍ ଗଲା ସେ ଜାଣିନାହାନ୍ତି। ତେଣୁ ଘଟଣା ଦିନ କରମଣ୍ଡଳ ଏକ୍ସପ୍ରେସକୁ ଗ୍ରୀନ ସିଗନାଲ କେମିତି ଦିଆଗଲା ତାକୁ ନେଇ ବିଭିନ୍ନ ପ୍ରଶ୍ନ ସାମ୍ନାକୁ ଆସୁଛି। ବାହାନଗା ରେଳ ଦୁର୍ଘଟଣା ପୂର୍ବରୁ ଷ୍ଟେଶନର ଇଣ୍ଟରଲକିଂ ସିଷ୍ଟମରେ କିଛି ତ୍ରୁଟି ହୋଇଥିଲା କି? ଦୁର୍ଘଟଣା ଘଟାଇବା ପାଇଁ ଜାଣିଶୁଣି ସିଷ୍ଟମ୍‌ର ପ୍ରୋଗ୍ରାମିଂରେ କୌଣସି କାରସାଦି କରାଯାଇଛି କି? ଯାନ୍ତ୍ରିକ ତ୍ରୁଟି ଯୋଗୁ ଟ୍ରାକ୍ ପରିବର୍ତ୍ତନ ଓ ସିଗ୍‌ନାଲ୍ ଦେବାରେ କିଛି ତ୍ରୁଟି ରହିଗଲା କି? ଏସବୁ ଦିଗ ଉପରେ ସିବିଆଇ ଗୁରୁତ୍ୱ ଦେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ରେଳ ସୁରକ୍ଷା ଆୟୁକ୍ତ (ଆରଏସ୍‌ସି) ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବା ସହ ଅଧିକାରୀ ଓ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଛନ୍ତି। ସେହିପରି କୋଲକାତା, ହାଇଦ୍ରାବାଦ ଓ ନୂଆଦିଲ୍ଲୀରୁ ଆସିଥିବା ଫରେନସିକ୍ ଟିମ୍ ବାହାନଗା ଷ୍ଟେଶନରେ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି। ଗତ ସୋମବାର ଅପରାହ୍ନରେ ରେଳ ସୁରକ୍ଷା ଆୟୁକ୍ତ ଶୈଳେନ୍ଦ୍ର କୁମାର ପାଠକ ବାହାନଗା ଷ୍ଟେଶନଠାରେ ପହଞ୍ଚି ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେ ଦୁର୍ଘଟଣାସ୍ଥଳରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ରେଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ସିବିଆଇ ତଦନ୍ତ ବିରୋଧରେ...

ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା, ଆହତଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା, ରେଲ୍‌ୱେରେ ଜଣକୁ ଚାକିରି ଦିଆଯାଉ। ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇସ୍ତଫା ଦେବା ପରେ ହିଁ ତଦନ୍ତ ନିରପେକ୍ଷ ହୋଇପାରିବ ବୋଲି ମଧ୍ୟ ସେମାନେ କହିଛନ୍ତି। ଏହାସହ ଆସନ୍ତା ୧୨ ତାରିଖରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ସମେତ ବାଲେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲାଠାରେ ଅନୁରୂପ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି।

## ସମସ୍ୟା ସୃଷ୍ଟି କରୁଛି...

ଭୁଲ୍ ନମ୍ବରିଂ ଯୋଗୁ ମୃତଦେହ ଚିହ୍ନଟରେ ସମସ୍ୟା ସୃଷ୍ଟି ହେଉଥିବା ନଜରକୁ ଆସିଛି। ବାଲେଶ୍ୱର ଓ ଭୁବନେଶ୍ୱର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ତଥା ଭୁଲ ନମ୍ବରିଂ ଲାଗି ହଇରାଣ ହେଉଛୁ ବୋଲି ନିରାଶ ହୋଇଥିବା ବହୁ ପରିବାର କହିଛନ୍ତି। ସୋମବାର ଓ ମଙ୍ଗଳବାର ଏମ୍ସରେ ମୃତଦେହ ଚିହ୍ନଟ କରିବାକୁ ଆସିଥିବା ପରିବାର ଓ ସମ୍ପର୍କୀୟମାନେ ଏଥିପାଇଁ ହଟହଟା ହେଉଥିବା ଦେଖିବାକୁ ମିଳିଥିଲା। କେତେଜଣ କହୁଥିଲେ ମୋ ବାପାଙ୍କ ମୃତଦେହ ଆଉକିଏ ନେଇଯାଇଛନ୍ତି। ଆଉ କିଏ କହୁଥିଲେ ବାଲେଶ୍ୱରରୁ ଭୁବନେଶ୍ୱର ଯାଏ ଆମ ଲୋକଙ୍କୁ ଖୋଜୁଥିଲେ ମଧ୍ୟ କେଉଁଠୁ ବି ମିଳୁନି। ମୃତଦେହ ରଖାଯାଇଥିବା ଏମ୍‌ସ, କ୍ୟାପିଟାଲ ହସ୍ପିଟାଲ ସମେତ ଅନ୍ୟ ଦୁଇ ହସ୍ପିଟାଲ ବୁଲି ସାରିଲୁଣି, କିନ୍ତୁ କେଉଁଠି ହେଲେ ପାଉନାହୁଁ।

## ରେପୋ ରେଟ୍ ଅପରିବର୍ତ୍ତିତ...

କ୍ଷେତ୍ରରେ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ୨୦୨୨–୨୩ ଆର୍ଥିକବର୍ଷ ପାଇଁ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ୭.୨% ରହିଛି, ଯାହାକି ୭ ପ୍ରତିଶତ ରହିବା ନେଇ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର ସଦ୍ୟ ଆକଳନ ଭିତ୍ତିରେ ଅନୁମାନ କରାଯାଇଥିଲା। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ)ଭିତ୍ତିକ ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ଏପ୍ରିଲରେ ୪.୭% ରହିଥିଲା, ଯାହାକି ଆର୍‌ବିଆଇର ସର୍ବୋଚ୍ଚ ସହିଷ୍ଣୁ ସୀମା ୬ ପ୍ରତିଶତଠାରୁ କମ୍। ମାର୍ଚ୍ଚରେ ସିପିଆଇ ମୁଦ୍ରାସ୍ଫୀତି ୫.୬୬% ରହିଥିଲା। ୨୦୨୪ ଆର୍ଥିକବର୍ଷର ଦ୍ୱିତୀୟ ଦ୍ୱିମାସିକ ଏମ୍‌ପିସିରେ ଏସବୁକୁ ଦୃଷ୍ଟିରେ ରଖି ମୁଦ୍ରାନୀତି ସ୍ଥିର କରାଯାଇପାରେ। ଏମ୍‌ପିସି ବୈଠକରେ ଆର୍‌ବିଆଇ ଗର୍ଭନର ଶକ୍ତିକାନ୍ତ ଦାସ ଅଧକ୍ଷତା କରୁଥିବାବେଳେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ ରିସର୍ଚ୍ଚ ଅବୈତନିକ ବରିଷ୍ଠ ପରାମର୍ଶଦାତା ଶଶାଙ୍କ ଭିଡେ ଏଥିରେ ସଦସ୍ୟ ରହିଛନ୍ତି। ଅନ୍ୟ ସଦସ୍ୟମାନେ ହେଲେ ମୁମ୍ବାଇସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଭେଲପ୍‌ମେଣ୍ଟ ରିସର୍ଚ୍ଚର ଏମିରେଟସ୍ ପ୍ରଫେସର ଅସୀମା ଗୋୟଲ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଅହମ୍ମଦାବାଦର ପ୍ରଫେସର ଜୟନ୍ତ ଆର୍. ବର୍ମା, ଆର୍‌ବିଆଇ ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ରାଜୀବ ରଞ୍ଜନ ଏବଂ ଆର୍‌ବିଆଇ ଡେପୁଟି ଗଭର୍ନର ମାଇକେଲ୍ ଦେବବ୍ରତ ପାତ୍ର। ଶକ୍ତିକାନ୍ତଙ୍କ ନେତୃତ୍ୱାଧୀନ ୬ ସଦସ୍ୟ ବିଶିଷ୍ଟ ଏହି ପ୍ୟାନେଲ ରେପୋ ରେଟ୍‌କୁ ୬.୫%ରେ ସୀମିତ ରଖିପାରେ। ଗତ ଏପ୍ରିଲରେ ଅନୁଷ୍ଠିତ ଏମ୍‌ପିସି ବୈଠକରେ ଆର୍‌ବିଆଇ ରେପୋ ରେଟ୍ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇ ବିସ୍ମିତ କରିଦେଇଥିଲା। ୨୦୨୨ ମେ' ପରଠୁ ରେପୋ ରେଟ୍ ୨୫୦ ବେସିସ୍ ପଏଣ୍ଟ (ବିପିଏସ୍) ବଢ଼ିସାରିଛି। ଅର୍ଥନୀତିଜ୍ଞଙ୍କ ମତରେ ଆର୍‌ବିଆଇ ଏଥର ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ସହ ୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନ ହ୍ରାସ କରିପାରେ। ସେହିପରି ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଅଧିକ ରହିବା ନେଇ ମଧ୍ୟ ଆକଳନ କରାଯାଉଛି ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମୁଖ୍ୟ ଅର୍ଥିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ ସୂଚନା ଦେଇଛନ୍ତି। ବ୍ୟାଙ୍କ ଅଫ୍ ବରୋଦା ମୁଖ୍ୟ ଆର୍ଥିକ ପରାମର୍ଶଦାତା ମଦନ ସବନବିସ୍ କହିଛନ୍ତି, ଆର୍‌ବିଆଇ ସୁଧହାରରେ କୌଣସି ପରିବର୍ତ୍ତନ ଆଣି ନ ପାରେ। ଏପରି ହେଲେ ରେପୋ ରେଟ୍ ୬.୫%ରେ ସୀମିତ ରହିବ। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମଧ୍ୟ ଅନୁରୂପ ମତ ଦେଇ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଏଥର 'ୱେଟ୍ ଆଣ୍ଡ ୱାଚ୍' ଆଭିମୁଖ୍ୟକୁ ବଜାୟ ରଖିପାରେ। ଦିଲ୍ଲୀରେ ଚାଲିଥିବା ଏମ୍‌ପିସି ବୈଠକରେ ସୁଧହାର ବୃଦ୍ଧି କରାଯାଇ ନ ପାରେ ବୋଲି ଶେୟାର ଇଣ୍ଡିଆ ଉପାଧକ୍ଷ ତଥା ଗବେଷଣା ମୁଖ୍ୟ ଡ. ରବି ସିଂ ମଧ୍ୟ ପୂର୍ବାନୁମାନ କରିଛନ୍ତି।

## ବାହାନଗା ରେଳ ଦୁର୍ଘଟଣା

# ଆମର ୩୧ ଯାତ୍ରୀ ନିଖୋଜ: ମମତା

**କଟକ ଅଫିସ,୬।୬**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ବାହାନଗା ରେଳ ଦୁର୍ଘଟଣା ଆହତଙ୍କୁ ମଙ୍ଗଳବାର ଭେଟିଛନ୍ତି। ସେଠାରେ ସେ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆରୋଗ୍ୟ କାମନା କରିଥିଲେ। ଏପରି କି ଡାକ୍ତରମାନଙ୍କ ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବାହାନଗା ଟ୍ରେନ୍ ଦୁର୍ଘଟଣାର ପୀଡ଼ିତମାନଙ୍କୁ ସହାୟତାର ହାତ ବଢାଇ ଉତ୍ସର୍ଗୀକୃତ କାର୍ଯ୍ୟ କରିଥିବା ଏସ୍‌ସିବି ମେଡିକାଲ କଲେଜ କର୍ତ୍ତୃପକ୍ଷ, ଡାକ୍ତର, ସେବିକା, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଜିଲା ପ୍ରଶାସନକୁ ମମତା ଧନ୍ୟବାଦ ଜଣାଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଟ୍ରେନ୍ ଦୁର୍ଘଟଣାର ପୀଡ଼ିତମାନଙ୍କୁ ସେବା ଯୋଗାଇବା ପାଇଁ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଆହତମାନଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଉଭୟ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସମସ୍ତ ଖର୍ଚ୍ଚ ଭରଣା କରୁଛନ୍ତି। ପଶ୍ଚିମବଙ୍ଗ ସରକାର ପୀଡ଼ିତମାନଙ୍କୁ ସେବା ଯୋଗାଇଦେବା ପାଇଁ ବାଲେଶ୍ୱର ଓ ଏହାର ସୀମାନ୍ତ ଅଞ୍ଚଳରେ ୩/୪ ଟି ଅସ୍ଥାୟୀ ସହାୟତା ଶିବିର ଖୋଲିଛନ୍ତି। ଏହାବ୍ୟତୀତ ୧୦୦ଟି ଆମ୍ବୁଲାନ୍ସ, ଡାକ୍ତରୀ ଦଳ ଓ ୪୦ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ପଶ୍ଚିମବଙ୍ଗର ୫୭ ଜଣ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପଶ୍ଚିମବଙ୍ଗର ୯୭ ଜଣ ଆହତ ଏବେ ଓଡ଼ିଶାରେ ଚିକିତ୍ସିତ ଥିବାବେଳେ ୩୧ଜଣ ନିଖୋଜ ଅଛନ୍ତି। ଅବଶିଷ୍ଟ ୨୦୦ଜଣ କୋଲକାତାରେ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱରରେ ଥିବା ୧୨୦ଟି ମୃତଦେହ ମଧ୍ୟରୁ ୧୦୩ଟି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୬ ଜଣଙ୍କ ପରିବାରର ସଦସ୍ୟ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ପଶ୍ଚିମବଙ୍ଗର ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୧ ଲକ୍ଷ ଟଙ୍କା, ସାମାନ୍ୟ ଆହତଙ୍କୁ ୨୫ ହଜାର ଟଙ୍କା, ଟ୍ରେନରେ ଯାତ୍ରା କରିଥିବା ଓ ପ୍ରଚଣ୍ଡ ମାନସିକ ଆଘାତ ପାଇଥିବା ଯାତ୍ରୀମାନଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ଏବଂ ମାସକୁ ୨୦୦୦ ଟଙ୍କା ହିସାବରେ ୩ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ମମତା ସୂଚନା ଦେଇଛନ୍ତି।

ରେଳମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ କରାଯିବା ବିଷୟରେ ପଚରାଯିବାରୁ ମମତା କହିଛନ୍ତି, ଏ ସମ୍ପର୍କରେ ମୋର କୌଣସି ମତାମତ ନାହିଁ। ତେବେ ଦୁର୍ଘଟଣାର ସତ୍ୟତା ପ୍ରକାଶ ପାଇବାର ଆବଶ୍ୟକତା ରହିଛି। କୌଣସି ପରିସ୍ଥିତିରେ ଏହାକୁ ଦବାଇ ଦେବା ନିମନ୍ତେ ପ୍ରଚେଷ୍ଟା ଗ୍ରହଣୀୟ ନୁହେଁ। ଆମେ ଜନସାଧାରଣଙ୍କ ସହିତ ରହି କାର୍ଯ୍ୟ କରିବା ଉଚିତ୍। ଏଭଳି ପରିସ୍ଥିତିରେ କୌଣସି ପ୍ରକାରର ବିତର୍କ କରିବା ଅନୁଚିତ୍ ଏବଂ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେଉ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ବାହାରି କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ହେଲିପ୍ୟାଡ୍‌ରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ପହଞ୍ଚିଥିଲେ। ତାଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ କାର୍ ଯୋଗେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ଏହି ଗସ୍ତ ସମୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଳ ପୱନ କଲ୍ୟାଣ, କଟକ ଡିସିପି ପିନାକ ମିଶ୍ର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶିବୋ ଟୋପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ସିବି ମେଡିକାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

## ଓଡ଼ିଶାରୁ ୩୯ ମୃତ, ବାଲେଶ୍ୱରରୁ ସର୍ବାଧିକ ୧୪

**■ ୧.୯୫ କୋଟି ଟଙ୍କାର ଅନୁକମ୍ପା ରାଶି ମଞ୍ଜୁର**

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ଓଡ଼ିଶାର ୩୯ ଜଣ ମୃତକଙ୍କ ପାଇଁ ୧.୯୫ କୋଟି ଟଙ୍କାର ଅନୁକମ୍ପା ରାଶି ମଞ୍ଜୁର କରିଛନ୍ତି। ଏହି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯାଉଛି। ମୃତକଙ୍କ ମଧ୍ୟରେ ଭଦ୍ରକର ୮, ଯାଜପୁରର ୨, ବାଲେଶ୍ୱରର ୧୪, ମୟୂରଭଞ୍ଜର ୯, ଖୋର୍ଦ୍ଧାର ୨, କଟକର ୩ ଓ କେନ୍ଦୁଝରର ଜଣେ ବ୍ୟକ୍ତି ଥିବା ରାଜ୍ୟ ସରକାର ତଥ୍ୟ ଦେଇଛନ୍ତି। ମୃତକମାନଙ୍କ ନିକଟତମ ଆତ୍ମୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ପୂର୍ବରୁ ଓଡ଼ିଶାର ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ବାହାନଗା ଟ୍ରେନ୍ ଦୁର୍ଘଟଣାର ଶିକାର ହୋଇଥିବା ମୃତକଙ୍କ ନିକଟ ସମ୍ପର୍କୀୟ ବା ପରିବାରକୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ଲକ୍ଷେ ଟଙ୍କା ଲେଖା ଅନୁକମ୍ପାମୂଳକ ରାଶି ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଅନ୍ୟପଟେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ, ଗୁରୁତର ଆହତଙ୍କୁ ୨ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଲେଖା ଅନୁକମ୍ପା ରାଶି ପ୍ରଦାନ କରୁଛି। ସେହିଭଳି ଅନ୍ୟ ରାଜ୍ୟ ଯେପରିକି ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ମଧ୍ୟ ନିଜ ରାଜ୍ୟର ମୃତକ ଓ ଆହତଙ୍କୁ ଅନୁକମ୍ପା ରାଶି ଦେବା ଲାଗି ଘୋଷଣା କରାଯାଇଛି।

## ୪୩ ଡିଗ୍ରୀ ଉପରେ ୩ ସହର

**୧୧ ଯାଏ ପ୍ରବଳ ଗ୍ରୀଷ୍ମ**

**ଭୁବନେଶ୍ୱର,୬।୬(ବ୍ୟୁରୋ)**

ରାଜ୍ୟରେ ପାରଦ ପୁଣି ଉପରମୁହାଁ ହୋଇଛି। ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ଟପି ଯାଇଥିବା ବେଳେ ୧୭ଟି ସ୍ଥାନରେ ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ସୂଚନା ମୁତାବକ ମଙ୍ଗଳବାର ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୩.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩.୬, ହୀରାକୁଦ ୪୩.୩, ରାଉରକେଲା ୪୨.୪, ବରଗଡ଼ ୪୨.୧, ବାରିପଦା ୪୨, ଭୁବନେଶ୍ୱର ୪୧.୯, ସୋନପୁର ୪୧.୮, ବଲାଙ୍ଗୀର ୪୧.୭, ସୁନ୍ଦରଗଡ଼ ୪୧.୨, ମାଲକାନଗିରି ୪୧.୮, ନୂଆପଡ଼ା ୪୧, ଟିଟିଲାଗଡ଼ ୪୦.୫, ଭବାନୀପାଟଣା ୪୦.୫, ଚାନ୍ଦବାଲି ୪୦.୨, ଜଗତ୍‌ସିଂହପୁରରେ ୪୦.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ୧୧ ତାରିଖ ଯାଏ ତାତି ଆହୁରି କଲବଲ କରିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ବିଳମ୍ବ ହେବାରେ ଲାଗିଛି। ପାଗ ଅନୁକୂଳ ହେଉ ନ ଥିବାରୁ ମୌସୁମୀ ପ୍ରବେଶ ଗଡ଼ି ଗଡ଼ି ଯାଉଛି। ଆସନ୍ତା ୧୫ ତାରିଖ ଯାଏ ରାଜ୍ୟକୁ ମୌସୁମୀ ପ୍ରବେଶର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଆରବ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୧୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହୋଇପାରେ। ପ୍ରବଳ ଗରମ ହେଉଥିଲେ ମଧ୍ୟ ସମୁଦ୍ରରେ ଘୂର୍ଣ୍ଣିବଳୟ ଯୋଗୁଁ ବାୟୁ ପ୍ରବାହ ସ୍ଥଳଭାଗ ପରିବର୍ତ୍ତେ ସମୁଦ୍ରକୁ ବହୁଛି। ଫଳରେ ମୌସୁମୀ ପାଇଁ ପାଗ ଅନୁକୂଳ ହେଉ ନ ଥିବା ପାଣିପାଗ ବିଶେଷଜ୍ଞ ଅନୁମାନ କରୁଛନ୍ତି। ତେବେ ମୌସୁମୀ ନିର୍ଦ୍ଧାରିତ ସମୟରୁ ଅଳ୍ପ କିଛିଦିନ ବିଳମ୍ବ ହୋଇପାରେ। କେରଳ ଛୁଇଁବା ପରେ ଓଡ଼ିଶାକୁ କେବେ ଆସିବ ସେ ନେଇ କୁହାଯାଇପାରିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି।

## ଏମ୍‌ସରେ ସ୍ଥିତି ଯାଞ୍ଚକଲେ ପଶ୍ଚିମବଙ୍ଗର ଦୁଇ ମନ୍ତ୍ରୀ

ଭୁବନେଶ୍ୱର, ୬।୬(ବ୍ୟୁରୋ) - ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ମଧ୍ୟରୁ ୧୨୩ଟି ମୃତଦେହ ଏମ୍‌ସ ଭୁବନେଶ୍ୱରକୁ ଆସିଥିଲା। ଏହା ମଧ୍ୟରେ ୭୧ଟି ମୃତଦେହ ଚିହ୍ନଟ ହେବା ସହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଅନେକ ରହିଛନ୍ତି। ତେଣୁ ମଙ୍ଗଳବାର ପଶ୍ଚିମବଙ୍ଗର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶଶୀ ପଞ୍ଜା ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଏମ୍‌ସ ଆସି ମୃତଦେହ ହସ୍ତାନ୍ତର ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଏମ୍‌ସରେ ଖୋଲାଯାଇଥିବା ପଶ୍ଚିମବଙ୍ଗର ହେଲ୍ପ ଡେସ୍କକୁ ଯାଇ ଡାଟା ସିଟ୍ ଯାଞ୍ଚ କରିବା ସହ କେତୋଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ସେନେଇ ତଥ୍ୟ ସଂଗ୍ରହ କରିଥିଲେ। ସେହିପରି ଟ୍ରେନ୍ ଦୁର୍ଘଟଣାରେ ମୃତ ପଶ୍ଚିମବଙ୍ଗ ଯାତ୍ରୀଙ୍କ ପରିବାରକୁ ସହାୟତା ରାଶି ମିଳିଛି କି ନାହିଁ ସେ ନେଇ ମଧ୍ୟ ଯାଞ୍ଚ କରିଥିଲେ। ଏମ୍‌ସକୁ ଆସିଥିବା ୧୨୩ ମୃତଦେହ ମଧ୍ୟରୁ ୩୬ଟି ମୃତଦେହ ବର୍ତ୍ତମାନ ପର୍ଯ୍ୟନ୍ତ ପଶ୍ଚିମବଙ୍ଗକୁ ପଠାଯାଇଥିବା ଯାଞ୍ଚ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଭଟ୍ଟାଚାର୍ଯ୍ୟ ସୂଚନା ଦେଇଥିଲେ। ଏଥିସହ ଉଭୟ ପଶ୍ଚିମବଙ୍ଗ ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସୁରୁଖୁରୁରେ ମୃତକଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଉଥିବା ସେ କହିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଜୁନ୍, ୨୦୨୩

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା– ଯେଉଁମାନେ ଛୋଟ ଛୋଟ କଥାଗୁଡିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। **–ଶ୍ରୀଅରବିନ୍ଦ**



# ନିର୍ଭରଯୋଗ୍ୟ ନୁହେଁ

ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ ତାଙ୍କ ଭାରତୀୟ ପ୍ରତିପକ୍ଷ ରାଜନାଥ ସିଂଙ୍କୁ ସୋମବାର ଦିଲ୍ଲୀରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜନାଥ କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ଆମେରିକା ଓ ଭାରତ ଏକାଠି କାର୍ଯ୍ୟ କରିବା ସହ ରଣନୀତିକ ଭାଗୀଦାରିକୁ ଆହୁରି ମଜଭୁତ କରିବେ। ସାମରିକ ସହଭାଗିତା ବୃଦ୍ଧି ଲାଗି ୫ ବର୍ଷିଆ ରୋଡ୍ ମ୍ୟାପ ଉପରେ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ଆଲୋଚନା କରିଛନ୍ତି। କେବଳ ଏତିକି ନୁହେଁ, ଭାରତ ଆମେରିକାଠାରୁ ୩୦ଟି ଏକ୍ୟୁ ସଶସ୍ତ୍ର ଡ୍ରୋନ୍ କିଣିବାକୁ ଯୋଜନା କରିଛି। ତେବେ ଗଲ୍ୱାନ ଘାଟିରେ ଚାଇନା ଭାରତ ମୁହାଁମୁହିଁ ହେବା ପରେ ମାର୍ଚ୍ଚ ୨୦୨୧ରେ ଲୟଡ୍ ଭାରତ ଗସ୍ତରେ ଆସିଥିଲେ ଓ ଏହା ତାଙ୍କର ଦ୍ୱିତୀୟ ଗସ୍ତ। ଏହି ସମୟ ଭିତରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଆମେରିକା ସହଯୋଗରେ ଚାଇନାର ମୁକାବିଲା କରିବାରେ ଭାରତ ସକ୍ଷମ ହେବ ବୋଲି ଭାବୁଥାଇପାରେ। କିନ୍ତୁ ଅତୀତରେ ପାକିସ୍ତାନ ଓ ଚାଇନା ସହ ଭାରତର ଯୁଦ୍ଧକୁ ଦେଖିଲେ ଏଭଳି ସହଯୋଗ ପାଇବା ଆଶା କ୍ଷୀଣ। ଏହା ନିଜର ସାମରିକ ଅସ୍ତ୍ରଶସ୍ତ୍ର ବ୍ୟବସାୟ ବୃଦ୍ଧି ଓ ଚାଇନାର ପ୍ରଭାବ ହ୍ରାସ କରିବା ଲାଗି ଅଭିପ୍ରେତ ବୋଲି କୁହାଯାଉଛି। ଏବେ ବିଶ୍ୱର ସର୍ବବୃହତ୍ ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ଦେଶ ଭାରତର ସାମରିକ ମାର୍କେଟରେ ରୁଷିଆର ପ୍ରଭାବ କେତେକାଂଶରେ କମିଥିବା ବେଳେ ଆମେରିକା ତା' ସ୍ଥିତି ଦୃଢ କରିବା ଲକ୍ଷ୍ୟରେ ରହିଥାଇପାରେ। ଅନ୍ୟପକ୍ଷରେ ଭାରତ ଅତ୍ୟାଧୁନିକ ଜ୍ଞାନକୌଶଳରେ ଫାଇଟର ଜେଟ୍ ଓ ଡ୍ରୋନ୍ ଆଦି ନିର୍ମାଣ କରିବା ପାଇଁ ଆମେରିକାର ସହଯୋଗ ଲୋଡ଼ିଛି। ଭାରତ ପ୍ରତି ପଶ୍ଚିମରେ ପାକିସ୍ତାନ ଓ ଉତ୍ତରପୂର୍ବରେ ଚାଇନା ବିପଦ ସୃଷ୍ଟି କରୁଥିବା ସମୟରେ ଏବଂ ରୁଷିଆ ୟୁକ୍ରେନ୍ ଯୁଦ୍ଧରେ ଜଡ଼ିତ ଥିବା ବେଳେ ଆମେରିକା ପାଇଁ ଏଭଳି ଏକ ସୁଯୋଗ ସୃଷ୍ଟି ହୋଇଛି। ଏହା ବ୍ୟତୀତ ଆମେରିକା ମଧ୍ୟ ବହୁତ ଚିନ୍ତିତ ଥିବ। ରୁଷିଆର ଆକ୍ରମଣରେ କେବଳ ୟୁକ୍ରେନ୍ ନୁହେଁ ସମଗ୍ର ୟୁରୋପ ବ୍ୟତିବ୍ୟସ୍ତ। ବିଶ୍ୱ ଅର୍ଥନୀତି ଉପରେ ତାହାର କୁପ୍ରଭାବ ସହିତ ବିଶ୍ୱ ଜଳବାୟୁ ତାପମାତ୍ରା ପ୍ରଭାବିତ ହେଉଛି। ଉଦାହରଣ ସ୍ୱରୂପ ୟୁକ୍ରେନ୍‌ରେ ଏକ ବଡ଼ ଡ୍ୟାମ୍‌କୁ ରୁଷିଆ ତରଫରୁ ଭାଙ୍ଗି ଦିଆଯିବା ଫଳରେ ଦକ୍ଷିଣ ୟୁକ୍ରେନ୍‌ରେ ନଦୀବଢ଼ିର ସମସ୍ୟା ଉପୁଜିଛି। ସେହିଭଳି ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ଦ୍ୱାରା ତାଇୱାନରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ସମଗ୍ର ଏସିଆ ମହାଦେଶକୁ ପ୍ରଭାବିତ କରିବ। ଏହି ପରିସ୍ଥିତିର ଉଦାହରଣ ଗତ ରବିବାର ଦେଖିବାକୁ ମିଳିଲା, ଯେତେବେଳେ ଆମେରିକାର ଗୋଟିଏ ଯୁଦ୍ଧ ପାଣିଜାହାଜକୁ ଚାଇନାର ଏକ ଯୁଦ୍ଧ ପାଣିଜାହାଜ ତାଇୱାନ ଷ୍ଟ୍ରେଟ୍‌ରେ ଅତି ନିକଟରୁ ଅତିକ୍ରମ କରିଥିଲା। ୟୁକ୍ରେନ୍‌ରେ ଯୁଦ୍ଧ ଚାଲିଥିବାବେଳେ ବିଶ୍ୱର ଅନ୍ୟପଟେ ଚାଇନା-ତାଇୱାନ ଯୁଦ୍ଧ ଆଡକୁ ମୁହାଁଇଲେଣି। ସେହି ପରିସ୍ଥିତିରେ ଆମେରିକା ନିଶ୍ଚିତ ଭାବେ ଜାଣୁଥିବ ଯେ,ତାହାର ଉଦ୍ଦେଶ୍ୟ ସାଧନ କରିବା ପାଇଁ ଭାରତ ଭଳି ଦେଶ ସାମିଲ ହୁଅନ୍ତୁ।

ଏକ ରିପୋର୍ଟ ମୁତାବକ ଚାଇନାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ତୁଳନାରେ ଭାରତ ବହୁ ପଛରେ ଅଛି ଯେଉଁଥିପାଇଁ ଏହା ଆମେରିକା, ଫ୍ରାନ୍ସ ଓ ଇସ୍ରାଏଲ ଉପରେ ନିର୍ଭରଶୀଳ। ସ୍ମରଣଯୋଗ୍ୟ ଯେ, କେନ୍ଦ୍ରରେ ଭାଜପା ସରକାର ଆସିବା ପରେ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଲାଗୁ କରିଥିଲା। ଏଥିରେ ଯୁଦ୍ଧଉଡ଼ାଜାହାଜ ଠାରୁ ଆରମ୍ଭ କରି ମୋବାଇଲ ଫୋନ୍ ଆଦି ପ୍ରତ୍ୟେକ ଜିନିଷ ଦେଶରେ ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଯୋଜନାର ଏକ ଦଶନ୍ଧି ବିତିଯାଇଥିବା ସତ୍ତ୍ୱେ ସରକାରଙ୍କ ଅସ୍ୱଚ୍ଛ ନୀତି ଯୋଗୁ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିନାହିଁ। ଅନ୍ୟପକ୍ଷରେ ଚାଇନା ପକ୍ଷରୁ ଭାରତ ପ୍ରତି ଥିବା ବିପଦକୁ ଲକ୍ଷ୍ୟକରି ଆମେରିକା ଭାରତରେ ଏହାର ସାମରିକ ଉତ୍ପାଦନଭିତ୍ତିକ କାର୍ଯ୍ୟକଳାପ ବୃଦ୍ଧି କରିଚାଲିଛି। ଏହା ଘଟିବା ସ୍ୱାଭାବିକ, କାରଣ ଭାରତ ସାମ୍ପ୍ରତିକ ସାମରିକ ଦୃଶ୍ୟପଟରେ ଅତ୍ୟାଧୁନିକ ଡ୍ରୋନ୍ ଓ ଫାଇଟର ଜେଟ୍ ନିର୍ମାଣ କରିବାକୁ ସକ୍ଷମ ହୋଇନାହିଁ। ଗୋଟିଏ ପଟେ ମିଗ୍-୨୧ ପାଇଁ ରୁଷିଆ ଟେକ୍‌ନୋଲୋଜି ଉପରେ ଭାରତ ନିର୍ଭର କରୁଥିବାବେଳେ ଆମେରିକା ସହ ଡ୍ରୋନ୍ ଓ ମାନବ ରହିତ ବିମାନ କ୍ଷେତ୍ରରେ ନିର୍ଭରଶୀଳ। ଭାରତର ସାମରିକ ମାର୍କେଟରେ ବୈଦେଶିକ କମ୍ପାନୀ ଯଥା ଆମେରିକାର ବୋଇଂ, ହନିୱେଲ ଏବଂ ଲକିଡ ମାର୍ଟିନର ପ୍ରାଧାନ୍ୟ ରହିଛି। ଉଦାହରଣ ସ୍ୱରୂପ ହିନ୍ଦୁସ୍ଥାନ ଏରୋନେଟିକ୍ସର ଏଚ୍‌ଟିଟି-୪୦ଜେଟ୍‌ର ଇଞ୍ଜିନ ହନିୱେଲ ସହଯୋଗରେ କରାଯାଉଛି। ତେବେ ଆମେରିକା ଉପରେ ଭାରତ ନିର୍ଭର କରିବାର କାରଣ ହେଉଛି ଏହାର ସଂସାଧନ ଓ ବିକାଶ ସୁଯୋଗର ଅଭାବ ଅଛି। ଏହାସହ ବିକଶିତ ଦେଶ ତୁଳନାରେ ଭିତ୍ତିଭୂମି ଓ ପାଣ୍ଠି ବହୁତ କମ୍। ମନେରଖିବାକୁ ହେବ ଯେ, ପରୋକ୍ଷ ବା ପ୍ରତ୍ୟକ୍ଷରେ ହେଉ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆମେରିକା କମ୍ପାନୀଗୁଡ଼ିକ ଉପରେ ନିର୍ଭର କରିବା ଦୀର୍ଘମିଆଦୀ ପାଇଁ ଶୁଭଙ୍କର ନୁହେଁ।

# ଗଣତନ୍ତ୍ରରେ ରାଜତନ୍ତ୍ରର ସେଙ୍ଗୋଲ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ମେ ୨୮ରେ ଦେଶର ରାଜଧାନୀ ଦିଲ୍ଲୀରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଲା। ପ୍ରଥମ ଘଟଣାଟି ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଉଥିବା ସଂସଦର ନୂତନ ଭବନ ଉଦ୍‌ଘାଟନ ନାଁରେ ଶାସକୀୟ ଅହଂକାର ଓ ରାଜତନ୍ତ୍ରର ନଗ୍ନ ପ୍ରଦର୍ଶନ ଥିଲା ବେଳେ ଅନ୍ୟଟି ତା'ର ଅନତି ଦୂରରେ ଯନ୍ତରମନ୍ତରଠାରେ ଘଟିଥିଲା। ଭାଜପାର ସାଂସଦ ବ୍ରିଜଭୂଷଣ ଶରଣ ସିଂଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ନ୍ୟାୟ ପାଇଁ ଦୀର୍ଘ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଧାରଣାରେ ବସିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ଉପରେ ଦିଲ୍ଲୀ ପୋଲିସ ଅତ୍ୟନ୍ତ ଅମାନୁଷିକ ଭାବେ ବଳପ୍ରୟୋଗ କରି ସେମାନଙ୍କୁ ଧାରଣା ସ୍ଥଳରୁ ହଟେଇ ଦେଇଥିଲା। ଲଜ୍ଜାଜନକ କଥା ହେଲା, ଏଯାଏ କେନ୍ଦ୍ର ସରକାରଙ୍କ ଦ୍ୱାରା ସୁରକ୍ଷା ପାଇ ଆସିଥିବା ସମ୍ପୃକ୍ତ ବାହୁବଳୀ ସାଂସଦ ଜଣକ ନୂତନ ସଂସଦ ଭବନରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଥିବାବେଳେ ଅଲିମ୍ପିକ୍ ଖେଳରେ ପଦକ ହାସଲ କରି ଦେଶର ଗୌରବ ବୃଦ୍ଧି କରିଥିବା ମହିଳା କୁସ୍ତି ଖେଳାଳିମାନେ ପୋଲିସର ଅମାନୁଷିକ ବ୍ୟବହାରର ଶିକାର ହୋଇ ଭୋ ଭୋ ହୋଇ କାନ୍ଦୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

ତେବେ ଅତ୍ୟନ୍ତ ଜାକଜମକରେ ଅନୁଷ୍ଠିତ ନୂତନ ସଂସଦ ଭବନର ଉଦ୍‌ଘାଟନର ଉତ୍ସବ ଗଣତାନ୍ତ୍ରିକ ବ୍ୟବସ୍ଥାର ମହୋତ୍ସବ ହେବା ପରିବର୍ତ୍ତେ ଜଣେ ଶାସକର ଏକଚ୍ଛତ୍ରବାଦ ଓ ଅହଂକାରକୁ ପ୍ରଦର୍ଶିତ କରୁଥିଲା। ସଂସଦ ଭବନ ନିର୍ମାଣର ଏକାକୀ ଶ୍ରେୟ ନେବା ପାଇଁ ପ୍ରଧାନମନ୍ତ୍ରୀ ସଂସଦୀୟ ବ୍ୟବସ୍ଥାର ମୁଖ୍ୟ ରୂପେ ପରିଚିତ ରାଷ୍ଟ୍ରପତି ଏବଂ ସଂସଦର ଅନ୍ୟତମ ଗୃହ, ରାଜ୍ୟ ସଭାର ଅଧ୍ୟକ୍ଷ ଭାବେ ପରିଚିତ ଦେଶର ଉପରାଷ୍ଟ୍ରପତିଙ୍କୁ ଏହି ଉତ୍ସବକୁ ନ ଡାକି ନିଜେ ହିଁ ଭବନର ଉଦ୍‌ଘାଟନ କରିବା ଦେଖିବାକୁ ମିଳିଥିଲା। ବିପଜ୍ଜନକ କଥା ହେଲା, ଦେଶର ସମ୍ବିଧାନ ଧର୍ମନିରପେକ୍ଷ ବିଚାର ପ୍ରତି ନିଜର ପ୍ରତିବଦ୍ଧତା ଜାହିର କରୁଥିବା ବେଳେ ସମ୍ପୂର୍ଣ୍ଣ ଉତ୍ସବଟିକୁ ଏକ ନିର୍ଦ୍ଦିଷ୍ଟ ଧର୍ମର କାର୍ଯ୍ୟକ୍ରମରେ ପରିଣତ କରାଯାଇଥିଲା।

ସବୁଠାରୁ ଚିନ୍ତାଜନକ କଥାଟି ହେଲା, ସଂସଦ ଭବନରେ 'ସେଙ୍ଗୋଲ' ନାମକ ପ୍ରତୀକର ସ୍ଥାପନା। ତାମିଲ ଭାଷାରେ ସେଙ୍ଗୋଲର ଅର୍ଥ ହେଲା, ରାଜଦଣ୍ଡ। ମଧ୍ୟଯୁଗୀୟ ଦକ୍ଷିଣ ଭାରତରେ ଚୋଳ, ପାଣ୍ଡିଆ ଓ ଚାର ଆଦି ହିନ୍ଦୁ ରାଜବଂଶର ଶାସନ କାଳରେ ଏହା କୁଆଡ଼େ କ୍ଷମତାର ପ୍ରତୀକ ଥିଲା। ଉପରୋକ୍ତ ସାମନ୍ତବାଦୀ ଶାସକମାନେ ନିଜର ଶାସନ କ୍ଷମତାକୁ ବୈଧ ବୋଲି ଦର୍ଶାଇବା ପାଇଁ ଏକ କର୍ମକାଣ୍ଡୀୟ ମାନ୍ୟତା ଆବଶ୍ୟକ କରୁଥିଲେ। ଏହା କେବଳ ବ୍ରାହ୍ମଣ ଓ ପୁରୋହିତମାନଙ୍କ ଦ୍ୱାରା ହିଁ ସମ୍ଭବ ଥିଲା। ତେଣୁ ନୂତନ ରାଜାଙ୍କ ରାଜ୍ୟାଭିଷେକ ସମୟରେ ସେଠାକାର ବ୍ରାହ୍ମଣ, ପୁରୋହିତ ଗୋଷ୍ଠୀଙ୍କ ପକ୍ଷରୁ ସ୍ଥାନୀୟ ବଡ଼ ବଡ଼ ମଠର ମହନ୍ତମାନେ ରାଜାଙ୍କୁ ପ୍ରତୀକ ସ୍ୱରୂପ ସେଙ୍ଗୋଲ ନାମରେ ପରିଚିତ ଏକ ଧାତବ ନିର୍ମିତ ରାଜଦଣ୍ଡକୁ ଧରାଉଥିଲେ। ସୁନା ଖଚିତ ଏହି ରୁପା ଦଣ୍ଡର ଶୀର୍ଷରେ ଭଗବାନ ଶିବଙ୍କ ବାହନ ନନ୍ଦୀଙ୍କ ଏକ ମୂର୍ତ୍ତି ରହିଥାଏ। ଏହା ଜରିଆରେ ରାଜା ସମସ୍ତଙ୍କୁ ଶାସନ କରିବାର ଐଶ୍ୱରୀକ ମାନ୍ୟତା ମିଳିଛି ବୋଲି ଦାବି କରି ନିଜର ଶାସନ ଚଳାଉଥିଲେ। ଅତଏବ ସେଙ୍ଗୋଲ ହେଉଛି ରାଜତନ୍ତ୍ର ବା ସାମନ୍ତବାଦର ପ୍ରତୀକ, ଯାହାର ଦଣ୍ଡାତ୍ମକ କ୍ଷମତା ରହିଥାଏ। ସେଥିରେ ଜଣେ ଏକଚ୍ଛତ୍ରବାଦୀ ରାଜା ରହିବେ ଏବଂ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇ ସେ ଶାସନ କରୁଛନ୍ତି ବୋଲି ଏକ ଧାରଣା ସୃଷ୍ଟି କରାଯାଇଥାଏ।



ତାମିଲନାଡୁର କ୍ଷୀରୱାଦ ଦୁରାଇ ମଠରୁ ଆସିଥିବା ମହନ୍ତମାନଙ୍କ ହାତରୁ ପ୍ରଧାନମନ୍ତ୍ରୀ ସିଙ୍ଗୋଲକୁ ଗ୍ରହଣ କରିବେ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ସାମ୍ବାଦିକମାନଙ୍କୁ ନ ଜଣାଇବା ପର୍ଯ୍ୟନ୍ତ ଏ ସମ୍ପର୍କରେ କାହାର ସାମାନ୍ୟତମ ଧାରଣା ନ ଥିଲା। ଦେଶରେ ରାଜତନ୍ତ୍ରର ସମାପ୍ତି ସହିତ ଏଭଳି ଅନେକ ସାମନ୍ତବାଦୀ ପରମ୍ପରା ଏକରକମ ଖତମ୍ ହୋଇଯାଇଥିଲା। ଅତଏବ ସରକାରୀ ଘୋଷଣା ପରେ ସେଙ୍ଗୋଲକୁ ନେଇ ଗତ କିଛି ଦିନ ଧରି ଦେଶର ମୁଖ୍ୟଧାରାର ମିଡ଼ିଆରେ ଦିନରାତି ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ସେଙ୍ଗୋଲ ବାହାନାରେ ନିଜର ରାଜନୈତିକ ଶତ୍ରୁ କଂଗ୍ରେସ ଓ ନେହେରୁଙ୍କୁ ନିନ୍ଦିତ କରିବା ପାଇଁ ଭାଜପା ଏବଂ ତା'ର ଆଇଟି ସେଲ୍ ପକ୍ଷରୁ ଷଡ଼ଯନ୍ତ୍ର ହୋଇଥିଲା। ଦେଶ ସ୍ୱାଧୀନ ହେବା ପରେ ୧୯୪୭ରେ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ବ୍ରିଟିଶ ସରକାରଙ୍କ ଶେଷ ଭାଇସ୍‌ରାୟ, ଲର୍ଡ ମାଉଣ୍ଟବ୍ୟାଟେନ୍ କ୍ଷମତାର ହସ୍ତାନ୍ତର କଲାବେଳେ ଏହାର ପ୍ରତୀକ ଭାବେ କୁଆଡ଼େ ସେଙ୍ଗୋଲ ଦେଇଥିଲେ ଏବଂ ନେହେରୁ ନିଜର ଅହଂକାର କାରଣରୁ ତାକୁ ଶାସନର ପ୍ରତୀକ ଭାବେ ଗ୍ରହଣ ନ କରି ଆଲ୍ଲାହାବାଦସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟରେ ରଖି ଦେଇଥିଲେ ବୋଲି କହି ଏହା ଏକ ଐତିହାସିକ ଅନ୍ୟାୟ ବୋଲି ପ୍ରଚାର କରାଗଲା। ଅବଶ୍ୟ ପରେ ଏ ସମ୍ପର୍କରେ ଜଣାପଡ଼ିଲା ଯେ ନେହେରୁଙ୍କୁ ଏକ ସେଙ୍ଗୋଲ ଲର୍ଡ ମାଉଣ୍ଟବ୍ୟାଟେନ୍ ନୁହେଁ ବରଂ ତାମିଲନାଡୁର କିଛି ମଠର ମହନ୍ତମାନେ ପ୍ରଦାନ କରିଥିଲେ। ତେବେ ସେ ଏହାକୁ କୌଣସି କ୍ଷମତା ହସ୍ତାନ୍ତରର ପ୍ରତୀକ ରୂପେ ନୁହେଁ ବରଂ ଏକ ଉପହାର ରୂପେ ଗ୍ରହଣ କରିଥିଲେ ଏବଂ ପରେ ସଂଗ୍ରହାଳୟକୁ ପଠେଇ ଦେଇଥିଲେ ବୋଲି ଜଣାପଡ଼ିଛି।

ଅସଲ କଥା ହେଲା, ଭାରତରୁ ବ୍ରିଟିଶମାନଙ୍କ ପ୍ରସ୍ଥାନ ପରେ ସେଠାକାର ରାଜା, ସାମନ୍ତ ଓ ମଠର ମହନ୍ତମାନେ ନିଜର ଭବିଷ୍ୟତ ନେଇ ଉଦ୍‌ବିଗ୍ନ ହୋଇପଡ଼ିଥିଲେ। କାରଣ ନେହେରୁ ଆଧୁନିକତା, ଧର୍ମନିରପେକ୍ଷ ଓ ବୈଜ୍ଞାନିକ ବିଚାରର ପକ୍ଷପାତୀ ଥିବାରୁ ଏବଂ ସ୍ୱାଧୀନ ଭାରତରେ ରାଜରାଜୁଡ଼ା, ଜମିଦାରମାନଙ୍କ କୌଣସି ଆଧିପତ୍ୟକୁ ସ୍ୱୀକାର କରିବା ପକ୍ଷରେ ନ ଥିବାରୁ ଶହ ଶହ ବର୍ଷ ଧରି ବିପୁଳ ପରିମାଣର ଜମିର ମାଲିକାନା ଜମିଦାର ଓ ମଠର ମହନ୍ତମାନେ ନିଜର ଭବିଷ୍ୟତ ନେଇ ଅତ୍ୟନ୍ତ ଆତଙ୍କିତ ହୋଇପଡ଼ିଥିଲେ। ଅତଏବ ତାଙ୍କୁ ଖୁସି କରି ନିଜର ସ୍ଥିତିକୁ ରକ୍ଷା କରିବା ପାଇଁ ସେମାନେ ସେତେବେଳର ଅନ୍ୟତମ କଂଗ୍ରେସ ନେତା ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ସହାୟତାରେ ନେହେରୁଙ୍କୁ ଭେଟି ଉପହାର ସ୍ୱରୂପ ଉକ୍ତ ସେଙ୍ଗୋଲକୁ ଦେଇଥିଲେ। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ନେହେରୁଙ୍କ ପାଇଁ ତାହା ଏକ ନିଛକ ଉପହାର ବ୍ୟତୀତ ଅନ୍ୟ କିଛି ନ ଥିଲା।

ଯଦିବା କ୍ଷମତା ହସ୍ତାନ୍ତରର ପ୍ରତୀକ ଭାବେ ସେଙ୍ଗୋଲ ନେଇ ସରକାରଙ୍କ ବ୍ୟାଖ୍ୟାକୁ ଠିକ୍ ବୋଲି ଗ୍ରହଣ କରାଯିବ, ତା'ହେଲେ ଆଜି ତା'ର ଆବଶ୍ୟକତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ୧୯୪୭ ପରେ ଆମେ ରାଜରାଜୁଡ଼ାଙ୍କ ସାମନ୍ତବାଦୀ ଶାସନକୁ ସମାପ୍ତ କରି ଦେଶକୁ ଏକ ସଂସଦୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିବା ପରେ ସମ୍ବିଧାନ ହିଁ ରାଷ୍ଟ୍ର କ୍ଷମତାର ପ୍ରତୀକ ହୋଇଆସିଛି। ଏଭଳି ସ୍ଥଳେ ସେଙ୍ଗୋଲ ପରି ଏକ ସାମନ୍ତବାଦୀ ବ୍ୟବସ୍ଥା ଓ ଶାସନ କ୍ଷମତାର ପ୍ରତୀକକୁ ନେଇ ସମ୍ମୋହନ ଲଜ୍ଜାଜନକ ମନେହୁଏ। ଭାରତକୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ବୋଲି ଦାବି କରୁଥିବା ପ୍ରଧାନମନ୍ତ୍ରୀ ସେଦିନ କେଉଁ ଆଧାରରେ ସେଙ୍ଗୋଲ ଗ୍ରହଣ କରିଲେ ? ସେଙ୍ଗୋଲ ଗ୍ରହଣ ନାଁରେ ସେଦିନ ନୂତନ ସଂସଦ ଭବନରେ ଯେଉଁ ଆଡ଼ମ୍ବର କରାଗଲା ତାହା କୌଣସି ରାଜ୍ୟାଭିଷେକ ଉତ୍ସବଠାରୁ କମ୍ ନ ଥିଲା।

ଦେଶର ନୂତନ ସଂସଦ ଭବନକୁ ଉଦ୍‌ଘାଟନ କଲାବେଳେ ଯେଉଁଭଳି ଭାବେ କେବଳ ଗୋଟିଏ ଧର୍ମର ପୁରୋହିତ ଓ ମହନ୍ତମାନଙ୍କୁ ଡାକି ସେଠାରେ ସେମାନଙ୍କ ସମ୍ମୁଖରେ ଖୋଦ ଶାସନମୁଖ୍ୟ ସାଷ୍ଟାଙ୍ଗ ପ୍ରଣିପାତ କରି ଯଜ୍ଞ ଏବଂ ମନ୍ତ୍ରୋଚ୍ଚାରଣ କଲେ, ତାହା ଏକ ଧର୍ମନିରପେକ୍ଷ ରାଷ୍ଟ୍ର ପ୍ରତି ଅତ୍ୟନ୍ତ ଲଜ୍ଜାଜନକ ମନେହେଲା। ସବୁଠାରୁ ବଡ଼କଥା ହେଲା, ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ରାଷ୍ଟ୍ର ସମସ୍ତଙ୍କୁ ନ୍ୟାୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତା'ର ବିପରୀତ ସରକାର ଏକଚ୍ଛତ୍ରବାଦୀ ରାଜତନ୍ତ୍ରର ପ୍ରତୀକ ସିଙ୍ଗୋଲ ଜରିଆରେ ସରକାର ଆଗାମୀ ଦିନରେ ଏକ ଉଚ୍ଚଜାତିର ଅହଙ୍କାରଭରା ତଥା ପୁରୁଷବାଦୀ ହିନ୍ଦୁରାଷ୍ଟ୍ରର ନିର୍ମାଣ ଦିଗରେ ଅଗ୍ରସର ହେବାକୁ ସୂଚନା ଦେଇଛନ୍ତି।

ମୋ:୯୪୩୭୧୬୬୩୯୧

# ନଦୀ ନାଳର ମାଛ



ପ୍ରମୋଦ କୁମାର ପଣ୍ଡା

ଆମ ରାଜ୍ୟ ନଦୀ ନାଳର ରାଜ୍ୟ। ତା' ଛଡ଼ା ପୂର୍ବ ଉପକୂଳ ଓ ନଦୀ ଅବବାହିକାରେ ଅନେକ ଖାଲୁଆ ବା ଯୋର ବା ପାଟ ଜମି ମହଜୁଦ ଅଛି। ବର୍ତ୍ତମାନ ହୀରାକୁଦ, ରେଙ୍ଗାଲୀ, ହଦଗଡ଼, ମାଛକୁଣ୍ଡ ଓ କୋଲାବ ନଦୀ ବନ୍ଧ ଯୋଜନା କାର୍ଯ୍ୟକାରୀ ହୋଇଛି ଓ ସେମାନଙ୍କର କେନାଲ ନେଟୱର୍କ ମଧ୍ୟ ରହିଛି। ଏଗୁଡ଼ିକ ବ୍ୟତୀତ ଆହୁରି ଅନେକ କ୍ଷୁଦ୍ର ଓ ମଧ୍ୟମଧରଣର ଜଳସେଚନ ଯୋଜନା କାର୍ଯ୍ୟକାରୀ ମଧ୍ୟ ହୋଇଛି ଓ ସେଗୁଡ଼ିକର କେନାଲ ନେଟୱର୍କ ମଧ୍ୟ ରହିଛି। ଓଡ଼ିଶାରେ ୨୪,୮୭୮ କିଲୋମିଟରର ନଦୀ ଓ କେନାଲ ନେଟୱର୍କ ଅଛି, ଯାହାକି ଦେଶରେ ଦ୍ୱିତୀୟ । ମହାରାଷ୍ଟ୍ର ୨୯,୫୩୦ କିଲୋମିଟରର ନଦୀ ଓ କେନାଲ ନେଟୱର୍କ ସହିତ ଦେଶରେ ପ୍ରଥମ। ଆଦିମ କାଳରୁ ପ୍ରାକୃତିକ ଜଳାଶୟରୁ ମାଛ ମାରିବା ଓଡ଼ିଆମାନଙ୍କର ଏକ ଜୀବିକା ମଧ୍ୟ ଥିଲା।

ବିଗତ କେତେ ଦଶନ୍ଧି ଯଦିଓ କୃତ୍ରିମ ଉପାୟରେ ମାଛ ଚାଷ ଦ୍ୱାରା ଆମେ ଆମ ରାଜ୍ୟର ମାଛ ଉତ୍ପାଦକୁ ବହୁଗୁଣିତ କରିପାରିଛେ, ମାତ୍ର ପ୍ରାକୃତିକ ଉପାୟରେ ବଢୁଥିବା ମାଛ ଉତ୍ପାଦନ ରାଜ୍ୟରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ପ୍ରାକୃତିକ ଜଳାଶୟରୁ ଆନ୍ଧ୍ରପ୍ରଦେଶ ବାର୍ଷିକ ହେକ୍ଟର ପିଛା ୩୬.୪୮ କିଲୋଗ୍ରାମ୍ ମାଛ ଉତ୍ପାଦନ କରୁଥିବା ବେଳେ ଓଡ଼ିଶା ମାତ୍ର ୯.୭୨ କିଲୋଗ୍ରାମ୍ ଉତ୍ପାଦନ କରୁଛି। ତା'ର ଅନେକ କାରଣ ମଧ୍ୟ ଅଛି। ଯେମିତି ଅତ୍ୟଧିକ ସାର, କୀଟନାଶକ ପ୍ରୟୋଗ ଦ୍ୱାରା ଜଳାଶୟ ଦୂଷିତ, ମାଛ ଅଣ୍ଡା ଦେବା ଋତୁରେ ମାଇ ଓ ଅଣ୍ଡିରା ମାଛ ଧରିବା, ନଦୀ ନାଳରେ ବନ୍ଧ ପକାଇ ତାକୁ ଶୁଷ୍କ କରିଦେବା, ଅତ୍ୟଧିକ ମାଛ ଧରିବା, ନଦୀ ନାଳର ଗଣ୍ଡକୁ ଡିଜେଲ ପମ୍ପ ସାହାଯ୍ୟରେ ଶୁଖାଇ ସବୁ ମାଛ ଧରିନେବା ଇତ୍ୟାଦି ଇତ୍ୟାଦି। ଆଜି ମଧ୍ୟ ଓଡ଼ିଶାର ଲୋକ ନଦୀ ବା ନାଳ ପ୍ରଭୃତି ଜଳାଶୟରେ ପ୍ରାକୃତିକ ଉପାୟରେ ବଢୁଥିବା ମାଛକୁ ଅଧିକ ପଇସା ଦେଇ କ୍ରୟ କରିବାକୁ ପଛାନ୍ତି ନାହିଁ। ବିଭିନ୍ନ କାରଣରୁ ନଦୀ ନାଳରେ ବଡ଼ ମାଇ ଓ ଅଣ୍ଡିରା ମାଛ ଅନୁପସ୍ଥିତି ମାଛ ଉତ୍ପାଦନକୁ କମ୍ କରିଛି। ସାଧାରଣତଃ ମାଛ ଚଳନ୍ତି ପାଣିରେ ଅଣ୍ଡା ଦେବା ପସନ୍ଦ କରନ୍ତି। ତିନି ଚାରି ଦଶନ୍ଧି ପୂର୍ବେ ନଦୀ ନାଳରେ ପ୍ରଚୁର ପରିମାଣରେ ମିଳୁଥିବା ଦେଶୀ ମାଛ ଯଥା ଶେଉଳ, ବାଳିଆ, ଫଳି, ପବତା, ସେରେଣା, ଗଡିଶ, ଚେଙ୍ଗ, ମାଗୁର, କଉ, ସିଙ୍ଗି, କଣ୍ଟିଆ, ଛେଲାକେରାଣ୍ଡି, ତୋଡି, ବମି, ବାଲିକିରା, ବାଟୁଲି, ମଉରାଳି ଇତ୍ୟାଦି ଆଉ ଅଧିକ ପରିମାଣରେ ଦେଖିବାକୁ ମିଳୁନି। କିଛି ବର୍ଷ ପରେ ଆମର ଆଗାମୀ ପିଢ଼ି ଆଉ ଏ ସବୁ ସୁସ୍ୱାଦୁ ମଧୁର ମାଛ ଖାଇବାକୁ ପାଇବେ ନାହିଁ। ଏହିପରି ଆଗରୁ ଯେତେ ପରିମାଣର ଇଲିଶି ମାଛ ଉପଲବ୍ଧ ହେଉଥିଲା, ସେ ସବୁ ବି କମିଗଲେଣି। ଏଣୁ ମାଛ ଧରାକୁ ଜୀବିକା କରି ବଞ୍ଚୁଥିବା ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ଜୀବନ ଜୀବିକା ବର୍ତ୍ତମାନ ସଂକଟାପନ୍ନ। ଏହାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ନଦୀ ନାଳରୁ ପ୍ରଚୁର ପରିମାଣର ମାଛ ନ ମିଳିବା। ଯେହେତୁ ଆମ ପାଖରେ ନଦୀ, ନାଳ ଓ କେନାଲ ଯୋର ଇତ୍ୟାଦି ଭରି ରହିଛି, ସେ ସବୁକୁ ଆମେ ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ଉପଯୋଗ କରିପାରିବା। ବିଭିନ୍ନ ପ୍ରକାର ଯାଆଁଳକୁ ଆମେ କୃତ୍ରିମ ଉପାୟରେ ପ୍ରସ୍ତୁତ କରି ବିଭିନ୍ନ ନଦୀ ନାଳରେ ବର୍ଷାଦିନେ ଛାଡିଲେ, ତାଙ୍କର ବଂଶ ବୃଦ୍ଧି ହେବ ଓ ମତ୍ସ୍ୟଜୀବୀଙ୍କର ଜୀବନଧାରଣ ମାନରେ ବୃଦ୍ଧି ଘଟିବ। ନଦୀ ନାଳରେ ମାଛ ସଂଖ୍ୟା ବଢ଼ିଲେ ଜଳ ପ୍ରଦୂଷଣ ମଧ୍ୟ ହ୍ରାସ ପାଇବ। ଏଥିପାଇଁ ଅଧିକ ଖର୍ଚ୍ଚର ଆବଶ୍ୟକତା ନାହିଁ। ବିଭିନ୍ନ ସଂସ୍ଥାରୁ ଯାଆଁଳ କିଣି ନଦୀ ନାଳରେ ଛାଡିବା। ଏହାକୁ ଏକ ପରିଯୋଜନା ହିସାବରେ ଆମେ ସରକାରୀ ଖର୍ଚ୍ଚରେ ସମଗ୍ର ରାଜ୍ୟରେ କରିପାରିବା। କାରଣ ଏଥିପାଇଁ ବେସରକାରୀ ସ୍ତରରେ କେହି ଆଗକୁ ଆସିବେ ନାହିଁ। ଆମେ ବିଭିନ୍ନ କମ୍ପାନୀରୁ ମିଳୁଥିବା ସିଏସ୍‌ଆର (ସମାଜ କଲ୍ୟାଣ ପାଣ୍ଠି) ଫଣ୍ଡରୁ ଅର୍ଥ ନେଇ ଏପରି କରିପାରିବା।



ନଦୀ ନାଳର ବିଭିନ୍ନ ଜାଗାରେ କୃତ୍ରିମ ଉପାୟରେ ଗଣ୍ଡ ନିର୍ମାଣ କଲେ ସେଠାରେ ବର୍ଷ ସାରା ପାଣି ରହିବ ଓ ବ୍ରିଡିଙ୍ଗ ଷ୍ଟକ୍ (ଅଣ୍ଡା ଦେଉଥିବା ମାଛ) ମଧ୍ୟ ରହିବେ, ଯାହାକି ବର୍ଷା ଋତୁରେ ହଜାର ହଜାର ଅଣ୍ଡାଦାନ ଦ୍ୱାରା ଆପେ ଆପେ ବଂଶ ବୃଦ୍ଧି କରିବେ। ଖରାଦିନେ ନଦୀ ନାଳର ଗଣ୍ଡକୁ କୃତ୍ରିମ ଉପାୟରେ ଶୁଖାଇବା ବିରୋଧରେ ଆଇନ ପ୍ରଣୟନ ହେବା ଆବଶ୍ୟକ। କାରଣ ନଦୀ ନାଳରେ ପାଣି ନ ରହିଲେ ବିଭିନ୍ନ ପ୍ରକାର ପକ୍ଷୀ, ଜୀବଜନ୍ତୁ ଯଥା ନେଉଳ, ଶିଆଳ, ଗୁଣ୍ଡୁଚିମୂଷା, ଓଧ, ସାପ, କୋକିଶିଆଳି, ମୂଷା, ଗୋଧି ଆଦି ବଞ୍ଚିବା କଷ୍ଟ। ଆମର ଜୈବବିବିଧତା ନଷ୍ଟ ହେବ। ଦେଶୀ କଇଁଛ, କୁମ୍ଭାଟୁଆ ଓ ପାଣିକୁକୁଡ଼ା ପ୍ରଭୃତିଙ୍କ ବଂଶ ପ୍ରାୟ ଲୋପ ପାଇଗଲାଣି। ନଦୀ ନାଳରେ ମାଛ ରହିଲେ ମାଛରଙ୍କା ପକ୍ଷୀ ମଧ୍ୟ ବଞ୍ଚିବେ। ଆସନ୍ତୁ ସମସ୍ତେ ଏ ବିଷୟରେ ଗୁରୁତ୍ୱକୁ ଉପଲବ୍ଧି କରି ନଦୀ ନାଳ, ଜଳଭଣ୍ଡାର ପ୍ରଭୃତି ପ୍ରାକୃତିକ ଓ କୃତ୍ରିମ ଜଳାଶୟରେ ମାଛ ଯାଆଁଳ ଛାଡ଼ିବା ପାଇଁ ବିତ୍ତୀୟ ବ୍ୟବସ୍ଥା କରି ଜନ ସହଭାଗିତାରେ ଏହାକୁ କାର୍ଯ୍ୟକାରୀ କରିବା। ଛୋଟ ଛୋଟ ଯାଆଁଳକୁ ଧରିପାରୁଥିବା କ୍ଷୁଦ୍ର ରନ୍ଧ୍ରଯୁକ୍ତ ଜାଲ ଯାହାକି ନିଷିଦ୍ଧ ଅଛି ତାହାର ବିକ୍ରି କିପରି ବନ୍ଦ ହେବ ସେ ବିଷୟରେ କାର୍ଯ୍ୟ କରିବାକୁ ପଡ଼ିବ। ନଦୀ ନାଳରେ ବିଷ ପକାଇ ମାଛ ଓ ଅନ୍ୟାନ୍ୟ ଜଳଜୀବଙ୍କୁ ମାରିବାକୁ ନିଷିଦ୍ଧ କରି ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ଆମ ପୂର୍ବପୁରୁଷ ଆମ୍ଭମାନଙ୍କୁ ଯେଉଁ ମଧୁର ଜଳ ମତ୍ସ୍ୟସମ୍ପଦ ଦେଇଯାଇଛନ୍ତି ତା'ର ସୁରକ୍ଷା ବିଷୟରେ ଚିନ୍ତା କରି କାର୍ଯ୍ୟ କରିବାକୁ ପଡ଼ିବ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର),ଭୁବନେଶ୍ୱର**
**ମୋ-୮୯୧୭୪୨୬୪୪୦**

## ଏଇ ଭାରତରେ

ଗଛର ମହତ୍ତ୍ୱ ବୁଝାଇବାକୁ ମହାରାଷ୍ଟ୍ରର ଜଣେ ଯୁବକ ତାଙ୍କ ଘରେ ଏକ ବିହନ ବ୍ୟାଙ୍କ ଖୋଲିଛନ୍ତି। ଲାତୁର ଜିଲାର ରେନାପୁର ତହସିଲର ବାସିନ୍ଦା ୩୬ ବର୍ଷ ବୟସ୍କ ଶିବଶଙ୍କର ଚୋପାଲେ ଏହି ବିହନ ବ୍ୟାଙ୍କରୁ ଲୋକଙ୍କୁ ମାଗଣାରେ ବିହନ ଯୋଗାଉଛନ୍ତି। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ଛାତ୍ର ଓ ନାଗରିକ ଗଛ ଲଗାଉଛନ୍ତି। ତିନି ବର୍ଷ ପୂର୍ବେ ସେ ଏହି ପଦକ୍ଷେପ ଆରମ୍ଭ କରିଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସେ ପ୍ରାୟ ୫,୦୦୦ ଲୋକ ଏବଂ ବହୁ ଏନ୍‌ଜିଓକୁ ମଞ୍ଜି ବଣ୍ଟନ କରିଛନ୍ତି। ଏହି ବିହନ ବ୍ୟାଙ୍କ ତାଙ୍କ ଘରେ ଖୋଲିଛନ୍ତି। ଏଥିରେ ୧୫୦ ପ୍ରକାରର ବିହନ ଅଛି। ଏକ ଘରୋଇ ଗ୍ୟାସ ଏଜେନ୍ସିରେ କାର୍ଯ୍ୟ କରୁଥିବା ଚୋପାଲେ କହିଛନ୍ତି, ସେ ଗଛ ଲଗାଇବା ପାଇଁ ଲୋକଙ୍କୁ ମାଗଣା ବିହନ ସହ ପରିବେଶ ସୁରକ୍ଷା ପାଇଁ ପ୍ରୟାସ କରୁଛନ୍ତି। ସେ ଏକ ବିହନ ବ୍ୟାଙ୍କ ମାଧ୍ୟମରେ ବୃକ୍ଷରୋପଣ ବୃଦ୍ଧି ସହ ପରିବେଶ ପ୍ରତି ଲୋକଙ୍କୁ ସଚେତନ କରୁଛନ୍ତି। ଶିବ ଶଙ୍କର କେବଳ ଦ୍ୱାଦଶ ପର୍ଯ୍ୟନ୍ତ ପଢ଼ିଛନ୍ତି। ପିଲାଦିନରୁ ସେ ପ୍ରକୃତିକୁ ଭଲ ପାଉଥିଲେ। ସେ ମଧ୍ୟ ପ୍ଲାଷ୍ଟିକ ବୋତଲଗୁଡ଼ିକର ପୁନଃବ୍ୟବହାର ବିଷୟରେ ଲୋକଙ୍କୁ ସଚେତନ କରୁଛନ୍ତି। ଲୋକମାନେ ଏହି ଅଭିଯାନରେ ତାଙ୍କୁ ସମର୍ଥନ କରୁଛନ୍ତି। ଲାତୁର ଜିଲା ପରିଷଦର କୃଷି ବିଭାଗର ଅଭିଯାନ ଅଧିକାରୀ ଗୋପାଲ ଶେରଖାନେ ଚୋପାଲେଙ୍କୁ ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜୁନ୍ ୧୯୯୮

- ଉପନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି କଂଗ୍ରେସ ବିଧାୟକ ଦଳ ନେତା ପଦରୁ ହିମାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ଇସ୍ତଫା ପ୍ରଦାନ।
- ଯୁବ ଦ୍ରୁତ ବୋଲର ପ୍ରଶାନ୍ତ ବୈଦ୍ୟଙ୍କ କ୍ରିକେଟରୁ ଅବସର ଘୋଷଣା।

## su | do | ku

Puzzles by Srikant Ghosh

### ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | | | | | | 9 | 6 |
| 7 | | | | | 3 | | | 8 |
| 5 | | | | 9 | | | 2 | |
| | | 4 | | 6 | | | 1 | |
| | | | | 1 | | | | 5 |
| 9 | | 5 | | | | | 3 | |
| | | 8 | | 5 | | | | 3 |
| | | | | | | 1 | | |
| 1 | | 9 | 8 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 8 | 7 | 6 | 2 | 9 | 1 | 5 |
| 6 | 7 | 9 | 5 | 8 | 1 | 4 | 2 | 3 |
| 2 | 1 | 5 | 9 | 4 | 3 | 6 | 7 | 8 |
| 3 | 2 | 6 | 1 | 7 | 9 | 8 | 5 | 4 |
| 9 | 5 | 7 | 4 | 2 | 8 | 3 | 6 | 1 |
| 1 | 8 | 4 | 6 | 3 | 5 | 7 | 9 | 2 |
| 8 | 9 | 3 | 2 | 1 | 6 | 5 | 4 | 7 |
| 7 | 6 | 1 | 3 | 5 | 4 | 2 | 8 | 9 |
| 5 | 4 | 2 | 8 | 9 | 7 | 1 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୃଥିବୀ ସୁରକ୍ଷିତ ନୁହେଁ

ମହାଶୟ,

ନଦୀ ମାତା, ନଦୀ ଦାତା, ନଦୀ ହିଁ ଭାଗ୍ୟବିଧାତା। କାଳେ କାଳେ ନଦୀ କୂଳେ ଗଢ଼ି ଉଠିଅଛି କେତେ କେତେ ଗ୍ରାମ, ଜନପଦ ଓ ନଗର। ଆଉ ନଦୀକୂଳେ ସମାଜ ସାଥିକୁ ସୃଷ୍ଟି ହୋଇଥାଏ ସଂସ୍କୃତି ଓ ସଭ୍ୟତାର ଭବ୍ୟମାନଚିତ୍ର । ନଦୀ ନ ଥିଲେ ମିଳେ ଚିର ମରୁଭୂମିର ନିରବଚ୍ଛିନ୍ନ ଦୁଃଖ ଏବଂ ଅନଟନ ଓ ହା-ଅନ୍ନର ଭୟଙ୍କର ହାହାକାର । ଜଙ୍ଗଲର ଦ୍ରୁତ ହ୍ରାସ, ପୃଥିବୀର ଜଳସ୍ତରରେ ପତନ କ୍ରମଶଃ ଅନେକ ସ୍ଥାନରେ ଶୁଷ୍କ ଜଳବାୟୁ ଏବଂ ପୃଥିବୀର ଅନେକ ସ୍ଥାନ ମରୁଭୂମିରେ ପରିଣତ ହେବାର ଦ୍ରୁତ ପ୍ରକ୍ରିୟା ଯୋଗୁ ପୃଥିବୀ ସୁରକ୍ଷିତ ନୁହନ୍ତି । ଅବିଭକ୍ତ ପୁରୀ ଜିଲାରେ କୁଆଖାଇ, କୁଶଭଦ୍ରା, ଦୟା ଓ ଭାର୍ଗବୀ ନଦୀଗୁଡ଼ିକର ଅଭ୍ୟୁଦୟ ଘଟିଛି । ପ୍ରାଚୀନ କାଳର ପ୍ରାଚୀ ନଦୀର ମୁଖ୍ୟଧାର ଆଜି ବିଲୁପ୍ତ। ନଦୀ ବିନା ଜୀବନ ଅଚିନ୍ତନୀୟ। ନଦୀର ଜଳଧାର କହେ, 'ମୋତେ ତୁମେ ରକ୍ଷାକର, ମୁଁ ତୁମକୁ ରକ୍ଷା କରିବି ।'

**-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଯେତେ ରୂପ ଅବୟବ
ସବୁଠାରୁ ଦିଶେ ହୋଇ ବଡ଼
ରୂପାନ୍ତର ଘେନି କେତେ
ହୋଇଛି ସେ ଜଡ଼ ଖାଲି ଜଡ଼ !
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପଞ୍ଚାୟତସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଗ୍ରାମ ଗୋଟୋମୁଣ୍ଡା ଗ୍ରାମପଞ୍ଚାୟତସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପଦ୍ମିନୀ ପୁଝାରିଙ୍କ ସଭାପତିତ୍ୱରେ ବିଡିଓ ଉତ୍ତମ କୁମାର ବାଗ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଜିପିଇଓ ନାରାୟଣ ଭୋଇ, ସମିତି ସଭ୍ୟା ଶାମୁକା ନାଏକ, ନାଏବ ସରପଞ୍ଚ ପାର୍ଥବ ମାଝି, ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି ଉପସ୍ଥିତ ଥିଲେ। ଜନଶୁଣାଣିରେ ଆବାସ ଘର, ପିଡିଏସ, ଭତ୍ତା, ରାସ୍ତାଘାଟ, ଜମି ମରାମତି ସମସ୍ୟା ଅଭିଯୋଗ କରିଥିବା ଜଣାପଡିଛି। ଅଧିକାରୀମାନେ ଅଭିଯୋଗ ଶୀଘ୍ର ସମାଧାନ କରାଯିବା ନେଇ କହିଛନ୍ତି।

# ୧୫ ଦିନରେ ଉଠିଛି ୧୦ ଲକ୍ଷ କ୍ୱିଣ୍ଟାଲ ଧାନ

**ଭବାନୀପାଟଣା,୬।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଚଳିତ ରବି(ଡାଲଅ) ଧାନ ବିକ୍ରୟ ପାଇଁ ଗତ ୨୨ ତାରିଖଠୁ ମଣ୍ଡି ଖୋଲାଯାଇଛି। ଜିଲାରେ ସମୁଦାୟ ୧୨୪ଟି ମଣ୍ଡି ହୋଇଥିବାବେଳେ ସେଥିମଧ୍ୟରୁ ୧୦୨ଟିରେ ପାକ୍ସ ଓ ଅବଶିଷ୍ଟ ୨୨ଟିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରୁଛି। ସେହିପରି ୧୨୪ଟି ମଣ୍ଡିରେ ଧାନ ଉଠାଣ ପାଇଁ ୬୬ଟି ମିଲର୍ସଙ୍କୁ ନିୟୋଜିତ କରାଯାଇଛି। ଚଳିତ ରବିରେ ଜିଲାରେ ୨୨ ଲକ୍ଷ ୨୪ ହଜାର ଧାନ କିଣିବାର ଟାର୍ଗେଟ ରହିଥିବାବେଳେ ସୋମବାର ସୁର୍ଦ୍ଧା ପ୍ରାୟ ୧୦ ଲକ୍ଷ ଧାନ ଉଠାଣ କରାଯାଇଥିବା ଜଣାପଡିଛି। ମଣ୍ଡି ଖୋଲିବା ଦିନଠୁ ବର୍ତ୍ତମାନ ୧୫ ଦିନ ମଧ୍ୟରେ ମୋଟ ଟାର୍ଗେଟଠାରୁ ପ୍ରାୟ ଅଧପ୍ରତିଶତରୁ ଟିକେ କମ୍ ଧାନ ଉଠାଣ କରାଯାଇଛି। ଅନ୍ୟପଟେ, ଦିନରେ ଅସହ୍ୟ ଖରା ଓ ଅପରାହ୍ନରେ କାଳବୈଶାଖୀ ଯୋଗୁ ଧାନ କିଣା ପ୍ରଭାବିତ ହୋଇଛି। ଜିଲାର ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ବର୍ଷା ସମୟରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଯଦିଓ ଆରଏମସି ପକ୍ଷରୁ ମଣ୍ଡିରେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀଙ୍କ ପାଇଁ ପାଳ ଯୋଗାଇ ଦିଆଯାଉଥିବାବେଳେ ତାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ହୋଇଛି। ଖଳାରେ ଧାନରଖି ଥିବା ଓ ବିଲରେ ଧାନ କାଟି ନ ଥିବା ଚାଷୀଙ୍କ ପାଇଁ କାଳବୈଶାଖୀ ଦାଉ ସାଧିଛି। ଜୁନାଗଡ ବ୍ଲକ ଚିଚୈଗୁଡା ମଣ୍ଡିରେ ଶ୍ରମିକ ଅଭାବରୁ ଧାନ କିଣା ମନ୍ଥର ପ୍ରକିୟାରେ ଚାଲିଛି। ଧାନ ବିକ୍ରି କରିବା ଗତ ସପ୍ତାହକ ତଳେ ଟୋକନ ପାଇଥିବା ଚାଷୀମାନେ ବର୍ତ୍ତମାନ ସୁଦ୍ଧା ମଧ ଧାନ ବିକ୍ରି କରି ପାରିନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ଏହି ପଞ୍ଚାୟତର ନୂଆଗୁଡା ମଣ୍ଡି ପ୍ରତିବର୍ଷ ଖୋଲୁଥିବାବେଳେ ଏଥର ପ୍ରଶାସନ ପକ୍ଷରୁ ବାଦ ଦିଆଯାଇଛି। ଖୋଲା ଆକାଶ ତଳେ ରହିଥିବା ଦର୍ଶାଇ ଏହି ମଣ୍ଡିକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ତେବେ ଏହି ଅଞ୍ଚଳର ପ୍ରାୟ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାବେଳେ ସେଗୁଡିକୁ ବନ୍ଦ କରା ନ ଯାଇ କେବଳ ନୂଆଗୁଡା ମଣ୍ଡିକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯିବା ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବର୍ତ୍ତମାନ ଏହି ଗ୍ରାମର ଚାଷୀମାନେ ୨ କି.ମି. ଦୂର ଚିଚୈଗୁଡା ମଣ୍ଡିକୁ ନେଇ ଖର୍ଚ୍ଚାନ୍ତର ହେବା ସହ ନାନାଦି ଅସୁବିଧାର ସମ୍ମୁଖୀନ ହୋଇ ଧାନ ବିକ୍ରି କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।


ଜୁନାଗଡ଼ ବ୍ଲକର ଏକ ମଣ୍ଡିରେ ଧାନ କିଣା ଚାଲିଛି।

- ୨୨ ଲକ୍ଷ ୨୪ ହଜାର କିଣିବା ଟାର୍ଗେଟ
- ଜିଲାରେ ଖୋଲିଛି ୧୨୪ ମଣ୍ଡି
- ୧୦୨ରେ ପାକ୍ସ, ୨୨ରେ ସ୍ୱୟଂ ସହାୟକ ଗୋଷ୍ଠୀ
- କିଣିବା ପାଇଁ ୬୬ ମିଲର୍ସଙ୍କୁ ନିୟୋଜିତ

# ଲଡୁଗାଁ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

**କୋକସରା,୬।୬(ଡି.ଏନ.ଏ.):** ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପ୍ରକୃତି ମିତ୍ର ଉତ୍ସବ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଫେରେନ୍ସ ହଲଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଉଚ୍ଚ ବିଦ୍ୟାଳୟକୁ ୨୦୨୩ ପାଇଁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ପ୍ରକୃତି ମିତ୍ର ପାଇଥିବା ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଛନ୍ତି। ଏହି କ୍ରମରେ କୋକସରା ବ୍ଲକ ଲଡୁଗାଁ ଉଚ୍ଚ ବିଦ୍ୟାଳୟ ପରିବେଶ ସୁରକ୍ଷା ଓ ସନ୍ତୁଳନ ପାଇଁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବା ବେଳେ ସ୍କୁଲ ପକ୍ଷରୁ ଶିକ୍ଷକ ବୁଦ୍ଧିରାମ ନାଏକ ମୁଖ୍ୟଅତିଥିଙ୍କଠାରୁ ଟ୍ରଫି ସହ ମାନପତ୍ର ଗ୍ରହଣ କରିଥିଲେ।

# ଚାଷୀଙ୍କ ରୟତି ଜମିରେ ପ୍ରଧାନମନ୍ତ୍ରୀ ରାସ୍ତା କାମ

**ନୂଆପଡ଼ା ଅଫିସ,୬।୬**

**ସ୍ଥାୟୀ ସମାଧାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର**

ନୂଆପଡା ଜିଲା କୋମନା ତହସିଲ ଅନ୍ତର୍ଗତ ଧରମପୁରଠାରୁ ହାତିସରା ଓ କରଙ୍ଗାଭଟାଠାରୁ ଧରମପୁର ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ଚାଲିଛି। ହେଲେ ଚାଷୀଙ୍କ ରୟତି ଜମି ଉପରେ ନିର୍ମାଣ ହେଉଥିବାରୁ ଏହାକୁ ବିରୋଧ କରାଯାଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ନୂଆପଡା ଜିଲାପାଳ ହେମକାନ୍ତ ସାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ କୋମନା ତହସିଲ ଅନ୍ତର୍ଗତ ତରବୋଡ ଓ ଦର୍ଲିପଡା ପଞ୍ଚାୟତ ମଧ୍ୟ ଭାଗରେ ଧରମପୁରଠାରୁ ହାତିସରା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା କାମ ଚାଲିଛି। ନିର୍ମାଣ ହେଉଥିବା ରାସ୍ତା କଡରେ ଅନେକ ଚାଷୀଙ୍କ ରୟତି ଜମି ରହିଛି। ଠିକାଦାର ଡିମାରକେସନ ନ କରି ଚାଷୀଙ୍କ ଚାଷ ଜମି ଉପରେ ରାସ୍ତା କାମ କରି ଚାଲିଛନ୍ତି। ସେହିପରି ସିଆଲଲଟି ପଞ୍ଚାୟତ କରଙ୍ଗାଭଟାଠାରୁ ଧରମପୁର ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ମଧ୍ୟ ଅଧିକାଂଶ ଚାଷୀଙ୍କ ଚାଷ ଜମି ରାସ୍ତାରେ ଯାଉଛି। ଠିକାଦାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ଜିଲାପାଳଙ୍କଠାରେ ଚାଷୀମାନେ ଦାବି କରିଛନ୍ତି। ଚାଷୀଙ୍କ କହିବା ମୁତାବକ ଯେଉଁ ପର୍ଯ୍ୟନ୍ତ ଡିମାରକେଶନ କରା ନ ଯାଇଛି, ସେ ପର୍ଯ୍ୟନ୍ତ ରାସ୍ତା କାମ ବନ୍ଦ କରି ଦିଆଯାଉ, ଡିମାରକେଶନ କରି ଚାଷୀଙ୍କ ରୟତି ଜମି ଚିହ୍ନଟ କରି କ୍ଷତିପୂରଣ ଦେବା ପରେ ରାସ୍ତା କାମ ଆରମ୍ଭ କରାଯାଉ ବୋଲି ଗୋବର୍ଦ୍ଧନ ମାଝି, ମାଧବ ମାଝି, ଘନଶ୍ୟାମ ମାଝି, ପୂର୍ଣ୍ଣ ମାଝି, ଚମରେନ ମାଝି ପ୍ରମୁଖ ଦାବି କରିଛନ୍ତି।

**PARADIP PORT AUTHORITY**
**MARINE DEPARTMENT**
**No.MD/ACCTS-WK-R-4/2022/731 Date:02/06/2023**
**Second Corrigendum to e-Tender Call Notice (e-TCN) No.: MD/ACCTS/WK-R-4/2022/499 dt. 19/04/2023**
Name of the Work: "Supply of 01 No.60 Ton Bollard Pull Tug along with Manning crew on Hire for Marine Operation at SPMs and inside Harbour at Paradip for a period of seven years". Estimated Cost put to tender: ₹ 75,48,71,148/-. With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 hours on Dt.26.06.2023. Technical Bids shall be opened at 16:00 hours on Dt.27.06.2023. For details, please log on to the Website : https://eprocure.gov.in/eprocure/app .
Dy. Conservator, PPA
PPA/PR/20/2023-24, Dt.06.06.2023

**ଦ.ପୂ. ରେଳପଥ - ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୨୩/୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ। **ଟେଣ୍ଡର ନଂ.:** ଇ-କେଜିପି-ସାଉଥ୍-୧୪-୨୦୨୩। **କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍ (ବାଲେଶ୍ୱର)/କେଜିପିଙ୍କ କ୍ଷେତ୍ରାଧିକାରରେ ଟିଆରଆର, ଟିଏଫଆର, ଟିଟିଆର, ଏସଇଜେ ନବୀକରଣ ଇତ୍ୟାଦି ସମେତ ବିବିଧ ପି.ୱେ ନବୀକରଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧,୧୧,୮୨,୭୩୦.୯୨; **ଅମାନତ ରାଶି:** ₹୨,୦୫,୯୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ (₹):** ୦। **ଖୋଲାଯିବା ତାରିଖ:** ୨୩।୦୬।୨୦୨୩। **କାର୍ଯ୍ୟର ସମାପ୍ତି ଅବଧି:** ୧୨ (ବାର) ମାସ। **ବିଡ଼ିଂ ଆରମ୍ଭ ତାରିଖ:** ତା୦୯।୦୬।୨୦୨୩ରିଖଠାରୁ ତା୨୩।୦୬।୨୦୨୩ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-253)**

## ସଂକ୍ଷେପରେ

### ଗାଡ଼ିମୋଟର ଯାଞ୍ଚ, ୩ ଲକ୍ଷ ୫ ହଜାର ଜରିମାନା ଆଦାୟ

**ଖଡ଼ିଆଳ,୬।୬(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଆମ୍ବେଡକର ଛକଠାରେ ରାଜ୍ୟ ପରିବହନ ବିଭାଗ ଓ ଖଡ଼ିଆଳ ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ୩ ଲକ୍ଷ ୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଅବସରରେ ୪୦ଜଣଙ୍କୁ ଜରିମାନା କରିଥିଲେ। ସେଥି ମଧରେ ୩ ଜଣ ମଦ୍ୟପାନ କରି ଗାଡି ଚଳାଉଥିବା ଜଣାପଡିଥିଲା, ସେମାନଙ୍କ ଗାଡି ଅଟକ ରଖାଯାଇଛି। ଜିଲା ପରିବହନ ଅଧିକାରୀ ବିଜୟ କୁମାର ବେଉରିଆ, ଖଡ଼ିଆଳ ପୋଲିସ ପକ୍ଷରୁ ଏଏସଆଇ ରେବତୀ ଦୁର୍ଗା ଓ କର୍ମଚାରୀମାନେ ଯାଞ୍ଚ ବେଳେ ଉପସ୍ଥିତ ରହିଥିଲେ।

### ଭରୁଆମୁଣ୍ଡା ପଞ୍ଚାୟତ ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର

**ସିନାପାଲି,୬।୬(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନଠାରେ ପରିବେଶ ଦିବସରେ ଆୟୋଜିତ ରାଜ୍ୟସ୍ତରୀୟ ସଭାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭରୁଆମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାନପତ୍ର ସହ କୋଡିଏ ହଜାର ଟଙ୍କା ପୁରସ୍କାର ରାଶି ଚେକ ମାଧମରେ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧମରେ ଯୋଗଦାନ କରିଥିବା ବେଳେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ, ମୁଖ୍ୟ ବନ ସଂରକ୍ଷକ ଦେବିଦତ୍ତ ବିଶ୍ୱାଳ, ପରିବେଶ ବିଭାଗ ନିର୍ଦ୍ଦେଶକ ଡ଼. କେ ମୁରୁଗେଶନ ଓ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ଥିଲେ। ଏ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ମହଲରେ ଆନନ୍ଦ ଉତ୍ସାହ ଦେଖାଯାଇଛି।

### ନୂତନ ପ୍ରାଥମିକ କୃଷି ସମବାୟ ସମିତି ଖୋଲାଯାଉ

**ନୂଆପଡ଼ା ଅଫିସ,୬।୬:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଲଭା ପଞ୍ଚାୟତଠାରେ ଏକ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଖୋଲିବା ପାଇଁ ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୁଚନା ମୁତାବକ ସିଲଭା ପଞ୍ଚାୟତର ଚାଷୀମାନେ ପଟପରପାଲି ଗାଁରେ ଏକ ସାଧାରଣ ସଭା କରି ସର୍ବସମ୍ମତିକ୍ରମେ ସମଲେଶ୍ୱରୀ ପ୍ରାଥମିକ କୃଷି ସମବାୟ ସମିତି ଗଠନ କରି ସରକାରଙ୍କ ନିୟମ ଅନୁଯାୟୀ ଅନଲାଇନ କରାଯାଇଛି। ଅନଲାଇନ କରିବାର ୩ ମାସ ବିତି ଯାଇଥିଲେ ମଧ୍ୟ ଅନୁମୋଦନ ହୋଇନାହିଁ। ସିଲଭା ପଞ୍ଚାୟତ ବାସୀ ଜିଲା କୃଷି ସମବାୟ ସମିତି ଅଧିକାରୀ (ଏଆରସିଏସ)ଙ୍କୁ ଲିଖିତ ଭାବରେ ମଧ୍ୟ ଜଣାଇଛନ୍ତି।
ହେଲେ ଏଯାଏଁ ଅନୁମୋଦନ ନ ହେବାରୁ ଜିଲାପାଳଠାରେ ଲିଖିତ ଭାବେ ଜଣାଇଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ସିଲଭାଠାରେ ଏକ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଖୋଲାଯାଉ ବୋଲି ଜଗନ୍ନାଥ ଶବର, ଅଞ୍ଚଳ ଶବର, ସଭାପତି ଶବର, ଚୈତନ୍ୟ ଶବର, ସାମନ୍ତ ଶବର, ମାଧବାନନ୍ଦ ଶବର, ବଂଶିନାଥ ଶବର, ଅଖିଳ କୁମାର ଶବର, ଦୁର୍ଗା ପ୍ରସାଦ ଶବର, ଗଜରାଜ ରଣା, ଶିବ ଚନ୍ଦ୍ର ସାହୁ, ଜୀବର୍ଦ୍ଧନ ଶବର, ମଧୁସୁଦନ ହଂସ, ଧନୀରାମ ମାଝି, ରାଜ କୁମାର ମାଝି ପ୍ରମୁଖ ଦାବି କରିଛନ୍ତି।

# ୩୦ବର୍ଷ ପରେ ଲକ୍ଷ୍ମୀଙ୍କୁ ମିଳିଲା ବାପାର ପରିଚୟ

**ଭବାନୀପାଟଣା,୬।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିକିଲି ଗ୍ରାମର ବୈକୁଣ୍ଠ ଦୁର୍ଗା ତାଙ୍କ ଝିଅକୁ ୩୦ ବର୍ଷ ପରେ ନିଜ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ପ୍ରକାଶ ଯେ, ୧୯୮୫ରେ ବୈକୁଣ୍ଠ ନାଗପୁର ସହରର କାମେଟିଠାରେ କଳମପୁର ବ୍ଲକ୍ ବାଲିଛଡ଼ାର ଅନିତା ଛତ୍ରିଆଙ୍କୁ ବିବାହ କରିଥିଲେ। ଏହା ପରେ ଅନିତାଙ୍କୁ ଗର୍ଭାବସ୍ଥାରେ ଛାଡ଼ିଦେଇ ନିଜ ଗାଁ ଚିକିଲିକୁ ଫେରି ଆସିଥିଲେ। ଏହା ପରେ ଆଉ ନାଗପୁର ଫେରି ନ ଥିଲେ। ଇତିମଧ୍ୟରେ ଅନିତାଙ୍କ ଲକ୍ଷ୍ମୀ ନାମରେ ଝିଅଟିଏ ଜନ୍ମ ହୋଇଥିଲା। ସେହି ଝିଅଟି ବିଏ ପଢ଼ି ଉଚ୍ଚଶିକ୍ଷିତ ମଧ ହୋଇଥିଲା। ଏଣେ ବୈକୁଣ୍ଠ ପରିବାର ଚାପରେ ଲଡୁଗାଁରେ ଦ୍ୱିତୀୟ ବିବାହ କଲେ। ତାଙ୍କ ଦ୍ୱିତୀୟ ପତ୍ନୀ ଏବେ ଚିକିଲି ଗ୍ରାମର ଆଶାଦିଦି ଭାବେ କାର୍ଯ୍ୟ କରୁଛନ୍ତି। ଇତିମଧ୍ୟରେ ଲକ୍ଷ୍ମୀ ମା' ଅନିତାଙ୍କ ନିକଟରୁ ପିତାଙ୍କ ବାବଦରେ ସବୁ ଜାଣିବା ପରେ ଚିକିଲିକୁ ଆସି ତାଙ୍କୁ ଝିଅ ଭାବେ ଗ୍ରହଣ କରିବାକୁ ବୈକୁଣ୍ଠଙ୍କୁ ଅନୁରୋଧ କରିଥିଲେ। ତେବେ ବୈକୁଣ୍ଠଙ୍କ ଦ୍ୱିତୀୟ ପତ୍ନୀ ତାଙ୍କୁ ଝିଅ ଭାବେ ଗ୍ରହଣ କରିବାକୁ ମନା କରିଦେଲେ। ଫଳରେ ଲକ୍ଷ୍ମୀ କଳମପୁର ବ୍ଲକ୍ ଅଲ୍ ଓଡ଼ିଶା ସିଡ୍ୟୁଲ୍ କାଷ୍ଟ ଫେଡେରେଶନ (ଏଓଏସ୍‌ଏଫ୍)କୁ ନ୍ୟାୟ ପାଇଁ ଦରଖାସ୍ତ କରିଥିଲେ। ଏଓଏସ୍‌ଏଫ୍ ମହାସଚିବ ଯତୀନ୍ଦ୍ର କର ହସ୍ତକ୍ଷେପ କରି ଚିକିଲି ଗ୍ରାମରେ ଏକ ବୈଠକ ଡକାଇଥିଲେ। ବୈଠକରେ ଆପୋସ ସମାଧାନ ପରେ ବୈକୁଣ୍ଠ ଲକ୍ଷ୍ମୀଙ୍କୁ ଝିଅ ଭାବେ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଫଳରେ ୩୦ ବର୍ଷ ଧରି ପିତୃ ପରିଚୟ ପାଇଁ ସଂଗ୍ରାମ କରୁଥିବା ଲକ୍ଷ୍ମୀଙ୍କୁ ନିଜ ବାପାଙ୍କ ପରିଚୟ ମିଳିପାରିଛି।


ଲକ୍ଷ୍ମୀଙ୍କ ସହ ଅନ୍ୟମାନେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକଙ୍କ ବଦଳି ଦାବି

**ଭବାନୀପାଟଣା,୬।୬(ସ୍ୱ.ପ୍ର.)**

**ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଲେ ବ୍ଲକ ଅଧକ୍ଷ**

କଳାହାଣ୍ଡି ଜିଲାର ପ୍ରାୟ ସମସ୍ତ ବ୍ଲକରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ଧରି କାର୍ଯ୍ୟ କରୁଥିବା ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକମାନଙ୍କୁ ଅନ୍ୟତ୍ର ବଦଳି ହୋଇଛି। ଏ ନେଇ ଗତ ୨ ତାରିଖ ଏହାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେମାନଙ୍କୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ ବଦଳି କରିଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ହେଲେ ଜିଲାର କର୍ଲାମୁଣ୍ଡା ବ୍ଲକରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ଧରି କାର୍ଯ୍ୟରତ ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ବିରଞ୍ଚି ଗହୀରଙ୍କୁ ବଦଳି କରା ନ ଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉଦବେଗ ପ୍ରକାଶ ପାଇଛି। ଏପରିକି ବିଭିନ୍ନ ସମୟରେ ତାଙ୍କ ନାଁରେ ସ୍ଥାନୀୟ ଲୋକେ ଅନିୟମିତତା ଅଭିଯୋଗ ଆଣିଥିଲେ ମଧ ତାଙ୍କୁ ବଦଳି କରା ନ ଯିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର କର୍ଲାମୁଣ୍ଡା ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ମହେନ୍ଦ୍ର ରଣା, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଆନନ୍ଦ ନାଗ ପ୍ରମୁଖ ଭବାନୀପାଟଣାରେ ଜିଲାପାଳ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ସ୍ଥାନୀୟ ବ୍ଲକରେ କାର୍ଯ୍ୟରତ ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ବିରଞ୍ଚିଙ୍କୁ ବଦଳି କରିବାକୁ ସେମାନେ ଦାବି କରିଛନ୍ତି। କମ ଦିନ ଭିତରେ ତାଙ୍କୁ ବଦଳି କରାଯିବ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କହିଥିବା ବ୍ଲକ ଅଧକ୍ଷ୍ୟା କୁନି ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ବିରଞ୍ଚି ଗହୀର ୧୨ ବର୍ଷ ଧରି ଏହି ବ୍ଲକରେ ରହି ଜନପ୍ରତିନିଧିମାନଙ୍କୁ ଅସମ୍ମାନ କରିବା, ବିଭିନ୍ନ ଦୁର୍ନୀତିରେ ସଂପୃକ୍ତ ରହିବା, ସରକାରୀ ଯୋଜନା ବାଟବଣା କରିବା ଭଳି ଅଭିଯୋଗ ହୋଇଆସୁଥିଲା।

# ଜିଲା ଅମଲା ମଞ୍ଚ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର



ଅମଲାମାନେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ନୂଆପଡ଼ା ଅଫିସ,୬।୬**

ନୂଆପଡା ଜିଲା ଅମଲା ମିଳିତ ମଞ୍ଚର ଆନ୍ଦୋଳନ ଜାରି ରହିଛି। ଏହିକ୍ରମରେ ମଞ୍ଚ ପକ୍ଷରୁ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅମଲାମାନଙ୍କ ଧାରଣା ସ୍ଥଳକୁ ପହଞ୍ଚି ମନ୍ତ୍ରୀ ଆଲୋଚନା କରିଥିଲେ। ମନ୍ତ୍ରୀ ଦାବିକୁ ମୁଖ୍ୟମନ୍ତ୍ରୀଙ୍କଠାରେ ଉପସ୍ଥାପନ କରିବି ବୋଲି କହିଥିଲେ। ଏହି ଆନ୍ଦୋଳନକୁ ବିଭିନ୍ନ ମହଲରୁ ସମର୍ଥନ ଜଣାଇଛନ୍ତି। ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଜିଲା କ୍ରୀଡା ସଂଘ ସମ୍ପାଦକ ଭୈରବ ସାହୁ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶେଷରେ ଗୁରୁବାରଠାରୁ ସାମୂହିକ ଛୁଟିରେ ଯାଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି। ସୂଚନା ମୁତାବକ ଜିଲାର ୧୧୪ଟି ଅନୁଷ୍ଠାନର ପ୍ରାୟ ୨୯୨ଜଣ କର୍ମଚାରୀ ସାମୂହିକ ଛୁଟିରେ ରହିଛନ୍ତି। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲାର ସମସ୍ତ ବ୍ଲକ, ତହସିଲ, ମେଡିକାଲ, ଶିକ୍ଷାନୁଷ୍ଠାନ ଆଦି ସମସ୍ତ କାର୍ଯ୍ୟାଳୟର ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନୂଆପଡା ଓ ଖଡିଆଳ ୨ଟି ତହସିଲ କାର୍ଯ୍ୟାଳୟଠାରେ କର୍ମଚାରୀମାନେ ସକାଳ ୮ଟାରୁ ମଧ୍ୟାହ୍ନ ଗୋଟାଏ ପର୍ଯ୍ୟନ୍ତ ଧାରଣାରେ ବସୁଛନ୍ତି। ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବୁ ବୋଲି ସଞ୍ଜୟ କୁମାର କାଣ୍ଡ, ରଞ୍ଜିତା ନାୟକ, ରଞ୍ଜନା ଶବର, ସଂଚିତା ସାହୁ, ଜ୍ୟୋସ୍ନାମୟୀ ମଲ୍ଲିକ, ଦିପ୍ତି ରଞ୍ଜନ ପାଢୀ, ବୁଧୁରାମ ନାଏକ, ରାଜ କିଷନ ଦୋରା, କୁଶ ଚନ୍ଦ୍ର ପତି, ବିଭୁଦତ ମିଶ୍ର, ମଦନ ସୁନ୍ଦର ସାହୁ ପ୍ରମୁଖ ସାମିଲ ଅଛନ୍ତି।

No.PP-13
**ସମ୍ବଲପୁରୀ ବସ୍ତ୍ରାଳୟ**
ପବିତ୍ର ରଜ ପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
**୧୦%+୨୦%**
ତା୦୫।୦୬।୨୦୨୩ରୁ ତା୧୩।୦୬।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର
ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31040/11/0001/2324

**ନିବେଦନ**
**ଧ୍ୟାନ ଦିଅନ୍ତୁ - ବାଲେଶ୍ୱର ରେଳ ଦୁର୍ଘଟଣା**
ଓଡ଼ିଶା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଇବାରେ ସହାୟତା ପାଇଁ ଦୟାକରି ଆଗେଇ ଆସନ୍ତୁ
**ଦୟାକରି ଡାଏଲ୍ କରନ୍ତୁ**
**139** ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍
**1929 କିମ୍ବା 1800-3450061** ଓଡ଼ିଶା ରାଜ୍ୟ ସରକାରଙ୍କ ଦେୟମୁକ୍ତ ଯୋଗାଯୋଗ ନମ୍ବର
**ନିମ୍ନ ପ୍ରଦତ୍ତ ଲିଙ୍କ୍ ମଧ ଦେଖିପାରିବେ**
www.osdma.org - ସମସ୍ତ ସୂଚନା ଉପଲବ୍ଧ
www.srcodisha.nic.in - ମୃତକଙ୍କ ଫଟୋ
www.bmc.gov.in - ଏସ୍.ସି.ବି. ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍, କଟକରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ସୂଚୀ
**ନିମ୍ନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍‌ଗୁଡ଼ିକ ମଧ ଦେଖିପାରିବେ**
www.indianrailways.gov.in
www.irctc.co.in
ଦୟାକରି ଏହି ବାର୍ତ୍ତାକୁ ପ୍ରସାର କରି ନିଜର ପ୍ରିୟଜନଙ୍କୁ ଚିହ୍ନଟ କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରନ୍ତୁ
D-1/23

## ଟ୍ରକ-ବୋଲେରୋ ଧକ୍କା: ଜଣେ ଗୁରୁତର

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ସହରର କିଆକଟା ମହାନଦୀ ସେତୁଠାରେ ମଙ୍ଗଳବାର ଏକ ଟ୍ରକ ସହ ବୋଲେରୋର ଧକ୍କା ହେବା ଫଳରେ ବୋଲେରୋ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ସକାଳେ ରେଢାଖୋଲ ପଟୁ ଏକ ଟ୍ରକ ବୌଦ୍ଧ ଆଡକୁ ଆସୁଥିବା ବେଳେ ବୌଦ୍ଧ ପଟୁ ଯାଉଥିବା ବୋଲେରୋର ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ପଠାଇଥିଲା। ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ଥିବା ଜଣାପଡିଛି। ପୋଲିସ ତଦନ୍ତ ଚଳାଇଛି।



# ଦୀର୍ଘ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ଅଧିକାରୀ

## ସୁବର୍ଣ୍ଣପୁର ଜିଲା
### ■କଡ଼ାକଡ଼ି ହେଉନି ବଦଳି ନିୟମ

ସୋନପୁର,୬।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କିରାଣି ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି। ସରକାରଙ୍କ ବଦଳି ନିୟମ ସେମାନଙ୍କ ପାଖରେ ଅକାମୀ ହୋଇଯାଇଛି। ଗୋଟିଏ ଜିଲାରେ ଓ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି ରହିଥିବାରୁ ସେମାନେ ମନମୁଖୀ କାରବାର ଚଳାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକଙ୍କ କାମ ତ ଦୂରର କଥା ଜିଲାର ବିକାଶ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇ ପାରୁନାହିଁ। ବିଭିନ୍ନ ସମୟରେ ସେମାନଙ୍କୁ ଅନ୍ୟ ବିଭାଗକୁ ବଦଳି କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ କିଛି ଲାଭ ହୋଇନି। ରାଜନେତାଙ୍କ ହସ୍ତକ୍ଷେପ ଯୋଗୁ ଏହି ବଦଳି ନୀତି ସରକାରୀ ଫାଇଲର ନାଲି ଫିତା ତଳେ ଚାପି ହୋଇଯାଇଛି। କିରାଣିମାନଙ୍କୁ ପ୍ରତି ୩ ବର୍ଷରେ ଥରେ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ବଦଳି କରାଯିବାର ନିୟମ ରହିଛି। ପ୍ରତିବର୍ଷ ଜୁନ୍ ୧୫ ତାରିଖ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବା କଥା। କିନ୍ତୁ ସମ୍ପୃକ୍ତ ବିଭାଗର ଉପରିସ୍ଥ ଅଧିକାରୀ ଓ ରାଜନେତାଙ୍କୁ ହାତ କରି ନିଜ ଚୌକିକୁ ସୁରକ୍ଷିତ ରଖୁଥିବା ଅଭିଯୋଗ ହେଉଛି। ଆଉ କେତେଜଣ ଚାକିରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜିଲା ମୁଖ୍ୟାଳୟରେ ଗାଦି ମାଡି ବସିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନିକ ଅଧିକାରୀମାନେ ଏହି ଜିଲାରେ ୧୩ ରୁ ୧୪ ବର୍ଷ ଧରି ବିଭିନ୍ନ ପଦବୀରେ ରହିବା ସରକାରଙ୍କ ବଦଳି ନିୟମ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜନୈକ ବ୍ୟକ୍ତି ଏହି ଜିଲାରେ ବିଡିଓ, ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ, ଆଞ୍ଚଳିକ ପରିବହନ ଅଧିକାରୀ, ଅବକାରୀ ଅଧୀକ୍ଷକ, ଉପଜିଲାପାଳ, ପିଡି ଡିଆରଡିଏ, ଅତିରିକ୍ତ ଜିଲାପାଳ ଓ ଭାରପ୍ରାପ୍ତ ଜିଲାପାଳ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଆଉ କେତେଜଣ ଅଧିକାରୀ ଏଠାରେ ଅତିରିକ୍ତ ତହସିଲଦାର, ତହସିଲଦାର ଓ ବିଡିଓ ଭଳି ପଦବୀରେ ଅବସ୍ଥିତ ଅଛନ୍ତି। ନିୟମ ଅନୁଯାୟୀ ଜିଲା ବାହାରକୁ ସେମାନଙ୍କ ବଦଳି ହେଉନାହିଁ। କିରାଣିରୁ ପଦୋନ୍ନତି ପାଇ ଓଡିଶା ରାଜସ୍ୱ ସେବାର ଅଧିକାରୀ ଓ ଓଡିଶା ପ୍ରଶାସନିକ ସେବାର ଅଧିକାରୀ ହୋଇଥିବା କେତେଜଣ ବରିଷ୍ଠ ଅଧିକାରୀ ଏହି ଜିଲା ଛାଡି ଯିବାକୁ ଚାହୁଁନାହାନ୍ତି। ଅଧିକାରୀମାନେ ଏହି ଜିଲାରୁ ବଦଳି ହେଲେ ପୁଣି ରାଜନୈତିକ ବ୍ୟକ୍ତିଙ୍କୁ ଧରାଧରି କରି ଏଠାକୁ ଫେରି ଆସୁଛନ୍ତି। ଓଡିଶା ପ୍ରଶାସନିକ ସେବାର ଅଧିକାରୀମାନେ ୪ ବର୍ଷରୁ ୫ ବର୍ଷ ଏହି ଜିଲାରେ ରହୁଛନ୍ତି। କିନ୍ତୁ ଭଲ କାମ କରୁଥିବା ଅଧିକାରୀମାନଙ୍କୁ ଶୀଘ୍ର ବଦଳି କରାଯାଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଜିଲାରେ ବିକାଶ କାର୍ଯ୍ୟ ଶିଥିଳ ହୋଇପଡୁଛି। ଅନ୍ୟପକ୍ଷେ ଜିଲାରେ ଦୁର୍ନୀତି ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରସ୍ତୁତି ଲାଗି ରାଜ୍ୟରେ ବଦଳି ଓ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ଗୋଟିଏ ଜିଲାରେ ୩ ବର୍ଷ ଚାକିରିରେ ଥିବା ଅଧିକାରୀମାନଙ୍କୁ ଏବେ ବଦଳି କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏ ନେଇ ମେ ୨୫ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଟି. ମାଝି ସମସ୍ତ ଜିଲାପାଳଙ୍କୁ ଏକ ଚିଠି କରିଛନ୍ତି। ସୂଚନା ଅନୁଯାୟୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗତ ମେ ୩ ତାରିଖରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଥିଲେ। ମେ ୨୯ ତାରିଖ ପୂର୍ବରୁ ଜିଲାରେ ଗତ ୪ ବର୍ଷ ଭିତରେ ଯେଉଁ ଓଏଏସ, ଓଆରଏସ ଓ ଗ୍ରୁପ୍-ବି ର ଅଧିକାରୀମାନଙ୍କ କାର୍ଯ୍ୟକାଳ ୩ ବର୍ଷ ପୂରଣ ହୋଇସାରିଛି ସେମାନଙ୍କ ତାଲିକା ପ୍ରଦାନ କର। ଏହାସହ ଯେଉଁମାନେ ସେମାନଙ୍କ ନିଜ ଜିଲାରେ ୩ ବର୍ଷ କାମ କଲେଣି ସେମାନଙ୍କ ତାଲିକା ମଧ୍ୟ ଦେବାକୁ କୁହାଯାଇଛି। ଏପରିକି ଆସନ୍ତା ନିର୍ବାଚନର ୫ ମାସ ପୂର୍ବରୁ ଯେଉଁମାନେ ଗୋଟିଏ ସ୍ଥାନରେ ୩ ବର୍ଷ କାମ କରିଥିବେ ସେମାନଙ୍କ ତାଲିକା ଦେବାକୁ କୁହାଯାଇଥିଲା। ଏହି କ୍ରମରେ ଜିଲାରେ କେବଳ ପୋଲିସ ବିଭାଗରେ ବଦଳି ହୋଇଥିବା ବେଳେ ରାଜସ୍ୱ, ପଞ୍ଚାୟତିରାଜ ଓ ପୌର ପରିଷଦର ଅଧିକାରୀମାନେ ପୂର୍ବ ଭଳି ଗାଦି ମାଡି ବସିଛନ୍ତି। କେବଳ ଉତ୍ତରାଞ୍ଚଳ ପୋଲିସ ରେଞ୍ଜରେ ନିକଟରେ ବଦଳି ହୋଇଛି। ସୁବର୍ଣ୍ଣପୁର ଜିଲାରେ ୩ ବର୍ଷ ପୂରଣ କରିଥିବା ଲଛିପୁର ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ, ସୁବଳୟା ଥାନା ଅଧିକାରିଣୀ ଅଞ୍ଜଳି କୁମ୍ଭାର, ତରଭା ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ବିନିକା ଥାନା ଅଧିକାରୀ ପବିତ୍ର ସାହୁ, ରାମପୁର ଥାନା ଅଧିକାରୀ ଭାନୁଶଙ୍କର ଯାଦବ, ସୋନପୁର ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କୁ ଜିଲା ବାହାରକୁ ବଦଳି କରାଯାଇଛି। ତେଣୁ ଜନସାଧାରଣଙ୍କୁ ଉଚିତ ସେବା ଯୋଗାଇବା ସହ ଆସନ୍ତା ସାଧାରଣ ନିର୍ବାଚନକୁ ଜିଲାରେ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ସକାଶେ ଜିଲାରେ ୩ ବର୍ଷ ପୂରଣ କରିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ପୋଲ ତଳୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାଉଁଶୁଣୀ,୬।୬(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ମସିଣାପଡା ବ୍ରିଜ ନିକଟରୁ ମଙ୍ଗଳବାର ସକାଳ ୭ଟାରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ସାନ ଡୁଙ୍ଗୁରୀପାଲି ଗ୍ରାମର ଡିନା ଗରିଆ (୫୫)। ସେ ଗତ କିଛି ଦିନ ହେଲା ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକେ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ମସିଣାପଡା ଗ୍ରାମ ନିକଟ ନୂତନ ମେହେରୁଣୀ ପୋଲ ତଳେ ପାଣି ଭିତରେ ଏକ ମୃତଦେହ ପଡିଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଉଁଶୁଣୀ ଦମକଳ ବାହିନୀ ସହାୟତାରେ ମୃତଦେହ ଜବତ କରିଥିଲା। ପରିବାର ଲୋକ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଯାଇଛି। ମୃତ୍ୟୁର କାରଣ ଜଣା ପଡି ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଉଲୁଣ୍ଡା ଯୁବ ମହାସଂଘକୁ ପ୍ରକୃତି ମିତ୍ର ପୁରସ୍କାର


ଉଲୁଣ୍ଡା ଯୁବ ମହାସଂଘର କର୍ମକର୍ତ୍ତା ପୁରସ୍କାର ଗ୍ରହଣ କରୁଛନ୍ତି।

ଉଲୁଣ୍ଡା,୫।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ଅନୁଷ୍ଠାନ ଯୁବ ମହାସଂଘ, ଉଲୁଣ୍ଡାକୁ ଚଳିତବର୍ଷ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଭର୍ଚ୍ଚୁଆଲ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଏସଆରସି ସତ୍ୟଜିତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ମହାସଂଘ, ଉଲୁଣ୍ଡା ସଭାପତି ମହେଶ କୁମାର ପୁରୋହିତ, ପୂର୍ବତନ ସଭାପତି ପ୍ରମୋଦ ପଧାନ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀ ଅମାତଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମାନପତ୍ର ସହ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଯୁବ ମହାସଂଘ ଦ୍ୱାରା ବିଭିନ୍ନ ସମୟରେ ବୃକ୍ଷରୋପଣ ସହ ସଫେଇ କାର୍ଯ୍ୟକ୍ରମ,। ଖରାଦିନେ ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଜଙ୍ଗଲରେ ନିଆଁ ଲିଭାଇବା ଓ ପରିବେଶ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

PARADIP PORT AUTHORITY
MARINE DEPARTMENT
No.MD/ACCTS-WK-R-4/2022/731 Date: 02/06/2023
Second Corrigendum to e-Tender Call Notice (e-TCN) No.: MD/ACCTS/WK-R-4/2022/499 dt. 19/04/2023
Name of the Work: "Supply of 01 No.60 Ton Bollard Pull Tug along with Manning crew on Hire for Marine Operation at SPMs and inside Harbour at Paradip for a period of seven years". Estimated Cost put to tender: ₹ 75,48,71,148/-. With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 hours on Dt.26.06.2023. Technical Bids shall be opened at 16:00 hours on Dt.27.06.2023. For details, please log on to the Website : https://eprocure.gov.in/eprocure/app .
Dy. Conservator, PPA
PPA/PR/20/2023-24, Dt.06.06.2023

ଦ.ପୂ. ରେଳପଥ - ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୨୩/୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ। ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୧୪-୨୦୨୩। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍ (ବାଲେଶ୍ୱର)/କେଜିପିଙ୍କ କ୍ଷେତ୍ରାଧିକାରରେ ଟିଆର୍‌ଆର୍, ଟିଏଫ୍‌ଆର୍, ଟିଟିଆର୍, ଏସ୍‌ଇଜେ ନବୀକରଣ ଇତ୍ୟାଦି ସମେତ ବିବିଧ ପି.ୱେ ନବୀକରଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୧୧,୮୨,୭୩୦.୯୨; ଅମାନତ ରାଶି: ₹୨,୦୫,୯୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ (₹): ୦। ଖୋଲାଯିବା ତାରିଖ: ୨୩।୦୬।୨୦୨୩। କାର୍ଯ୍ୟର ସମାପ୍ତି ଅବଧି: ୧୨ (ବାର) ମାସ। ବିଡ଼ିଂ ଆରମ୍ଭ ତାରିଖ: ତା୦୯।୦୬।୨୦୨୩ରିଖଠାରୁ ତା୨୩।୦୬।୨୦୨୩ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-253)

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ
### ଥାନାରେ ମାମଲା

ବୌଦ୍ଧ,୬।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାହାଲି ଗ୍ରାମର ଆଇନଜୀବୀ ସଚ୍ଚିଦାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ସସ୍ମିନବାଳା ସାହୁ(୩୫)ଙ୍କ ସୋମବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଆଇନଜୀବୀ ବିଶ୍ୱାଳ ଅନୁଗୋଳ ଜିଲା ବାମୁର ଗ୍ରାମର ସସ୍ମିନବାଳାଙ୍କୁ ଗତ ୮ ତଳେ ବିବାହ କରିଥିଲେ। ତେବେ ସୋମବାର ରାତିରେ ସସ୍ମିନବାଳା କୌଣସି କାରଣରୁ ଆତ୍ମହତ୍ୟା କରିଥିବା ନେଇ ଆଇନଜୀବୀ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଆଇନଜୀବୀଙ୍କ ଶଳା ଆକାଶ ସାହୁ ମଙ୍ଗଳବାର ଦିନ ତାଙ୍କ ଭଉଣୀକୁ ଯୌତୁକ ପାଇଁ ହତ୍ୟା କରାଯିବା ନେଇ ହରଭଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନଂ ୭୨/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ବାହାଲି ଗ୍ରାମକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଛି। ଏନେଇ ହରଭଙ୍ଗା ଥାନା ଏସଆଇ ପୂର୍ଣ୍ଣଚନ୍ଦ୍ର କିଶାନଙ୍କୁ ପଚାରିବାରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡିବ।

### ଜିଲାପାଳଙ୍କ ବିନିକା ଏନ୍‌ଏସି ଅଫିସ ପରିଦର୍ଶନ



ବିନିକା,୬।୬(ଡି.ଏନ.ଏ.): ମଙ୍ଗଳବାର ସନ୍ଧ୍ୟାରେ ନୂତନ ଜିଲାପାଳ ବିମଳେନ୍ଦୁ ରାୟ ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଫିସ ପରିଦର୍ଶନରେ ଯାଇଥିଲେ। ଜିଲାପାଳଙ୍କ ପ୍ରଥମ ଗସ୍ତ ହୋଇଥିବାରୁ ପରିଷଦର କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଅଫିସ ଗେଟ ସମ୍ମୁଖରୁ ପାଛୋଟି ନେଇଥିଲେ। ଏହି ଅବସରରେ ଜିଲାପାଳ ରାୟ ବିଭିନ୍ନ ଉନ୍ନୟନ ଓ ଅଫିସ କାର୍ଯ୍ୟର ସମୀକ୍ଷା କରିଥିଲେ।

### ବରିଷ୍ଠ ନାଗରିକ ସଙ୍ଗଠନର ସ୍ୱତନ୍ତ୍ର ବୈଠକ

ଅମରପାଲି,୬।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ସଙ୍ଗଠନର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ବୈଠକରେ ପୌରୋହିତ୍ୟ କରିଥିଲେ। ସର୍ବସମ୍ମତି କ୍ରମେ ଦ୍ୱିତୀକୃଷ୍ଣ ପଣ୍ଡାଙ୍କୁ ସଙ୍ଗଠନରେ ସାମିଲ କରାଯାଇ ସ୍ୱାଗତ କରାଯାଇଥିଲା। ଏହାସହିତ ନିକଟରେ ବାଲେଶ୍ୱର ଜିଲାର ବାହାନଗାଠାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣହାନି ଘଟିଥିବା ଦିବଂଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସଭାପତି ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଅମଲାଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି: ସରକାରୀ କାର୍ଯ୍ୟ ଠପ୍


ଅମଲାମାନେ ଧାରଣାରେ ବସିଛନ୍ତି।

ତରଭା, ୬।୬ (ଡି.ଏନ.ଏ.)

ରାଜ୍ୟସ୍ତରୀୟ ମିଳିତ ଅମଲା ମଞ୍ଚ ଡାକରାରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆହ୍ୱାନ କ୍ରମେ ତରଭା ଅଞ୍ଚଳର ସମସ୍ତ ଅମଲା ଗତ ୧ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ମଙ୍ଗଳବାର ଏହି ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଛି। ଅମଲାମାନେ ୧ ତାରିଖରୁ ସମୂହ ଛୁଟିରେ ଥିବାରୁ ସମସ୍ତ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି। ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କ ନାମ ଲେଖା ଥିବା ଯୋଗୁ ବିଭିନ୍ନ ପ୍ରମାଣପତ୍ର ଆବଶ୍ୟକ ରହିଛି। କିନ୍ତୁ ଏହି କାର୍ଯ୍ୟ କରୁଥିବା ତହସିଲ କର୍ମଚାରୀମାନେ ଅନୁପସ୍ଥିତ ଥିବାରୁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପଞ୍ଚାୟତିରାଜ ବିଭାଗ, ଆଇସିଡିଏସ, ଶିକ୍ଷା ବିଭାଗରେ ମଧ୍ୟ ସମାନ ଦଶା ରହିଥିବା ଦେଖା ଯାଇଛି। ମଙ୍ଗଳବାର ସକାଳୁ ଅମଲାମାନେ ତରଭା ବ୍ଲକ ସମ୍ମୁଖ ବରଗଛ ତଳେ ବିକ୍ଷୋଭ ପ୍ରଦର୍ଶନ କରି ଦିନ ଗୋଟାଏ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ସୂଚନାଯୋଗ୍ୟ, କନିଷ୍ଠ ରାଜସ୍ୱ ସହାୟକ ବେତନ ଯୋଗ୍ୟତା ଅନୁଯାୟୀ ଲେଭେଲ ୪ ରୁ ଲେଭେଲ ୯କୁ ବୃଦ୍ଧି ସକାଶେ ଗତ ମେ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅମଲାମାନେ କଳା ବ୍ୟାଜ୍ ପରିଧାନ କରି ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଏଥିରେ ତରଭା ବ୍ଲକର ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଇସିଡିଏସ କାର୍ଯ୍ୟାଳୟ ତରଭା, ଉପନିବନ୍ଧକ କାର୍ଯ୍ୟାଳୟ ତଥା ଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ ଅମଲା ସାମିଲ ହୋଇଥିଲେ। ଏହି ସମୟରେ ଉପସ୍ଥିତ ଥିବା ତରଭା ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଅମଲା ସୁବୋଧ ମହାରଣା, ବୀରେନ୍ଦ୍ର ରଥ, ଜୟନ୍ତ ମହାଣା, ଶିବା ନନ୍ଦ ବାଘ, ପ୍ରେମାନନ୍ଦ କୁଅଁର, ପ୍ରଶାନ୍ତ ସାହୁ, ହିମାନୀ ପଟ୍ଟନାୟକ, ତନୁଶ୍ରୀ ସାହୁ, ଜିତେନ୍ଦ୍ର ସାହୁ, ଶିବ ଶଙ୍କର କୁମ୍ଭାର, ଜିତେନ୍ଦ୍ର ସାହୁ, ବିପିନ ସୁନା, ଲକ୍ଷ୍ୟବ୍ରତ ନାଏକଙ୍କ ସମେତ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ୨୦ ଜଣ କର୍ମଚାରୀ ସାମିଲ ଥିଲେ।

# ଚଳିତବର୍ଷ ୧୯୨ ଗୋଷ୍ଠୀକୁ ବଳରାମ ଯୋଜନାରେ ସାମିଲ କରାଯିବ

ଅମରପାଲି,୬।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବଳରାମ ଯୋଜନାର ଋଣ ପରିଶୋଧ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ କୃଷି ଅଧିକାରୀ ମକରଧ୍ୱଜ ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ବୀରମହାରାଜପୁର ଶାଖା ପରିଚାଳକ ସରୋଜ କୁମାର ଜୁଏଡ,ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ବୀରମହାରାଜପୁର ଶାଖା ପରିଚାଳକ ରାମ ଶଙ୍କର ମେହେର, ମନୋଜ ଅମାତ, ସତ୍ୟବାନ ଆଡବାଙ୍କ,କମଳ ସାହୁ,ଭାନୁପ୍ରିୟା ଭୋଇ, ପ୍ରକାଶ ଭୋଇ ଓ ମନୋରଞ୍ଜନ ବରିହା ପ୍ରମୁଖ ଯୋଗଦେଇ ବଳରାମ ଯୋଜନା ଉପରେ ମତ ପ୍ରଦାନ କରିଥିଲେ। ଗତବର୍ଷ ବ୍ଲକର ଚାରୋଟି ଗ୍ରୁପକୁ ବଳରାମ ଯୋଜନାରେ ସାମିଲ କରି ଋଣ ପ୍ରଦାନ କରାଯାଇଥିଲା। ଇଣ୍ଡିଆନ ଓଭରସିଜ ବ୍ୟାଙ୍କରୁ ତିନୋଟି ଗୋଷ୍ଠୀ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଗୋଟିଏ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଥିଲା। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କରାଯାଏ ତେବେ ତାଙ୍କୁ କୌଣସି ସୁଧ ଦେବାକୁ ପଡି ନ ଥାଏ ବୋଲି ସୂଚନା ଦିଆଯାଇଥିଲା। ଉଭୟ ବ୍ୟାଙ୍କର ଶାଖା ପରିଚାଳକମାନେ ଆସି ବଳରାମ ଯୋଜନାର ଋଣ ପରିଶୋଧ କରିବାକୁ ଅନୁରୋଧ କରିଥିଲେ। ଏହାସହିତ ଚଳିତବର୍ଷ ପାଇଁ ୧୯୨ଟି କୃଷି ଗୋଷ୍ଠୀକୁ ବଳରାମ ଯୋଜନାରୁ ଋଣ ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇ ଥିବା ସୂଚନା ଦିଆଯାଇଛି। ପ୍ରତି ଗୋଷ୍ଠୀରେ ୪ଜଣ ରୁ ୧୦ଜଣ ରହିବେ। ଭୂମିହୀନ ଚାଷୀ ଓ ନାମମାତ୍ର ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ରହିଛି। ପ୍ରତି ଗୋଷ୍ଠୀକୁ ୧ ଲକ୍ଷ ୬୦ହଜାର ପର୍ଯ୍ୟନ୍ତ ଲେଖାଏ ଋଣ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହା ସହିତ ଋଣ ପରିଶୋଧ ଉପରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ବିଟିଏମ ଜିତେନ୍ଦ୍ର ମେହେର ଯୋଜନାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏଟିଏମ ମୀନକେତନ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଏଟିଏମ ନାରାୟଣ ମହାକୁର, ବ୍ଲକର ସମସ୍ତ କୃଷକ ସାଥୀ, ଆତ୍ମାର ସଦସ୍ୟ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୬।୬(ସ୍ୱ.ପ୍ର.)


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସଂଗଠନର କର୍ମକର୍ତ୍ତା।

### ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ପାଇଁ ଦାବି

ବୌଦ୍ଧ ସହର ବୁଟୁପାଲିଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ କରିବା ପାଇଁ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ମଙ୍ଗଳବାର ଦିନ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ସ୍ୱଭାବ କବି ଗଙ୍ଗାଧର ଏହି ସଂଗଠନର ଓ ମେହେର ସଂପ୍ରଦାୟର କୁଳଗୁରୁ। ବୌଦ୍ଧ ସହରର ବୁଟୁପାଲି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ପର୍ବପର୍ବାଣୀରେ ପୂଜା ଅର୍ଚ୍ଚନା କରାଯାଉଥିଲା। ପଶ୍ଚିମ ଓଡିଶାର ଗଣପର୍ବନୂଆଖାଇଦିନମେହେରସଂପ୍ରଦାୟର ଛୋଟଠାରୁ ବଡ ପର୍ଯ୍ୟନ୍ତ ଏଠାରେ ପ୍ରଣାମ କରିଥାଆନ୍ତି। ଏହାସହ ରାକ୍ଷୀ ପୂର୍ଣ୍ଣିମାରେ ରାଖି ବାନ୍ଧି ଥାଆନ୍ତି। ଅନ୍ୟ ପର୍ବପର୍ବାଣୀ ଦୀପାବଳୀ, ନୂଆବର୍ଷ ଆଦିରେ ପୂଜାର୍ଚ୍ଚନା କରିଥାଆନ୍ତି। କିନ୍ତୁ ବୁଟୁପାଲି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ପ୍ରତିମୂର୍ତ୍ତିକୁ ପ୍ରଶାସନ ପକ୍ଷରୁ ଦୀର୍ଘ ଦିନ ହେବ ଅନ୍ୟତ୍ର ହଟାଇ ନିଆଯାଇଛି। ରାସ୍ତା ପ୍ରଶସ୍ତିକରଣ ନାମରେ ଏହାକୁ ଉଠାଇ ନିଆଯାଇଥିବା କୁହାଯାଉଛି। କିନ୍ତୁ ବର୍ତ୍ତମାନ ଆମର କୁଳଗୁରୁଙ୍କ ପ୍ରତିମୂର୍ତ୍ତି ନ ଥିବାରୁ ଆମେ ମୁରବୀ ଶୂନ୍ୟ ଅବସ୍ଥାରେ ରହିଥିବା ଅଭିଯୋଗ କରି ପୂର୍ବ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ମେହେର ସଂଗଠନ ପକ୍ଷରୁ ଦାବି କରାଯାଉଛି। ଯଦି ଏଠାରେ ସ୍ଥାପନ କରିବାରେ କୌଣସି ଅସୁବିଧା ହେଉଛି, ତେବେ ହାତୀଶାଳ କି ରଇଠାଣୀ ବାଇପାସ ଛକରେ ସ୍ଥାପନ କରାଯିବାକୁ ସଂଗଠନ ଦାବି କରିଛି। ଏହାଛଡା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଛକକୁ ବିଜୁ ପଟ୍ଟନାୟକ ଛକରେ ନାମିତ କରାଯାଇଛି। ସେହିଭଳି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବା ଛକକୁ ଗଙ୍ଗାଧର ମେହେର ଛକ ନାମରେ ନାମିତ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ସଭାପତି ମିନୁ ପ୍ରସାଦ ମିଶ୍ର, ସମ୍ପାଦିକା ସଂଯୁକ୍ତା ମଲିକ, ଉପଦେଷ୍ଟା ରଘୁନାଥ ମେହେର, ବିକାଶ ମେହେର, ନରସିଂହପାଲ, ରାମଚନ୍ଦ୍ର ମେହେର, ମଦନ ମୋହନ ପ୍ରଧାନ, ରମେଶ ପ୍ରଧାନ, ଜିତେନ୍ଦ୍ର ମେହେର, ସୁବୋଧ ପ୍ରଧାନ, ବିଭୂତି ମହାରଣା, କୃଷ୍ଣଚନ୍ଦ୍ର ମେହେର, ଅରୁଣ ମେହେର, ସନ୍ତୋଷ ମେହେର, ସନ୍ତୋଷିନୀ ମେହେର ପ୍ରମୁଖ ସାମିଲ ଥିଲେ।

No.PP-13
ସମ୍ବଲପୁରୀ ବସ୍ତ୍ରାଳୟ
ପବିତ୍ର ରଜ ପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୫।୦୬।୨୦୨୩ରୁ ତା୧୩।୦୬।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31040/11/0001/2324

ନିବେଦନ
ଧ୍ୟାନ ଦିଅନ୍ତୁ - ବାଲେଶ୍ୱର ରେଳ ଦୁର୍ଘଟଣା
ଓଡ଼ିଶା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଇବାରେ ସହାୟତା ପାଇଁ ଦୟାକରି ଆଗେଇ ଆସନ୍ତୁ
ଦୟାକରି ଡାଏଲ୍ କରନ୍ତୁ
139 ଭାରତୀୟ ରେଳ ହେଲ୍‌ପଲାଇନ୍
1929 କିମ୍ବା 1800-3450061 ଓଡ଼ିଶା ରାଜ୍ୟ ସରକାରଙ୍କ ଦେୟମୁକ୍ତ ଯୋଗାଯୋଗ ନମ୍ବର
ନିମ୍ନ ପ୍ରଦତ୍ତ ଲିଙ୍କ୍ ମଧ୍ୟ ଦେଖିପାରିବେ
www.osdma.org - ସମସ୍ତ ସୂଚନା ଉପଲବ୍ଧ
www.srcodisha.nic.in - ମୃତକଙ୍କ ଫଟୋ
www.bmc.gov.in - ଏସ୍.ସି.ବି. ମେଡିକାଲ କଲେଜ୍ ଓ ହସ୍ପିଟାଲ୍, କଟକରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ସୂଚୀ
ନିମ୍ନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍‌ଗୁଡ଼ିକ ମଧ୍ୟ ଦେଖିପାରିବେ
www.indianrailways.gov.in
www.irctc.co.in
ଦୟାକରି ଏହି ବାର୍ତ୍ତାକୁ ପ୍ରସାର କରି ନିଜର ପ୍ରିୟଜନଙ୍କୁ ଚିହ୍ନଟ କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରନ୍ତୁ
D-1/23

## ସଂକ୍ଷେପରେ

### ଚାଷୀଙ୍କ ମୋଟର ପମ୍ପ ଚୋରି ଅଭିଯୋଗ

କୁଚିଣ୍ଡା,୬।୬(ଡି.ଏନ.ଏ.): ମହୁଲପାଲି ଥାନା ବାଉରୀଗୋଡା ଗ୍ରାମର ସଦାଶିବ ଭୋଇଙ୍କ ଫାର୍ମ ହାଉସରୁ ମୋଟର ପମ୍ପ ଚୋରି ହୋଇଥିବା ଥାନାରେ ରିପୋର୍ଟ ହୋଇଛି। ସଦାଶିବ ଘରଠାରୁ ପ୍ରାୟ ୨କି.ମି. ଦୂରରେ ନିଜ ଜମିରେ ଏକ ଜୈବିକ କୃଷି ଫାର୍ମ କରିଛନ୍ତି। ବିଭିନ୍ନ ଚାଷ ପାଇଁ ସରକାରଙ୍କ ଉଠାଜଳସେଚନ ବିଭାଗ ପକ୍ଷରୁ ଏକ ଗଭୀର ନଳକୂପ ଖନନ କରି ଏଥିରେ ଏକ ମୋଟର ପମ୍ପ ଲଗାଇଥିଲେ। ଏହା ମାଧମରେ ସେ ଜୈବିକ ପଦ୍ଧତିରେ ଚାଷ କରି ଆସୁଥିଲେ। ମାତ୍ର ରବିବାର ରାତିରେ କେହି ଦୁର୍ବୃତ୍ତ ମୋଟର ଚୋରି କରି ନେଇଛନ୍ତି। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଦାୟିତ୍ୱରେ ଥିବା ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ମୁଗୁରି କହିଛନ୍ତି।

### ବିକାଶ କାର୍ଯ୍ୟ ସମୀକ୍ଷା କଲେ ବିଧାୟିକା

ବ୍ରଜରାଜନଗର,୬।୬ (ଡି.ଏନ.ଏ.): ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମଙ୍ଗଳବାର ସ୍ଥାନୀୟ ଇଏସ୍‌ଆଇ ଛକଠାରେ ଏକ କର୍ମୀ ସମ୍ମିଳନୀ କରି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ରଜରାଜନଗର ପୌରାଞ୍ଚଳରେ ଚାଲିଥିବା ବିକାଶ କାର୍ଯ୍ୟରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି କର୍ମୀମାନେ ସଚେତନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ୱାର୍ଡରେ ପାଣି, ଲାଇଟ୍ ଓ ରାସ୍ତା ଭଳି ସମସ୍ତ ସୁବିଧା ଯୋଗାଇଦେବାକୁ କହିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ରାଧାକାନ୍ତ ପ୍ରଧାନ, ନୃପଲାଲ ତାଣ୍ଡିଆ, ରାଜପୁର ପୂର୍ବତନ ସରପଞ୍ଚ ଗଣେଶ ରାମ ବାଗ ପ୍ରମୁଖ ସାମିଲ ଥିଲେ।

### ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



ବ୍ରଜରାଜନଗର,୬।୬ (ଡି.ଏନ.ଏ.): ବାଲେଶ୍ୱର ଜିଲାର ବାହାନଗାଠାରେ ହୋଇଥିବା ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଏମ୍‌ପି ସୁରେଶ ପୂଜାରୀ ଓ ବିଧାୟିକା ଅଳକା ମହାନ୍ତି। ବ୍ରଜରାଜନଗର ଷ୍ଟେଶନ ମାଷ୍ଟର ଦେବେନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଏମ୍‌ପି ପୂଜାରୀ ଓ ବିଧାୟିକା ମହାନ୍ତି ଯୋଗଦେଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏପରି ଏକ ଦୁଃଖଦ ଘଟଣାରେ ତାଙ୍କ ପରିବାରକୁ ଭଗବାନ ସହାୟ ହୁଅନ୍ତୁ ବୋଲି ପ୍ରକାଶ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ଯୁଦ୍ଧକାଳୀନ ଭିତ୍ତିରେ ବିପର୍ଯ୍ୟୟକୁ ଯେଉଁଳି ଭାବରେ ମୁକାବିଲା କଲେ ତାହା ସମସ୍ତେ ଦେଖିଲେ ବୋଲି ଏମ୍‌ପି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସହରର ପ୍ରତ୍ୟେକ ବର୍ଗର ଜନସାଧାରଣ ସାମିଲ ହୋଇ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ପରିଶେଷରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମା' ଦୁର୍ଗାଙ୍କ ପାଖରେ ସମୂହ ଦୀପଦାନ କରାଯାଇଥିଲା।

# ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ

ସମ୍ବଲପୁର,୬।୬(ବ୍ୟୁରୋ)



ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ଜିଲାପାଳ।

ଶିଶୁ ଶ୍ରମିକ ନିରାକରଣ ପାଇଁ ମଙ୍ଗଳବାର ସଚେତନତା ରଥ ଗଡ଼ିଛି। ଜିଲାପାଳ ଅନନ୍ୟା ଦାସ ଏହାକୁ ଶୁଭାରମ୍ଭ କରି କହିଥିଲେ, ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ୧୫ରୁ ୧୮ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜନକୁ ବାରଣ କରାଯାଇଛି। ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ଏପରି କି ୨ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି। ଦୁଇଥର ଏଭଳି ଭୁଲ ହେଲେ ୩ବର୍ଷ ଯାଏ କାରାଦଣ୍ଡ ଭୋଗିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କାମରେ ନିୟୋଜିତ କରିଛନ୍ତି କିମ୍ବା ୧୫ରୁ ୧୮ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ଲଗାଇଛନ୍ତି ତେବେ ଅବିଳମ୍ବେ ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲାପାଳଙ୍କୁ ଅବଗତ କରାନ୍ତୁ। ଏହାବ୍ୟତୀତ ନିଃଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ ନଂ.୧୫୫୩୬୮ ଓ ଚାଇଲ୍ଡଲାଇନ ନଂ.୧୦୯୮କୁ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ, ସହରାଞ୍ଚଳ ପରିକ୍ରମା କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଶ୍ରମ ଆୟୁକ୍ତ ସମ୍ବଲପୁର ଘାସିରାମ ଟୁଡୁ, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି, ଜିଲା ରେଡକ୍ରସ୍‌ର ସମ୍ପାଦକ ଜୟ ଜର୍ଜ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚସ୍ମିତା ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ସବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମ ସଭାରେ ପିଇବା ପାଣି ଯୋଗାଣ ଉପରେ ଗୁରୁତ୍ୱ

ବ୍ରଜରାଜନଗର,୬।୬ (ଡି.ଏନ.ଏ.)

ରାଜପୁର ପଞ୍ଚାୟତ ସଭାଗୃହରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ସରସ୍ୱତୀ ନାଏକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଇଓ ରବିନାରାୟଣ ମେହେର, ଯୋଗାଣ ଅଧିକାରୀ ନିହାର ରଞ୍ଜନ ମହାପାତ୍ର, ସମିତି ସଭ୍ୟ ସସ୍ମିତା ତନ୍ତୀ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରି, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ସିଆର୍‌ପି, ଏସ୍‌ଏଚ୍‌ଜି ମହିଳା, ଜିଆର୍‌ଏସ୍, ଯୋଗାଣ ସହାୟକ ଉପସ୍ଥିତ ଥିଲେ। ୨୦୨୩-୨୪ ବର୍ଷର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବା ପରେ ପିଇବା ପାଣି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଶିଳ୍ପ ସମୃଦ୍ଧ ଝାରସୁଗୁଡା ଜିଲାର ଜଳସ୍ତର ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏପରି ପରିସ୍ଥିତିରେ ଅଞ୍ଚଳବାସୀ କିପରି ଠିକ୍ ଭାବରେ ପାଣି ପାଇବେ ସେ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟ କରିବାକୁ ସରପଞ୍ଚ ଗୁରୁତ୍ୱ ଦେଇଥିଲେ। ଯୁକ୍ତ ୨ ବିଜ୍ଞାନରେ ଚଳିତବର୍ଷ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଶ୍ରଦ୍ଧା ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

PARADIP PORT AUTHORITY
MARINE DEPARTMENT
No.MD/ACCTS-WK-R-4/2022/731 Date:02/06/2023
Second Corrigendum to e-Tender Call Notice
(e-TCN) No.: MD/ACCTS/WK-R-4/2022/499
dt. 19/04/2023
Name of the Work: "Supply of 01 No.60 Ton Bollard Pull Tug along with Manning crew on Hire for Marine Operation at SPMs and inside Harbour at Paradip for a period of seven years". Estimated Cost put to tender: ₹ 75,48,71,148/-. With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 hours on Dt.26.06.2023. Technical Bids shall be opened at 16:00 hours on Dt.27.06.2023. For details, please log on to the Website : https://eprocure.gov.in/eprocure/app .
Dy. Conservator, PPA
PPA/PR/20/2023-24, Dt.06.06.2023

# ୮୬ ମହିଳା ଥାନାର ଦ୍ୱାରସ୍ଥ

**ଫାଇନାନ୍ସ କମ୍ପାନୀ ଓ ଦଲାଲଙ୍କ ଦ୍ୱାରା ଠକେଇ**

ନାକଟିଦେଉଳ,୬।୬(ଡି.ଏନ.ଏ.)



ଥାନାକୁ ଅଭିଯୋଗ ପାଇଁ ଆସିଥିବା ମହିଳାମାନେ।

ଗ୍ରୁପ୍ ଫାଇନାନ୍ସ ଦେଉଥିବା କମ୍ପାନୀ ଓ ଦଲାଲଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କୁଞ୍ଜାମୁରା ଗ୍ରାମର ୮୬ଜଣ ମହିଳା ମଙ୍ଗଳବାର ନାକଟିଦେଉଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ମହିଳାଙ୍କ ଅଭିଯୋଗକ୍ରମେ ଗ୍ରାମର ଦ୍ୱିତିକୃଷ୍ଣ ମହାନ୍ତି ଓ ନରୋତ୍ତମ ସାହୁ ଇନ୍ସ୍ୟୁରାନ୍ସ କରାଇଦେବାକୁ କହି ଆର୍ଥିକ ଠକେଇ କରିଛନ୍ତି। ଏହି ଦୁଇ ବ୍ୟକ୍ତି ମହିଳାମାନଙ୍କଠାରୁ ଆଧାର, ଭୋଟ ପରିଚୟପତ୍ର ସମେତ ବ୍ୟାଙ୍କ ଜମାଖାତା, ଫିଙ୍ଗର ପ୍ରିଣ୍ଟ ମାଧ୍ୟମରେ ଟଙ୍କା ଉଠାଇ ନେଇଛନ୍ତି। କାହାଠାରୁ ୯୦ହଜାର ତ ଆଉ କାହାଠାରୁ ୭୦ ହଜାର ଏପରି କି ଜଣେ ମହିଳାଙ୍କଠାରୁ ୧ଲକ୍ଷ ଟଙ୍କା ଏପରି ୮୬ଜଣ ମହିଳାଙ୍କ ଜମାଖାତାରୁ ଟଙ୍କା ଉଠାଇ ନେଇଛନ୍ତି। ନାକଟିଦେଉଳ ଅଞ୍ଚଳରେ ଥିବା ଏକାଧିକ ଫାଇନାନ୍ସ କମ୍ପାନୀ ଏହି ମହିଳାମାନଙ୍କୁ ଫାଇନାନ୍ସ ଦେଇଥିଲେ। ବିଭିନ୍ନ କମ୍ପାନୀର ମ୍ୟାନେଜର ଓ କ୍ଷେତ୍ର କର୍ମଚାରୀଙ୍କ ସହାୟତାରେ ଦ୍ୱୀତିକୃଷ୍ଣ ଓ ନରୋତ୍ତମ ଇନ୍ସ୍ୟୁରାନ୍ସ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ କରିଛନ୍ତି। ଦଲାଲ ଭାବେ କାମ କରୁଥିବା ଏହି ଦୁଇ ବ୍ୟକ୍ତି ବର୍ତ୍ତମାନ ଚୋରା ଗଞ୍ଜେଇ କାରବାର ମାମଲାରେ ଜେଲରେ ଅଛନ୍ତି। ହେଲେ ସେମାନଙ୍କ ଅନୁପସ୍ଥିତିରେ ସମ୍ପୃକ୍ତ କମ୍ପାନୀର କ୍ଷେତ୍ର କର୍ମଚାରୀ ମହିଳାମାନଙ୍କ ଘରକୁ ଆସି କିସ୍ତି ଟଙ୍କା ମାଗୁଛନ୍ତି। ଏପରି କି ଆପତ୍ତିଜନକ ମନ୍ତବ୍ୟ ଦେଉଛନ୍ତି। ଏହାକୁ ନେଇ ପରିବାରରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ପରିସ୍ଥିତି ଉପୁଜୁଥିବାରୁ ଏହାର ସମାଧାନ ପାଇଁ ସେମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ କୃପା ବାଗ କହିଛନ୍ତି, ମହିଳାମାନେ ଯେଉଁ ଦୁଇ ଦଲାଲଙ୍କ ନାମରେ ଅଭିଯୋଗ କରିଛନ୍ତି ସେମାନେ ବର୍ତ୍ତମାନ ଜେଲରେ ଅଛନ୍ତି। ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୭ ବର୍ଷରେ ୩ ଥର ଅନୁଦାନ, ଯାଞ୍ଚ ଆରମ୍ଭ

ସମ୍ବଲପୁର,୬।୬(ବ୍ୟୁରୋ)

**କଲ୍ୟାଣମଣ୍ଡପ କାନ୍ଥ ଭୁଶୁଡିବା ଘଟଣା**

ଝଡ଼ ତୋଫାନରେ ଯୁଯୁମୁରା ବ୍ଲକ ଡ଼ଙ୍ଗରପଡା ପଞ୍ଚାୟତର ଲିଟିମୁଣ୍ଡା ଗ୍ରାମରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ କାନ୍ଥ ଭୁଶୁଡିବା ନେଇ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ଯାଞ୍ଚ ଆରମ୍ଭ କରିଛନ୍ତି। ଏସ୍‌ଏଫ୍‌ସି ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିଲା। ଏହି କାମ ବିଭାଗୀୟ ହୋଇଥିବା ବେଳେ ସ୍ଥାନୀୟ ଜଣେ ନେତା କାମକୁ ତଦାରଖ କରୁଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରଥମେ ୧ ଲକ୍ଷ, ପରେ ୨ ଲକ୍ଷ ଓ ଏବେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। କେଉଁ ଅଧିକାରୀଙ୍କ ନାମରେ ବିଭାଗୀୟ କାମ ହୋଇଥିଲା ଓ କାମର ତଦାରଖ କିଏ କରିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏବେ କାମ ଆରମ୍ଭ ପୂର୍ବରୁ ଅର୍ଦ୍ଧନିର୍ମିତ କାମ ମାନ କାହିଁକି ଯାଞ୍ଚ କରାଗଲା ନାହିଁ ବୋଲି ମଧ୍ୟ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଡିଓ ନୀଳାମ୍ବର ମହାନନ୍ଦ କହିଛନ୍ତି, ପୂର୍ବରୁ କାମର ମାନ ଏବେ ଯାଞ୍ଚ କରାଯାଇ ପାରିବ ନାହିଁ। ଏବେ କାମ ଆରମ୍ଭ ହୋଇଥିଲା। ବହୁ ପୁରୁଣା ହୋଇଥିବାରୁ ଭାଙ୍ଗିଯାଇଥିବା ଆଶଙ୍କା କରାଯାଉଛି ବୋଲି କହିଥିଲେ।

ଦ.ପୂ. ରେଳପଥ - ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୨୩/୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ। ଟେଣ୍ଡର ନଂ.: ଇ-କେଜିପି-ସାଉଥ-୧୪-୨୦୨୩। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍ (ବାଲେଶ୍ୱର)/କେଜିପିଙ୍କ କ୍ଷେତ୍ରାଧିକାରରେ ଟିଆର୍‌ଆର୍, ଟିଏଫ୍‌ଆର୍, ଟିଟିଆର୍, ଏସ୍‌ଇଜେ ନବୀକରଣ ଇତ୍ୟାଦି ସମେତ ବିବିଧ ପି.ୱେ ନବୀକରଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୧୧,୮୨,୭୩୦.୯୨; ଅମାନତ ରାଶି: ₹୨,୦୫,୯୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ (₹): ୦। ଖୋଲାଯିବା ତାରିଖ: ୨୩।୦୬।୨୦୨୩। କାର୍ଯ୍ୟର ସମାପ୍ତି ଅବଧି: ୧୨ (ବାର) ମାସ। ବିଡିଂ ଆରମ୍ଭ ତାରିଖ: ତା୦୯।୦୬।୨୦୨୩ରିଖଠାରୁ ତା୨୩।୦୬।୨୦୨୩ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-253)

## ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ପରିବେଶ ସୁସ୍ଥ ରହିବ

ସମ୍ବଲପୁର,୬।୬(ବ୍ୟୁରୋ)

**ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପରିବେଶ ଦିବସ**

ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନଠାରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପରିବେଶ ବିଜ୍ଞାନୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ଆଲୋଚନା କରିଥିଲେ। ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ପରିବେଶ ସୁସ୍ଥ ରହିବ। ଅଳିଆ ଗଦାରୁ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ତାଲିକା ପ୍ରସ୍ତୁତ କରି ସରକାରଙ୍କ ପକ୍ଷରୁ ସେମାନଙ୍କ ନାମ ପଞ୍ଜୀକରଣ କରାଯିବା ନିହାତି ଜରୁରୀ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଚକ୍ଷୁ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାନି କହିଥିଲେ, କକ୍ଷ ପ୍ରଦୂଷଣ (ଇନ୍‌ଡୋର ପଲ୍ୟୁଶନ) ବର୍ତ୍ତମାନ ଏକ ବଡ ସମସ୍ୟା। ରୁଦ୍ଧ କୋଠରୀରେ ବାୟୁ ପ୍ରଦୂଷଣର ସମ୍ଭାବନା ଅଧିକ ରହୁଛି। ତେଣୁ ନିଜ ଜୀବନଶୈଳୀରେ ପରିବର୍ତ୍ତନ କରି ଆମେ ପ୍ରଦୂଷଣକୁ କମାଇ ପାରିବା ବୋଲି କହିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରିବେଶ ଆବାହକ ଦିଲୀପ କୁମାର ବଘାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ୍ଷ ଦୀନବନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭା ପୂର୍ବରୁ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା।

## ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବିପତ୍ର

ଦେବଗଡ଼, ୬।୬(ଡି.ଏନ.ଏ)

ରିଆମାଳ ବ୍ଲକ ଅନ୍ତର୍ଗତ କେନ୍ଦୁନାଳି ଗ୍ରାମର ଆଦିବାସୀମାନେ ଦୀର୍ଘ ଦିନରୁ ଆବାଦ କରି ଚାଷ କରୁଥିବା ଜମିରେ ବୃକ୍ଷରୋପଣ ନ କରିବା ପାଇଁ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ମଙ୍ଗଳବାର ସଂଘ ପକ୍ଷରୁ ଦେବଗଡ଼ ଡିଏଫ୍‌ଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ରିଆମାଳ ବ୍ଲକର ଚୁହିଲାମାଳ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁନାଳି ଗ୍ରାମର ଆଦିବାସୀମାନେ ଦୀର୍ଘ ଦିନରୁ ଆବାଦ କରି ଚାଷ କରୁଥିବା ଜାଗାରେ ବୃକ୍ଷରୋପଣ କରା ନ ଯାଉ ଏବଂ ସେଠାକାର ଆଦିବାସୀମାନେ ଦଖଲ କରୁଥିବା ଜମିଗୁଡିକୁ ସେମାନଙ୍କ ନାମରେ ଜଙ୍ଗଲ ଜମି ପଟ୍ଟା ତୁରନ୍ତ ପ୍ରଦାନ କରାଯାଉ। ଗ୍ରାମର ଆଦିବାସୀମାନେ ଦଖଲକରୁଥିବା ଜାଗା ପରିବର୍ତ୍ତେ ଅନ୍ୟ ସ୍ଥାନରେ ବୃକ୍ଷରୋପଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ସେମ ହେମରମ, ସମ୍ପାଦକ ଗୁଣନିଧି ବେହେରା, ଦାଶରଥି ପ୍ରଧାନ, ସୁଶୀଲ କିଷାନ, ଗୁରୁଚରଣ ମୁଣ୍ଡା, ସୁଜିତ କିଷାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

No.PP-13
ସମ୍ବଲପୁରୀ ବସ୍ତ୍ରାଳୟ
ପବିତ୍ର ରଜ ପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୫।୦୬।୨୦୨୩ରୁ ତା୧୩।୦୬।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର
ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31040/11/0001/2324

ନିବେଦନ
ଧ୍ୟାନ ଦିଅନ୍ତୁ - ବାଲେଶ୍ୱର ରେଳ ଦୁର୍ଘଟଣା
ଓଡ଼ିଶା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଇବାରେ ସହାୟତା ପାଇଁ ଦୟାକରି ଆଗେଇ ଆସନ୍ତୁ
ଦୟାକରି ଡାଏଲ୍ କରନ୍ତୁ
139 ଭାରତୀୟ ରେଳ ହେଲ୍‌ପଲାଇନ୍
1929 କିମ୍ବା 1800-3450061 ଓଡ଼ିଶା ରାଜ୍ୟ ସରକାରଙ୍କ ଦେୟମୁକ୍ତ ଯୋଗାଯୋଗ ନମ୍ବର
ନିମ୍ନ ପ୍ରଦତ୍ତ ଲିଙ୍କ୍ ମଧ୍ୟ ଦେଖିପାରିବେ
www.osdma.org - ସମସ୍ତ ସୂଚନା ଉପଲବ୍ଧ
www.srcodisha.nic.in - ମୃତକଙ୍କ ଫଟୋ
www.bmc.gov.in - ଏସ୍.ସି.ବି. ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍, କଟକରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ସୂଚୀ
ନିମ୍ନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍‌ଗୁଡ଼ିକ ମଧ୍ୟ ଦେଖିପାରିବେ
www.indianrailways.gov.in
www.irctc.co.in
ଦୟାକରି ଏହି ବାର୍ତ୍ତାକୁ ପ୍ରସାର କରି ନିଜର ପ୍ରିୟଜନଙ୍କୁ ଚିହ୍ନଟ କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରନ୍ତୁ
D-1/23

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ





ବିଶ୍ୱ ପରିବେଶ ଦିବସ ଅବସରରେ ବ୍ୟାଙ୍କ ଅଫ ବରୋଦା, ସମ୍ବଲପୁର ରେଳମଣ୍ଡଳ ଓ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଚାରା ରୋପଣ କରାଯାଉଛି।

### ବ୍ୟାଙ୍କ ଅଫ ବରୋଦା

ସମ୍ବଲପୁର,୬।୬(ବ୍ୟୁରୋ): ବ୍ୟାଙ୍କ ଅଫ୍ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ଅବସରରେ ଜିଲା ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ୟାଙ୍କ ତରଫରୁ ସୁରେନ୍ଦ୍ର ଗୋଣ୍ଡ, ଆଞ୍ଚଳିକ ମୁଖ୍ୟ ତଥା ସମ୍ବଲପୁର ଜିଲା ସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଆଞ୍ଚଳିକ ମୁଖ୍ୟ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ କହିଥିଲେ। ଏଥିରେ ଜିଲା ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ।

### ସମ୍ବଲପୁର ରେଳମଣ୍ଡଳ

ସମ୍ବଲପୁର ରେଳମଣ୍ଡଳରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଷ୍ଟେଶନ ଓ କଲୋନୀରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ରେଳନଗର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଥିଲା। ଏହାସହ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବିତର୍କ ଆଦି ପ୍ରତିଯୋଗିତା କରାଯାଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ବୃକ୍ଷରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ ଅନନ୍ଦ ସିଂ, ମହିଳା କଲ୍ୟାଣ ସଂଗଠନର ଅଧ୍ୟକ୍ଷା ଅଞ୍ଜନି ସିଂଙ୍କ ସମେତ ରେଳବାଇ କର୍ମଚାରୀ ଓ ଅଧିକାରୀ ସାମିଲ ଥିଲେ।

### ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍

ସମ୍ବଲପୁର ଠେଲକୋଲୋଇସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କର୍ମଚାରୀ ଓ ଶ୍ରମିକମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା, ପ୍ରବନ୍ଧ ଓ ସ୍ଲୋଗାନ୍ ଲେଖା ସହ ହାଇସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମ୍ପାନୀର ଉଦ୍ୟାନ କୃଷି ବିଭାଗ ଅଫିସରେ ବୃକ୍ଷରୋପଣ ହୋଇଥିଲା। କମ୍ପାନୀ ଅଧ୍ୟକ୍ଷ ଅନିଲ କୁମାର ସିଂ, ଏଭିପି ପରିବେଶ ରଞ୍ଜିତ ଘୋଷ, ଡିଜିଏମ୍ ପରିବେଶ ଅତୁଲ ସେନାପତି ଉପସ୍ଥିତ ଥିଲେ। ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ, ଜିରୋ ଲିକ୍ୱିଡ୍ ଡିସ୍‌ଚାର୍ଜ, ଶକ୍ତି ସଂରକ୍ଷଣ, ଧୂଳି ଓ ଗ୍ୟାସ୍ ନିର୍ଗମନ ହ୍ରାସ ଦିଗରେ କମ୍ପାନୀ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ନିର୍ଦ୍ଦେଶକ ସୂଚନା ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଜୁନ୍, ୨୦୨୩



**ଡକାୟତି ଯୋଜନା ପଣ୍ଡ, ୫ ଗିରଫ**

ବଲାଙ୍ଗୀର ଅଫିସ: ବଲାଙ୍ଗୀର ସହରର ଡେଲିମାର୍କେଟ ପଛପଟରୁ ଡକାୟତି ଯୋଜନା କରୁଥିବାବେଳେ ଟାଉନ୍ ଥାନା ପୋଲିସ ଚଢ଼ାଉ କରି ସୋମବାର ରାତିରେ ୫ ଜଣଙ୍କୁ ଗିରଫ କରିଥିଲା। ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଗିରଫ୍ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସହର ଚିମିନିଭାଟିପଡ଼ାର ରମାକାନ୍ତ ସ୍ୱାଇଁ (୩୦), କଂସାରୀପଡ଼ାର ସଚିନ ଦାଶ (୨୬), ମନିଷ ବେହେରା (୨୫), ଅବଦୁଲ୍ ଅନିଶ (୨୮) ଓ ମାଲଗୋଦାମପଡ଼ାର ପ୍ରଦୀପ ବାରିକ (୩୫) ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ୍‌ମାନଙ୍କଠାରୁ ମାରଣାସ୍ତ୍ର ଜବତ୍ କରାଯାଇଛି। ଟାଉନ୍ ଥାନାରେ ମାମଲା ରୁଜୁ କରାଯାଇ ମଙ୍ଗଳବାର ଗିରଫଙ୍କୁ କୋର୍ଟଚାଲାଣ କରାଯାଇଛି।

## ସଂକ୍ଷେପରେ

### ଖବରଦାତାଙ୍କୁ ହତ୍ୟା ଧମକ, ଥାନାରେ ଅଭିଯୋଗ

**ଲୋଇସିଂହା,୬।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ଦୁଇଜଣ ଜନପ୍ରତିନିଧି କାର୍ଯ୍ୟରତ ସମ୍ବାଦିକଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ମଙ୍ଗଳବାର ଲୋଇସିଂହା ଥାନାରେ ଅଭିଯୋଗ କରାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ବିମଳ ଚରଣ ହୋତା, ସଭାପତି ସରୋଜ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ବାରିକ, ସଭ୍ୟ ବିମଳେନ୍ଦୁ ସାହୁ, ଶ୍ୟାମସୁନ୍ଦର ମେହେର, ସାରଙ୍ଗ ଭୋଇ, ମହେଶ କର ପ୍ରମୁଖ ଅଭିଯୋଗ ବେଳେ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ, ସୋମବାର ବ୍ଲକ ପରିସରରେ ଉପସ୍ଥିତ ଥିବା ଏହି ଦୁଇ ଜନ ପ୍ରତିନିଧି ସ୍ଥାନୀୟ ସାମ୍ବାଦିକଙ୍କୁ ଗାଳିଗୁଲଜ କରିଥିଲେ। ଲୋଇସିଂହା ନାରାୟଣ ସାଗର ରାସ୍ତା କଂକ୍ରିଟ କରଣ କରାଯାଇଛି। ଅଳ୍ପଦିନରେ ରାସ୍ତାରୁ ଗେଟି ଉପୁଡି ଗଲାଣି। ସେହିପରି ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମରେ ଅନିୟମିତତା ହେଉଛି। ହେଲେ ଏସବୁ ସାମ୍ବାଦିକଙ୍କୁ ଏହା ଦେଖାଯାଉନାହିଁ। କେବଳ ବ୍ଲକର ଦୁର୍ନୀତି ଖବର ଦେଖାଯାଉଛି କହି ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। ଏପରିକି ଗାଡି ଚଢାଇ ମାରି ଦେବାକୁ ଧମକ ଦେଇଥିଲେ। ସର୍ବସମ୍ମୁଖରେ ସମ୍ବାଦିକଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକକୁ ନେଇ ମଙ୍ଗଳବାର ସଂଘର କାର୍ଯ୍ୟକାରୀ ସଭାପତି ହୋତାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ଲୋଇସିଂହା ଥାନାର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ହୋଇଥିଲା। ସବିଶେଷ ଖବର ଅନୁସାରେ ରାତିରେ ଥାନାରେ ଉଭୟ ପକ୍ଷ ମଧ୍ୟରେ ଅପୋଷ ବୁଝାମଣା ହୋଇଯାଇଛି।

### ଝାରମୁଣ୍ଡି-ଉପରବାହାଲ ରାସ୍ତା ଶୋଚନୀୟ

**ଲୋଇସିଂହା,୬।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୩୪ ନଂ ଜୋନ ଅନ୍ତର୍ଗତ ଝାରମୁଣ୍ଡା-ଉପରବାହାଲ ରାସ୍ତା ଅବହେଳିତ ହୋଇପଡିଛି। ଗୁରୁତ୍ୱପୂର୍ଣ୍ଣ ଏହି ରାସ୍ତା ମରାମତି ଦିଗରେ ପଦକ୍ଷେପ ନିଆଯାଉନାହିଁ। ଝରାମୁଣ୍ଡାରୁ ଉପରବାହାଲ ୧୦ କିମି ରାସ୍ତା ଅଣ ଓସାରିଆ ଓ ଖାଲଖମା ହୋଇ ପଡିଛି। ୮ଟି ପଞ୍ଚାୟତର ଜନସାଧାରଣ ବ୍ଲକ ସଦର ମହକୁମା ଏବଂ ଜିଲା ମୁଖ୍ୟାଳୟକୁ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଏହାବ୍ୟତୀତ ସମ୍ପୃକ୍ତ ଅଞ୍ଚଳ ପରିବା ଚାଷ ପାଇଁ ପ୍ରସିଦ୍ଧ। ଜିଲା ତଥା ଜିଲା ବାହାରର ବ୍ୟବସାୟୀ ବିଭିନ୍ନ ଯାନବାହନରେ ପରିବା ବୋଝେଇ କରି ଏହି ରାସ୍ତାରେ ନେଇଥାନ୍ତି। ଅଣଓସାରିଆ ରାସ୍ତା ଯୋଗୁ ଯାନବାହନ ଚଳାଚଳରେ ଅସୁବିଧା ଦେଖାଯାଉଛି, ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉନ୍ନତୀକରଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### 'ଲୋକଙ୍କ ହକ୍ ପାଇଁ ସଂଗ୍ରାମ କରୁଥିଲେ'

**ମୃତ୍ୟୁ ପରେ ରବି ବାଗଙ୍କୁ ମନେ ପକାଇଲେ କୁଇମୁଣ୍ଡାବାସୀ**

**ଲାଠୋର, ୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦର ପଞ୍ଚାୟତ ଅନ୍ତର୍ଗତ କୁଇମୁଣ୍ଡା ଗ୍ରାମରେ ବାସ କରୁଛନ୍ତି ୧୮ ଆଦିବାସୀ ଓ ଦଳିତ ପରିବାର। ଜଙ୍ଗଲ ଜମି ଅଧିକାର ଆଇନ ବଳରେ ସେମାନେ ବେନ୍ଦର ବାଘେନ ଜଙ୍ଗଲରେ ଦୀର୍ଘବର୍ଷ ହେଲା ଚାଷବାସ କରି ରହି ଆସୁଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ଉପଲବ୍ଧ କରାଇବା ପାଇଁ ଅହରହ ସଂଗ୍ରାମ କରି ଆସୁଥିଲେ ରବି ବାଗ(୫୫)। ଏଥିପାଇଁ ତାଙ୍କୁ ବିଭିନ୍ନ ସମୟରେ ଲାଞ୍ଛନାର ଶିକାର ହେବାକୁ ପଡିଥିଲା। ଖାଲି ତାଙ୍କୁ ନୁହେଁ କୁଇମୁଣ୍ଡାବାସୀ ମଧ୍ୟ ନିର୍ଯାତନାର ଶିକାର ହୋଇଛନ୍ତି। ରବିଙ୍କ ସଂଗ୍ରାମ ଯୋଗୁ ପ୍ରଶାସନ ବିଭିନ୍ନ ମୌଳିକ ସୁବିଧା ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତି ଦେଇଛି। ଗତ ମେ ୨୯ତାରିଖରେ ଜିଲାପାଳ ଚଞ୍ଚଳ ରାଣା, ପାଟଣାଗଡ଼ ଉପଜିଲାପାଳ ଡ଼.ବିଜୟାନନ୍ଦ ସେଠୀ, ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ହୋତା ଏବଂ ଅନ୍ୟାନ୍ୟ ଅଧିକାରୀ କୁଇମୁଣ୍ଡା ଆସି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ, ପୋଖରୀ ଖୋଳା, ପାନୀୟ ଜଳ ପାଇଁ ନଳକୂପରେ ସୋଲାର ବ୍ୟବସ୍ଥା ଏବଂ ବିଦ୍ୟୁତ୍ ଯୋଗାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହିପରି ଏକ ସମୟରେ ରବିଙ୍କର ତିନିଦିନ ତଳେ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ତାଙ୍କର ଜାତି ନିୟମ ଅନୁଯାୟୀ ଥିଲା ତେଲ କାର୍ଯ୍ୟକ୍ରମ। କୁଇମୁଣ୍ଡାବାସୀ ଏହି ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଜଣେ ସଚ୍ଚୋଟ ସାଥୀଙ୍କୁ ହରାଇଲୁ ବୋଲି କହିଛନ୍ତି। ତାଙ୍କ ଅବର୍ତ୍ତମାନରେ ସେମାନଙ୍କ ସଂଗ୍ରାମ ଲକ୍ଷ୍ୟସ୍ଥଳରେ ପହଞ୍ଚିବ କି ନାହିଁ ଆଶଙ୍କିତ ହୋଇ ପଡିଛନ୍ତି।

# କୂପ ଖୋଳାରେ ସୀମିତ ଜଳପ୍ରକଳ୍ପ


ଶିଳାନ୍ୟାସ ଫଳକ।


ଖୋଳା ଯାଇଥିବା କୂପ।

**କଣ୍ଟାବାଞ୍ଜି, ୬।୬(ଡି.ଏନ.ଏ.)**

- **ପାଣି ପାଇଁ ହାହାକାର ପାଟିମାଲ ଗ୍ରାମବାସୀ**
- **୪୦୦ ପରିବାରକୁ ୩ଟି ନଳକୂପ**
- **ଶିଳାନ୍ୟାସର ଦେଢବର୍ଷ ପରେ ବି କାମ ଆଗଉନି**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଖଗସା ପଞ୍ଚାୟତ ଅଧୀନ ପାଟିମାଲ ଗାଁରେ ୪୦୦ପରିବାର ବସବାସ କରନ୍ତି। ୬ଟି ନଳକୂପ ଥିବା ବେଳେ ସେଥିରୁ ୩ଟି ଅଚଳ । ଗାଁରେ ଥିବା ଏକମାତ୍ର ପୋଖରୀ ଚଳିତ ଗ୍ରୀଷ୍ମରେ ଶୁଖି ଯାଇଛି। ଫଳରେ ଗୋରୁଗାଈ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଫଳରେ ଗ୍ରାମବାସୀ ସ୍ନାନଶୌଚଠାରୁ ଆରମ୍ଭ କରି ପିଇବା ଯାଏ ଏହି ନଳକୂପ ଉପରେ ନିର୍ଭର କରୁଛନ୍ତି। ହେଲେ ସେହି ୩ ନଳକୂପରୁ କମ୍ ପାଣି ବାହାରୁଛି। ଜଳକଷ୍ଟ ଦେଖାଦେଇଥିବା ବେଳେ ଚଳିତ ଖରାମାସରେ ଏ ଯାଏ ତୁରେକେଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇନାହିଁ। ଏପରିସ୍ଥଳେ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ଏହି ସମସ୍ୟା ଦେଖା ଦେଇ ନ ଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ଶିଳାନ୍ୟାସର ଦେଢବର୍ଷ ବିତିଥିଲେ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଠିକାଦାର କେବଳ କୂଅ ଖୋଳି କାମ ଛାଡି ଦେଇଛନ୍ତି।

ପାଟିମାଲ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୨୦୨୧ ଡିସେମ୍ବର ୨୭ତାରିଖରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଅନୁ ଭୋଇ ଯୋଗ ଦେଇଥିଲେ। କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ଏଥିପାଇଁ କୂପ ଖୋଳିଥିଲେ। ହେଲେ ଏହା ପରଠାରୁ ଆଉ କୌଣସି କାମ କରା ଗଲାନାହିଁ। ଏପରିକି ପ୍ରକଳ୍ପ ପାଇଁ ସୂଚନା ଫଳକ ନ ଥିବାରୁ ପ୍ରକଳ୍ପ ପାଇଁ କେତେ ଟଙ୍କାର ଅନୁଦାନ ଆସିଛି, କିଏ କରୁଛନ୍ତି ଓ କେବେ ସରିବ ସେ ସମ୍ପର୍କରେ ଲୋକେ ଜାଣି ପାରୁନାହାନ୍ତି। ଇତ୍ୟବସରେ ଦେଢବର୍ଷ ବିତି ଯାଇଥିଲେ ବି କାମ ଆଗେଇବା ନେଇ କୌଣସି ଉଦ୍ୟମ ହେଉନାହିଁ। କଣ୍ଟାବାଞ୍ଜି ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ବାଗେଙ୍କୁ ପଚାରିବାରୁ କହିଛନ୍ତି ଯେ, ପ୍ରକଳ୍ପ ପାଇଁ କୂପ ଖୋଳା ସରିଛି। ପାଇପ ଲାଇନ ବିଛାଇବା ପାଇଁ ସର୍ଭେ ସରିଛି, ପାଣି ଟାଙ୍କି ପାଇଁ ଜାଗା ଚିହ୍ନଟ ସରି ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

**ସେମାନେ ଯାହା କହନ୍ତି.....**



"ଜଳାଭାବର ସ୍ଥାୟୀ ସମାଧାନ ପାଇଁ ଦେଢବର୍ଷ ତଳେ ଶିଳାନ୍ୟାସ ଦିଆ ଯାଇ ଜଳପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ହେଲେ କୂପ ଖୋଳି ଠିକାଦାର ଚୁପ୍। ବିଭିନ୍ନ ସମୟରେ ଦାବି ହେଉଥିଲେ ସୁଦ୍ଧା କାମ ହେଉନାହିଁ। ବିଭଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଚଳିତ ଖରାମାସ ପୂର୍ବରୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଚଳିତ ଖରାମାସ ସରିବାକୁ ବସିଥିଲେ ମଧ କାମ ଆରମ୍ଭ ହୋଇନାହିଁ। ବିଭାଗୀୟ ନିଷ୍କ୍ରିୟତା ଛଡା ଏହା ଆଉ କିଛି ନୁହେଁ।

**ସୁଦର୍ଶନ କଟା,**
**ପୂର୍ବତନ ଖଗସା ସରପଞ୍ଚ**



"ଗାଁରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଛି। ଅଚଳ ନଳକୂପ ମରାମତି କରାଯାଉନାହିଁ। ଅନ୍ୟନୋପାୟ ହୋଇ ଗୋଳିଆ ପାଣି ବ୍ୟବହାର କରିବାକୁ ଲୋକେ ବାଧ ହେଉଛନ୍ତି। ବିଧାୟକ ଶିଳାନ୍ୟାସ କରିଛନ୍ତି, କାମ ହେଲା କି ନାହିଁ ତାହାର ତନାଘନା କରିବା କଥା। ଆଉ କେତେଦିନ ଲାଗିବ ତାହାକୁ ଆମେ ଅପେକ୍ଷା କରୁଛୁ।

**ଲାଲଦେଇ କଟା,**
**୫ନଂ ୱାର୍ଡସଭ୍ୟା, ପାଟିମାଲ**

## ଜିଲା କରାଟେ ଅର୍ଗାନାଇଜେସନକୁ ପ୍ରକୃତି ମିତ୍ର ପୁରସ୍କାର


ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେସନ୍ ସାଧାରଣ ସମ୍ପାଦକ ଅସୀମ ଭୋଇ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୬।୬**

ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେସନ ଅନୁଷ୍ଠାନକୁ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ କନଫରେନ୍ସ ହଲଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଜିଲା କରାଟେ ଅର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା କରାଟେ କୋଚ ଅସୀମ କୁମାର ଭୋଇଙ୍କୁ ପ୍ରକୃତି ମିତ୍ର ପୁରସ୍କାର ସ୍ୱରୂପ ୨୦ ହଜାର ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ । ବିଭାଗୀୟ ମନ୍ତ୍ରୀ ଅମାତ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ଜଙ୍ଗଲ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ, ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଉଥିବା ଏହି ଅନୁଷ୍ଠାନ ଜଳ ସଂରକ୍ଷଣ, ଜଙ୍ଗଲ ବଞ୍ଚାଅ ସଚେତନତା, ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଭଳି ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଥିବାରୁ ଜିଲା କରାଟେ ଅର୍ଗାନାଇଜେସନକୁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ସୁରକ୍ଷା ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲା ଆଦିବାସୀ ସଂଘ


ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲା ଆଦିବାସୀ ସଂଘ ପକ୍ଷରୁ ସୂଚନା ଦିଆଯାଉଛି।

**ଭବାନୀପାଟଣା,୬।୬(ସ୍ୱ.ପ୍ର.)**

**କଳାହାଣ୍ଡି ମେଡ଼ିକାଲ କଲେଜକୁ ଶହୀଦ ରେଣ୍ଡୋ ମାଝି ନାମରେ ନାମିତ**

ବହୁ ପ୍ରତୀକ୍ଷିତ କଳାହାଣ୍ଡି ବାସିନ୍ଦାଙ୍କ ଦାବି ପୁରାଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମହାନ ଆଦିବାସୀ ନେତା ଶହୀଦ ରେଣ୍ଡୋ ମାଝିଙ୍କ ନାଁରେ ନାମିତ ହୋଇଛି କଳାହାଣ୍ଡି ମେଡ଼ିକାଲ କଲେଜ। ଏ ନେଇ ସୋମବାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମଙ୍ଗଳବାର ଜିଲା ଆଦିବାସୀ ସଂଘ ପକ୍ଷରୁ ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ଜିଲା ସଭାପତି ପ୍ରକାଶ ମାଝି, ସମ୍ପାଦକ ରତ୍ନରାଜ ମାଝିଙ୍କ ସମେତ ଅନେକ ବରିଷ୍ଠ ଆଦିବାସୀ ନେତା ସାମିଲ ହୋଇଥିଲେ। କଳାହାଣ୍ଡି ମେଡ଼ିକାଲ କଲେଜର ନାମ ଶହୀଦ ରେଣ୍ଡୋ ମାଝିଙ୍କ ନାମରେ ନାମିତ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଥୁଆମୂଳ ରାମପୁରଠାରେ ଏକ ଆଦିବାସୀ ବିଦ୍ୟାଳୟ ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ଆଦିବାସୀ ବିଦ୍ୟାଳୟ ମୟୂରଭଞ୍ଜ ଜିଲାକୁ ସ୍ଥାନାନ୍ତର ହୋଇଥିବା ବେଳେ ଏହାକୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାସହ ନକଲି ଆଦିବାସୀଙ୍କୁ ଚିହ୍ନଟ କରିବା ପାଇଁ ଆସନ୍ତା ଦିନରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି କହିଛନ୍ତି।

## ବାଘ ଶିକାର ଘଟଣା: ୫ ଶିକାରୀ ଗିରଫ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୬।୬(ଡି.ଏନ.ଏ.)**


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଉଛି।

**ବାଘ ଛାଲ, ବଜ୍ରକାପ୍ତାର କାତି, ଦେଶୀ ବନ୍ଧୁକ ଜବତ**

ନୂଆପଡା ଜିଲା ଖଡ଼ିଆଳ ବନଖଣ୍ଡ ଅଧୀନ ସୁନାବେଡ଼ା ଅଭୟାରଣ୍ୟ ପତାଦର୍ହା ଅଞ୍ଚଳରେ ଛତିଶଗଡ ବନବିଭାଗ ଓ ଖଡ଼ିଆଳ ବନବିଭାଗ ବାଘ ଶିକାର କରିବା ଘଟଣାରେ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆପଡା ଜିଲା ବୋଡ଼େନ ଥାନା ପାଟଧରା ଗ୍ରାମର ସନ୍ଦ୍ରି ମାଝି ଓ ବଡ଼ ମାଝି, ଖଡ୍ଡୁପାଣି ଗ୍ରାମର ବଦନ ମାଝି, ଚିକେଲଚୁଆଁ ଗ୍ରାମର ଖଗେଶ୍ୱର ମାଝି ଓ ଖଡ଼ିଆଳ ବ୍ଲକ ଭାଲୁଡୁଙ୍ଗରି ଗ୍ରାମର ଅଚ୍ୟୁତାନନ୍ଦ ମାଝି। ସେମାନଙ୍କଠାରୁ ବାଘ ଛାଲ, ନଖ, ଦାନ୍ତ, ବଜ୍ରକାପ୍ତାର କାତି, ଦେଶୀ ବନ୍ଧୁକ, ଲୁହାତାର ଜବତ କରାଯାଇଥିବା ଡିଏଫ୍‌ଓଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଖଡ଼ିଆଳ ଡିଏଫଓ ସୁଶୀଲ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଛତିଶଗଡ ସୀତା ନଦୀକୂଳ ଉଦନ୍ତୀ ଅଭୟାରଣ୍ୟରେ ବନ ବିଭାଗ ପକ୍ଷରୁ ଏକ ଟ୍ରାକ କ୍ୟାମେରା ଲଗାଇ ବାଘର ଗତିବିଧି ଉପରେ ନଜର ରଖାଯାଇଥିଲା। ସେହି ଟ୍ରାକ କ୍ୟାମେରାରେ ଦୁଇଟି ମହାବାଳ ବାଘର ଚିତ୍ର କଏଦ ହୋଇଥିଲା। କିଛି ଦିନ ପରେ ଗୋଟିଏ ବାଘ କ୍ୟାମେରାରେ ଦେଖା ନ ଯିବାରୁ ବିଭାଗୀୟ ଅଧିକାରୀମାନେ ଶିକାର କରାଯାଇଥିବା ନେଇ ସନ୍ଦେହ କରିଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ଛତିଶଗଡ ବନ ବିଭାଗ ବୋଡ଼େନ ଥାନା ଖଡ୍ଡୁପାଣି ଗାଁର ଜଣଙ୍କ ଘରେ ଚଢ଼ାଉ କରିଥିଲା। ଛତିଶଗଡ ଉଦନ୍ତୀ ଅଭୟାରଣ୍ୟ ଉପନିର୍ଦ୍ଦେଶକ ଅନୁଜ ଜୈନଙ୍କ ନେତୃତ୍ୱରେ ଏକ ଟିମ୍ ଖଡ଼ିଆଳ ବନଖଣ୍ଡ ଅଞ୍ଚଳରେ ୩ ଦିନ ରହି ତଦନ୍ତ କରିଥିଲା। ପରେ ଛତିଶଗଡ ବନ ବିଭାଗ ୫ଜଣଙ୍କୁ ଉଠାଇ ନେଇ ପଚରାଉଚରା କରିବାରୁ ସେମାନେ ସ୍ୱୀକାର କରିଥିଲେ। ସୋମବାର ଶିକାରୀମାନଙ୍କଠାରୁ ଏକ ୬ ଇଞ୍ଚର ଲମ୍ବର ବାଘ ଛାଲ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି ବୋଲି ଡିଏଫ୍‌ଓ ତ୍ରିପାଠୀ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

## ସଚେତନ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ

**ଖପ୍ରାଖୋଲ, ୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଅୱାଜ ଅଫ ଇଣ୍ଡିଆ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅୱାଜ ଇଣ୍ଡିଆ ଅଧ୍ୟକ୍ଷ ସୁନୀଲ ମିଶ୍ର ଅଧ୍ୟକ୍ଷତାରେ କରିଥିଲେ। ଦେଶଗଠନରେ ଜନସାଧାରଣଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ସମାଜରେ ବିଭିନ୍ନ ବର୍ଗର ଲୋକ ବାସ କରୁଥିବା ବେଳେ ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ତିନୋଟି ସ୍ତମ୍ଭ ରହିଛି। ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ କଲ୍ୟାଣ ମୁଖ୍ୟ ହୋଇଥିବା ବେଳେ ସଚେତନତା ଅଭାବରୁ ଲୋକେ ସରକାରୀ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି। ସମସ୍ତ ଜନସାଧାରଣ ସଚେତନ ହେଲେ ସୁସ୍ଥ ସମାଜ ସମ୍ଭବ ବୋଲି ମତପୋଷଣ କରିଥିଲେ। ଆଲୋଚନାଚକ୍ରରେ ରାୟପୁରର ବିଶିଷ୍ଟ ଲେଖକ ମିନିକେତନ ଦାଶ, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ କୁନି ପାଣିଗ୍ରାହୀ, ସଦାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ।

## ହୃଦ୍‌ରୋଗ ପରୀକ୍ଷଣ ଶିବିର

**ବଲାଙ୍ଗୀର ଅଫିସ, ୬।୬**

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଜିଲା ସାମ୍ବାଦିକ ସଂଘ ଏବଂ ସତ୍ୟନାରାୟଣ ସ୍ମୃତି କମିଟି ପକ୍ଷରୁ ଏକ ମାଗଣା ହୃଦରୋଗ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୫୦ ଜଣ ନାମ ପଞ୍ଜୀକରଣ କରିଥିଲେ। ଭୁବନେଶ୍ୱର ଆପୋଲୋ ହସପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା. ବ୍ୟୋମକେଶ ଦୀକ୍ଷିତ ଶିବିରରେ ଯୋଗଦେଇ ୨୫ଜଣ ବରିଷ୍ଠ ନାଗରିକ ଏବଂ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିଙ୍କ ହୃଦ୍‌ରୋଗ ପରୀକ୍ଷଣ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ହୃଦରୋଗ ପରୀକ୍ଷଣରେ ଇସିଜି ପାଇଁ ଟିଟିଲାଗଡର ନରେଶ ସେଠ ସହଯୋଗ କରିଥିଲେ। ପ୍ରାରମ୍ଭରେ ଜିଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡା, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ, ସ୍ମୃତି କମିଟି ସଭାପତି ଇଂ ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ଶରତ ମହାକୁର ଡାକ୍ତର ବ୍ୟୋମକେଶ ଦୀକ୍ଷିତଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଶିବିର ପରିଚାଳନାରେ ସଂଘ ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଶତପଥୀ, ମନୋରଞ୍ଜନ ଯୋଷୀ, ହରିନାରାୟଣ ପୂଜାରୀ, ଶରତ ଚନ୍ଦ୍ର ମିଶ୍ର, ବିଶ୍ୱଜିତ ଦାଶ, ଘଟେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁଧୀର ମିଶ୍ର, ସନ୍ଦୀପ କୁମାର କୁଅଁର, ଗୋପାଳ ପ୍ରଧାନ, ରତ୍ନରାଜ ସିଂ, ଦୀପକ ପୁରୋହିତ ସହଯୋଗ କରିଥିଲେ।


ହୃଦ୍‌ରୋଗ ବିଶେଷଜ୍ଞ ଡ. ବ୍ୟୋମକେଶ ଦୀକ୍ଷିତଙ୍କୁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ତାଲପାଲି, କନ୍ଧପାଲି ବନ୍ଧ ପୁନରୁଦ୍ଧାର ଦାବିରେ ଧାରଣା

**ବଲାଙ୍ଗୀର ଅଫିସ, ୬।୬**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବନ୍ଧ ପୁନରୁଦ୍ଧାର ଦାବିରେ ଧାରଣା ଦିଆଯାଇଛି।

**ବଲାଙ୍ଗୀର ଆକ୍ସନ କମିଟି ଦେଲା ଚରମ ଚେତାବନୀ**

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ତାଲପାଲି ଓ କନ୍ଧପାଲି ବନ୍ଧ ପୁନରୁଦ୍ଧାର ଦାବିରେ ୱାର୍ଡ ନମ୍ବର ୨, ୩ ଓ ୪ର ଶତାଧିକ ମହିଳା ଓ ପୁରୁଷ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଆକ୍ସନ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସରକାରୀ ଅନୁଦାନ ସତ୍ତ୍ୱେ ପୌରପାଳିକା ଓ ଜିଲା ପ୍ରଶାସନ ବନ୍ଧ ଗୁଡିକର ପୁନରୁଦ୍ଧାର କରୁ ନ ଥିବା ଅଭିଯୋଗ କରାଯାଇଥିଲା। ବନ୍ଧ ଗୁଡିକର ପୁନରୁଦ୍ଧାର କରା ନ ଗଲେ ଆଗକୁ ଜୋରଦାର ଜନଆନ୍ଦୋଳନ କରାଯିବ ବୋଲି ଧାରଣାରତ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ଆକ୍ସନ କମିଟି ଅଧ୍ୟକ୍ଷ ପାଣିଗ୍ରାହୀ କହିଥିଲେ ଯେ, ଅନୁଦାନ ସତ୍ତ୍ୱେ ଉନ୍ନୟନ କାମ ନହେବା ଦୁର୍ଭାଗ୍ୟଜନକ। ଧାରଣାରତ ମହିଳାମାନେ କହିଥିଲେ ଯେ, କିଛି ବର୍ଷ ପୂର୍ବରୁ ତାଲପାଲି ଓ କନ୍ଧପାଲି ବନ୍ଧ ପାଣିକୁ ଲୋକେ ବ୍ୟବହାର କରୁଥିଲେ। କିନ୍ତୁ ବିଗତ କିଛି ବର୍ଷ ଭିତରେ ଏହି ଉଭୟ ବନ୍ଧ ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ଫଳରେ ଏହି ଜଳାଶୟର ପାଣି ମଣିଷ ବ୍ୟବହାର ଉପଯୋଗୀ ହୋଇପାରିନାହିଁ। ଲୋକେ ବନ୍ଧ ପୁନରୁଦ୍ଧାର ପାଇଁ ମ୍ୟୁନିସିପାଲିଟି ଓ ଜିଲା ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ବିଭିନ୍ନ କାରଣ ଦର୍ଶାଇ ଜନସ୍ୱାର୍ଥକୁ ଅଣଦେଖା କରାଯାଇଛି। ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ଅନେକ ବନ୍ଧର ଅବସ୍ଥା ତଦ୍ରୁପ ବୋଲି କୁହାଯାଇଥିଲା। ଫଳରେ ବନ୍ଧ ପୁନରୁଦ୍ଧାର ପାଇଁ ବିଭିନ୍ନ ପଡାର ଜନସାଧାରଣ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ଓ ମ୍ୟୁନିସିପାଲିଟି କୌଣସି ବିହିତ ପଦକ୍ଷେପ ନନେବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଅନେକ ଥର ଲୋକେ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରିଥିଲେ ମଧ୍ୟ ଲୋକଙ୍କ ଦାବିକୁ ଶୁଣାଯାଉନାହିଁ। ବଲାଙ୍ଗୀର ଆକ୍ସନ କମିଟି ୬ ମାସ ପୂର୍ବରୁ ସମସ୍ତ ବନ୍ଧକୁ ପୁନରୁଦ୍ଧାର ଦାବି କରିଥିଲା। ତାହା ମଧ୍ୟ ପୂରଣ କରାଗଲାନାହିଁ। ଏହି ବନ୍ଧଗୁଡିକର ସଫେଇ କାମ ଶୀଘ୍ର ଆରମ୍ଭ କରାନଗଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଡାବାସୀଙ୍କ ସହ କଂଗ୍ରେସ ଦଳର ଉମା ଶଙ୍କର ପଣ୍ଡା, ମନୀଷ ମିଶ୍ର, ବୁଲୁଦାନୀ, ଝୁଲୁ ପଟ୍ଟନାୟକ, ଅସିତ ମିଶ୍ର, ଅରବିନ୍ଦ ପରୁଆ, ବଜରଙ୍ଗ ବନଛୋର, ରଜନୀ ବନଛୋର, ପଦ୍ମିନୀ ପରୁଆ, ମିରା ମଣ୍ଡଲ, ଆରତୀ ନାଗ, ସଞ୍ଜୟ ମିଶ୍ର, କୈଳାସ ମିଶ୍ର, ଅଙ୍କିତ ସାହୁ, ଲୋପନ ମିଶ୍ର, ନାସିର ଖାନ, ହିମାଂଶୁ ନାୟକ, ଅନୁପ ସାଏ, ବିଦ୍ୟାଧର ସାହୁ, ରୁପେଶ ନାଗ, ସୁରେଶ ନାଗ, ବର୍ଜ ସେଠି, ବେତୁନ ସ୍ୱାଇଁ, ସାଇନା ବେଗମ, ସବିତା ଶତପଥି, ବବିତା ସାହୁ, ସୁଦାମ ସିଂ, ପ୍ରତ୍ୟୁଷ ପାଣିଗ୍ରାହୀ, ଗୌରି ମିଶ୍ର, ସତ୍ୟଭାମା ପୁଟେଲ ଓ ଜୟନାରାୟଣ ବହିଦାର ଧାରଣାରେ ବସିଥିଲେ।

**ଜଳାଶୟ ପୁନରୁଦ୍ଧାର କାମର ଶୁଭାରମ୍ଭ**

ବରଗଡ଼ ଅଫିସ୍ : ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଲିବନ୍ଧ(ଜଳାଶୟ) ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା। ନିଲିବନ୍ଧ ପଡ଼ାବାସୀ ଉକ୍ତ ଜଳାଶୟର ପୁନରୁଦ୍ଧାର ପାଇଁ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାରରୁ ପୌର ପରିଷଦ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ବିଧାୟକ ଆଚାର୍ଯ୍ୟ ଉପସ୍ଥିତ ରହି ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ସ୍ଥାନୀୟ କାଉନସିଲର ଏବଂ ପଡ଼ାବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୋହେଲାରେ ଯୁଗ୍ମ ଅଭିଯୋଗ ଶୁଣାଣି


ସୋହେଲା,୬।୬(ଡି.ଏନ.ଏ): ବରଗଡ଼ ଜିଲା ସୋହେଲା ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଏସପି ପି.ଏସ୍ ମିନା ପ୍ରମୁଖ ଯୋଗଦାନ କରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ଲୋକେ ଅଭିଯୋଗ ନେଇ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ୫୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ବାନାର୍ଜୀ ଅଭିଯୋଗ ଶୁଣିବା ପରେ ତ୍ୱରିତ୍ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋହେଲା ବିଡ଼ିଓ ବିଶ୍ୱରଞ୍ଜନ କର, ଅତିରିକ୍ତ ତହସିଲଦାର ଅଂଶୁମାନ ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

ଗାଇସିଲେଟ୍,୬।୬(ଡି.ଏନ.ଏ) ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଫିରିଙ୍ଗିମାଲ ପଞ୍ଚାୟତ ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ତନସନା, ନେହେରୁ ପାଣ୍ଡେ, ଛେଲିଆ ପୋଢ଼, ଭବେ ସାହୁ, ଭାଗ୍ୟନ ସା, ସରପଞ୍ଚ ପହିଲ ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗ୍ରାମର ଭଦ୍ରବ୍ୟକ୍ତି, ସ୍କୁଲ ପରିଚାଳନା କମିଟିର ସଭ୍ୟ ଏବଂ ପୁରାତନ ଛାତ୍ରମାନେ ଉପସ୍ଥିତ ରହି ରୌପ୍ୟ ଜୟନ୍ତୀ ପାଳନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୈଠକରେ ଗ୍ରାମର ଅନେକ ଗ୍ରାମବାସୀ ମଧ୍ୟ ଯୋଗଦାନ କରିଥିଲେ।

### ଦକ୍ଷିଣ ଏସିଆ ବଡିବିଲ୍ଡିଂ ଚାମ୍ପିୟନଶିପରେ ପ୍ରୀତମ ଦାଶ

ସରଣ୍ଡା,୬।୬(ଡି.ଏନ.ଏ.): ଆସନ୍ତା ଜୁଲାଇ ମାସରେ ମାଳଦ୍ୱୀପଠାରେ ହେବାକୁ ଥିବା




ଦକ୍ଷିଣ ଏସିଆ ବଡିବିଲ୍ଡିଂ ଏବଂ ଫିଜିକସ୍ପୋର୍ଟସ ଚାମ୍ପିୟନଶିପରେ ଭାଗ ନେବାପାଇଁ ବରଗଡ଼ ଜିଲା ଗୋଡଭଗା ତଥା ମହାନଦୀ କୋଲ୍ଡଫିଲ୍ଡର କର୍ମଚାରୀ ପ୍ରିତମ ଦାଶ ମନୋନୀତ ହୋଇଛନ୍ତି। ଗତ ୩ ଓ ୪ ତାରିଖ ଦୁଇଦିନ ଧରି ଭାରତୀୟ ବଡିବିଲ୍ଡିଂ ଫେଡରେଶନ ତରଫରୁ ଗୋଆର ମାଡଗାଓଁଠାରେ ସର୍ବଭାରତୀୟ ଚୟନ ପ୍ରକ୍ରିୟାରେ ସେ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୩୦୦ ପ୍ରତିଯୋଗୀ ଭାଗନେଇଥିଲେ। ତାଙ୍କର ଏହି ସଫଳତାରେ ଗୋଡଭଗା ଅଞ୍ଚଳରେ ତଥା ତାଙ୍କ କର୍ମକ୍ଷେତ୍ର ବୁର୍ଲାସ୍ଥିତ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ ତରଫରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ଡାକ୍ତରଙ୍କ ପରଲୋକରେ ଶୋକ

ବରଗଡ଼ ଅଫିସ୍,୬।୬: ବରଗଡ଼ର ଜଣାଶୁଣା ଡା. ଦୀନବନ୍ଧୁ ସାହୁଙ୍କ ପରଲୋକରେ କୋଶଲି ସାହିତ୍ୟ ସଂସ୍କୃତି କଳା ପରିଷଦର ସଭାପତି ଦୟାନିଧି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି, ଗୋପିନାଥ ସାହୁ, ଜଗନ୍ନାଥ ସାହୁ, ଝସକେତନ ପଣ୍ଡା, ବଳ ସେଠ, ଦିନବନ୍ଧୁ ନାଗ, ଗୁଲଠୁ ପ୍ରଧାନ, ଅନନ୍ତ ପୋଢ଼ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ନୀରବ ପ୍ରାର୍ଥନା ହୋଇଥିବାବେଳେ ଉପସ୍ଥିତ ଲୋକେ ସ୍ୱର୍ଗତ ଡା. ସାହୁଙ୍କ ସ୍ମୃତିଚାରଣ କରିଥିଲେ।

### ଆଇଆଇସିଙ୍କୁ ବିଦାୟ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୬।୬: ବରଗଡ଼ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କୁ ଗୋବିନ୍ଦପୁର ପଞ୍ଚାୟତବାସୀଙ୍କ ତରଫରୁ ଏକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଆଇଆଇସି ଗୋଚ୍ଛାୟତଙ୍କୁ ସେ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଲାମଣି ପ୍ରଧାନ, ସମିତିସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, ଗ୍ରାମ ରୋଜଗାର ସେବକ କିରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନାଏବ ସରପଞ୍ଚ ଲଙ୍କେଶ୍ୱରୀ ସାହୁ ଧନ୍ୟବାଦ ଦେଇଥିଲେ।

# ଉଚ୍ଛେଦ ଦାବିରେ ମୁଣ୍ଡ ଟେକିଛି ଆନ୍ଦୋଳନ

**ଲେଙ୍ଗୁ ମିଶ୍ର ଛକ-ନୂତନ ଜୀରାବ୍ରିଜ୍ ରାସ୍ତାପାର୍ଶ୍ୱ ଜବରଦଖଲ**

ବରଗଡ଼ ଅଫିସ୍,୬।୬



ପୌର ନିର୍ବାହୀ ଅଧିକାରୀ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ବରଗଡ଼ ସହରରେ ଜବରଦଖଲ ଚରମସୀମାରେ ପହଞ୍ଚିଛି। ଏଠାରେ ରାସ୍ତାଘାଟ, ନଦୀ,ବନ୍ଧ କୂଳ ଆଦି ସରକାରୀ ଜମି ଜବରଦଖଲ ସାଧାରଣରେ ପରିଣତ ହୋଇଛି। ସେହିପରି ନଦୀ, ବନ୍ଧ ପୋତି ସେଠାରେ କୋଠାବାଡ଼ି ଗଢ଼ି ଉଠିବା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ମାତ୍ର ଗରୀବ, ଖଟିଖିଆ ଯେଉଁଠି ରହୁଛନ୍ତି, ସେଠାରେ ପ୍ରଶାସନର ଦୃଷ୍ଟି ପଡୁଥିବାବେଳେ ଥିଲାବାଲାଙ୍କ ଜବରଦଖଲ ପ୍ରତି ପ୍ରଶାସନ ଆଖିବୁଜି ଦେଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏବେ ସହରର ଲେଙ୍ଗୁ ମିଶ୍ର ଛକଠାରୁ ନୂତନ ଜୀରାବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରିବାକୁ ଦାବି ଜୋର୍ ଧରି ବସିଥିବାବେଳେ ଏହାକୁ ନେଇ ଏକ ଆନ୍ଦୋଳନ ମୁଣ୍ଡ ଟେକିଛି।

ଏକଦା ଜାତୀୟ ରାଜପଥ ରହିଥିବା ଲେଙ୍ଗୁ ମିଶ୍ର ଛକଠାରୁ ନୂତନ ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ସଂକୁଚିତ ହୋଇ ପଡ଼ିଛି। ରାସ୍ତାର ଉଭୟପାର୍ଶ୍ୱରେ କୋଠାବାଡ଼ି ଗଢ଼ି ଉଠିଥିବା ଯୋଗୁ ରାସ୍ତା ସଂକୀର୍ଣ୍ଣ ହେବା ସହିତ ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତେବେ ପୁରୁଣା ଜୀରାବ୍ରିଜ ଭାଙ୍ଗି ନୂତନ ଜୀରାବ୍ରିଜ ନିର୍ମାଣ କାର୍ଯ୍ୟ ସରିଥିବା ଯୋଗୁ ବ୍ରିଜ ଲୋକାର୍ପଣ ହେବା ପରେ ଏହି ରାସ୍ତାରେ ଲୋକଙ୍କ ଯାତାୟାତ ସହିତ ଯାନବାହାନ ଚଳାଚଳ ପୂର୍ବାପେକ୍ଷା ବୃଦ୍ଧି ପାଇବା ସ୍ପଷ୍ଟ ହୋଇଛି। ମାତ୍ର ଲେଙ୍ଗୁ ମିଶ୍ର ଛକଠାରୁ ନୂତନ ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ସଙ୍କୁଚିତ ହୋଇଥିବା ଯୋଗୁ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ କରା ନଗଲେ ନୂତନ ଜୀରାବ୍ରିଜ ଲୋକାର୍ପଣ ପରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ବହୁଗୁଣିତ ହେବା ସାଙ୍ଗକୁ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଫଳରେ ନୂତନ ଜୀରାବ୍ରିଜ ଲୋକାର୍ପଣ ପୂର୍ବରୁ ଲେଙ୍ଗୁ ମିଶ୍ର ଛକଠାରୁ ନୂତନ ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ହଟାଇବା ଦାବି ତେଜିବାରେ ଲାଗିଛି।

ଆମ ଆଦମୀ ପାର୍ଟି, ଜସମଲେଶ୍ୱରୀ ସଂଘ ପରେ ଏହି ଦାବି ନେଇ ଓଡ଼ିଶା ଅଭିଭାବକ ସଂଘ, ବରଗଡ଼ ଶାଖାର ଏକ ପ୍ରତିନିଧି ଦଳ ପୌର ନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇ ଦାବି ଉପସ୍ଥାପନ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଜବରଦଖଲ ଉଚ୍ଛେଦ ନେଇ ତ୍ୱରିତ୍ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଏହି ରାସ୍ତା ଅମ୍ବାପାଲିକୁ ସଂଯୋଗ କରୁଥିବାବେଳେ ସହରର ୬ପଡ଼ାବାସୀ ଉକ୍ତ ରାସ୍ତା ଉପରେ ନିର୍ଭର କରି ଆସୁଛନ୍ତି। ଜବରଦଖଲ ଯୋଗୁ ରାସ୍ତା ସଂକୁଚିତ ହୋଇ ପଡ଼ିଥିବା ଯୋଗୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାପାର୍ଶ୍ୱ ଜବରଦଖଲ ହଟାଇବାକୁ ଅଭିଭାବକ ସଂଘ ଦାବି କରିଛି। ଏ ଦିଗରେ ପଦକ୍ଷେପ ନିଆ ନଗଲେ ଅଭିଭାବକ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ବିମଳ କୁମାର ଦାଶ, ଶିବାନନ୍ଦ ମଟାରୀ, ବାଲ୍ମିକୀ ଷଡ଼ଙ୍ଗୀ, ସାରଥୀ ମେହେର, ରମେଶ ପତି, ବୀରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ କାମ ନିମ୍ନମାନର ଅଭିଯୋଗ

ବରଗଡ଼ ଅଫିସ୍/ସରଣ୍ଡା, ୬।୬(ଡି.ଏନ.ଏ.)



ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ବରଗଡ଼ ଜିଲାର ଭେଡ଼ନରୁ ମହୁଲପାଲି ଏବଂ ଭେଡ଼େନରୁ ରେମଣ୍ଡା ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଛି ବୋଲି ଭାଜପା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଭାଜପାର ଏକ ପ୍ରତିନିଧି ଦଳ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ଦାବି କରିଛି। ଉପରୋକ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ପୂର୍ତ୍ତ ବିଭାଗର ସମସ୍ତ ନୀତି ନିୟମକୁ ବେଖାତିର କରାଯାଇଛି । ନିମ୍ନମାନର କାର୍ଯ୍ୟ ଚାଲିଥିବା ଯୋଗୁ ଖୁବ୍ କମ୍‌ଦିନ ମଧ୍ୟରେ ରାସ୍ତା ଶୋଚନୀୟ ହୋଇ ପଡ଼ିବ ବୋଲି ଭାଜପା ଅଭିଯୋଗ

**ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ**

କରିଛି। ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କଠାରେ ଭାଜପା ଦାବି କରିଛି। ଭାଜପା ନେତା ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, କୁଶ କୁମ୍ଭାର, ଉର୍କୁଲୁ ତାଣ୍ଡି, ବିପିନ ଭୋସାଗର, ଯଶୋବନ୍ତ ସେଠ, ସରୋଜ ମିଶ୍ର, ଲକ୍ଷ୍ମଣ ପଣ୍ଡା, ପ୍ରମୋଦ ମେହେର, ଦିଲ୍ଲିପ ପଟେଲ, କୃଷ୍ଣଚନ୍ଦ୍ର ମେହେର, ବିଭୁତି ଶତପଥୀ ପ୍ରମୁଖ ଏହି ପ୍ରତିନିଧି ଦଳରେ ଥିଲେ।

### ପୋଚ ସହ ୩୦୦ ଲିଟର ମଦ ନଷ୍ଟ

ପଦ୍ମପୁର ୬।୬ (ଡି.ଏନ.ଏ.)

ବରଗଡ଼ ଜଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଅବକାରୀ ଇନ୍ସପେକ୍ଟର ରଶ୍ମିତା ଲାକ୍ରା, ଥାନା ଅଧିକାରୀ ଏଚ. ଜଗାରାଓ, ସୋହେଲା ଅବକାରୀ ଥାନା ଅଧିକାରୀ ଅଶୋକ ପଟେଲ ଓ ସହକର୍ମୀ ଗାଇସିଲେଟ ଥାନା ଅଧିନ ବିଭିନ୍ନ ବେଆଇନ ରନ୍ଧା ମଦ ଭାଟି ଉପରେ ଚଢଉ କରିଥିଲେ। ଚିନ୍ଦ୍ରାପାଲି ଓ ମଳମୁଣ୍ଡା ଜଙ୍ଗଲରେ ଥିବା ରନ୍ଧା ମଦଭାଟିରୁ ୫୦୦୦ ଲିଟର ମହୁଲ ପୋଚ ଓ ୩୦୦ ଲିଟର ଦେଶୀମଦ ସେମାନେ ନଷ୍ଟ କରିଛନ୍ତି। ଅବକାରୀ ବିଭାଗର ବାରମ୍ବାର ଚଢାଉ ଫଳରେ ବେଆଇନ ମଦ ବ୍ୟବସାୟୀଙ୍କ ମନରେ ଛନକା ପଶିଛି। ଆଗାମୀ ଦିନରେ ମଧ ଏପରି ନିଶା ବିରୋଧି ଅଭିଯାନ ଚାଲୁ ରହିବ ବୋଲି ଥାନା ଅଧିକାରୀ ଏଚ ଜଗାରାଓ ପ୍ରକାଶ କରିଛନ୍ତି।

# ଡାକ୍ତରଖାନା ସମସ୍ୟାକୁ ନେଇ ଅସନ୍ତୋଷ

ବରଗଡ଼ ଅଫିସ୍,୬।୬



ଡାକ୍ତରଖାନା ପରିଦର୍ଶନ କରିଥିବା ବରଗଡ଼ ବିକାଶ ମଞ୍ଚର ପ୍ରତିନିଧିବୃନ୍ଦ।

ବରଗଡ଼ ବିକାଶ ମଞ୍ଚର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ଦେଖି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ୱାର୍ଡ଼ ଗୁଡ଼ିକରେ ରହିଥିବା ଶୀତତାପ ନିୟନ୍ତ୍ରିତ ମେଶିନ(ଏସି) ବନ୍ଦ ରହିଥିବା, ଫ୍ରିଜରରେ ପାଣି ନଥିବା, ଗୋଟିଏ ଲିଫ୍ଟ ବ୍ୟତୀତ ଅନ୍ୟସବୁ ଲିଫ୍ଟ ବନ୍ଦ ରହିଥିବା, ସେଡ୍ ବ୍ୟବସ୍ଥା ନଥିବା ଯୋଗୁ ଡାକ୍ତରଖାନାକୁ ଆସୁଥିବା ରୋଗୀ, ଆଟେଣ୍ଡାଣ୍ଟ ହଟହଟା ହେଉଥିବା ଆଦି ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ମଞ୍ଚର ପ୍ରତିନିଧିବୃନ୍ଦ କହିଛନ୍ତି। ଏହି ପ୍ରତିନିଧି ଦଳରେ ମଞ୍ଚର ସଭାପତି ପ୍ରୀତମ ସିଂ, ସମ୍ପାଦକ ଅଭିଜିତ ପ୍ରତିହାର, ଉପସଭାପତି ରାମକୃଷ୍ଣ ମେହେର, ସନ୍ତୋଷ ଦାଶ, ଏମଡ଼ି ଅସଲମ ପ୍ରମୁଖ ଉପସ୍ଥିତ ଥିଲେ।

### ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବରପାଲି, ୬।୬(ଡି.ଏନ.ଏ.)

ବରଗଡ ଜିଲା ବରପାଲି ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଏନଏସି ସଭାଗୃହରେ ଅନୁଷ୍ଠିତ ହୋଇଛି। ବରପାଲି ନଗରପାଳ ଦୀନେଶ ଗହୀରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜମିଦାର ଲାଲ ବିକ୍ରମ ସିଂ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ରଥ ଯାତ୍ରା ପରିଚାଳନା କମିଟି ସଭ୍ୟ ଉପେନ୍ଦ୍ର ପୂଝାରୀ, ରାଜେନ୍ଦ୍ର ପୂଝାରୀ, ପ୍ରଶାନ୍ତ ସାହୁ, ନୀର ମିଶ୍ର, ଦେବେନ୍ଦ୍ର ସାହୁ, ଚିତ୍ତରଞ୍ଜନ ସାହୁ, ବାଲ କିଶୋର ଖାଡଙ୍ଗା ତଥା ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରଥଯାତ୍ରା କିପରି ଆକର୍ଷଣୀୟ ଏବଂ ଶୃଙ୍ଖଳିତ ସମ୍ପନ୍ନ ହେବ ସେ ନେଇ ଆଲୋଚନା ହୋଇଥିଲା।

# ବ୍ଲକସ୍ତରୀୟ ପାଚିକା ସହାୟିକା ପ୍ରଶିକ୍ଷଣ

ବରପାଲି, ୬।୬(ଡି.ଏନ.ଏ.)

ବରଗଡ ଜିଲା ବରପାଲି ବ୍ଲକସ୍ତରୀୟ ପାଚିକା ତଥା ସହାୟିକାମାନଙ୍କ ନିମନ୍ତେ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୧୮ଟି ସ୍କୁଲରେ ଚାଲୁଥିବା ମଧ୍ୟାହ୍ନଭୋଜନର ପାଚିକା ଓ ସହାୟିକା ୨୫୬ଜଣ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୪୨ଜଣ ପ୍ରଶିକ୍ଷଣରେ ଭାଗ ନେଇଥିଲେ। ଏହା ବରପାଲି ବ୍ଲକର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଗଙ୍ଗାଧର ଏନଏସି ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପ୍ରଶିକ୍ଷଣ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମହରା ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ସିଂ, ରତ୍ନ କୁମାର ଭୋଇ ଓ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ଜିଲାସ୍ତରରୁ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଓ ଜିଲା ମଧ୍ୟାହ୍ନ ଭୋଜନ ସଂଯୋଜକ ମନୋଜ କୁମାର ଛନ୍ଦ ଆସି ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। ସେମାନେ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। ତାଲିମ ଶିବିରରେ ସାଧନ କର୍ମୀ ହିସାବରେ ଅଶୋକ କୁମାର ପଣ୍ଡା, ବେଣୁଧର ବରିହା, ଠାକୁର ପ୍ରସାଦ କୁମ୍ଭାର, ରାଜେନ୍ଦ୍ର ମେହେର, କ୍ଷେତ୍ର ମେହେର, ଅଶୋକ କୁମାର ସାହୁ, ବିନୟ କୁମାର ଭୋଇ, ମିଥୁନ ସାହୁ, ରବିନାରାୟଣ ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣକୁ ଧୀରପୁର ସିଆରସିସି ଲାଞ୍ଛନ ବାରିକ, ଶ୍ରୀନିବାସ ପଧାନ, ଉତ୍ତମ ଦେହୁରୀ ସମ୍ପାଦନ କରିଥିଲେ।



ପାଚିକା ସହାୟିକା ପ୍ରଶିକ୍ଷଣରେ ମଞ୍ଚାସୀନ ଅତିଥି।

# ସମ୍ବଲପୁରୀ ଦିନ, ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି

ପଦ୍ମପୁର, ୬।୬(ଡି.ଏନ.ଏ.)

ସମ୍ବଲପୁରୀ ଦିନ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସିରଜିନା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁରର କାର୍ଯ୍ୟକାରୀ ସଭାପତି ଜିତେଶ୍ୱରୀ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ଗତ ବର୍ଷ ହୋଇ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନ ପାଳନ କିପରି କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ଏହି ଦିନରେ ସମ୍ବଲପୁରୀ ଖେମା, ସମ୍ବଲପୁରୀ ପିନ୍ଧମା, ସମ୍ବଲପୁରୀ ନାଚମା କବିତା ପଢ଼ମା ଆଉ ନାଟ ବି କର୍ମା ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ କବି କଳାକାର ଆଉ ଅନୁଷ୍ଠାନମାନଙ୍କୁ ସମ୍ମାନିତ କରାଯିବ। ସିରଜିନା ଅନୁଷ୍ଠାନ ତରଫରୁ ଏହି ବର୍ଷ ଦୁଇ ଦିନ ଧରି ନାଟ୍ୟ ମହୋତ୍ସବ ଓ ସର୍ଟ ଫିଲ୍ମ ମହୋତ୍ସବ କରାଯିବ ବୋଲି ସମ୍ପାଦକ ମହାନ୍ତି କହିଥିଲେ। ପ୍ରସ୍ତୁତି ବୈଠକରେ କୁଞ୍ଜ ବିହାରୀ ସରାଫ, ରାଜେଶ ଗୁର୍ଲ୍ଲା, କିଶୋର ପାତ୍ର, ଡ଼ ଅବନୀ କାନ୍ତ ସାହୁ, ଦୀପକ ଦାଶ, ଲବ ସାହୁ, ଆଦିତ୍ୟ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଭୀଷ୍ମ ଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ ଲାୟନ୍ସ, ଟାଇଟନ୍ସ ବିଜୟୀ

ବରଗଡ଼ ଅଫିସ୍,୬।୬

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବ୍ଲୁ ଡାଇମଣ୍ଡ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହମ୍ମଦ ସିଲିମ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ସୋମବାର ପଞ୍ଚମ ଦିବସରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ଲାୟନ୍ସ ଦଳ ବିଜୟୀ ହୋଇଛି। ବରଗଡ଼ ଜାଗୁଆର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ସଂକଳ୍ପ ରାଉତଙ୍କ ୪୪, ପ୍ରିୟାଂଶୁ ଦାଶଙ୍କ ୩୦ର ସହାୟତାରେ ଜାଗୁଆର ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ୍ ହରାଇ ୧୫୪ରନ କରିଥିଲା। ପ୍ରତିପକ୍ଷ ଦଳର ପ୍ରିୟ ଯାଦବ ୩୧ରନ ବିନିମୟରେ ୩, ରାଜା ବାବୁ ୨୫ରନ ବିନିମୟରେ ୨, ମହମ୍ମଦ ଇଫ୍ତିକାର ୧୬ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ଜବାବ୍‌ରେ ବରଗଡ଼ ଲାୟନ୍ସ ଦଳର ଅଜୟ କରଙ୍କ ୪୧, କୌସ୍ତୁଭ ମହର୍ଷିଙ୍କ ୪୨, ମହମ୍ମଦ ଇଫ୍ତିକାରଙ୍କ ୨୬, ରାକେଶ ରଞ୍ଜନ କିଶନଙ୍କ ୧୮ରନ ସହାୟତାରେ ବିଜୟ ଲକ୍ଷ୍ୟ ପୂରଣ କରିଥିଲେ। ପ୍ରତିପକ୍ଷ ଦଳର ସଂକଳ୍ପ ରାଉତ ୨୭ରନ ବିନିମୟରେ ୨, ଅଜୟ କର ୩୪ରନ ବିନିମୟରେ ୨ଉଇକେଟ୍ ନେଇଥିଲେ।

ସେହି ପ୍ରତିଯୋଗିତାର ଚତୁର୍ଥ ଦିବସରେ ବରଗଡ଼ ସ୍ୱାଗ ହିଟର୍ସକୁ ହରାଇ ବରଗଡ଼ ଟାଇଟନ୍ସ ବିଜୟୀ ହୋଇଥିଲା। ସ୍ୱାଗ ହିଟର୍ସ ଟସ୍ ଜିତି ପ୍ରତିପକ୍ଷ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବରଗଡ଼ ଟାଇଟନ୍ସ ଦଳର ଆଜାଦ ପ୍ରଧାନଙ୍କ ଅପରାଜିତ ୪୭, ବିକାଶ ପ୍ରଧାନଙ୍କ ୪୩, ଦିବ୍ୟକୁମାର ସାହୁଙ୍କ ୪୩, ହିମାଂଶୁ ଭୋଇଙ୍କ ୨୪, ଗୋବିନ୍ଦ ଦୋରାଙ୍କ ୨୦ରନ ସହାୟତାରେ ନିର୍ଦ୍ଧାରୀତ ୨୦ଓଭରରେ ୬ଉଇକେଟ୍ ହରାଇ ୨୦୯ ରନ କରିଥିଲା। ପ୍ରତିପକ୍ଷ ଦଳର ରୂପକ ପ୍ରଧାନ ୨୮ରନ ବିନିମୟରେ ୨, ସାଜନ ସାହୁ ୨୬ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ଜବାବ୍‌ରେ ସ୍ୱାଗ ହିଟର୍ସ ଦଳର ଦଳର ସ୍ୱରାଜ ନାଗଙ୍କ ୪୮, ଶ୍ରୁତିରଞ୍ଜନ ମିଶ୍ରଙ୍କ ୪୧ ଏବଂ ସାଜନ ସାହୁଙ୍କ ୨୫ରନ ସହାୟତାରେ ୧୯.୪ ଓଭରରେ ୧୯୭ରନ ସଂଗ୍ରହ କରି ସମସ୍ତ ଉଇକେଟ୍ ହରାଇଥିଲା। ପ୍ରଦୀପ ନନ୍ଦ, ହନୁ ଅଗ୍ରୱାଲ ମ୍ୟାଚ ପରିଚାଳନା କରିଥିବାବେଳେ ମନୋଜ ପାତ୍ର ସ୍କୋରର ଥିଲେ। ମହମ୍ମଦ ଏଫ୍ରୋଜ ଧାରା ବିବରଣୀ ପ୍ରଦାନ କରିଥିଲେ।

# ରେଳ ମୃତକଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

ପଦ୍ମପୁର, ୬।୬(ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଭେଁଉରିଆ ଛକରେ ବିଜୁ ଜନତା ଦଳ ପକ୍ଷରୁ ବାଲେଶ୍ୱର ଜିଲା ବାହାନଗାରେ କରମଣ୍ଡଳ ଏକ୍ସପ୍ରେସ ଟ୍ରେନ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଦୀପ ଜାଳି ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଆହତ ବ୍ୟକ୍ତିଙ୍କ ନିମନ୍ତେ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଯୁବନେତା ଭୋଜରାଜ ସିଂ ବରିହା, ପ୍ରଶାନ୍ତ ମହାନ୍ତି, ଏନଏସି ଉପାଧକ୍ଷା ଭାରତୀ ପଟ୍ଟନାୟକ, ଟାଉନ ସଭାନେତ୍ରୀ ମନୋରମା ମହାପାତ୍ର, କାଉନସିଲର ସଂଯୁକ୍ତା ପୃଷ୍ଟି, କ୍ଷୀର ସାନବର୍ଷା, କବିତା ସେଠ, ଟାଉନ ସଭାପତି କିଶୋର ସାହୁ, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ବାବୁଲୁ ଖାନ, ଭରତ ପଣ୍ଡା, ପିଣ୍ଟୁ ପାଢୀ, ମୌସମ ପାଗଡା, ସରଜୁ ପଟ୍ଟନାୟକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।



ବିଧାୟିକା ବର୍ଷା ସିଂ ବରିହାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଦୀପ ପ୍ରଜ୍ୱଳନ କରୁଛନ୍ତି।

# ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୬।୬

ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ପାଇଁ ଗ୍ରୀଷ୍ମ ଅବକାଶରେ ହେଉଥିବା ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନଦୀଖଣ୍ଡି ପଡ଼ାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ସାଇ ମଲ୍ଟି ହସପିଟାଲର ଡାକ୍ତର ଦମ୍ପତି ଡା. ପ୍ରବୀଣ ଅଗ୍ରୱାଲ ଏବଂ ସ୍ତ୍ରୀ ଡା. ଅର୍ଚ୍ଚନା ଅଗ୍ରୱାଲ ଯୋଗଦେଇ ୭୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ। ସେହିପରି ଶିଶୁମାନଙ୍କୁ ଡାକ୍ତର ଦମ୍ପତି ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପାଠାଗାରର ଆବାହକ ଡଃ ରବି ନାରାୟଣ ସାହୁ ଏବଂ ଗୋପବନ୍ଧୁ ପୁରୋହିତଙ୍କ ତତ୍ତ୍ୱାବଧାନରେ




ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଅତିଥି, ଶିଶୁମାନେ।

ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯଶବୀର ସିଂ, ପ୍ରଦୀପ୍ତଭାନୁ ମହାନ୍ତି, ଶିକ୍ଷୟିତ୍ରୀ ମୀନା ପଣ୍ଡା, ଦିବ୍ୟକାନ୍ତୀ ଭୋଇ, ଅର୍ଜୁନ ସେଟ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ସହିତ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ପ୍ରକୃତି ବନ୍ଧୁ ଡ. ଡୋଲାମଣି ଶତପଥୀ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିକ୍ଷକ ଦୁଃଖିସେବକ ସାହୁ, ଚନ୍ଦ୍ରକାନ୍ତ ସାହୁ, ଦୟାନିଧି ମହାପାତ୍ର, କମଳ ଲୋଚନ ପଟେଲ ପ୍ରମୁଖ ଶିଶୁଙ୍କୁ ପାଠ୍ୟଦାନ କରିଥିଲେ । କଣ୍ଠଶିଳ୍ପୀ ପ୍ରମୋଦ ଦାଶ ସ୍ୱାସ୍ଥ୍ୟ ସଚେତନତାଧର୍ମୀ ସଙ୍ଗୀତ ଗାନ କରିଥିବାବେଳେ ଆୟୋଜକ, ଅତିଥି ଏବଂ ଶିଶୁମାନେ ମିଳିତଭାବେ ନୃତ୍ୟ ପରିବେଷଣ କରିଥିଲେ ।

## ସ୍କ୍ରାପ ବୋଝେଇ ପିକ୍ଅପ୍ ଜବତ: ୨ ଗିରଫ

ରାଉରକେଲା ଅଫିସ : ଏକ ପିକ୍ଅପ ଭ୍ୟାନରେ ବେଆଇନ ସ୍କ୍ରାପ୍ ଚୋରା ଚାଲାଣ ହେଉଥିବାବେଳେ ରଘୁନାଥପାଲି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାନ୍ଧିରୋଡ ଅଞ୍ଚଳର ପଞ୍ଚମ ସିଂ ଓ ଶୁସିଲ ଗୁପ୍ତା। ସୋମବାର ବିଳମ୍ବିତ ରାତିରେ ଶୁସିଲ ଓ ପଞ୍ଚମ ଏକ ପିକ୍ଅପ୍ ଭ୍ୟାନ ଗାଡି ନଂ.ଓଆର-୧୪ଇ୨୨୩୦ ଯୋଗେ ବେଆଇନ ଚୋରା ସ୍କ୍ରାପ ଚାଲାଣ କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ପୋଲିସ ଗାଡିକୁ ପିଛା କରି ବାସୁକିନାଥ ଓ୍ୱେବ୍ରିଜ ନିକଟରେ କାବୁ କରି ନେଇଥିଲା। ଉକ୍ତ ଗାଡିରେ ବୋଝେଇ ହୋଇଥିବା ସ୍କ୍ରାପ ବେଆଇନ ଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

କୁତ୍ରା,୬।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଡାହିଜିରା ଚାମୁପଡ଼ାଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରିତିକ ତିଡୋ(୧୦)। ସୋମବାର ରାତିରେ ତଳେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କୁମୁଡ଼ି ଥିଲା। ପରିବାର ଲୋକ ଜାଣିବା ପରେ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ କୁତ୍ରା ପୋଲିସ ଏକ ମାମଲା ରୁଜୁ କରି ମୃତ ଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଛାତରୁ ପ୍ଲାଷ୍ଟର ଖସି ରୋଗୀ ଆହତ

ଲହୁଣୀପଡ଼ା,୬।୬ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ଶଯ୍ୟା ଛାତରୁ ପ୍ଲାଷ୍ଟର ଖସି ଜଣେ ଚିକିତ୍ସାଧୀନ ମହିଳା ଆହତ ହୋଇଛନ୍ତି। ସାବିତ୍ରୀ ମୁଣ୍ଡାଙ୍କ ଗୋଡ଼ରେ ପ୍ଲାଷ୍ଟର ଖଣ୍ଡ ପଡ଼ିବାରୁ ସେ ଠିକ ଭାବେ ଚାଲି ପାରୁନଥିବା ଜଣାପଡ଼ିଛି। ମହିଳା ବିଭାଗ ଗୃହରେ ୮ଟି ଶଯ୍ୟା ଥିବା ବେଳେ ୮ ଜଣ ଚିକିତ୍ସିତ ହେଉଥିଲେ। ପ୍ଲାଷ୍ଟର ଖଣ୍ଡ ୧୫,୧୬ ନମ୍ବର ଶଯ୍ୟା ମଝିରେ ପଡ଼ିବା ଯୋଗୁ ୧୬ ନମ୍ବର ଶଯ୍ୟାରେ ଥିବା ସୁଲ ହେମରମ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ପରେ ରୋଗୀଙ୍କୁ ଅନ୍ୟ ଗୃହକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ରୁଦ୍ର ଚରଣ ସାହୁଙ୍କୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ନଥିଲା।

### ଛାତରୁ ଖସି ଶ୍ରମିକ ମୃତ

ରାଉରକେଲା ଅଫିସ,୬।୬: ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ସ' ମିଲ ଛକରେ ଥିବା ଏକ କାରଖାନାର ସେଡହାଉସ ଛାତରୁ ଖସି ଜଣେ ଶ୍ରମିକ ମଙ୍ଗଳବାର ମୃତ୍ୟୁବରଣ କରିଛନ୍ତି। ମୃତ ଶ୍ରମିକ ଜଣଙ୍କ ହେଲେ ରାକେଶ କୁମାର ତନ୍ତୀ(୩୫)। ସୂଚନାଯୋଗ୍ୟ, ବିଶ୍ରା ଅଞ୍ଚଳରେ ରାକେଶ ପରିବାର ସହ ବାସ କରନ୍ତି। ସେ ରାଉରକେଲା ତଥା ଆଖପାଖ ଅଞ୍ଚଳରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ରାକେଶ ମଙ୍ଗଳବାର ସକାଳ ସାଢେ ୭ଟାରେ ବେଦବ୍ୟାସସ୍ଥିତ ଇଷ୍ଟର୍ଣ୍ଣ ଇକ୍ୟୁମେଣ୍ଟ କାରଖାନାକୁ କାମ କରିବାକୁ ଆସିଥିଲେ। ସକାଳ ସାଢେ ୧୧ଟାରେ ରାକେଶ ଏହି କାରଖାନାର ସେଡହାଉସ ଛାତ ଉପରକୁ ଲୁହାରଡ ନେଇ ଚଢୁଥିବାବେଳେ କୌଣସି କାରଣରୁ ଖସି ପଡିଥିଲେ। ଫଳରେ ତାଙ୍କ ଛାତି ଓ ମୁଣ୍ଡରେ ଖୁବ ଜୋରରେ ଆଘାତ ଲାଗିଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସାଲାଗି ଆରଜିଏଚରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

### ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

ରାଉରକେଲା ଅଫିସ, ୬।୬: ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ରାଉରକେଲା ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଜିଲା ଯୁଗ୍ମ ଶ୍ରମ ଅଧିକାରୀ ପ୍ରଣବ ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ରଥକୁ ରାଉରକେଲା ବିଧାୟକ ତଥା ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଏଡିଏମ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଜିଲାରେ କିଭଳି ଶିଶୁ ଶ୍ରମିକ ନିରାକରଣ କରାଯାଇ ପାରିବ ସେନେଇ ମତ ପ୍ରକାଶ କରିଥିଲେ। ଏହି ରଥ ରାଉରକେଲା ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ରାଉରକେଲା ଶିଳ୍ପାଞ୍ଚଳ, ଆମ୍ବଗାନ, ପାନପୋଷ, ଛେଣ୍ଡ, ବାସନ୍ତୀ କଲୋନୀ ଭଳି ବିଭିନ୍ନ ଅଞ୍ଚଳ ଓ ସହର ଆଖପାଖରେ ଥିବା ତଳି ଅଞ୍ଚଳରେ ବୁଲି ଶିଶୁ ଶ୍ରମିକ ନିରାକରଣ କିପରି ରୋକାଯାଇ ପାରିବ ସେନେଇ ଜନସାଧାରଣଙ୍କୁ ସଚେତନ କରାଇବ। ଏହି ରଥ ସହରରେ ୩ ଦିନ ଧରି ବିଭିନ୍ନ ଶିଶୁ ଶ୍ରମିକ ଦୂରୀକରଣ ନିମନ୍ତେ ପ୍ରଚାର ଓ ପ୍ରସାର କରିବ ବୋଲି ଜିଲା ଶ୍ରମଅଧିକାରୀ ଦିବ୍ୟଜ୍ୟୋତି ନାୟକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆରଆରସିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫଡିମା ଏକ୍କା, ଆଇନଜୀବୀ ସୁଦାମ ଦାଶଙ୍କ ସହ ଶ୍ରମ କାର୍ଯ୍ୟାଳୟର ବିଭିନ୍ନ କର୍ମକର୍ତ୍ତା, ଚାଇଲଡଲାଇନ, ସିଡବ୍ଲୁସିରର ବିଭିନ୍ନ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବାଳ ଅପରାଧ ପ୍ରବଣ ହେଉଛି ରାଉରକେଲା

■ ଶିକ୍ଷା ଓ ସଚେତନତା ଅଭାବରୁ ରହୁନି ନିୟନ୍ତ୍ରଣ
■ ଚୋରି, ଛିନ୍ତାଇରେ ବାଳଅପରାଧୀଙ୍କ ସମ୍ପୃକ୍ତି ଅଧିକ

ରାଉରକେଲା ଅଫିସ, ୬।୬

ଆଜିର ଶିଶୁ କାଲିର ଭବିଷ୍ୟତ। ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନେକ କ୍ଷେତ୍ରରେ ଶିଶୁମାନେ ପଥଭ୍ରଷ୍ଟ ହେଉଥିବା ଦେଖାଯାଉଛି। ବାଳ ଅପରାଧ କ୍ଷେତ୍ରରେ ରାଉରକେଲାରେ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ଦେଖାଯାଇଛି। ରାଉରକେଲା ପୋଲିସ ଜିଲାରେ କିଛି ନିର୍ଦ୍ଦିଷ୍ଟ ବସ୍ତିଅଞ୍ଚଳରେ ଏହି ବାଳ ଅପରାଧୀଙ୍କ ସଂଖ୍ୟା ବଢୁଛି। ୨୦୨୦ ପର୍ଯ୍ୟନ୍ତ ରାଉରକେଲା ପ୍ରଧାନପାଲ୍ଲୀ ସ୍ଥିତ ବାଳସୁଧାର ଗୃହରେ ୭୪୬ ଜଣ ବାଳଅପରାଧୀ ରହୁଥିବାବେଳେ ୨୦୨୩ ମସିହା ମେ ମାସ ସୁଦ୍ଧା ଏହା ୯୧୪ରେ ପହଞ୍ଚିଛି। ଏହି ସୂଚନା ଦେଇଛନ୍ତି ଜୁଭେନାଇ ଜଷ୍ଟିସ ବୋର୍ଡ (ଜେଜେବି) ରାଉରକେଲାର ସଦସ୍ୟ ତଥା ଆଇନଜୀବୀ ଅନୁସୂୟା ପଣ୍ଡା। ତାଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ମାସରେ ଜେଜେବିରେ ୧୦-୧୨ଟି କେଶ୍ ସମାଧାନ ହେଉଥିବାବେଳେ ପୁନଃ ଏହି ଅନ୍ତେବାସୀମାନେ ଅନ୍ୟ ମାମଲାରେ ସମ୍ପୃକ୍ତି ନେଇ ଆସୁଛନ୍ତି। ବିଚାର ପରେ ଏମାନଙ୍କୁ ବାଳସୁଧାର ଗୃହରେ ରଖାଯାଉଛି। କେତେଜଣ ନିର୍ଦ୍ଦିଷ୍ଟ ବାଳଅପରାଧୀଙ୍କ ନାମରେ ୧୭-୧୮ଟି ମାମଲା ରହିଛି। ଏପରିକି ନାବାଳକ ଅବସ୍ଥାରେ ସୁଧାର ଗୃହରୁ ପରିବର୍ତ୍ତନ ହେଉ ନାହାନ୍ତି। ପରବର୍ତ୍ତୀ ସମୟରେ ସେମାନେ ଅପରାଧ ପ୍ରବଣତାକୁ ଜାରି ରଖୁଛନ୍ତି। ଏପରିକି ପ୍ରତିଷ୍ଠିତ ସ୍କୁଲ ଓ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରୁ ମଧ୍ୟ ଏହି ବାଳ ଅପରାଧୀମାନେ ଆସୁଛନ୍ତି। ଯାହାଦ୍ୱାରା ଅପରାଧର ପରିସୀମା ବ୍ୟାପ୍ତ ହେଉଥିବା ପରିଲକ୍ଷିତ ହେଉଛି। ବାଳ ଅପରାଧ ଗୃହରୁ ୨୦୨୨ରେ ୨ଥର ଓ ୨୦୨୩ ମସିହାରେ ୩ ଥର ଅନ୍ତେବାସୀ ଫେରାର ହୋଇଛନ୍ତି। ଯାହାକି ସମାଜରେ ନକରାତ୍ମକ ପ୍ରଭାବ ପକାଉଛି। ନୈତିକତା ଶିକ୍ଷା, ସଚେତନତା ଓ ସଂସ୍କାର ପ୍ରଦାନ କରିବା ଦିଗରେ ଦୃଷ୍ଟି ଦେଲେ ବାଳ ଅପରାଧ ହ୍ରାସ ପାଆନ୍ତା। ମୋବାଇଲ ଓ ଇଣ୍ଟରନେଟ୍‌କୁ ବ୍ୟବହାର କରି ଶାରୀରିକ ଶୋଷଣ ଓ ବଳାତ୍କାର ଭଳି ସଙ୍ଗୀନ ମାମଲା ଘଟାଉଛନ୍ତି ବାଳ ଅପରାଧୀମାନେ। ଅପରପକ୍ଷରେ, ପୂର୍ବତନ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ କହିବା ଅନୁଯାୟୀ ବାଳ ଅପରାଧ ବୃଦ୍ଧି ପଛରେ କୁସଙ୍ଗ, ପାରିବାରିକ ଅସହଯୋଗ, ପାରିବାରିକ ବିଶୃଙ୍ଖଳା, ଶିକ୍ଷା ପ୍ରତି ବିମୁଖତା ତଥା ବାଳକମାନଙ୍କୁ ଅପରାଧ କରିବା କ୍ଷେତ୍ରରେ ନିୟୋଜିତ କରିବା ଆଦିକୁ କାରଣ ଭାବେ ଧରାଯାଇପାରେ। ପେଷାଦାର ଅପରାଧୀମାନେ ବାଳକମାନଙ୍କୁ ଚୋରି, ଛିନତାଇ ଆଦିରେ ନିୟୋଜିତ କରୁଛନ୍ତି। କାରଣ ଏମାନଙ୍କୁ ସମ୍ବିଧାନରେ ଦଣ୍ଡ ଦେବାର କୌଣସି ନିୟମ ନାହିଁ। ଯାହାଦ୍ୱାରା ବାଳ ଅପରାଧ ବସ୍ତି ଅଞ୍ଚଳରେ ଅଧିକ ବୃଦ୍ଧି ହେଉଛି। ଥାନାମାନଙ୍କରେ ଏହା ସହଜରେ ସମାଧାନ ହୋଇପାରନ୍ତା। ହେଲେ ପୋଲିସ ପକ୍ଷରୁ କୌଣସି ଆନ୍ତରିକତା ଦେଖାଯାଉନାହିଁ। ସେହିପରି ସୁନ୍ଦରଗଡ଼ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ନନ୍ଦଲାଲ ନାୟକ ସଚେତନତା ଅଭାବ ଯୋଗୁ ଏହା ବୃଦ୍ଧି ହେଉଥିବା ଦର୍ଶାଇଥିଲେ।

# ଅମଲାଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଲା ଜିଲା କଂଗ୍ରେସ କମିଟି



ସୁନ୍ଦରଗଡ଼,୬।୬(ଡି.ଏନ୍.ଏ.)

ମିଳିତ ଅମଲା ସଂଘ ଆନ୍ଦୋଳନକୁ ସମର୍ଥନ ଜଣାଇଲା ଜିଲା କଂଗ୍ରେସ କମିଟି। ସଭାପତି ବେଣୁମାଧବଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଧାରଣାରତ ଅମଲାମାନଙ୍କ ସହିତ ସାମିଲ ହୋଇ ସେମାନଙ୍କର ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପୂର୍ବତନ ନଗର ପାଳ ରାଜକିଶୋର ଷଡ଼ଙ୍ଗୀ ଆନ୍ଦୋଳନ ଜାରି ରଖିବାକୁ ହେଲେ ଏକତା ବଜାୟ ରଖିବା ପାଇଁ ହେବ ବୋଲି କହିଥିଲେ। ଅତୀତରେ କୃଷକ ଆନ୍ଦୋଳନ ତାଙ୍କର ଏକତା ପାଇଁ ହାସଲ କରିଥିଲେ କହି ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ସମର୍ଥନ ସଭାରେ କାଳୀପଦ ସାମଲ ପ୍ରଣବ ସିଂ, ନେପାଳ ସାହୁ ତାଙ୍କ ବକ୍ତବ୍ୟରେ କଂଗ୍ରେସ ଦଳ ପ୍ରତିପୂର୍ଣ୍ଣ ସମର୍ଥନ ଥିବା କହିଥିଲେ। ବୈଠକରେ ମନୋଜ ମହାରଣା, ବିଶ୍ୱମିତ୍ର ପ୍ରଧାନ, ଦେବାଶିଷ ଦାସ, ଲବଣୀ ବାଗ ଉପସ୍ଥିତ ଥିଲେ।

# ସ୍କାନ୍ ଷ୍ଟିଲସରେ ବିଶ୍ୱ ପରିବେଶ ଦିବସ

କୁତ୍ରା, ୬।୬(ଡି.ଏନ୍.ଏ.)




ସ୍କାନ ଷ୍ଟିଲସ କର୍ମଚାରୀ ବିଶ୍ୱ ପରିବେଶ ଦିବସ ପାଳନ କରୁଛନ୍ତି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଢ଼ାକଟାଠାରେ ଅବସ୍ଥିତ ସ୍କାନ ଷ୍ଟିଲସ କାରଖାନା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବ କାଳୀନ ନିର୍ଦ୍ଦେଶକ ଅଙ୍କୁର ମଦ୍ଦନ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ କହିବା ସହ ସମାଜରୁ ପ୍ଲାଷ୍ଟିକ ଜନୀତ ପ୍ରଦୂଷଣରୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦିନକୁ ଦିନ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଏହାକୁ କିପରିଭାବେ ରୋକାଯାଇ ପାରିବ ସେ ଦିଗରେ ସମସ୍ତେ ଚିନ୍ତା କରିବା ସହିତ ସମସ୍ତଙ୍କୁ ଏଥିପ୍ରତି ସଚେତନତା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହା ସହିତ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ବୃକ୍ଷ ରୋପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ପ୍ରତି ନିଜକୁ ଦୂରେଇ ରଖିବା ପାଇଁ ଶପଥ ନେବାକୁ କହିଥିଲେ। ଏହି ଅବସରରେ କାରଖାନାର ଅଧିକ୍ଷକ ସୌରଭ ସେନଗୁପ୍ତା,ଦିପକ ଶର୍ମା, ଜନସଂପର୍କ ଅଧିକ୍ଷକ ପ୍ରଭୁରାମ ଦେ, ସରୋଜ ମହାକୁଲ, ସୁବାସ ମଲ୍ଲିକ, ବିପିନ ସାହୁ, ଏଲ.କେ ରାମକୃଷ୍ଣ, ସନ୍ତୋଷ ପାଶୱନ, ଉତ୍ତମ ଯାଦବ ଉପସ୍ଥିତ ଥିଲେ।

# ସ୍ୱଧର୍ମକୁ ଫେରିଲେ ୨ ପରିବାର

ଲହୁଣୀପଡ଼ା,୬।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଭାଲିଆ ଡ଼ିହିଗ୍ରାମର ୨ ପରିବାରର ୮ ସଦସ୍ୟ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡ଼ିଛି। ଏଥିପାଇଁ ଭାଲିଆଡ଼ିହି ଗ୍ରାମରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ନିକଟ ପୋଖରୀରୁ ଶତାଧିକ ମହିଳା ପୂର୍ଣ୍ଣ କଳସ ଶୋଭାଯାତ୍ରା କରି ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ। ଘଟ ସ୍ଥାପନା କରିବା ପରେ ଆନୁଷ୍ଠାନିକଭାବେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିତେନ୍ଦ୍ର ପ୍ରଧାନ ଧର୍ମପତ୍ନୀ ଶ୍ରୀୟା ପ୍ରଧାନ, ପଳଉ ମହାକୁଡଳ ଧର୍ମପତ୍ନୀ ଶୁକାନ୍ତି ମହାକୁଳ,ଗମିଆ ମୁଣ୍ଡା ଧର୍ମପତ୍ନୀ ଚାନ୍ଦୁ ମୁଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିବା ଥିବାବେଳେ ବାଲେଶ୍ୱର ମିଶ୍ର ଯଜ୍ଞ ସଞ୍ଚାଳନ କରିଥିଲେ। ୮ ସଦସ୍ୟଙ୍କୁ ହିନ୍ଦୁ ଶାସ୍ତ୍ର ସନାତନ ଧର୍ମ ରୀତିନୀତି ଅନୁଯାୟୀ ମନ୍ତ୍ରପାଠ ଉଚ୍ଚାରଣ ମାଧ୍ୟମରେ ପବିତ୍ର କରି ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଏହା ପୂର୍ବରୁ ଉଭୟ ପରିବାର ଲହୁଣୀପଡ଼ା ନୋଟାରୀଙ୍କ ନିକଟରେ ମଧ ସତ୍ୟପାଠ କରିଥିବା ଜଣାପଡ଼ିଛି। ଏହାପରେ ଏକ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ,ଏକଲ ବିଦ୍ୟାଳୟ, ଧର୍ମ ରକ୍ଷକ, ବଜରଙ୍ଗ ଦଳର କର୍ମକର୍ତ୍ତା ସର୍ବେଶ୍ୱର ଦାସ, ବିଶ୍ୱମ୍ଭର ନାଥ ମିଶ୍ର, ଚୁଡ଼ାମଣି ମାହାନ୍ତ, ହୃଦୟ କୁମାର ମାହାନ୍ତ, ଭୃକୁଟି ଚରଣ ମାହାନ୍ତ, ଡିଲେଶ୍ୱର ମାହାନ୍ତ, ଦୁର୍ଗା ଚରଣ ସିଂ, ଡୋଳାମଣି ଭୋଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବିସିକେସନ ଗଞ୍ଜୁ ଅଧ୍ୟକ୍ଷତା କରିଥିଲେ। ବିନୋଦ ମୁଣ୍ଡା, ଗୁଡୁ ଚୌଧୁରୀ, ହେମନ୍ତ ଓରାମ,ଭରତ ମାହାନ୍ତ, ମୁନା ସିଂଦେଓ, ପାନ ପାତ୍ର, ସୀତା ପାତ୍ର ବିରିଙ୍ଗା ମୁଣ୍ଡା, ଶାନ୍ତି ପ୍ରଧାନ, ସମେତ ଶଙ୍ଖପୋଷ ପଞ୍ଚାୟତ ନାରୀ ଜାଗରଣ କମିଟି କର୍ମକର୍ତ୍ତା ଏହି ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଲିଭାଇଥିବା ବେଳେ ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା, ସୁସ୍ଥ ପରିବେଶ ବଜାୟ ରଖିବା

ସୁନ୍ଦରଗଡ଼,୫।୬(ଡି.ଏନ୍.ଏ.)

**କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଶ୍ୱ ପରିବେଶ ଦିବସ**

ସୁନ୍ଦରଗଡ଼ ଜିଲା କିରୋଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସଦର ବ୍ଲକ ଲହଣ୍ଡାବୁଡ଼ ଗ୍ରାମରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ଓ ସୁସ୍ଥ ପରିବେଶ ଗଠନ କରିବା ଲକ୍ଷ୍ୟନେଇ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ଲହଣ୍ଡାବୁଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ର, ଗ୍ରାମବାସୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସାମିଲ ହୋଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ଏହି ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ କହିଥିଲେ। ଏହି ଅବସରରେ ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ପରିବେଶକୁ କିପରି ପ୍ଲାଷ୍ଟିକମୁକ୍ତ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରାଯାଇପାରିବ ତା ଉପରେ ଆଲୋକପାତ କରିଥିଲେ। ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣର ବିଭିନ୍ନ ଦିଗ ଉପରେ ବର୍ଣ୍ଣନା କରିଥିଲେ। କ୍ଷେତ୍ର ବୈଜ୍ଞାନିକ ଡ. ଦ୍ୱିବେନ୍ଦୁ ମଣ୍ଡଳ କୃଷି କ୍ଷେତ୍ରରେ ପରିବେଶ ବିଜ୍ଞାନର ଆବଶ୍ୟକତା ଓ ଭୂମିକା ଉପରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଗୋପାଳ ପ୍ରଧାନ ସୁସ୍ଥ ପରିବେଶ ନିମନ୍ତେ ବୃକ୍ଷରୋପଣର ଆବଶ୍ୟକତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ନାୟକ ପରିବେଶ ଉପରେ ଉଦ୍‌ବୋଧନ ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ, ଗ୍ରାମବାସୀ ଓ ଅତିଥିମାନେ ପରିବେଶକୁ ସୁସ୍ଥ ରଖିବାକୁ ଶପଥପାଠ କରିଥିଲେ। ପରିଶେଷରେ କେନ୍ଦ୍ର ତରଫରୁ ଉନ୍ନତ ମାନର ଫଳଚାରା ବଣ୍ଟନ କରାଯାଇ ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ଭ୍ରମରବର ସା, ରିଶିକେଶ ସାହୁ ପ୍ରମୁଖ କାର୍ଯ୍ୟରେ ସହାୟତା କରିଥିଲେ। ଶେଷରେ କୃଷକ ସାଥୀ କିର୍ତ୍ତନ ସା ଧନ୍ୟବାଦ ଦେଇଥିଲେ।

# ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ମିଳିଲା ପ୍ରକୃତି ମିତ୍ର ପୁରସ୍କାର



ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିଛନ୍ତି।

ସୁନ୍ଦରଗଡ଼,୬।୬(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଚଳିତ ବର୍ଷ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ରଭାବେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରକୃତି ମିତ୍ର ପୁରସ୍କାର ପ୍ରମାଣ ପତ୍ର ସହ ୨୦ହଜାର ଟଙ୍କାର ଅର୍ଥ ରାଶି ମନ୍ତ୍ରୀପ୍ରଦାନ କରିଥିଲେ। ସମାରୋହରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ଜଙ୍ଗଲ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଇକୋ ଜରିଆରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ସହ ପରିବେଶ ସୁରକ୍ଷା ଓ ସରଫଗଡରେ ନେଚର କ୍ୟାମ୍ପ ଆଦି ଉଲ୍ଲେଖନୀୟ ଅବଦାନ ପାଇଁ ଜିଲା ପରିବେଶ ସମିତି ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପାଇଁ ଏହି ମହାବିଦ୍ୟାଳୟକୁ ମନୋନୀତ କରାଯାଇଥିଲା। ପୁରସ୍କାର ମିଳିବାପରେ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ.ସାହୁ ମହାବିଦ୍ୟାଳୟ ଇକୋ କ୍ଲବର ସମସ୍ତ ସଦସ୍ୟ, ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୋଇଡା ମାଇନିଂ କପ୍ ଦିବା ରାତ୍ର କ୍ରିକେଟ ଟୁର୍ନାମେଣ୍ଟ



ଟେନସା,୬।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ମିନି ଷ୍ଟାଡିୟମଠାରେ ୬ଷ୍ଠତମ କୋଇଡା ମାଇନିଂ କପ ଡେ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ୧୨ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟ ୬ଦିନ ଧରି ଚାଲିବ। ମୁଖ୍ୟ ଅତିଥିଭାବେ କୋଇଡା ଖ ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାୟକ, ସମ୍ମାନିତ ଅତିଥିଭାବେ କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, କାଶୀରା ସରପଞ୍ଚ ରାଣୀ ଲୋହାର, ସମିତି ସଭ୍ୟ ଜୟନ୍ତୀ ପାତ୍ର, ସିଲବ୍ରୁସ ମୁଣ୍ଡା ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ କୋଇଡ଼ା ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ଏକ ବଡ଼ ଫୁଟବଲ ଟୁର୍ନାମେଣ୍ଟ ହେବା ଗୌରବର କଥା। ନିଜ ନିଜ ମଧ୍ୟରେ ଏକ ଭାଇ ଚାରା ସୃଷ୍ଟି ହେବ ବୋଲି ଅତିଥିମାନେ କହିଥିଲେ। କ୍ରିକେଟ ଟୁର୍ନାମେଣ୍ଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଟ୍ରଫି କୋଇଡା ସହର ପରିଭ୍ରମଣ କରିଥିଲା।

### ଗଛରୁ ଖସି ଯୁବକ ମୃତ

ଲହୁଣୀପଡ଼ା,୬।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଯୋଡ଼ାବନ୍ଧ ଗ୍ରାମରେ କଟର ସାହାଯ୍ୟରେ ଗଛ ଡାଳ କାଟୁଥିବା ବେଳେ ତଳକୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲାଠିକଟା ଅଞ୍ଚଳର ରାଜା ଅଂସାରୀ(୨୮)। ଚାନ୍ଦିପୋଷ ପୋଲିସ ମୃତ ଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ୧୦ଲକ୍ଷ ଟଙ୍କା ଦାନ କଲେ ଯୁବକ

ଦେବଗଡ଼, ୬।୬(ଡି.ଏନ୍.ଏ.)



ଇଂ ଶୁଭାଶୀଷ ପାଣି।

ଦେବଗଡ଼ ଜିଲା ବାରକୋଟ ବ୍ଲକ କଲା ଗ୍ରାମର ଜଣେ ଯୁବକ ଇଂ ଶୁଭାଶୀଷ ପାଣି ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ଆହତମାନଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ଲକ୍ଷ ଟଙ୍କା ଦାନ କରିଛନ୍ତି। ଦେବଗଡ଼ ଭଳି ଜିଲାରୁ ଜଣେ ଯୁବକ ବ୍ୟକ୍ତିଗତ ଭାବେ ନିଜ ଆୟରୁ ୧୦ଲକ୍ଷ ଟଙ୍କା ଦାନ କରିଥିବାରୁ ଜିଲାବ୍ୟାପି ତାଙ୍କୁ ପ୍ରଶଂସା କରାଯାଇଛି। ଇଂ.ଶୁଭାଶୀଷ ପାୱାର ଅଫ୍ ଷ୍ଟକ୍ସ ନାମରେ ଏକ କମ୍ପାନୀ ପ୍ରତିଷ୍ଠା କରି ତା'ର ସିଇଓ ଅଛନ୍ତି। ତାଙ୍କ ବାପା ସତ୍ୟ ନାରାୟଣ ପାଣି ଦେବଗଡ଼ ଜିଲା ସରପଞ୍ଚ ସଂଘର ସଭାପତି ତଥା କଲା ଗ୍ରାମପଞ୍ଚାୟତର ସରପଞ୍ଚ ଅଛନ୍ତି। ମାଆ ଗୀତାଞ୍ଜଳି ପାଣି ବାରକୋଟ ବ୍ଲକ ୩ନଂ. ଜୋନର ଜିଲା ପରିଷଦ ସଭ୍ୟା ଅଛନ୍ତି। ହୃଦୟବିଦାରକ ରେଳଦୁର୍ଘଟଣାରେ ଅନେକ ଆହତ, ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ତେଣୁ ସେମାନେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା କରିବା ସହ ସେମାନଙ୍କ ଚିକିତ୍ସା ସହାୟତା ଲାଗି ଏହି ଅର୍ଥ ଅନ୍‌ଲାଇନରେ ଦାନ କରିଛନ୍ତି ବୋଲି ଶୁଭାଶୀଷ କହିଛନ୍ତି।

# ରାଉରକେଲା ରେଳଷ୍ଟେସନ ପରାମର୍ଶଦାତା କମିଟି ବୈଠକ

ରାଉରକେଲା ଅଫିସ, ୬।୬



ରେଳଷ୍ଟେସନ ପରାମର୍ଶଦାତା କମିଟି ବୈଠକରେ ସଦସ୍ୟମାନେ।

ରାଉରକେଲା ରେଳଷ୍ଟେସନ ପରାମର୍ଶଦାତା କମିଟି ପକ୍ଷରୁ ରାଉରକେଲା ରେଳଷ୍ଟେସନ ପରିସରରେ ଷ୍ଟେସନର ବିଭିନ୍ନ ସମସ୍ୟା ଭିତ୍ତିକ ପ୍ରସଙ୍ଗକୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟେସନ ମାଷ୍ଟର ପ୍ରଭାତ ଦାସଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବନ୍ଧମୁଣ୍ଡା ଏଆରଏମ ଆର.କେ ମହାନ୍ତି, ଏଡଏନ ତୁଷାର ରକିତ୍, ସିଆଇ ଡି.ପି କିସାନ, ପରିଷଦ ସୁପର ଭାଇଜର ଜୟ ମୁଖାର୍ଜୀ, ଆରପିଏଫ୍ ଇନଚାର୍ଜ ରେଶମା ଏକ୍କା, ଷ୍ଟେସନ କମିଟିର ପ୍ରମୁଖ ସଦସ୍ୟ ଅମିତାଭ ସାମଲ, ସୁଧାଂଶୁ ପତି, ବସନ୍ତ ଦାସ, ସତ୍ୟାନନ୍ଦ ବେହେରାଙ୍କ ସମେତ ଆର୍‌ଏମ୍‌ସିର ଡେପୁଟି କମିଶନର ନରେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମିଳିତ ହୋଇଥିଲେ। ବୈଠକ ପ୍ରାରମ୍ଭରେ ବାଲେଶ୍ୱର ବାହାନଗାଠାରେ ଭୟଙ୍କର ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକମାନଙ୍କ ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହା ପରେ ଷ୍ଟେସନର କାଉଣ୍ଟର ନମ୍ବର ୫ରେ ବନ୍ଦ ରହିଥିବା ରିଜର୍ଭେସନକୁ ପନର୍ବାର ଚାଲୁ କରିବା, ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥର ବିକାଶ କରିବା, ପ୍ଲାଟଫର୍ମ ନଂ. ୪/୫ ଠାରେ ସେଡ ତିଆରି କରିବା, ମହିଳା ବିଶ୍ରାମ ଗୃହ ନିର୍ମାଣ କରି ରାତ୍ରିକାଳୀନ ବୁଲା ବିକାଳୀମାନଙ୍କ ପାଇଁ ସ୍ୱତନ୍ତ୍ର ସେଡ ନିର୍ମାଣ କରିବା, ୪/୫ ନମ୍ବର ପ୍ଲାଟଫର୍ମରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଦୀର୍ଘ ୩ବର୍ଷ ପରେ ରାଉରକେଲା ରେଳଷ୍ଟେସନ ପରାମର୍ଶଦାତା କମିଟି ବୈଠକ ହୋଇଥିବାବେଳେ ଏହାର ଶ୍ରେୟ କମିଟି ସଦସ୍ୟମାନେ ଷ୍ଟେସନ ମାଷ୍ଟର ପ୍ରଭାତ ଦାସଙ୍କୁ ପ୍ରଦାନ କରିଥିଲେ।

# ହରଡ଼ ଫସଲରେ ପୋକ ଦମନ



**ବ**ର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିଥାଏ। ଏହାର ଦମନ ପାଇଁ ପୋକଗୁଡିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି, ତେଣୁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ଡେରିରେ ଲଗାଯାଇଥିବା ମୁଗ, ବିରି,ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।

# ଚିନାବାଦାମ ଲଗାଉ ଥିଲେ...

**ଚି**ନାବାଦାମ ଚାଷ ପାଇଁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ ଚାଷ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଭଲ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ, ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।



# ବିହନ ବ୍ୟବହାର ପୂର୍ବରୁ...

**ଘ**ରେ ସାଇତି ରଖିଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା– ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ତିନିବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତ ମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫% ବୃଦ୍ଧି ପାଇଥାଏ।



# ପରିବର୍ତ୍ତିତ ଜଳବାୟୁ ଓ ଉପଯୋଗୀ ଫସଲ



ଡ. ପରେଶ କୁମାର ପଣ୍ଡା



**ଆ**ମ ରାଜ୍ୟର ଜନସାଧାରଣ ଅନୁଭବ କରିଛୁ ଯେ ଓଡ଼ିଶା ସର୍ବଦା ବନ୍ୟା, ବାତ୍ୟା ଓ ମରୁଡ଼ି କବଳିତ। ୧୯୯୯ ମହାବାତ୍ୟା ପରେ ୨୦୧୯ର ଫନୀ, ୨୦୨୧ର ୟାସ୍ ଓ ଜୱାଦ ରାଜ୍ୟର ଆଶାନୁରୂପ ଆର୍ଥିକ ପ୍ରଗତି ପଥେ ଅନ୍ତରାୟ ହୋଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଅଦିନିଆ ବର୍ଷା ଦାଉ ସାଧୁଥିବା ବେଳେ ପଶ୍ଚିମାଞ୍ଚଳ ଜିଲାଗୁଡିକରେ ମରୁଡ଼ି ବାଧକ ହେଉଛି। ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନର ଫଳସ୍ୱରୂପ ପ୍ରାକୃତିକ ଦୁର୍ବିପାକ ନିୟମିତ ସଙ୍ଘଟିତ ହୋଇ ତାହାର କରାଳଛାୟା କୃଷକ ସମ୍ପ୍ରଦାୟର ଆର୍ଥିକ ସ୍ଥିତିକୁ ମଝିରେ ମଝିରେ ଦୋହଲାଇ ଦେଉଛି।

ପରିବର୍ତ୍ତିତ ଜଳବାୟୁର ବିଭିନ୍ନ କାରଣ ମଧ୍ୟରେ ପ୍ରମୁଖ ହେଉଛି ଗଛକଟା ସହ ନୂତନ ଜଙ୍ଗଲ ସୃଷ୍ଟିରେ ସୀମିତତା। ବିଶେଷକରି ସହରାଞ୍ଚଳରେ ଅଧିକ କଂକ୍ରିଟ ଜଙ୍ଗଲ ସୃଷ୍ଟି, ପ୍ରଦୂଷଣ ସୃଷ୍ଟିକାରୀ ଯାନବାହନ ବ୍ୟବହାର, ମାତ୍ରାଧିକ ଓ ଅବାରିତ ପଲିଥିନର ବ୍ୟବହାର, ଅଧିକ କୃତ୍ରିମ ଖାଦ୍ୟ ଗ୍ରହଣ, ମୃତ୍ତିକା ଓ ଜଳ ସଂରକ୍ଷଣ ଉପରେ ସଚେତନତାର ଅଭାବ, ଅଧିକ ଧାନ ଫସଲ ଚାଷ ଇତ୍ୟାଦି।

ଏହି ପରିବର୍ତ୍ତିତ ଜଳବାୟୁ ଭଲ ଫସଲ ପାଇବାର ଲକ୍ଷ୍ୟ ଦିଗରେ କୃଷି ପରିବେଶ ଉପରେ ଅଧିକ ଚାପ ପ୍ରୟୋଗ କରୁଛି। ଫଳରେ କୃଷି ଉତ୍ପାଦନ ତଥା ଖାଦ୍ୟ ନିରାପତ୍ତା ପ୍ରଭାବିତ ହୋଇଛି। ଆମ ରାଜ୍ୟର ପ୍ରାୟ ୬୨ ପ୍ରତିଶତ ଲୋକ କୃଷିରୁ ଜୀବିକା ନିର୍ବାହ କରିଥାଆନ୍ତି। ସାମ୍ପ୍ରତିକ କାଳରେ କୃଷିରେ ଅନେକ ସମସ୍ୟା ରହିବା ସ୍ୱାଭାବିକ। ତନ୍ମଧ୍ୟରୁ କ୍ଷୁଦ୍ର ଚାଷଜମି, ଏକ ପ୍ରକାର ଫସଲ ଚାଷ, ଜଳସେଚନଜନିତ ସମସ୍ୟା, ଅନିୟମିତ ଓ ବିଳମ୍ବିତ ମୌସୁମୀ ବର୍ଷା, କୃଷି ଉପାଦାନଗୁଡିକର ମୂଲ୍ୟ ବୃଦ୍ଧି, ଉତ୍ପାଦିତ କୃଷି ବା ଉଦ୍ୟାନ କୃଷି ଅଥବା ଆନୁଷଙ୍ଗିକ କୃଷି ଉତ୍ପାଦନର ପ୍ରକ୍ରିୟାକରଣ, ମହଜୁଦକରଣ ଓ ମୂଲ୍ୟଯୋଗରେ ଜ୍ଞାନକୌଶଳର ସୀମିତ ବ୍ୟବହାର ଅନ୍ୟତମ। ଅଧିକନ୍ତୁ ଏଥିସହ ହାରାହାରି ତାପମାତ୍ରାରେ ବୃଦ୍ଧି ଓ ଦୀର୍ଘକାଳୀନ ଶୁଖିଲା ପାଗ ଗୁରୁତ୍ୱପୂର୍ଣ୍ଣ ଅଟେ। ଫଳତଃ ବିଭିନ୍ନ ପ୍ରକାର ଫସଲ ବା ଉଦ୍ୟାନ ଫସଲ ତଥା ପ୍ରାଣୀଜ ସମ୍ପଦର ଉତ୍ପାଦନ ଓ ଉତ୍ପାଦକତାଜନିତ ଆଶଙ୍କା ଏବଂ ଅନିଶ୍ଚିତତା ହେତୁ କୃଷି ପରିବାରର ଆୟ ଆଶାନୁରୂପେ ବୃଦ୍ଧିରେ ବାଧା ଉପୁଜୁଛି।

ଏହି ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ପ୍ରଚଳିତ ଫସଲ ବ୍ୟବସ୍ଥାରେ ଏକକ ଫସଲ ପରିବର୍ତ୍ତେ କେତେକ ବିକଳ୍ପ ଉନ୍ନତ ଫସଲକୁ ଅନ୍ତର୍ଭୁକ୍ତ କରି ଖାଦ୍ୟ ସାମଗ୍ରୀ, ଚାରା ଘାସ, ତନ୍ତୁ ଓ ଜାଳେଣିର ଆବଶ୍ୟକତା ପୂରଣ ସହିତ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ, କୃଷି ସମ୍ବଳର ସୁବିନିଯୋଗ ଏବଂ କୃଷି ପରିବେଶକୁ ଅନୁକୂଳ ରଖିବା ନିତାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ତାହାକୁ ହିଁ ସଫଳ ବିବିଧୀକରଣ ଭାବେ ଅଭିହିତ କରାଯାଇପାରେ। ଫସଲର ବିବିଧୀକରଣ କରି ରାଜ୍ୟର ପ୍ରାୟ ୮୪% କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ସୀମିତ ଜମିରେ ବର୍ଷସାରା ବିଭିନ୍ନ ଫସଲ ଚାଷ କରିବାରେ ଉପଲବ୍ଧ ଜଳ ଓ ପୋଷକର ସୁବିନିଯୋଗ ସହିତ କୃଷି ପରିବାର ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହେବା ସହ ପ୍ରାକୃତିକ ଦୁର୍ବିପାକଜନିତ କ୍ଷୟକ୍ଷତିର

> "ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ପ୍ରଚଳିତ ଫସଲ ବ୍ୟବସ୍ଥାରେ ଏକକ ଫସଲ ପରିବର୍ତ୍ତେ କେତେକ ବିକଳ୍ପ ଉନ୍ନତ ଫସଲକୁ ଅନ୍ତର୍ଭୁକ୍ତ କରି ଖାଦ୍ୟ ସାମଗ୍ରୀ, ଚାରା ଘାସ, ତନ୍ତୁ ଓ ଜାଳେଣିର ଆବଶ୍ୟକତା ପୂରଣ ସହିତ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ, କୃଷି ସମ୍ବଳର ସୁବିନିଯୋଗ ଏବଂ କୃଷି ପରିବେଶକୁ ଅନୁକୂଳ ରଖିବା ନିତାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ତାହାକୁ ହିଁ ସଫଳ ବିବିଧୀକରଣ ଭାବେ ଅଭିହିତ କରାଯାଇପାରେ।"

ଆଶଙ୍କା ହ୍ରାସ ପାଇଥାଏ। ଧାନ ବଦଳରେ ଡାଲିଜାତୀୟ, ତୈଳବୀଜ, ତନ୍ତୁଜାତୀୟ, ପୁଷ୍ଟିଶସ୍ୟ (ମାଣ୍ଡିଆ ଓ ଅନ୍ୟ କ୍ଷୁଦ୍ରଶସ୍ୟ, ଜୋଆର, ବାଜରା ଆଦି), ପନିପରିବା ଫସଲ ଚାଷ କରି ରାସାୟନିକ ସାରର ଆବଶ୍ୟକତାକୁ କମ୍ କରାଯାଇ ସ୍ୱଳ୍ପ ଅବଧି ମଧ୍ୟରେ ଅଣଧାନ ଫସଲର ଅମଳକୁ ଆଶାନୁରୂପ ଓ ସୁନିଶ୍ଚିତ କରାଯାଇପାରେ। ଏପରି କି ଅଧିକ ପାଣି ଆବଶ୍ୟକ କରୁଥିବା ସାଧାରଣ ଧାନଚାଷ ବଦଳରେ ଗହମ, ମକା, ମାଣ୍ଡିଆ ପରି ହାଲୁକା ଜଳସେଚନରେ ବାୟୋବୀୟ ଧାନ (କିସମ–ସି.ଆର. ଧାନ ୨୦୦, ସି.ଆର. ଧାନ ୨୦୧, ସି.ଆର. ଧାନ ୨୦୨, ସି.ଆର. ଧାନ ୨୦୪)ର ଚାଷ ସଫଳତା ସହ କରାଯାଇପାରେ।

ଫସଲର ବିବିଧୀକରଣ, ଫସଲ ପର୍ଯ୍ୟାୟର ସମସ୍ତ ବିକଳ୍ପକୁ ଦୃଷ୍ଟିକୁ ଆଣିଥାଏ। ବିବିଧୀକରଣରେ ପୁଷ୍ଟିଶସ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ– ପରିବର୍ତ୍ତିତ ଜଳବାୟୁ ଓ ବିଭିନ୍ନ ଫସଲ ଯୋଜନାରେ ଉତ୍ତମ ରୂପେ ଖାସ୍ ଖାଇଥାଏ, – ଶୁଷ୍କ ଓ ଉଚ୍ଚ ତାପଯୁକ୍ତ ଜଳବାୟୁରେ ସହଜରେ ଚାଷ ହୋଇଥାଏ, – ବିଭିନ୍ନ ଅଞ୍ଚଳରେ ନିଶ୍ଚିତ ଓ ଅଧିକ ଅମଳ ଦେଇଥାଏ, – ବିଶେଷ କରି ମରୁଡ଼ିପ୍ରବଣ, ବୃଷ୍ଟିଯୁକ୍ତ ଅଞ୍ଚଳରେ, ନାମମାତ୍ର ଉର୍ବରତାଯୁକ୍ତ ବା ସାଧାରଣ ଜମିରେ ପୁଷ୍ଟିଶସ୍ୟ ସହଜରେ ଓ ସ୍ୱଳ୍ପ ଜଳରେ ମଧ୍ୟ ଚାଷ କରାଯାଇଥାଏ, – ଖାଦ୍ୟ ଓ ପୋଷାକ ନିରାପତ୍ତା କ୍ଷେତ୍ରରେ ବିଶେଷ ସହାୟକ ହୋଇଥାଏ।

ଫସଲର ବିବିଧୀକରଣରେ କୃଷି ଜଳବାୟୁ ଅଞ୍ଚଳ ଓ ଋତୁ ଅନୁଯାୟୀ ଭିନ୍ନ ଫସଲ ଏବଂ ସହଯୋଗୀ କାର୍ଯ୍ୟକ୍ରମ ନିଆଯାଇଥାଏ। ଶସ୍ୟ ଫସଲ ଚାଷ ମଧ୍ୟରେ ଡାଲିଜାତୀୟ, ତୈଳବୀଜ, ପନିପରିବା ଫସଲ ଚାଷ କରିବାରେ ଜମିରେ ଘାସ ଓ ରୋଗପୋକ ସଂକ୍ରମଣ ହ୍ରାସ ପାଇଥାଏ। ଉଚ୍ଚ ଜମିରେ ଧାନ, କପା ବଦଳରେ ମକା, ଚାରା ଘାସ, ଡାଲିଜାତୀୟ, ତୈଳବୀଜ ଓ ପନିପରିବା ଫସଲର ଚାଷ କରାଯାଇପାରେ। ପନିପରିବା ମଧ୍ୟରେ ଆଳୁ, ବନ୍ଧାକୋବି, ଫୁଲକୋବି, ବାଇଗଣ, କଲରା, ଭେଣ୍ଡି, ତରଭୁଜ, ଲାଉ, କଖାରୁ ଓ ଅନ୍ୟ ଲଟାଜାତୀୟ ଅନ୍ୟତମ। ଗେଣ୍ଡୁଫୁଲ ଚାଷ ବର୍ଷାସାରା କରାଯାଇପାରେ। ଫଳ ମଧ୍ୟରେ ଆମ୍ବ, ଅଁଳା, ସପୁରି ଅଧିକ ମରୁଡ଼ି ଓ ଶୁଖିଲା ପାଗ ସହିପାରେ।

ଡାଲିଜାତୀୟ ଫସଲରେ ବିଶେଷକରି ହରଡ଼ ଓ ମୁଗ ଜଳବାୟୁ ଉପଯୋଗୀ ଓ ମରୁଡ଼ି (୨୦୦ରୁ ୫୦୦ ମିମି ବାର୍ଷିକ ବୃଷ୍ଟିପାତ) ସହିପାରେ। ହରଡ଼କୁ ଛାଡ଼ି ଅନ୍ୟସବୁ ଡାଲିଜାତୀୟ ଫସଲ ସ୍ୱଳ୍ପ ଅବଧିର (୨–୩ ମାସ)। ପୁଷ୍ଟିକାରୀ ଡାଲିଜାତୀୟ ଫସଲର ସ୍ୱଳ୍ପ ଜଳରେ ବା ହାଲୁକା/ସିଞ୍ଚନ ଜଳସେଚନରେ ଚାଷ ହେବା ସହ ଯବକ୍ଷାରଜାନ ବିବନ୍ଧନ କରି ନିଜର ଯବକ୍ଷାରଜାନ ଆବଶ୍ୟକତାକୁ ପୂରଣ କରିବା ସହିତ ସବୁଜ ସାର ରୂପେ ବ୍ୟବହାର ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି ଏବଂ ସବୁଜ ଗୃହ ଗ୍ୟାସ୍‌ର ନିର୍ଗତ ପରିମାଣକୁ ହ୍ରାସ କରିବା ଦିଗରେ ସହାୟକ ହୋଇଥାଏ। ମୃତ୍ତିକାରେ ବାନ୍ଧି ହୋଇ ରହିଥିବା ଫସ୍‌ଫରସ୍‌କୁ ଫସଲ ନିମିତ୍ତ ମୁକ୍ତ କରିଥାଏ। ଡାଲିଜାତୀୟ ଫସଲ ହେଉଛି ଲାଭଦାୟୀ ଫସଲ। ଏହାକୁ ସହଜରେ ଅନ୍ତଫସଲ, ଆବୃତ ଫସଲ, ମିଶ୍ରିତ ତଥା ପଇରା/ଅମୁହାଁ ସଫଳ ରୂପେ ବିଭିନ୍ନ ଫସଲ ପର୍ଯ୍ୟାୟରେ ନିଆଯାଇପାରେ। ଉଚ୍ଚ ଓ ମଝିଆଳି ଜମିରେ ବର୍ଷାଦିନେ ଚାଷ ହୋଇଥାଏ। ଏହି କ୍ରମରେ କୁହାଯାଇପାରେ କି ଫସଲର ବିବିଧୀକରଣ କରି ପାରିବାରିକ ଶ୍ରମର ସୁବିନିଯୋଗ, ଜୈବ ପଦାର୍ଥ ଓ ଖତର ସୁବ୍ୟବହାର, ମୃତ୍ତିକାର ଉର୍ବରତା ବଜାୟ, ଉନ୍ନତ ଓ ଅନୁକୂଳ ପରିବେଶ ତଥା ସମସ୍ତ ଉପଲବ୍ଧ କୃଷି ସମ୍ବଳଗୁଡ଼ିକୁ ଦକ୍ଷତାର ସହ କାର୍ଯ୍ୟରେ ଲଗାଇ କୃଷି ପରିବାରର ଆର୍ଥିକ ସ୍ୱଚ୍ଛଳତା ଆଣିବା ଦିଗରେ ଯଥେଷ୍ଟ ସୁଯୋଗ ରହିଛି। (କ୍ରମଶଃ..)

– ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪

# ମଲ୍ଲୀଗଛ ପାଇଁ ମନ୍ଦା ପ୍ରସ୍ତୁତି

**ମ**ଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି ଲମ୍ବ, ୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରାରୁ ୧୦କି.ଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟାଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।





# ଗୁହାଳର ଯତ୍ନ

**ମ**ଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ମାରିଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ । କାରଣ ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ା ଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ବର୍ଷାଋତୁରେ ଗୋ–ମହିଷି ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ–ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ। ଗୋ–ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ। ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।

# ଫଳଚାଷ

**ଆ**ମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛି ଦିନ ପାଇଁ ଛାଡ଼ି ଦିଅନ୍ତୁ। ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:– ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଆମ୍ବ ଟାକୁଆ ସଂଗ୍ରହ କରି ଚାରା ପକାନ୍ତୁ। ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ। ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ନୂତନ ଗଛଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ। ମଞ୍ଜି ନଡ଼ିଆକୁ ନର୍ସରୀରେ ପୋତନ୍ତୁ। ସପେଟା କଲମୀ କରନ୍ତୁ । ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫା କରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।



# ହୋଣ୍ଡାର ନ୍ୟୁ ୱାର୍ଲଡ ଏସ୍‌ୟୁଭି 'ଏଲିଭେଟ୍' ଉନ୍ମୋଚିତ




**ନୂଆଦିଲ୍ଲୀ,୬।୬**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ କାର ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ନ୍ୟୁ ୱାର୍ଲଡ ଏସ୍‌ୟୁଭି 'ଏଲିଭେଟ୍'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ହୋଣ୍ଡା ପକ୍ଷରୁ ଆୟୋଜିତ ୱାର୍ଲଡ ପ୍ରିମିୟମର କାର୍ଯ୍ୟକ୍ରମରେ ହୋଣ୍ଡାର ଉକ୍ତ ମଡେଲର ଶୁଭାରମ୍ଭ (ଲଞ୍ଚ) କରାଯାଇଛି। ଏପରିକି ଚଳିତ ବର୍ଷ ପାର୍ବଣଋତୁରେ ଏହାର ବଜାର ପ୍ରବେଶ ନେଇ ଯୋଜନା କରାଯାଇଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ହୋଣ୍ଡାର ଏହି ନୂତନ ମଡେଲ 'ଏଲିଭେଟ୍'ର ନିର୍ମାଣ ଏବଂ ବିକ୍ରୟ ଭାରତ ଜରିଆରେ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ବିଶ୍ୱସ୍ତରରେ ଏଭଳି କାର୍ଯ୍ୟ କରିବାରେ ଭାରତ ପ୍ରଥମ ଦେଶ ହେବ। ଘରୋଇ ବଜାରରେ ଏଲିଭେଟ୍‌ର ପ୍ରାରମ୍ଭିକ ପ୍ରବେଶ ଉପରେ ଧ୍ୟାନ ଦିଆଯାଇଥିବା ବେଳେ ବୈଶ୍ୱିକ ସ୍ତରରେ ଏସ୍‌ୟୁଭିର ପ୍ରବଳ ଚାହିଦା ପୂରଣ କରିବା ପାଇଁ ବିଶ୍ୱର ଅନ୍ୟ ଭାଗରେ ମଧ୍ୟ ଏହି ମଡେଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରପ୍ତାନି ହବ୍ ଭାବେ ଭାରତ କାର୍ଯ୍ୟ କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛି।

ସୂଚନାଯୋଗ୍ୟ, ଥାଇଲାଣ୍ଡରେ ଅବସ୍ଥିତ ହୋଣ୍ଡା ଆର୍ ଆଣ୍ଡ ଡି ଏସିଆ ପ୍ୟାସିଫିକ କେନ୍ଦ୍ର ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଏଲିଭେଟ୍ ବିକଶିତ ହୋଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟର କମ୍ପାନୀ ଲିମିଟେଡ୍‌ର ଆଞ୍ଚଳିକ ୟୁନିଟ୍ (ଏସିଆ ଏବଂ ଓସେନିଆ)ର ମୁଖ୍ୟ ତଥା ଏସୀୟ ହୋଣ୍ଡା ମୋଟର କମ୍ପାନୀ ଲିମିଟେଡ୍‌ର ଅଧ୍ୟକ୍ଷ ଏବଂ ସିଇଓ ତୋଷିଓ କୁୱାହାରା କହିଛନ୍ତି, ଭାରତ ବିଶ୍ୱର ୩ୟ ବୃହତମ ଅଟୋମୋଟିଭ ବଜାର ହୋଇଥିବାରୁ ହୋଣ୍ଡା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି କ୍ରମାଗତ ଭାବେ ଭାରତରୁ ପୃଥିବୀର ବିଭିନ୍ନ ଅଞ୍ଚଳକୁ ରପ୍ତାନି ବୃଦ୍ଧି ପାଉଛି। ସେହିପରି ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଏବଂ ସିଇଓ ତାକୁୟା ସୁମୁରା କହିଥିଲେ, ସମ୍ପୂର୍ଣ୍ଣ ନୂତନ ଏଲିଭେଟ୍‌ର ଉନ୍ମୋଚନ ସହିତ ଆମେ ଭାରତରେ କ୍ଷିପ୍ର ଗତିରେ ବଢୁଥିବା ଏସ୍‌ୟୁଭି ସେଗ୍‌ମେଣ୍ଟରେ ହୋଣ୍ଡାର ଶକ୍ତିଶାଳୀ ଉତ୍ପାଦ ଯାଚନା ସହିତ ଏକ ନୂତନ ଯାତ୍ରା ଆରମ୍ଭ କରିଛୁ।

# ଟାଟା ଏଆଇଏର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୬।୬**

ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ନିକଟରେ ଟାଟା ଏଆଇଏର ନୂତନ ଉତ୍ପାଦ ଟାଟା ଏଆଇଏ ଫର୍ଚ୍ଚୁନ୍ ଗ୍ୟାରେଣ୍ଟି ପେନ୍‌ସନର ଉନ୍ନତ ଭର୍ସନକୁ ଉନ୍ମୋଚନ କରାଯାଇଛି। ଉକ୍ତ ପ୍ଲାନ୍‌ର ଉନ୍ନତ ଭର୍ସନରେ ତତ୍କାଳ ଲାଇଫ୍ ଆନୁଇଟି,ଗ୍ୟାରେଣ୍ଟେଡ୍ ଆଡିସନ୍ ବିକଳ୍ପ, ଆଗୁଆ ଆନୁଇଟି ଚୟନ କରିବା ବିକଳ୍ପ, ପଲିସି ଉପରେ ଋଣ ନେବା ସୁବିଧା ଏବଂ ଯୁଗ୍ମ ଲାଇଫ୍ ବିକଳ୍ପ ଆଦି ସୁବିଧା ରହିଛି। ଏ ସମ୍ପର୍କରେ ଟାଟା ଏଆଇଏ ଲାଇଫ୍‌ର ଚିଫ୍ ଫାଇନାନ୍ସିଆଲ ଅଫିସର ସମିତ ଉପାଧ୍ୟାୟ କହିଛନ୍ତି, ଏହି ନୂତନ ଉତ୍ପାଦ ଉନ୍ମୋଚନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଅବସର ହେଉଛି ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବା ଭଳି। ତାହା ହେଉଛି ପେସାଦାର ଦାୟିତ୍ୱକୁ ନେଇ ଚିନ୍ତା କରିବା ବଦଳରେ ନିଜ ଜୀବନକୁ ଉପଭୋଗ କରିବା ଉପରେ ଗୁରୁତ୍ୱ ଦେବାର ସମୟ।

# ଜେଏସ୍‌ଏଲ୍‌ର ପ୍ଲାଷ୍ଟିକବର୍ଜ୍ୟ ସଂଗ୍ରହ ଅଭିଯାନ




**ଭୁବନେଶ୍ୱର,୬।୬**

ଭାରତର ବୃହତମ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦକ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ଏଲ୍‌ର କର୍ପୋରେଟ କାର୍ଯ୍ୟାଳୟ ସହିତ ହିସାର ଏବଂ ଯାଜପୁର ସ୍ଥିତ ପ୍ଲାଣ୍ଟ ପରିସରରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏପରିକି ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନ ସହିତ ମିଳିତ ଭାବେ ଏକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ଅଭିଯାନ ଜରିଆରେ ପ୍ରାୟ ୨ ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିବା ବେଳେ ଉକ୍ତ ଅଭିଯାନରେ ପ୍ରାୟ ୧୫୦୦ରୁ ଅଧିକ କର୍ମଚାରୀ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ବିଶେଷକରି ଜେଏସ୍‌ଏଲ୍‌ର ଯାଜପୁର କାରଖାନାରୁ ୧୧୦୦ କି.ଗ୍ରା.ରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଥିବା ବେଳେ ହିସାର ପ୍ଲାଣ୍ଟରୁ ୭୫୦ କି.ଗ୍ରା.ରୁ ଅଧିକ ଏବଂ କମ୍ପାନୀର ଗୁରୁଗାଓଁର କର୍ପୋରେଟ କାର୍ଯ୍ୟାଳୟରୁ ପ୍ରାୟ ୧୫୦ କି.ଗ୍ରା. ସଂଗ୍ରହ କରାଯାଇଥିଲା। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନର ୨ୟ ସଂସ୍କରଣକୁ ସଫଳତାର ସହ ସମାପ୍ତ କରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ଉନ୍ନତ ର୍‌ୟାଙ୍କିଙ୍ଗ୍

## ୧୬ତମ ସ୍ଥାନରେ କିଟ୍

**ଭୁବନେଶ୍ୱର,୬।୬**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟକୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସ୍ୱୀକୃତି ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‌ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ପ୍ରକାଶ ପାଇଛି। ଉକ୍ତ ର୍‌ୟାଙ୍କିଙ୍ଗ୍ ଫଳାଫଳରେ ଭାରତର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟକୁ ର୍‌ୟାଙ୍କ୍ ପ୍ରଦାନ କରାଯାଇଛି। ଉକ୍ତ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟ ୧୬ତମ ସ୍ଥାନରେ ରହିଛି। ଲପରିକି ଗତ ବର୍ଷ ତୁଳନାରେ ୁଳିତ ବର୍ଷ କିଟ ୪ଟି ସ୍ଥାନ ଉପରକୁ ଉଠି ୧୬ ତମ ସ୍ଥାନରେ ରହିଛି। ଗତ ବର୍ଷ କିଟ ଏହି ତାଲିକାର ୨୦ତମ ସ୍ଥାନରେ ରହିଥିଲା। ଏହା ବ୍ୟତୀତ କିଟର ଅନ୍ୟ ସମସ୍ତ ବିଭାଗ ମଧ୍ୟ ଗତବର୍ଷ ତୁଳନାରେ ଚଳିତ ବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସେହିଭଳି ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା କିଟ ବିଶ୍ୱବିଦ୍ୟାଳୟ ଗବେଷଣା ତାଲିକାର ୪୪ ତମରେ ରହି ସମଗ୍ର ଦେଶର ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୫୦ତମ ସ୍ଥାନରେ ରହିଛି।

ଏ ସମ୍ପର୍କରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଧୀର ପାଣି ପଥର କାଟେ। ପ୍ରତିବର୍ଷ ବିଭିନ୍ନ ବିଭାଗରେ କିଟ୍ ତା'ର ପ୍ରଦର୍ଶନରେ ଉନ୍ନତି ଆଣି ଏକ ଗୁଣାତ୍ମକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇସାରିଛି। ତେଣୁ ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗ୍‌ରେ କିଟ୍‌ର ସ୍ଥାନ ପ୍ରତିବର୍ଷ ଉପରକୁ ଉଠୁଛି।

# ୟୁବିଓଆଇର 'ୟୁନିୟନ ମୁସ୍କାନ୍'



**ଭୁବନେଶ୍ୱର,୬।୬**

ୟୁନିୟନବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଓଆଇ)ର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ୟୁନିୟନ ମୁସ୍କାନ୍' ଆୟୋଜିତ ହୋଇଯାଇଛି। ବିଶେଷକରି ସମ୍ବଲପୁର ଅଞ୍ଚଳର କୁନି କୁନି ପିଲା ଏବଂ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ୟୁବିଓଆଇର ପ୍ରମୁଖ ଉତ୍ପାଦ 'ୟୁନିୟନ୍ ମୁସ୍କାନ୍' ସମ୍ବନ୍ଧରେ ଜନସଚେତନତା ସୃଷ୍ଟିକରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁବିଓଆଇର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଏଚ୍.କେ.ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପରିଶେଷରେ ପ୍ରତିଯୋଗିତାର କୃତୀ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୟୁବିଓଆଇର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

# ସୋନିର ବ୍ରାଭିଆ ଏକ୍ସ୮୨ଏଲ୍ ସିରିଜ

**ନୂଆଦିଲ୍ଲୀ,୬।୬**

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସୋନିର ବ୍ରାଭିଆ ଏକ୍ସ୮୨ଏଲ୍ ଟିଭି ସିରିଜର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ଟିଭି ସିରିଜ୍ ଛବି ଓ ଧ୍ୱନିକୁ ଏକ ନୂଆ ସ୍ତରରେ ପହଞ୍ଚାଇଥିବା ବେଳେ ଗୁଗଲ୍ ଟିଭି ସହିତ ମନୋରଞ୍ଜନର ଏକ ଆକର୍ଷଣୀୟ ଦୁନିଆ ଉପଭୋକ୍ତାଙ୍କୁ ପ୍ରଦାନ କରି ସୁନ୍ଦର ରଙ୍ଗ ସହିତ ଛବି ଓ ସାଉଣ୍ଡ ପ୍ରଯୁକ୍ତିକୁ ଜୀବନ୍ତ କରିପାରିଛି। ଏପରିକି ବ୍ରାଭିଆ ଏକ୍ସ୮୨ଏଲ୍‌ରେ ଏକ୍ସ୧ ୪କେ ଏଚ୍‌ଡିଆର୍ ପିକ୍ଚର ପ୍ରୋସେସର ଓ ଟ୍ରିଲୁମିନସ୍ ପ୍ରୋ ଡିସ୍‌ପ୍ଲେ ରହିଛି, ଯାହା ଜୀବନ୍ତ ରଙ୍ଗ ସୃଷ୍ଟି କରୁଛି। ସେହିଭଳି ସୋନିର ନୂଆ ବ୍ରାଭିଆ ଏକ୍ସ୮୨ଏଲ୍ ସିରିଜ୍ ସ୍ମାର୍ଟ ବ୍ୟବହାରକାରୀମାନଙ୍କୁ ଗୁଗଲ୍ ଟିଭି ସହିତ ୧୦,୦୦୦ରୁ ଅଧିକ ଆପ୍ ଓ ଗେମ୍ ଏବଂ ୭,୦୦,୦୦୦ରୁ ଅଧିକ ସିନେମା ଓ ଟିଭି ସିରିଜ୍ ଜରିଆରେ ସୀମିତ ମନୋରଞ୍ଜନ ପ୍ରଦାନ କରୁଛି। ଏପରିକି ଆପଲ୍ ଏୟାର ପ୍ଲେ ଓ ହୋମ୍ କିଟ୍‌ରେ ମଧ୍ୟ ଏହା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି। ଆଇମ୍ୟାକ୍ସ ଦ୍ୱାରା ଉନ୍ନତ ହୋଇଥିବା ସିନେମା, ଡଲ୍‌ବି ଆଟମସ୍ ବିଷୟବସ୍ତୁ ସହିତ ଉଚ୍ଚ ମାନର ପିଓର ଷ୍ଟ୍ରିମ୍ ୮୦ ଏମ୍‌ବିପିଏସ୍‌ର ସର୍ବବୃହତ୍ ସମ୍ଭାରକୁ ଉପଭୋଗ କରିବା ଲାଗି ଏକ୍ସ୮୨ଏଲ୍ ସିରିଜରେ ବ୍ରାଭିଆ କୋର୍ ସହ ପିଏସ୍୫ର ସୁବିଧା ରହିଛି, ଯାହା ଅଟୋ ଏଚ୍‌ଡିଆର୍ ଟୋନ୍ ମ୍ୟାପିଂ ଓ ଅଟୋ ଜିନିୟର ପିକ୍ଚର ମୋଡ୍ ଜରିଆରେ ଆପଣଙ୍କ ଗେମିଂ ଅନୁଭୂତିରେ ରୂପାନ୍ତରଣ ଆଣିପାରିବ। ଏଚ୍‌ଡିଏମ୍‌ଆଇ ୨.୧ ସହ କମ୍ପାଟିବଲ୍ ଥିବାରୁ ଏହା ଗେମିଂ ପାଇଁ ସହାୟକ ହୋଇଥିବା ବେଳେ ଏଥିରେ ଅଟୋ ଲୋ ଲାଟେନ୍‌ସି ମୋଡ୍ (ଏଏଲ୍‌ଏଲ୍‌ଏମ୍) ସାମିଲ ରହିଛି।

ଫୁରସତ୍

# ଜୀବନ ରକ୍ଷାକରେ ଖାଦ୍ୟର ମାନ

## ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ



କୁହାଯାଏ ଉତ୍ତମ ତା ସନ୍ତୁଳିତ ଖାଦ୍ୟ ଶରୀରର ପୁଷ୍ଟି ବର୍ଦ୍ଧନ କରିଥାଏ। ତେଣୁ ଶରୀରକୁ ସୁସ୍ଥ ରଖିବାରେ ଖାଦ୍ୟର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋକଙ୍କ ଖାଦ୍ୟ ଅଭ୍ୟାସ ଓ ଆବଶ୍ୟକତାକୁ ଦେଖିଲେ ଜଣାପଡୁଛି ବର୍ତ୍ତମାନ ଅନେକେଙ୍କର ଜୀବନଶୈଳୀ ବଦଳି ଯାଇଛି। ମିଳୁଥିବା ବିଭିନ୍ନ ଖାଦ୍ୟରେ ରାସାୟନିକ ପଦାର୍ଥ ମିଶ୍ରିତ ହେଉଛି। ତେଣୁ ଦୂଷିତ ଖାଦ୍ୟ ଓ ଜଳ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁନ ୭ ରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥାଏ।

୨୦୧୭ ଡିସେମ୍ବରରେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ) ଏବଂ ୨୦୧୭ ଜୁଲାଇରେ ଖାଦ୍ୟ ଓ କୃଷି ସଙ୍ଗଠନ (ଏଫଏଓ)ର ୪୦ତମ ଅଧିବେଶନରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପ୍ରସ୍ତାବକୁ ସମର୍ଥନ ଜଣାଯାଇଥିଲା।

ଏହା ପରେ ମିଳିତ ଜାତିସଂଘର ସାଧାରଣ ସଭାର ୭୩ତମ ଅଧିବେଶନର ଦ୍ୱିତୀୟ କମିଟି ସମ୍ମୁଖରେ ଏହି ପ୍ରସ୍ତାବ ରଖାଯାଇଥିଲା, ଯାହା ସାଧାରଣ ସଭା (ୟୁଏନଜିଏ) ଦ୍ୱାରା ଗ୍ରହଣ କରାଯାଇଥିଲା। ଏହା ଅନୁସାରେ ୨୦୧୮ ଡିସେମ୍ବର ୨୦ରେ, ପ୍ରତିବର୍ଷ ଜୁନ ୭କୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ୨୦୧୯ ମସିହାରେ ପ୍ରଥମ ଥର ଜୁନ ୭ ତାରିଖକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଗଲା। ଏହାପୂର୍ବରୁ ଅକ୍ଟୋବର ୧୬ ତାରିଖକୁ ଖାଦ୍ୟ ସୁକ୍ଷା ଦିବସ ଭାବେ ପାଳନ କରାଯାଉଥିଲା। ଏହି କ୍ଷେତ୍ର ସହିତ ଜଡିତ ଅନ୍ୟ ସଙ୍ଗଠନ ଗୁଡିକ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଖାଦ୍ୟ ଓ କୃଷି ସଙ୍ଗଠନ ମିଳିତ ଭାବେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବା ପାଇଁ କାର୍ଯ୍ୟ କରିଆସୁଛନ୍ତି। ଅସୁରକ୍ଷିତ ଖାଦ୍ୟ ପଦାର୍ଥର ବ୍ୟବହାର ଯୋଗୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ। ଏଭଳି ପରିସ୍ଥିତିରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୁଷ୍ଟିକର ଓ ସନ୍ତୁଳିତ ଖାଦ୍ୟ ଯୋଗାଇବା। ଏହା ସହିତ, ଏହି ଦିନ ପାଳନ କରିବାର ବିଶେଷ ଉଦ୍ଦେଶ୍ୟ ହେଉଛି ଖାଦ୍ୟ ଦ୍ୱାରା ସୃଷ୍ଟି ହେଉଥିବା ବିପଦକୁ ରୋକିବା, ଅପମିଶ୍ରିତ ଜିନିଷଗୁଡ଼ିକୁ ଚିହ୍ନିବା ଓ ଲୋକଙ୍କୁ ସେଗୁଡ଼ିକ ବିଷୟରେ ଜଣାଇବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ମୁତାବକ, ପ୍ରତିବର୍ଷ ପ୍ରଦୂଷିତ ଖାଦ୍ୟ ଖାଇବା ଯୋଗୁଁ ୪ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି। ଆମେ ପ୍ରତିଦିନ ଅନେକ ପ୍ରକାରର ଖାଦ୍ୟ ଖାଇଥାଉ ଯାହା ପାଟିକୁ ସ୍ୱାଦକର ଲାଗୁଥିଲେ ବି ଦେହ ପାଇଁ କ୍ଷତିକାରକ। ଆଜିକାଲି ଲୋକପ୍ରିୟ ପାଲଟିଥିବା ଫାଷ୍ଟଫୁଡ କିମ୍ବା ଜଙ୍କ ଫୁଡ ଶରୀର ପାଇଁ ଘାତକ ପ୍ରମାଣିତ ହେଉଛି। ପୁଷ୍ଟିକର ଖାଦ୍ୟ ଅଭାବରୁ ପିଲାମାନେ ବିଶେଷ ଭାବରେ ଅନେକ ପ୍ରକାର ଶାରୀରିକ ସମସ୍ୟାର ଶିକାର ହୋଇଥାନ୍ତି। ସ୍ୱାସ୍ଥ୍ୟ ସମସ୍ୟାର ଅନ୍ୟତମ କାରଣ ହେଉଛି ଖାଦ୍ୟରେ ଫାଇବରର ଅଭାବ। ଫାଇବରରେ ଭରପୂର ଖାଦ୍ୟ ପିଲାମାନଙ୍କର ହଜମ ପାଇଁ ଭଲ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହିତ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟଗୁଡ଼ିକ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ମଧ୍ୟ ଦୂର କରିଥାଏ।

ପ୍ରତିବର୍ଷ ଏହି ଦିବସର ପାଳନ ଏକ ଥିମ୍ ଆଧାରରେ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ ହେଉଛି ଫୁଡ ଷ୍ଟାଣ୍ଡାର୍ଡସ ସେଭ୍ ଲାଇଫ୍ (ଜୀବନ ରକ୍ଷା କରେ ଖାଦ୍ୟର ମାନ)। ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହିବା ଏବଂ ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଏହି ଥିମ ଉଦ୍ଦିଷ୍ଟ। ସୁସ୍ଥ ଓ ପୁଷ୍ଟିକର ଖାଦ୍ୟ ଅଭାବରୁ ଜଣେ ରୋଗାକ୍ରାନ୍ତ ହେବା ଆଶଙ୍କା ଅଧିକ ରହିଥା। ମଣିଷ ସୁଖରେ ଜୀବନ ଜୀଇଁବା ପାଇଁ ତଥା ନିରୋଗୀ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହି ମାନକଯୁକ୍ତ ଖାଦ୍ୟକୁ ପ୍ରାଥମିକତା ଦେବାର ଜରୁରୀ ହୋଇ ପଡିଛି।

# ମା' ହେବାକୁ ଯାଉଛନ୍ତି ସ୍ୱରା



**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ତାଙ୍କ ପ୍ରଶଂସକଙ୍କୁ ଏକ ଖୁସି ଖବର ଦେଇଛନ୍ତି। ସେ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି ବୋଲି ସୋସିଆଲ ମିଡିଆରେ ଏହି ଖବର ପ୍ରକାଶ କରିଛନ୍ତି। ସେ ତାଙ୍କ ସ୍ୱାମୀ ସମାଜବାଦୀ ପାର୍ଟି ନେତା ଫହଦ ଅହମ୍ମଦଙ୍କ ସହିତ ଏକ ଫଟୋରେ ନଜରକୁ ଆସିଛନ୍ତି। ସେ ଗୋଲାପି ରଙ୍ଗର ପୋଷାକ ପିନ୍ଧିଛନ୍ତି, ଯେଉଁଥିରେ ତାଙ୍କର ବେବି ବମ୍ପ ସ୍ପଷ୍ଟ ଦେଖାଯାଉଛି। ଏନେଇ ସ୍ୱରାଙ୍କୁ ବିଭିନ୍ନ ଆଡୁ ଅନେକ ଶୁଭେଚ୍ଛାର ସୁଅ ଛୁଟୁଛି। ଅକ୍ଟୋବରରେ ସ୍ୱରାଙ୍କ ଡେଲିଭରି ଥିବା ଡାକ୍ତର କହିଛନ୍ତି। ଚଳିତ ବର୍ଷ ଜାନୁୟାରୀ ୬ରେ ସ୍ୱରା କୋର୍ଟରେ ଫହଦଙ୍କୁ ବିବାହ କରିଥିଲେ। ସେତେବେଳେ ତାଙ୍କୁ କିଛି ଲୋକ ସମାଲୋଚନା କରିଥିଲେ। ସ୍ୱରା ୨୦୦୯ରେ ଚଳଚ୍ଚିତ୍ର 'ମାଧୋଲାଲ୍ ଚଲ୍‌ତେ ରହୋ'ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ଅନେକ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇସାରିଛନ୍ତି। ତାଙ୍କୁ ଶେଷଥର ପାଇଁ ୨୦୨୨ରେ ମୁଭି 'ଭିରେ ଦି ୱେଡିଂ'ରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଟେଲିଭିଜନ ଏବଂ ୱେବସିରିଜ୍‌ରେ କାମ କରିଛନ୍ତି।

# ପିଜା ପାଇଁ 'ଆଫ୍‌ଟର ଲାଇଫ୍ ପେ' ବିକଳ୍ପ




**ୱେଲିଂଟନ:** ଅନ୍‌ଲାଇନ୍‌ରେ ଜିନିଷ କିଣିବାବେଳେ ବର୍ତ୍ତମାନ ସେଥିରେ 'ବାଏ ନାଓ ପେ ଲ୍ୟାଟର' ଭଳି ବିକଳ୍ପ ରହିଛି। ଲୋକେ ଏହି ଫାଇଦା ଉଠାଇ ବହୁତ ଜିନିଷ କିଣି ପରେ ଟଙ୍କା ଦେଉଛନ୍ତି। ଏହା ମଧ୍ୟ ସେମାନଙ୍କୁ ସୁବିଧା ହେଉଛି। ତେବେ ଏପରି ଏକ ରେଷ୍ଟୁରାଣ୍ଟ ଅଛି, ଯିଏକି ତା' ଅଜବ ଅଫର ପାଇଁ ଚର୍ଚ୍ଚାକୁ ଆସିଛି। ରିପୋର୍ଟ ମୁତାବକ, ନ୍ୟୁଜିଲାଣ୍ଡର ଏକ ପିଜା ଚେନ୍ ପିଜା ଅର୍ଡର ପରେ ଟଙ୍କା ଦେବାକୁ କିଛି ଅଜବ ନିୟମ ରଖିଛି, ଯେଉଁଥିରେ ଲେଖାହୋଇଛି 'ଆଫ୍‌ଟର ଲାଇଫ୍ ପେ'। ଏକ ୱେବ୍‌ସାଇଟ୍ ଅନୁସାରେ କେବଳ ୬୬୬ ଗ୍ରାହକଙ୍କ ପାଇଁ ଏହି ସୁବିଧା ରହିଛି। ଏଥିରେ ଗ୍ରାହକଙ୍କୁ ଏଗ୍ରିମେଣ୍ଟରେ ଦସ୍ତଖତ କରିବାକୁ ହେବ, ଯେଉଁଥିରେ ସେ ପିଜାର ଦାମ୍ ମରିବା ପରେ ମଧ୍ୟ ଦେଇପାରିବେ। ଏହା ଶୁଣି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ। ହେଲେ ଏପରି କରିବା ପଛରେ 'ବାଏ ନାଓ ପେ ଲ୍ୟାଟର' ଭଳି ସମସ୍ୟାରୁ ବଞ୍ଚିହେବ ବୋଲି ଜଣାପଡ଼ିଛି। ସେହି ରେଷ୍ଟୁରାଣ୍ଟର ସିଇଓ ବେନ୍ କୁମିଂ କହିଛନ୍ତି, ଏହି ଏଗ୍ରିମେଣ୍ଟ ଜରିଆରେ ତାଙ୍କ ଘର କାଗଜପତ୍ରରେ କିଛି ବଦଳାଯିବ, ଯେଉଁଥିରେ କି ପିଜାର ମୂଲ୍ୟ ସାମିଲ ରହିବ। ଏଥିରେ କୌଣସି ଅନ୍ୟ ଚାର୍ଜ ଲାଗିବନି। ନ୍ୟୁଜିଲାଣ୍ଡ କଷ୍ଟମର ପ୍ରୋଟେକ୍ସନ ଅଥରିଟି ତାହା ଯାଞ୍ଚକରି ଲୋକଙ୍କୁ ଏକ ଚେତାବନୀ ଦେଇଛି। ସେ କହିଛି କି, ମାଗଣା ପିଜା ଖାଇ ପରେ ଟଙ୍କା ଦେବା ସୁଯୋଗରେ ତାଙ୍କୁ କରଜରେ ବୁଡ଼ିବାକୁ ପଡ଼ିପାରେ। ଏପରି ଯୋଜନା କେବଳ ନ୍ୟୁଜିଲାଣ୍ଡବାସୀଙ୍କ ପାଇଁ ଉପଲବ୍ଧ ରହିଛି। ଏଥିପାଇଁ ସେମାନେ ୱେବ୍‌ସାଇଟ୍‌କୁ ଯାଇ ରେଜିଷ୍ଟ୍ରି କରିପାରିବେ। ବଛାଯାଇଥିବା ଲୋକଙ୍କୁ ତାଙ୍କ ଘର କାଗଜପତ୍ରରେ କିଛି ସଂଶୋଧନ କରାଯାଇ ସେଥିରେ ଦସ୍ତଖତ କରିବାକୁ ହେବ।

# ୨୪ ଘଣ୍ଟାରେ ୨୩ ହଜାର ଚାରାରୋପଣ



**ଅଟାୱା:** ବେଳକୁ ବେଳ ପୃଥିବୀରୁ ଜଙ୍ଗଲ ସଂଖ୍ୟା କମି କମି ଯାଉଛି। ଲୋକେ ଜଙ୍ଗଲ କାଟି ସେଠାରେ ବଡ଼ ବଡ଼ କୋଠା, କାରଖାନାମାନ ଠିଆ କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ ପରିବେଶର ସୁରକ୍ଷା ନିତାନ୍ତ ଜରୁରୀ ହୋଇପଡ଼ିଲାଣି। ସେଥିପାଇଁ ଅନେକ ପରିବେଶବିତ୍ ପରିବେଶର ସୁରକ୍ଷା ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। କାନାଡାର ଜଣେ ବ୍ୟକ୍ତି ପରିବେଶର ସୁରକ୍ଷା ପାଇଁ ନିଜର ବିଶେଷ ଅବଦାନ ଦେଇଛନ୍ତି। ସେ ୨୪ ଘଣ୍ଟା ମଧ୍ୟରେ ୨୩ ହଜାରରୁ ଊର୍ଦ୍ଧ୍ୱ ଗଛର ଚାରା ରୋପଣ କରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, କାନାଡାର ଆଲବର୍ଟାର ଲାକ୍ରିଟି ଅଞ୍ଚଳର ବାସିନ୍ଦା ୨୪ ବର୍ଷୀୟ ଆଣ୍ଟୋନି ମୋସେସ୍ ଏକୁଟିଆ ୧୭ ଜୁଲାଇ ୨୦୨୧ରେ ୨୩,୦୬୦ଟି ଗଛ ଲଗାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ପୁଣି ଲେଖାଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ୨୦୦୧ରେ ୧୫,୧୭୦ ଗଛ ଲଗାଇ ରେକର୍ଡ କରିଥିଲେ। ଗୋଟିଏ ବର୍ଷ ମଧ୍ୟରେ ମୋସେସ୍ କାନାଡାରେ ୧.୩ ମିଲିୟନ୍‌ରୁ ଊର୍ଦ୍ଧ୍ୱ ଗଛର ଚାରା ରୋପଣ କରିଆସୁଛନ୍ତି। ଏନେଇ ମୋସେସ୍ ଗଛ ଲଗାଉଥିବାର ଏକ ଭିଡିଓ ଗିନିଜ୍ ରେକର୍ଡ ସୋସିଆଲ ମିଡିଆରେ ଶେୟାର କରିଛି। ସେଥିପାଇଁ ସେ ଗିନିଜ୍ ରେକର୍ଡକୁ ଧନ୍ୟବାଦ ଜଣାଇଛନ୍ତି। ସେ ଗଛ ଲଗାଇବାରେ ଦିନକୁ ୯ ଘଣ୍ଟା ସମୟ ଦେଇଥାନ୍ତି। ଏପର୍ଯ୍ୟନ୍ତ ସେ ପାଖାପାଖି ୮ ହଜାର ଚାରାରୋପଣ କରିସାରିଲେଣି। ଆମେ ସୁରକ୍ଷିତ ରହିବାକୁ ହେଲେ ପ୍ରକୃତିକୁ ସୁରକ୍ଷିତ ରଖିବାକୁ ପଡ଼ିବ ବୋଲି ମୋସେସ୍ କହିଛନ୍ତି।

## ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

■ ୨ କୋଠା, ୨ ପ୍ଲଟ୍, ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଜମା ୧.୬୭ କୋଟି ଠାବ

■ ୮୧.୮୦ ଲକ୍ଷ ଟଙ୍କାରେ ଦୁଇ ପିଲାଙ୍କୁ ପଢ଼ାଇଛନ୍ତି ଡାକ୍ତରୀ ପାଠ



**ସୁନ୍ଦରଗଡ଼ ଅଫିସ/ଭଦ୍ରକ ଅଫିସ/ବନ୍ତ, ୬।୬(ଡି.ଏନ୍.ଏ.):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ବେହେରାଙ୍କ ଅଫିସ, ସରକାରୀ କ୍ୱାର୍ଟର୍ସ, ପୈତୃକ ଘର, ଭଡ଼ାଘର ଓ ସମ୍ପର୍କୀୟଙ୍କ ଘର ସମେତ ଏକ ସଙ୍ଗେ ୭ ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଅଧିକାରୀମାନେ ଯନ୍ତ୍ରୀ ବେହେରାଙ୍କ ସୁନ୍ଦରଗଡ଼ସ୍ଥିତ କାର୍ଯ୍ୟାଳୟ ସାଙ୍ଗକୁ ଲେଫ୍ରିପଡ଼ାସ୍ଥିତ ସବ୍‌ଡିଭିଜନ ଅଫିସରେ ମଧ ଚଢ଼ାଉ କରିଥିଲେ। ସେହିପରି ଭଦ୍ରକର ବନ୍ତ ଛକ ଆଚାର୍ଯ୍ୟବିହାରସ୍ଥିତ ତାଙ୍କ ବାସଭବନ, ବନ୍ତସ୍ଥିତ ପୈତୃକ ଘର ଓ ତିହିଡ଼ି ଥାନା ଅଧୀନ ସିନ୍ଦୋଳ ଗ୍ରାମରେ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଟିମ୍ ସକାଳ ୫ଟାରେ ଚଢ଼ାଉ କରିଥିଲା। ଅଧିକାରୀମାନେ ବନ୍ତ ତହସିଲ ଅଧୀନ ଆପଣ୍ଡା ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ମଲ୍ଲିକଙ୍କଠାରୁ ସହକାରୀ ଯନ୍ତ୍ରୀ ବେହେରାଙ୍କ ପୈତୃକ ଘର ସମ୍ପର୍କିତ ତଥ୍ୟ ଓ କାଗଜପତ୍ର ସଂଗ୍ରହ କରି ଯାଞ୍ଚ କରିଛନ୍ତି। ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇଣ୍ଡି, ଇନ୍ସପେକ୍ଟର ସସ୍ମିତା ରଙ୍ଗାଲିଙ୍କ ସମେତ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଥିବାବେଳେ ଅଫିସିଆଲ ସାକ୍ଷୀଭାବେ ବନ୍ତ ବ୍ଲକର କନିଷ୍ଠ ଯନ୍ତ୍ରୀ ଅମରଜ୍ୟୋତି ଦୀପକ କୁମାର ଜେନା ଉପସ୍ଥିତ ଥିଲେ। ଚଢ଼ାଉ ବେଳେ ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଏହି ଯାଞ୍ଚରୁ ଭଦ୍ରକ ଜଗନ୍ନାଥପୁରରେ ୨ ମହାଲ କୋଠା, ବନ୍ତରେ ଏକ ମହଲା କୋଠା ଠାବ ହୋଇଛି। ତେବେ ଏହି ୨ଟି କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ୍ ଯାଞ୍ଚ କରୁଛି। ସେହିପରି ଭଦ୍ରକ ଜଗନ୍ନାଥପୁର ମୌଜାରେ ଗୋଟିଏ ପ୍ଲଟ୍ ଓ ଯାଜପୁରରେ ଗୋଟିଏ ପ୍ଲଟ ମଧ ଠାବ ହୋଇଛି। ଏହି ପ୍ଲଟ ଦୁଇଟିର ପଟା ଅନୁଯାୟୀ ୩.୪୦ ଲକ୍ଷ ଥିବା ବେଳେ ଏହାକୁ କ୍ରୟ ସମୟରେ କମ୍ ମୂଲ୍ୟ ଦର୍ଶାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଜମା ୧.୬୭ କୋଟି, ୨୦୦ ଗ୍ରାମର ସୁନା ଅଳଙ୍କାର, ୧୦,୫୦ ଲକ୍ଷ ଟଙ୍କାର ୨ଟି ବାଇକ, ଘରୋଇ ସାମଗ୍ରୀ ସମେତ ନଗଦ ଟଙ୍କା ଠାବ କରିଛି ଭିଜିଲାନ୍ସ। ତେବେ ଏହା ବ୍ୟତୀତ ସଞ୍ଜୟ ତାଙ୍କ ୨ ପିଲାଙ୍କ ଡାକ୍ତରୀ ପାଠ ପାଇଁ ୮୧ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିବା ବେଳେ ଏନେଇ ଅଧିକ ଯାଞ୍ଚ କରୁଛି। ତେବେ ଚଢ଼ଉ ଜାରି ରହିବା ସହ ସଞ୍ଜୟଙ୍କୁ ଅଧିକ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ାଉରେ ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୪ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ବାସ୍ତବ ରୂପ ନେଉଛି ସ୍ୱପ୍ନର ପ୍ରକଳ୍ପ

**ବଲାଙ୍ଗୀର ଅଫିସ, ୬।୬**

ବଲାଙ୍ଗୀର ଜିଲାବାସୀଙ୍କ ଦୀର୍ଘ ଦଶନ୍ଧିର ସ୍ୱପ୍ନର ପ୍ରକଳ୍ପ ଲୋୟର ସୁକ୍‌ତେଲ ଡ୍ୟାମ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ବାସ୍ତବ ରୂପ ନେଉଛି ଏହି ବହୁପ୍ରତୀକ୍ଷିତ ଜଳସେଚନ ପ୍ରକଳ୍ପ। ଡ୍ୟାମର ସ୍ପିଲୱେ ଏବଂ ମାଟିବନ୍ଧ କାମ ସମ୍ପୂର୍ଣ୍ଣ ହେବା ଉପରେ ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ସ୍ପିଲୱେ ଓ ମାଟିବନ୍ଧ ମଧ୍ୟସ୍ଥ ଗ୍ୟାପ୍ ଫିଲିଂ କାମ।

ମିଳିଥିବା ସୂଚନା ଅନୁଯାୟୀ ଚଳିତ ଜୁନ୍ ଶେଷସୁଦ୍ଧା ଏହି କାମ ସମ୍ପୂର୍ଣ୍ଣ ହୋଇଯିବ। ଏହା ପରେ ଚଳିତବର୍ଷର ବର୍ଷାପାଣିକୁ ସୁକ୍‌ତେଲ ଜଳଭଣ୍ଡାରରେ ସଂରକ୍ଷିତ ରଖାଯିବା ଯୋଜନା ସରିଛି। ଏବେ ଡ୍ୟାମ କାମ ସହ ସମାନ୍ତରାଳ ଭାବେ ଚାଲିଛି ଜଳସେଚନ ପ୍ରକଳ୍ପ କାମ। ଓଡ଼ିଶାର ପ୍ରଥମ ପ୍ରକଳ୍ପ ଭାବେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରେ ଖୋଲା କେନାଲ ପରିବର୍ତ୍ତେ ଚାପଯୁକ୍ତ ବିଦ୍ୟୁତ୍ ସଞ୍ଚାଳିତ ଭୂତଳ ପାଇପ୍ (ୟୁଜିପିଏଲ) ପ୍ରଣାଳୀରେ ଜଳସେଚନ କରାଯିବ। ଏହାଦ୍ୱାରା ଅଧିକ ଜମିକୁ ଜଳସେଚିତ କରାଯାଇପାରିବ। ସୁକ୍‌ତେଲ ଡ୍ୟାମ୍‌ର ମୂଳ ପ୍ରକଳ୍ପରେ ଜଳସେଚନ ପାଇଁ ଖୋଲା କେନାଲ ନିର୍ମାଣ ବ୍ୟବସ୍ଥା ରହିଥିଲା। ଏହାଦ୍ୱାରା ବଲାଙ୍ଗୀର ଜିଲାର ଲୋଇସିଂହା, ବଲାଙ୍ଗୀର, ପୁଇଁତଲା ବ୍ଲକ୍ ସମେତ ପଡୋଶୀ ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକ୍‌ର ପ୍ରାୟ ୩୧ ହଜାର ହେକ୍ଟର ଚାଷଜମିରେ ପାଣି ମାଡିବ ବୋଲି ଆକଳନ କରାଯାଇଥିଲା। ତେବେ ଏହି ପ୍ରକଳ୍ପରେ ଖୋଲା କେନାଲ ପରିବର୍ତ୍ତେ ୟୁଜିପିଏଲ ପ୍ରଣାଳୀରେ ଜଳସେଚନ ବ୍ୟବସ୍ଥା କରାଯିବା ପରେ ସମ୍ଭାବ୍ୟ ଚାଷୋପଯୋଗୀ ଜଳସେଚିତ ଜମି ପରିମାଣ ୩୧ ହଜାର ହେକ୍ଟରରୁ ବୃଦ୍ଧି ପାଇ ପ୍ରାୟ ୪୦ ହଜାର ହେକ୍ଟର ଜମି ହୋଇଛି। ଏହି ପ୍ରକଳ୍ପର ବାମପାର୍ଶ୍ୱ ପାଇପ୍ ଦ୍ୱାରା ୬୫ଟି ଗାଁର ୧୩ ହଜାର ହେକ୍ଟର ଏବଂ ଡାହାଣ ପାର୍ଶ୍ୱ ପାଇପ୍ ଦ୍ୱାରା ୧୪୦ଟି ଗାଁର ୨୭ ହଜାର ହେକ୍ଟର ଚାଷଜମିକୁ ପାଣି ଯୋଗାଇ ଦିଆଯିବା ଲକ୍ଷ୍ୟ ରଖାଯାଇଛି।

ପ୍ରକଳ୍ପର ଖୁଣ୍ଟପାଲିଠାରେ ଡାହାଣ ପାର୍ଶ୍ୱ ପାଇପ୍ ପ୍ରଣାଳୀ ପମ୍ପହାଉସ କାମ ଆରମ୍ଭ ହୋଇଯାଇଛି। ଠିକ୍ ସେହିପରି ପ୍ରକଳ୍ପର ବାମପଟ ପାଇପ୍ ପ୍ରଣାଳୀ ପମ୍ପହାଉସ କାମ ରାଣୀପାଲିଠାରେ ଆରମ୍ଭ ହୋଇଛି। ବାମପଟ ପମ୍ପହାଉସ ଓ ପାଇପ୍ କାମକୁ ମେଘା କମ୍ପାନୀ କରୁଥିବା ବେଳେ ଡାହାଣପଟ ପମ୍ପହାଉସ କାମକୁ ଏଲ୍‌ଏଣ୍ଡଟି କମ୍ପାନୀ କରୁଛି। ଏହି ୟୁଜିପିଏଲ ସିଷ୍ଟମ ପାଇଁ ପ୍ରାୟ ୧୭ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାର ଟେଣ୍ଡର ସରି ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଚଳିତବର୍ଷ ଲୋୟର ସୁକ୍‌ତେଲ ଜଳଭଣ୍ଡାରରେ ଜଳ ସଂରକ୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୧ ଲକ୍ଷ ଚାଷୀ ଉପକୃତ ହେବେ। ଏହା ସହିତ ଏହି ପ୍ରକଳ୍ପରୁ ବଲାଙ୍ଗୀର ଜିଲାର ବଲାଙ୍ଗୀର ସହର ଓ ବିଭିନ୍ନ ଗାଁକୁ ପାନୀୟ ଜଳଯୋଗାଣ ହୋଇପାରିବ। ପ୍ରକଳ୍ପରୁ ୮.୭୬ ମିଲିଅନ୍ କ୍ୟୁବିକ୍ ମିଟର ପାନୀୟ ଜଳ ଯୋଗାଣ କରାଯିବ। ଏହାଦ୍ୱାରା ବଲାଙ୍ଗୀରର ୮୦ ହଜାର ଲୋକଙ୍କ ପାନୀୟ ଜଳ ଆବଶ୍ୟକତା ପୂରଣ ହୋଇପାରିବ। ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ପ୍ରାୟ ପ୍ରତିଦିନ ଶତାଧିକ ଲୋକ ଉତ୍ସାହର ସହ ଡ୍ୟାମ ନିକଟକୁ ଦେଖିବା ପାଇଁ ଯାଉଛନ୍ତି। ଅନ୍ୟପଟେ ବିସ୍ଥାପିତଙ୍କ ଥଇଥାନ, କ୍ଷତିପୂରଣ ଓ ଆନୁଷଙ୍ଗିକ ଅସୁବିଧା ଓ ସମସ୍ୟା ସମାଧାନ ପାଇଁ ମଧ କାମ ଚାଲିଛି। ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସୁନୀଲ ରାଉତଙ୍କୁ ପଚରାଯିବାରୁ ଲୋୟର ସୁକ୍‌ତେଲ ଡ୍ୟାମ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆନୁସଙ୍ଗିକ କାମ ସମ୍ପୂର୍ଣ୍ଣ କରିବାକୁ ଏବେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ ଶେଷ ହେବ ବୋଲି ସେ କହିଛନ୍ତି।



ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଡ୍ୟାମ।

**ଶେଷ ପର୍ଯ୍ୟାୟରେ ଲୋୟର ସୁକ୍‌ତେଲ ଡ୍ୟାମ୍ କାମ**

■ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଚାପଯୁକ୍ତ ଭୂତଳ ନଳ ପଦ୍ଧତି କାମ

■ ଜଳସେଚିତ ହେବ ୪୦ ହଜାର ହେକ୍ଟର ଚାଷଜମି

■ ୮.୭୬ ଏମ୍‌ସିଏମ୍ ପାନୀୟ ଜଳ ଯୋଗାଇ ଦିଆଯିବ

■ ଡ୍ୟାମ୍ କାମ ଦେଖିବାକୁ ଲୋକଙ୍କ ଭିତରେ ବଢ଼ୁଛି ଉତ୍ସାହ

## କୃଷି, ପାନୀୟ ଜଳ ସୁକ୍‌ତେଲ ପ୍ରକଳ୍ପର ପ୍ରାଥମିକତା: ଜିଲାପାଳ



ଜିଲାପାଳ ଚଞ୍ଚଳ ରାଣା।

"ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। କୃଷି ପାଇଁ ଜଳସେଚନ ଓ ପାନୀୟ ଜଳ ଯୋଗାଣ ଲୋୟର ସୁକ୍‌ତେଲ ପ୍ରକଳ୍ପର ପ୍ରାଥମିକତା। ଏହି ପ୍ରକଳ୍ପରୁ ଶିଳ୍ପକୁ ପାଣି ଯୋଗାଣ ଏକ ଗୁଜବ ମାତ୍ର। ଏହି ପ୍ରକଳ୍ପରୁ ଶିଳ୍ପକୁ ପାଣି ଯୋଗାଣ କଥା ଡିପିଆରରେ ମଧ ନାହିଁ। ଏଣୁ କୌଣସି ପ୍ରକଳ୍ପ ଶିଳ୍ପକୁ ପାଣି ଯୋଗାଣ ଗୁଜବ ବିଶ୍ୱାସଯୋଗ୍ୟ ନୁହେଁ କିମ୍ବା ତଥ୍ୟ ଆଧାରିତ ନୁହେଁ ବୋଲି ଜିଲାପାଳ ଚଞ୍ଚଳ ରାଣା ମଙ୍ଗଳବାର ଗଣମାଧମକୁ କହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୨୦୫ଟି ଗାଁର ୪୦ ହଜାର ହେକ୍ଟର ଜମିରେ ପାଣି ମାଡିବ ଏବଂ ପ୍ରାୟ ୮୦ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ।

**ଶିଳ୍ପକୁ ପାଣି ଯୋଗାଣ କଥା ଏକ ଗୁଜବ**

## ୪ ଦିନ ପରେ ଗଡ଼ିଲା କରମଣ୍ଡଳ



ବାହାନଗା ଷ୍ଟେସନ ଦେଇ ଯାଉଛି କରମଣ୍ଡଳ ଏକ୍ସପ୍ରେସ୍।

**ବାଲେଶ୍ୱର ଅଫିସ/ ବାହାନଗା, ୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବାହାନଗା ଷ୍ଟେସନ ନିକଟରେ ହୋଇଥିବା ରେଳ ଦୁର୍ଘଟଣାକୁ ମଙ୍ଗଳବାର ପୂରିଛି ୪ ଦିନ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ତତ୍ତ୍ୱାବଧାନରେ ଦୁର୍ଘଟଣାର ୫୧ଘଣ୍ଟା ମଧ୍ୟରେ ରେଳ ଲାଇନ ଠିକ୍ କରାଯାଇଥିଲା। ୪ ଦିନ ପରେ ଯାତ୍ରୀଙ୍କୁ ନେଇ ପୁଣି କରମଣ୍ଡଳ ଟ୍ରାକ୍‌ରେ ଚାଲିଛି। ମଙ୍ଗଳବାର ଚେନ୍ନାଇ–ହାୱଡ଼ା କରମଣ୍ଡଳ ପୂର୍ବାହ୍ନ ସାଢେ ୧୧ଟାରେ ବାହାନଗା ରେଳଷ୍ଟେଶନ ପାସ୍ କରିଥିଲା। ଟ୍ରେନ୍‌ଗୁଡିକ ବାହାନଗା ରେଳଷ୍ଟେଶନରେ ପହଞ୍ଚିବା ପରେ ଧୀରେ ଧୀରେ ଯାଉଥିବାରୁ ସେଥିରେ ବସିଥିବା ସମସ୍ତ ଯାତ୍ରୀ ଘଟିଥିବା ଦୁର୍ଘଟଣାର କ୍ଷତିଗ୍ରସ୍ତ ବଗିକୁ ଦେଖିବା ସହିତ ନିଜ ମୋବାଇଲରେ ଟ୍ରେନରେ ଥାଇ ଫଟୋ ଉଠାଇଥିଲେ। ଏହାରି ଭିତରେ ଟ୍ରେନ୍ ଯାତ୍ରୀଙ୍କ ମନରେ ଟିକେ ଭୟ ଥିବା ମଧ ଦେଖିବାକୁ ମିଳିଥିଲା। ଭଗବାନଙ୍କୁ ସ୍ମରଣ କରି ସେଦିନ ଧ୍ୱଂସଲୀଳା ରଚିଥିବା କରମଣ୍ଡଳ ଟ୍ରେନ୍‌ରେ ଯାତ୍ରୀମାନେ ପାଦ ରଖିଥିଲେ। ଗତ ସୋମବାରଠୁ ଉକ୍ତ ଟ୍ରାକ୍‌ରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ମଙ୍ଗଳବାର କରମଣ୍ଡଳ ଏକ୍ସପ୍ରେସ ଗଡ଼ିଛି।

# ବୁର୍ଲା ମେଡିକାଲରେ ଆଶ୍ରିତ ଅଧ୍ୟାପକ ଗିରଫ

## ଆଦିବାସୀ ଯୁବତୀ ବଳାତ୍କାର ଘଟଣା

**କୁଚିଣ୍ଡା,୬।୬(ଡି.ଏନ.ଏ.)**

ଜଣେ ଆଦିବାସୀ ଯୁବତୀଙ୍କୁ ଦୀର୍ଘ ୧୨ବର୍ଷ ଧରି ଯୌନ ନିର୍ଯାତନା ଦେଇ ବ୍ଲାକମେଲ କରିବା ଅଭିଯୋଗରେ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ପୋଲିସ ଅଧ୍ୟାପକ ସଞ୍ଜିତ ନାୟକଙ୍କୁ ମଙ୍ଗଳବାର ଗିରଫ କରିଛି। ଅଧ୍ୟାପକ ନାୟକ ଗିରଫ ଭୟରେ ଅସୁସ୍ଥତା ଦେଖାଇ ବୁର୍ଲା ଭିମ୍‌ସାର ମେଡିକାଲରେ ଚିକିତ୍ସିତ ହେଉଥିଲେ। ୨୪ଦିନ ପରେ ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, କୁଚିଣ୍ଡା ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନରେ ଭାରପ୍ରାପ୍ତ ଅଧକ୍ଷା ଭାବେ କାର୍ଯ୍ୟରତ ଜଣେ ଆଦିବାସୀ ଯୁବତୀଙ୍କୁ କୁଚିଣ୍ଡାର ଅଧିବାସୀ ତଥା ବର୍ତ୍ତମାନର ବୀରମହାରାଜପୁର କଲେଜର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ସଞ୍ଜିତ ନାୟକ ଦୀର୍ଘ ୧୨ବର୍ଷ ଧରି ଯୌନ ନିର୍ଯାତନା ଦେଇଆସୁଥିଲେ। ଏପରି କି ଯୁବତୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକମେଲ କରି ତାଙ୍କ ବିବାହ ଭାଙ୍ଗି ଦେଇଥିଲେ। ଏ ନେଇ ଯୁବତୀ ଜଣକ କୁଚିଣ୍ଡା ଥାନାରେ ଗତ ୧୨।୫।୨୩ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଧାରା ୩୭୬(୨)/୩୫୪ (ଏ)/୩୫୪(ସି)/୩୫୪(ଡି)/୫୦୬ ଓ ୬୭(ଏ) ଆଇଟି ଆକ୍ଟରେ ମାମଲା (ନଂ.୯୫/୨୩) ରୁଜୁ କରିଥିଲା। ତଦନ୍ତ ସମୟରେ ପୋଲିସ ଗତ ୧୩ତାରିଖରେ ଅଭିଯୁକ୍ତ ନାୟକଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ସେ ସମୟରେ ଅଭିଯୁକ୍ତ ଅଧ୍ୟାପକ ଶାରୀରିକ ଅସୁସ୍ଥତା ଦେଖାଇବାରୁ ପୋଲିସ ତାଙ୍କୁ କୁଚିଣ୍ଡା ମେଡିକାଲକୁ ନେଇ ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲା। ତାଙ୍କର ହୃଦ୍‌ରୋଗ ଥିବା କହି ଡାକ୍ତର ବୁର୍ଲା ଭିମ୍‌ସାର ମେଡିକାଲକୁ ରେଫର କରିଥିଲେ। ସେହି ଦିନଠାରୁ ସେ ପୋଲିସ ହେପାଜତରେ ଚିକିତ୍ସିତ ହେଉଥିଲେ। ପରବର୍ତ୍ତୀ ସମୟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡିତା ଯୁବତୀଙ୍କ ୧୬୪ରେ ବୟାନ ରେକର୍ଡ କରାଯାଇଥିଲା। ଅଧ୍ୟାପକଙ୍କ ଆଗୁଆ ଜାମିନ କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ଖାରଜ ମଧ୍ୟ ହୋଇଥିଲା। ଏପରି କି ବିଭିନ୍ନ ସଂଗଠନ ପକ୍ଷରୁ ଅଧ୍ୟାପକଙ୍କ ଗିରଫ ଓ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ଦାବି ହୋଇ ଆସୁଥିଲା।

ସୂଚନାଯୋଗ୍ୟ, ଅଧ୍ୟାପକ ନାୟକ କୁଚିଣ୍ଡାରେ ଏକ ଆବାସିକ କୋଚିଂ ସେଣ୍ଟର ଖୋଲିଥିଲେ। ପୀଡିତା ଯୁବତୀ ତାଙ୍କ କୋଚିଂ ସେଣ୍ଟରରେ ରହି କୁଚିଣ୍ଡା କଲେଜରେ ଅଧ୍ୟୟନ କରୁଥିଲେ। ସେ ସମୟରେ ଅଧ୍ୟାପକ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରି ବ୍ଲାକମେଲ କରିଆସୁଥିବା ଯୁବତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏପରି କି ତାଙ୍କର କଷ୍ଟୋପାର୍ଜିତ ଅର୍ଥ ହଡପ କରି ମାନସିକ ନିର୍ଯାତନା ମଧ ଦେଇ ଆସୁଥିଲେ। ଜଣେ ଆଦିବାସୀ ଯୁବତୀଙ୍କ ଭବିଷ୍ୟତ ନଷ୍ଟ କରିବା ଭଳି ସମ୍ବେଦନଶୀଳ ଘଟଣାରେ ଅଧ୍ୟାପକ ଗିରଫ ହୋଇ ଜେଲ ଯିବା ଘଟଣା କୁଚିଣ୍ଡାରେ ଚର୍ଚ୍ଚାର ବିଷୟ ହୋଇଛି।



ଗିରଫ ଅଧ୍ୟାପକ ସଞ୍ଜିତ ନାୟକ।

# ନିଯୁକ୍ତି ପାଇଲେ ୧୨୦୫ ଡାକ୍ତର




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଜଣେ ଡାକ୍ତରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ୍।

**ଭୁବନେଶ୍ୱର,୬।୬(ବ୍ୟୁରୋ)**

■ ନିଷ୍ଠାର ସହ ଲୋକଙ୍କ ସେବା କରିବାକୁ ନବ ନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

■ ଡିସେମ୍ବର ସୁଦ୍ଧା ସମସ୍ତ ଡାକ୍ତରୀ ପଦବୀ ପୂରଣ ହେବ

ରାଜ୍ୟ ସରକାର ମଙ୍ଗଳବାର ୧୨୦୫ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି। ନିଷ୍ଠାର ସହ ଲୋକମାନଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଏ ନେଇ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଓଡ଼ିଶାବାସୀଙ୍କ ପାଇଁ ମୁଁ ଗର୍ବିତ'। ପ୍ରତ୍ୟେକ ବ୍ୟକ୍ତି ଟ୍ରେନ୍ ଦୁର୍ଘଟଣା ବିଷୟରେ ଜାଣିଛନ୍ତି। ଏହି ଘଟଣା ସମଗ୍ର ଦେଶ ଓ ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏହି ଘଟଣା ଓଡ଼ିଶାର ଦକ୍ଷତାକୁ ପ୍ରମାଣିତ କରିଛି। ବିପର୍ଯ୍ୟୟ ସମୟରେ କିପରି କାର୍ଯ୍ୟ କରିବାକୁ ହୁଏ ତାହା ଦେଖାଇ ପାରିଛି। ଏସବୁ ଓଡ଼ିଶା ଲୋକଙ୍କ ମାନବିକତା, ବିଶେଷକରି ଡାକ୍ତର, ଡାକ୍ତରୀ ଛାତ୍ର, ଜନସାଧାରଣଙ୍କ ସହାୟତା କରିବାର ମାନସିକତା ଯୋଗୁ ସମ୍ଭବ ହୋଇଛି। ଫଳରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇ ପାରିଛି। ଲୋକମାନେ ଉଦ୍ଧାର କାର୍ଯ୍ୟରେ ସହାୟତା କରିବା ସହ ରକ୍ତଦାନ କରିବା ସକାଶେ ଲମ୍ବା ଧାଡ଼ି ଦେଇଥିଲେ। ଓଡ଼ିଶାବାସୀଙ୍କ ପାଇ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଖବର ପ୍ରସାରିତ ହେବା ମାତ୍ରେ ପ୍ରଶାସନ ସଜାଗ ହୋଇ ଉଠିଥିଲା। ମନ୍ତ୍ରୀ, ଉଚ୍ଚ ପଦାଧିକାରୀ, କର୍ମଚାରୀ ସମସ୍ତେ ଦୁର୍ଘଟଣା ସ୍ଥଳକୁ ଯାଇ ଆହତମାନଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରିବାରେ ଲାଗିଥିଲେ। ଏହା ହେଉଛି ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍ ଓ ଟ୍ରାନ୍ସଫର୍ମେଶନ ବା ରୂପାନ୍ତରଣ ପ୍ରଶାସନିକ ସେବା। ବାତ୍ୟା ଓ କୋଭିଡ୍ ପରିଚାଳନା ପାଇଁ ଏକ ଦୀର୍ଘମିଆଦୀ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିବାରେ ରାଜ୍ୟ ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ନବନିଯୁକ୍ତ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାପ୍ତ ଡାକ୍ତର ନିଯୁକ୍ତି ହୋଇପାରିଛି। ଏହି ନିଯୁକ୍ତି ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ। ନବନିଯୁକ୍ତ ଡାକ୍ତରମାନେ ଲୋକମାନଙ୍କୁ ନିଷ୍ଠାର ସହ ସେବା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହି ନୀତି ଆଧାରରେ ଗତ ୬ ବର୍ଷରେ ରାଜ୍ୟରେ ୮ଟି ମେଡିକାଲ କଲେଜ ଓ ୨ଟି ନୂଆ ପୋଷ୍ଟ ଗ୍ରାଜୁଏଟ ପ୍ରତିଷ୍ଠାନ ଖୋଲାଯାଇଛି। ଏଥିରୁ ପ୍ରତ୍ୟେକ ବର୍ଷ ୨୨୦୦ ଡାକ୍ତର ଓ ୮୨୬ ସ୍ପେଶାଲିଷ୍ଟ ବାହାରୁଛନ୍ତି। ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଗତ ୪ ବର୍ଷ ମଧ୍ୟରେ ୪୫୦୦ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ୱାସ୍ଥ୍ୟସେବାରେ ରୂପାନ୍ତରଣ ପାଇଁ ୫ ହଜାର ଡାକ୍ତର ପଦବୀ ସୃଷ୍ଟି କରାଯାଇଛି। ଏହାର ନିଯୁକ୍ତି ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ୨୦୨୩ ଡିସେମ୍ବର ସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା କିଛି ବର୍ଷ ମଧ୍ୟରେ ଓଡ଼ିଶା ଡାକ୍ତର ବହୁଳ ରାଜ୍ୟରେ ପରିଣତ ହେବ। ଦେଶରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସମଗ୍ର ଦେଶରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଉତ୍ତମ ଯୋଜନା। ଏଥିରେ ପ୍ରତି ମାସରେ ରାଜ୍ୟ ସରକାର ୨୨୫ କୋଟି ଟଙ୍କା ଖର୍ଚ୍ଚ କରି ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାର ଉନ୍ନତୀକରଣ ପାଇଁ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହା ହିଁ ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପରିବର୍ତ୍ତନ କରିଦେଇଛି। ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ସେ ନବନିଯୁକ୍ତ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିଯୁକ୍ତି କାର୍ଯ୍ୟକ୍ରମରେ ନବନିଯୁକ୍ତ ଡାକ୍ତର ସ୍ନିଗ୍ଧାମୟୀ ପଣ୍ଡା, ମୁକ୍ତିରଞ୍ଜନ ମଲ୍ଲିକ ଏବଂ ଶର୍ମିଳା ସାହୁ ରାଜ୍ୟ ସରକାରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫–ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପ୍ରତି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ହୀରାକୁଦ ଜଳଭଣ୍ଡାରରୁ ହେବ ପରୀକ୍ଷାମୂଳକ ଜଳ ନିଷ୍କାସନ

**ସମ୍ବଲପୁର,୬।୬(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରୁ ଚଳିତ ମାସରେ ଯେ କୌଣସି ମୁହୂର୍ତ୍ତରେ ପାଣି ଛଡାଯାଇ ପାରେ। ବନ୍ୟାଜଳ ପରିଚାଳନା ପୂର୍ବ ପ୍ରସ୍ତୁତିକ୍ରମେ ଏଭଳି କରାଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ପାଇଁ ନୋଟିସ୍ ଜାରି କରିଛନ୍ତି। ଜୁନ ୧ ତାରିଖରୁ ଅକ୍ଟୋବର ୩୧ ମଧ୍ୟରେ ପ୍ରତିବର୍ଷ ଡ୍ୟାମ୍‌ରୁ ପାଣି ଛଡାଯାଇଥାଏ। ତେଣୁ ଚଳିତବର୍ଷ ମଧ ଜଳ ନିଷ୍କାସନ କରାଯାଇପାରେ ବୋଲି କୁହାଯାଇଛି। ଏ ନେଇ ମହାନଦୀ ତଟଦେଶ ତଥା ତଳ ମୁଣ୍ଡରେ ବସବାସ କରୁଥିବା ଜନସାଧାରଣ ଓ ଧୀବରଙ୍କୁ ସୂଚନା ଦିଆଯାଇଛି।

ଜଳଭଣ୍ଡାର ଗେଟ୍‌ଗୁଡିକର ଅପରେଶନ ଟ୍ରାଏଲ ହେବା ସହ ଜଳ ପରିଚାଳନା ହୋଇଥାଏ। ଡ୍ୟାମ୍‌ର ସ୍ଲୁଇସ୍ ଗେଟ୍ ଓ କ୍ରାଏଷ୍ଟ ଗେଟ୍ ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥାଏ। ବନ୍ଦ ଗେଟ୍‌ଗୁଡିକ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହାର ଯାନ୍ତ୍ରିକ ତ୍ରୁଟି ବିଦ୍ୟୁତ୍ ବିଭାଗୀୟ ଇଞ୍ଜିନିୟରମାନେ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏଥିପାଇଁ ମୁଖ୍ୟ ଗେଟ୍‌କୁ ଟ୍ରାଏଲ ରନରେ ଖୋଲିବାକୁ ପଡ଼େ। ବର୍ଷା ଋତୁ ପୂର୍ବରୁ ଜଳଭଣ୍ଡାରରେ ଯଦି ଅଧିକ ପାଣି ରହିଥାଏ ତାହାକୁ ନିଷ୍କାସନ କରାଯାଇ ଜଳଭଣ୍ଡାରକୁ ଖାଲି ରଖିବାକୁ ପଡେ। ଏଥିପାଇଁ ଜୁନ ମାସରେ କିଛି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଥାଏ। ବର୍ଷା ଆଗମନ ପୂର୍ବରୁ ଜୁଲାଇ ୧ତାରିଖ ସୁଦ୍ଧା ଜଳଭଣ୍ଡାରରେ ୫୯୫ ଫୁଟ୍ ଓ ଅଗଷ୍ଟ ୧ତାରିଖ ସୁଦ୍ଧା ୫୯୦ଫୁଟ୍ ପାଣି ରଖି ଜଳ ପରିଚାଳନା କରାଯାଇଥାଏ। ଏବେ ଜଳଭଣ୍ଡାରରେ ଜଳସ୍ତର ୬୦୩ଫୁଟ୍ ରହିଛି। ଆସନ୍ତା ୧୫ତାରିଖ ପରେ ବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରର ବଳକା ପାଣି ନିଷ୍କାସନ କରିବାକୁ ଯୋଜନା କରିଛନ୍ତି। ମହାନଦୀ ଅବବାହିକାର ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି ସୂଚନା ଦିଆଯାଇଛି। ଗେଟ୍ ଖୋଲିବାର ଦୁଇଘଣ୍ଟା ଆଗରୁ ସାଇରନ ବାଜିବ। ଗେଟ୍ ଖୋଲିବା ସମୟରେ ମହାନଦୀ ଭିତରେ ଯେପରି କେହି ଚଳପ୍ରଚଳ ନ କରିବେ, ଗୋରୁ ବିଚରଣ ନ କରିବେ, ମାଛ ଧରିବା ପାଇଁ ନ ଯିବେ ତାହା ସୁନିଶ୍ଚିତ କରିବାକୁ ମହାନଦୀ ଅବବାହିକାର ଜିଲାପାଳ ଓ ରାଜ୍ୟ ଜଳସମ୍ପଦ ବିଭାଗକୁ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ଉମାକାନ୍ତ ରାଜ କହିଛନ୍ତି, ଏହା ପ୍ରତିବର୍ଷ ହୋଇଥାଏ। ମରାମତି ଓ ବନ୍ୟା ଯୋଗୁ ବନ୍ଧ କର୍ତ୍ତୃପକ୍ଷ ଏଭଳି କରନ୍ତି। ତେଣୁ ମହାନଦୀ ଅବବାହିକା ଓ ନିର୍ଭର କରୁଥିବା ଲୋକଙ୍କୁ ସୂଚନା ଦିଆଯାଇଛି। ଧନଜୀବନ ସୁରକ୍ଷା ନେଇ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି।



ହୀରାକୁଦ ଡ୍ୟାମ୍।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ବାଚନ ପୂର୍ବରୁ ନୂଆ ଦଳ ଗଢ଼ିପାରନ୍ତି ପାଇଲଟ୍

**ଜୟପୁର, ୬।୬**

ରାଜସ୍ଥାନ କଂଗ୍ରେସରେ ଏକତା ରକ୍ଷା ପାଇଁ ଦଳୀୟ ନେତୃତ୍ୱ ଉଦ୍ୟମ ଚଳାଇଥିବାବେଳେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ସଚିନ ପାଇଲଟ୍ ବାରମ୍ବାର ଏହାକୁ ଚ୍ୟାଲେଞ୍ଜ କରିଆସୁଛନ୍ତି। ନିର୍ବାଚନ ପୂର୍ବରୁ ସେ ନିଜର ଦଳ ଗଢ଼ି କଂଗ୍ରେସକୁ ବଡ଼ ଝଟକା ଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ଜୋର୍ ଧରିଛି। ସଚିନଙ୍କ ବାପା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜେଶ ପାଇଲଟ୍‌ଙ୍କ ଶ୍ରାଦ୍ଧବାର୍ଷିକୀ ଜୁନ୍ ୧୧ରେ ସେ ବଡ଼ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ତେବେ ସେ ନିଜ ଦାବି ପୂରଣ ପାଇଁ କଂଗ୍ରେସ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବେ ବୋଲି ତାଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ଜୁନ୍ ୧୧ରେ କୌଣସି ବଡ଼



ସଚିନ ପାଇଲଟ୍

ରାଲି କରିବା ଯୋଜନା ନାହିଁ ବୋଲି ତାଙ୍କ ପାଖ ଲୋକମାନେ କହିଛନ୍ତି।

ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ଭାଜପା ସରକାର ଅମଳରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପାଇଲଟ୍ ତାଙ୍କ ନିଜ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କର ଭାଜପା ସହ ବୁଝାମଣା ଥିବାରୁ ସେ ବସୁନ୍ଧରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପାଇଲଟ ଅଭିଯୋଗ କରିଛନ୍ତି, ଯାହାକୁ ଭାଜପା ଖଣ୍ଡନ କରିଛି। ତେବେ ନିଷ୍ପତ୍ତି ଦଳର କେନ୍ଦ୍ରୀୟ ନେତୃତ୍ୱ ନେବାକୁ ଥିବାରୁ ପାଇଲଟ୍ ସେଥିପାଇଁ କିଛିଦିନ ଅପେକ୍ଷା କରିବେ ବୋଲି ତାଙ୍କ ନିକଟ ମହଲରୁ କୁହାଯାଇଛି। ଗତ ମାସରେ ଉଭୟ ନେତା ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କ ସହ ଦୀର୍ଘ ୪ ଘଣ୍ଟା ଆଲୋଚନା କରିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରିପାରି ନ ଥିଲା। ଦଳ ଏକାଠି ନିର୍ବାଚନ ଲଢ଼ିବ ବୋଲି ହାଇକମାଣ୍ଡ କହିଥିଲେ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ତିକ୍ତତା ଦୂର ହୋଇନାହିଁ।



କର୍ଣାଟକ ସରକାର ଗୋହତ୍ୟା ନିରୋଧୀ ନିୟମକୁ ଉଠାଇବାକୁ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଭାଜପା ସମର୍ଥକମାନେ ଏହାକୁ ବିରୋଧ କରି ବେଙ୍ଗାଲୁରୁଠାରେ ଗୋ ପୂଜା କରୁଛନ୍ତି।


## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



(ଆନୀ)

**ସୋନିକା ସେଠୀ**
ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ
ଆଜି ତୋର ''ଚତୁର୍ଥ'' ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ମାଆ: ସୋମ୍ୟା, ବାପା: ପ୍ରଭାକର, ବଡ଼ବାପା, ବଡ଼ମାଆ, ପୂଜା, ଲିଜା, ରୋଜି, ବୁକ୍, ଜେଜେ, ଜେଜେମା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୦୫୨୯

CLASSIFIED DISPLAY — ALL EDITION - BW (Everyday)
MORE SPACE * SAME PRICE
For Booking Contact: 0674-2580385, 8637280816, 7894447167, 9338228625

## ATC ଟାୱାର



ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
7625811050

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କେବଳ ମଥୁରାରୁ ନିର୍ବାଚନ ଲଢ଼ିବି: ହେମା ମାଳିନୀ

**ମଥୁରା, ୬।୬**

ଯଦି ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରେ, ତେବେ କେବଳ ଉତ୍ତରପ୍ରଦେଶର ମଥୁରା ଆସନରୁ ହିଁ ଲଢ଼ିବେ ବୋଲି ଭାଜପା ଏମ୍‌ପି ହେମା ମାଳିନୀ କହିଛନ୍ତି। ଅନ୍ୟ କୌଣସି ଆସନରୁ ଲଢ଼ିବା ପାଇଁ ପ୍ରସ୍ତାବ ଆସିଲେ ସେ ଗ୍ରହଣ କରିବେ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରର ୯ ବର୍ଷ ପୂର୍ତ୍ତି ଅବସରରେ ଏହାର ସଫଳତା ସମ୍ପର୍କରେ ଗଣମାଧ୍ୟମକୁ ହେମା ମାଳିନୀ ସୂଚନା ଦେଉଥିବାବେଳେ ଏହା କହିଛନ୍ତି। ତୃତୀୟ ଥର ସେ ଲୋକ ସଭା ନିର୍ବାଚନ ଲଢ଼ିବେ କି ବୋଲି ପ୍ରଶ୍ନ ହେବାରୁ ଡ୍ରିମ୍ ଗର୍ଲ କହିଥିଲେ, ଯଦି ଦଳ ଚାହେଁ, ତେବେ ତାଙ୍କର କିଛି ଅସୁବିଧା ନାହିଁ। ଗତ ୯ ବର୍ଷରେ ଏନ୍‌ଡିଏ ସରକାର କରିଥିବା ବିକାଶମୂଳକ କାର୍ଯ୍ୟ ପାଇଁ ମୋଦି ତୃତୀୟ ଥର ପାଇଁ କ୍ଷମତାକୁ ଆସିବେ ବୋଲି ହେମା ମାଳିନୀ ଦୃଢ଼ତାର ସହ କହିଥିଲେ। ଭାଜପା ଟିକେଟରେ ସେ ୨୦୧୪ ଏବଂ ୨୦୧୯ରେ ମଥୁରାରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ରାଜ୍ୟ ସଭା ସଦସ୍ୟ ଥିଲେ।



ହେମା ମାଳିନୀ

# ପ୍ରଧାନମନ୍ତ୍ରୀ ହେବାକୁ ଆଶା ବାନ୍ଧିଛନ୍ତି ନୀତୀଶ: ପ୍ରଶାନ୍ତ କିଶୋର

**ପାଟନା, ୬।୬**

ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର (ପିକେ) ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନୀତୀଶଙ୍କ ବିରୋଧୀ ଏକତାର ପଦକ୍ଷେପକୁ ନାପସନ୍ଦ କରିବା ସହ ତାଙ୍କୁ ଦୃଷ୍ଟି ବାଧିତଙ୍କ ମଧ୍ୟରେ ଶ୍ରବଣ ବାଧିତ ରାଜା ବୋଲି କହି କଟାକ୍ଷ କରିଛନ୍ତି। ସମସ୍ତିପୁରରେ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଶାନ୍ତ କିଶୋର ପାଟନାଠାରେ ପ୍ରସ୍ତାବିତ ବିରୋଧୀ ଏକତା ବୈଠକକୁ ଟାର୍ଗେଟ କରି କହିଥିଲେ ନୀତୀଶଙ୍କ ଅବସ୍ଥା ସେ ନିଜେ ଜାଣିବା ଜରୁରୀ। ଆଉ ନିଜକୁ ସେ ବିହାରର ଏକମାତ୍ର ଶିକ୍ଷିତ ବ୍ୟକ୍ତି ବୋଲି ଭାବୁଛନ୍ତି, ତେଣୁ ତାଙ୍କ ଚାରିପାଖରେ ମୂର୍ଖମାନଙ୍କୁ ବସାଇଛନ୍ତି। ପିକେ ଲାଲୁ ପ୍ରସାଦ ଯାଦବଙ୍କ ନାମ ନ ନେଇ କଟାକ୍ଷ କରି କହିଛନ୍ତି ବିହାରର ଜଣେ



ନୀତୀଶ କୁମାର



ପ୍ରଶାନ୍ତ କିଶୋର

ନେତା ତାଙ୍କ ନାମ କିପରି ଲେଖିବେ ଜାଣନ୍ତି ନାହିଁ। କିନ୍ତୁ ନୀତୀଶ ତାଙ୍କ ନାମ କିପରି ଲେଖିବେ ତାହା ଜାଣନ୍ତି। ତେଣୁ ଲୋକେ ଭାବୁଛନ୍ତି ନୀତୀଶ ଜଣେ ମହାନ ପଣ୍ଡିତ। ଏଠାରେ ଏପରି ଜଣେ ନେତା ଅଛନ୍ତି, ଯିଏ ତାଙ୍କ ଶର୍ଟ ଉପରେ ଗଞ୍ଜି ପିନ୍ଧନ୍ତି ଏବଂ ନୀତୀଶ ଗଞ୍ଜି ଉପରେ ଏକ ଶର୍ଟ ପିନ୍ଧନ୍ତି, ତେଣୁ ଲୋକମାନେ ଭାବୁଛନ୍ତି ସେ ବହୁତ ବୁଦ୍ଧିମାନ। ନୀତୀଶ ଶିକ୍ଷିତ ହୋଇପାରନ୍ତି, କିନ୍ତୁ ବିହାରର ଏକମାତ୍ର ଶିକ୍ଷିତ ବ୍ୟକ୍ତି ନୁହଁନ୍ତି। ତାଙ୍କ ତୁଳନାରେ ରାଜ୍ୟରେ ହଜାର ହଜାର ଲୋକ ଅଧିକ ଶିକ୍ଷିତ ଏବଂ ବୁଦ୍ଧିମାନ ଅଛନ୍ତି। ନୀତିଶଙ୍କ ବିରୋଧୀ ଏକତା ପଦକ୍ଷେପକୁ ଟାର୍ଗେଟ କରି ସେ କହିଛନ୍ତି, ଆପଣ ଦେଶର ସବୁଠାରୁ ଗରିବ, କିନ୍ତୁ ଗର୍ବ ଜଣେ ରାଜା ମହାରାଜାଙ୍କ ପରି। ଦେଶର ସବୁଠୁ ପଛୁଆ, କିନ୍ତୁ ଆଗରେ ଥିବା ଭଳି ଗର୍ବ ଅନୁଭବ କର। ସତକଥା, ନୀତୀଶ କୁମାର ଦେଶର ପ୍ରଧାନମନ୍ତ୍ରୀ ହେବାକୁ ବଡ଼ ଆଶା ବାନ୍ଧିଛନ୍ତି।

# ନିର୍ବାଚନ ପାଇଁ ହାତ ପତାଇବୁ ନାହିଁ: ଓମାର

**ଶ୍ରୀନଗର, ୬।୬(ଆଇଏଏନ୍‌ଏସ୍)**

ନିର୍ବାଚନ ଜନସାଧାରଣଙ୍କ ଅଧିକାର। ଜମ୍ମୁ-କଶ୍ମୀରରେ ନିର୍ବାଚନ କରାଇବା ପାଇଁ କାହା ପାଖରେ ହାତ ପତାଇବୁ ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ମଙ୍ଗଳବାର କହିଛନ୍ତି। ନିର୍ବାଚନ କମିଶନଙ୍କୁ ଏହି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ଜମ୍ମୁ-କଶ୍ମୀର ବିଧାନସଭା କେତେଦିନ ଖାଲି ପଡ଼ିଥିବ। ଏହା କାହିଁକି ପୂରଣ ହେଉନାହିଁ। ସେଠାରେ ଭୋଟ ନ କରାଇବା ପାଇଁ ଯଦି ନିର୍ବାଚନ କମିଶନଙ୍କ ଉପରେ ଚାପ ପକାଯାଉଛି, ତାହା ସେ ସ୍ପଷ୍ଟ କରନ୍ତୁ ବୋଲି ଓମାର କହିଛନ୍ତି। ଶ୍ରୀନଗରରେ ଜି୨୦ ବୈଠକ କରାଯାଇ କଶ୍ମୀରକୁ ବାହାର ଦୁନିଆ ଆଗରେ ପ୍ରଦର୍ଶନ କରାଗଲା। ତେବେ ବାସ୍ତବତା କ'ଣ ଜନସାଧାରଣ ଜାଣିବା ଆବଶ୍ୟକ ବୋଲି ଏନ୍‌ସି ନେତା କହିଛନ୍ତି।



ଓମାର ଅବଦୁଲ୍ଲା

# କେନ୍ଦ୍ରର ସଫଳତା ପହଞ୍ଚାଇବାକୁ ବିଧାନସଭା ସ୍ତରରେ କାର୍ଯ୍ୟକ୍ରମ କରିବ ଯୁବମୋର୍ଚ୍ଚା: ଇରାଶିଷ

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ଉପଲବ୍ଧି ଏବଂ ସଫଳତାକୁ ପ୍ରତ୍ୟେକ ଘରେ ପହଞ୍ଚାଇବା, ଲୋକଙ୍କ ମଧ୍ୟରେ ଚର୍ଚ୍ଚା ପରିସରକୁ ଆଣିବା ସହ ଆଲୋଚନା କରିବାକୁ ନେଇ ଭାଜପା ଯୁବମୋର୍ଚ୍ଚା ଆଗାମୀ ଦିନରେ ମହାଜନସମ୍ପର୍କ ଅଭିଯାନର ଆୟୋଜନ କରିବ। କେନ୍ଦ୍ରରେ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟା ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ସବୁ ବିଧାନସଭା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ଜିଲାସ୍ତରରୁ ନେଇ ବୁଥ୍‌ସ୍ତର ପର୍ଯ୍ୟନ୍ତ ଦୀର୍ଘ ୬ ଦିନବ୍ୟାପୀ ବାଇକ୍ ର୍‍ୟାଲି କରାଯାଇ ଯୁବକମାନେ ରାତ୍ରିଯାପନ କରି ଲୋକଙ୍କ ସହ ସମ୍ପର୍କ ସ୍ଥାପନକରି ମୋଦି ସରକାରଙ୍କ ଉପଲବ୍ଧି ବିଷୟରେ ଆଲୋଚନା କରିବେ। ସେହିପରି ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ଦେବାକୁ ଥିବା ନୂତନ ଭୋଟରଙ୍କ ସହ ସମ୍ପର୍କ ସ୍ଥାପନ କରାଯିବ। ନୂଆ ମତଦାତାଙ୍କୁ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗବେଷଣା ଓ ପଲିସି ନିର୍ଦ୍ଧାରଣ କାର୍ଯ୍ୟରେ ତାଙ୍କୁ ଭାଗୀଦାର କରିବାର ଯୋଜନା ରହିଛି। ଅନ୍‌ଲାଇନ କୁଇଜ୍ ପ୍ରତିଯୋଗିତାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଜୁନ୍ ୩୦ ସୁଦ୍ଧା ସମସ୍ତ କାର୍ଯ୍ୟକ୍ରମକୁ ଭାଜପା ଯୁବମୋର୍ଚ୍ଚା ସୁଚାରୁରୂପେ ଅନୁଷ୍ଠିତ କରିବ ବୋଲି ଇରାଶିଷ କହିଛନ୍ତି।

# ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି: କଂଗ୍ରେସ




କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ଦୀର୍ଘବର୍ଷ ଧରି ରାଜ୍ୟର ଉପଭୋକ୍ତାମାନଙ୍କୁ ଶୋଷଣ କରିଚାଲିଛି। ଏକଥା ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ, ଶକ୍ତି ସଚିବ, ଗ୍ରୀଡ୍‌କୋର ପଦାଧିକାରୀ, ଓଇଆର୍‌ସିର ଅଧ୍ୟକ୍ଷଙ୍କୁ ଜଣାଯାଇଛି। ହେଲେ ସେମାନଙ୍କ ଦୀର୍ଘକାଳୀନ ମୌନବ୍ରତ ଟାଟା ପାୱାରକୁ ଅଧିକ ଶୋଷଣ କରିବା ପାଇଁ ପ୍ରୋତ୍ସାହିତ କରୁଛି ବୋଲି କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ଟାଟା ପାୱାର କମ୍ପାନୀକୁ ରାଜ୍ୟ ସରକାର ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ଦେବା ପୂର୍ବରୁ ଓଡ଼ିଶାର ଉପଭୋକ୍ତାମାନଙ୍କୁ ପ୍ରଥମ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଏକ ସର୍ବନିମ୍ନ ଦର ଲାଗୁ ହେଉଥିଲା, ଯାହାକି ସେତେବେଳେ ଟ.୨.୫୦ ପଇସା ଥିଲା। କିନ୍ତୁ ଟାଟା ପାୱାର ବିତରଣ ଦାୟିତ୍ୱ ନେବାପରେ ପ୍ରଥମ ସ୍ଲାବ୍ ଯାହାକି ୧ରୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଥିଲା ତାହାକୁ କମାଇ ୧ରୁ ୫୦ ୟୁନିଟ୍ କରିଲା। ୟୁନିଟ୍ ପିଛା ଦରବୃଦ୍ଧି କରି ୩ଟ ୫୦ ପଇସା କଲା। ଓଡ଼ିଶାର ଲକ୍ଷାଧିକ ଉପଭୋକ୍ତାଙ୍କୁ ରାଜ୍ୟ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି ଯୋଗୁ ଟାଟା ପାୱାର ଶୋଷଣ କଲା। ପ୍ରତିମାସ ୩୦ ଦିନ ପରେ ମିଟର ରିଡିଂ କରିବା ପରିବର୍ତ୍ତେ ଟାଟା ପାୱାର ଜାଣିଶୁଣି ୧୦ ଦିନ ବିଳମ୍ବରେ ମିଟର ରିଡିଂ କରୁଛନ୍ତି। ଉପଭୋକ୍ତାଙ୍କୁ ମିଡିୟମ ସ୍ଲାବ୍ ରେଟ୍ ପରିବର୍ତ୍ତେ ୫୦ରୁ ୧୦୦ ୟୁନିଟ୍ ସ୍ଲାବ୍‌ର ଦର ଅନୁସାରେ ଆଦାୟ କରାଯାଉଛି ବୋଲି ପଞ୍ଚାନନ ଅଭିଯୋଗ କରିଛନ୍ତି।


# Classified Everyday
0674-2580101, 2549949




MATRIMONIAL

**BRIDE WANTED**

Brahmin Groom 56 yrs, 5ft. 3inch Govt. Service, Caste No Bar. Widow and Divorced allowed. Mob: 9740761380. D-0492

Handsome Karan boy 1995, 5'6" MBA Serving Executive reputed Bank, Bhubaneswar. "SUNASANSAR". 9937512659, 8249969649. D-74871

Age-29, Bank ଚାକିରିଆ unmarried ଭୁବନେଶ୍ୱରସ୍ଥିତ ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର Married/ Unmarried ଝିଅ ଦରକାର। 6371298869. D-0507



REAL ESTATE


**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74693

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରିସିଟି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834. D-74866



Healthcare

All types of professional body massage by professional therapy. Contact: 9556924059, 7077933109. D-0499

Herbal full body massage by smart / expert therapist. Contact: 7846923244. D-74691

Newly open health benefits Spa special offer @ 799, Master canteen. 9124527173. D-75116

Asribad a Panchakarma herbal SPA Kesharimall, Bhubaneswar. Contact. 8926173473. D-74692

Newly open Spa Positively Health benefits with expert therapist. 9040286886. D-75115

Full body massage in homely atmosphere in all therapy. Mob: 8114881641. D-73434

Newly open SPA positively health benefit with expert. Contact: 7749976301. D-74546

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862

**AFFIDAVIT**

By virtue of an affidavit sworn before the Executive Magistrate, dated 02.06.2023 I, K. Shyambabu Senapati, Son of K. Brundaban Senapati, At/PO-Beguniapada, Dist.-Ganjam, Odisha declared that I have changed my name from Shyambabu Senapati to K. Shyambabu Senapati. Henceforth I shall be known as K. Shyambabu Senapati for all purpose. D-71375

By virtue of an affidavit before the Notary, Bhubaneswar on 06.06.2023 I Lilabati Hansdah, W/o Late Jitendra Mohan Hansda, At-Saranapalli, Jayadev Vihar RRL Bhubaneswar, Pin- 751013 have correct the Spelling of my Surname from "HANSDA" to "HANSDAH". Now "LILABATI HANSDAH" and "LILABATI HANSDA" is one and same person and I have also correct my Date of Birth 07.10.1965 instead of 20.10.1969 for all Official and Non-Official purpose. Sd/-Lilabati Hansdah. D-0530

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ମନୋରମା ପାଢ଼ୀ**
ଆବିର୍ଭାବ: ୧୨।୦୪।୧୯୫୫
ତିରୋଧାନ: ୨୮।୦୫।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ, ସହନଶୀଳତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଝିଅ: ସଂଜିବିତା (ନିତୁ), ମୌସୁମୀ (ଫିକି), ଜୁସି, ଜ୍ୱାଇଁ ଏବଂ ନାତି ନାତୁଣୀ ସହ ହତଭାଗ୍ୟ ସ୍ୱାମୀ: କେଦାରନାଥ ପତି ଏବଂ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୦୫୩୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ସୁରେନ୍ଦ୍ର କୁମାର ରାଉତରାୟ**
ବିଶିଷ୍ଟ ସମାଜସେବୀ, ପୂର୍ବତନ ସରପଞ୍ଚ, ପାହାଳ
ଜୟପୁର (କରଣସାହି), ଭୁବନେଶ୍ୱର
ଆବିର୍ଭାବ-୧୯୩୬
ତିରୋଧାନ- ୧୬।୦୬।୨୦୨୨
ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସଞ୍ଜୟ, ଜୟନ୍ତ, ସୁବ୍ରତ, କଳ୍ପତରୁ, ଗଜେନ୍ଦ୍ର, ସୁନୀଲ ଓ ଜ୍ୱାଇଁ ଏବଂ ବନ୍ଧୁ, ପରିବାରବର୍ଗ
ଧ-୭୧୨୨୨

# ‘ଗଣତନ୍ତ୍ରର ରକ୍ଷାକବଚ ଗଣମାଧ୍ୟମ’






ବକ୍ତୃତା ପ୍ରତିଯୋଗିତାର ବିଚାରକ ଓ ଅତିଥିଙ୍କ ସହ କୃତୀ ୪ ଛାତ୍ରୀଛାତ୍ର (ଉପର), ପ୍ରତିଯୋଗିତାରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନେ ।

## ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବରୁଣେଶ୍ୱର କଲେଜରେ ବକ୍ତୃତା ପ୍ରତିଯୋଗିତା

**ଯାଜପୁର ଅଫିସ, ୬।୬**

ଗଣମାଧ୍ୟମ ହେଉଛି ଏକ ଜାଗ୍ରତ ପ୍ରହରୀ । ସମ୍ପ୍ରତି ଗଣତନ୍ତ୍ର ପାଇଁ ଗଣମାଧ୍ୟମ ରକ୍ଷାକବଚ ସାଜିଛି। ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କୁ ଗଣମାଧମ ସଚେତନ କରି ଆସୁଛି ବୋଲି ମଙ୍ଗଳବାର ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଯାଜପୁର ଜିଲା ବରୁଣେଶ୍ୱର ମହାବିଦ୍ୟାଳୟଠାରେ ଆୟୋଜିତ ଆନ୍ତଃ କଲେଜ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇଥିବା ବକ୍ତା ଓ ପ୍ରତିଯୋଗୀମାନେ ଏଭଳି ମତବ୍ୟକ୍ତ କରିଛନ୍ତି।

ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ କଲେଜରୁ ୧୬୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ‘ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବରୁଣେଶ୍ୱର ମହାବିଦ୍ୟାଳୟର ଛାତ୍ରୀ ଶାନ୍ତା କୁମାରୀ ନନ୍ଦ ପ୍ରଥମ, ଏନ୍‌ସି କଲେଜର ଛାତ୍ରୀ କବିତା ରଣା ଓ ବରୁଣେଶ୍ୱର କଲେଜର ଛାତ୍ରୀ ସୌଭାଗ୍ୟଲକ୍ଷ୍ମୀ କର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଏନ୍‌ସି କଲେଜର ଛାତ୍ର ଦେବରାଜ ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶ୍ରୀହରି ଧଳ ଓ ବିରଜା ମହିଳା କଲେଜର ପ୍ରାଧ୍ୟାପକ ଅଖିଳମୋହନ ପାଢ଼ୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ସଭାପତିତ୍ୱ କରି ଭାରତୀୟ ଗଣତନ୍ତ୍ରର ସ୍ୱରୂପ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦୈନିକ ଧରିତ୍ରୀର ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରି ଅଧ୍ୟକ୍ଷ ମହାପାତ୍ର ଆହୁରି କହିଲେ, ଏହି ଖବରକାଗଜ ଓଡ଼ିଶାର ଆଗଧାଡ଼ିରେ ରହିଛି। ନିରପେକ୍ଷତା ଦିଗରେ ଧରିତ୍ରୀ ପ୍ରଶଂସନୀୟ। ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ଅତିଥି ଭାବେ ଯୋଗଦେଇ ଆମ ଦେଶର ଗଣତନ୍ତ୍ର ସର୍ବୋତ୍କୃଷ୍ଟ ଓ ଏହାର ହୃତ୍‌ପିଣ୍ଡ ହେଉଛି ସମ୍ବିଧାନ। ସମ୍ବିଧାନର ସୁପରିଚାଳନା ପାଇଁ ଯେଉଁ ତିନୋଟି ସ୍ତମ୍ଭ ରହିଛି ତାହା ଠିକ୍ ଭାବେ କାର୍ଯ୍ୟକରୁଛି କି ନାହିଁ ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ ତାହାକୁ ଜଗି ରହିଥାଏ। ସମ୍ବିଧାନକୁ ମାନି ଚଳିବା ଆମ ସମସ୍ତଙ୍କ ପରମ କର୍ତ୍ତବ୍ୟ ବୋଲି ସେ କହିଥିଲେ। କଲେଜର ଗ୍ରନ୍ଥାଗାରିକ ରବୀନ୍ଦ୍ର କୁମାର ପରିଡ଼ା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଏହି କଲେଜ ଏବେ ଜିଲାର ଅଗ୍ରଭାଗରେ ରହିପାରିଛି ବୋଲି କହିଥିଲେ। ଧରିତ୍ରୀର ଜିଲା ପ୍ରତିନିଧି ବେହେରା ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହାସହ ଧରିତ୍ରୀ ଜିଲାରେ ଥିବା ବିଭିନ୍ନ ସମସ୍ୟା, ପ୍ରାକୃତିକ ସମ୍ପଦର ସୁରକ୍ଷା, ପ୍ରଶାସନିକ ଅବ୍ୟବସ୍ଥା ସମ୍ପର୍କରେ ଅବିଳମ୍ବେ ଖବର ପରିବେଷଣ କରି ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି ବୋଲି ବର୍ଣ୍ଣନା କରିଥିଲେ। ସମସ୍ୟାଗୁଡ଼ିକର ସମାଧାନ ଦିଗରେ ସରକାର କିପରି ତତ୍ପରତା ପ୍ରକାଶ କରିଛନ୍ତି ତା’ର ନମୁନା ଦର୍ଶାଇଥିଲେ।

ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ପୀତାମ୍ବର ସ୍ୱାଇଁ, ଶିକ୍ଷକ ରବୀନ୍ଦ୍ର ଦାଶ, ଖବରଦାତା ସମରଜିତ ମହାନ୍ତି, ଧରିତ୍ରୀର ପ୍ରୀତିପୁର ପ୍ରତିନିଧି ସୁଶାନ୍ତ ବେଉରିଆଙ୍କ ସମେତ କଲେଜର ରଶ୍ମିରଞ୍ଜନ ଦାସ, ନଳିନୀକାନ୍ତ ଜେନା, ମିହିରବିକାଶ ମହାନ୍ତି, ଜାହାଙ୍ଗୀର ଖାନ, ନୃସିଂହଚରଣ ଧଳ, ଦେବାଶିଷ ମିଶ୍ର, କୃଷ୍ଣଚନ୍ଦ୍ର ଜେନା, ଚିନ୍ମୟ ବେହେରା, ଉମେଶ କୁମାର ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୨.୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ

ଭୁବନେଶ୍ୱର, ୬।୬(ବ୍ୟୁରୋ): ବାହାନଗା ରେଳ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରାଣୀ ସମ୍ପଦ ସେବା ସଂଘ ତରଫରୁ ୨୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

LADY PEON
ଆବଶ୍ୟକ
ଖାଇବା, ରହିବା ସହିତ ଦରମା 7500/-.
ଯୋଗାଯୋଗ:
7809525452

WANTED
NIIS GROUP OF INSTITUTIONS
Estd - 2000
NIIS INSTITUTE OF ENGINEERING & TECHNOLOGY
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF BUSINESS ADMINISTRATION
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
NIIS HIGHER SECONDARY SCHOOL
(Recognised by Govt. of Odisha & Affiliated to CHSE, Odisha)
Invites Applications for
LECTURERS, ASSISTANT PROFESSORS & ASSOCIATE PROFESSORS in
CIVIL, ELECTRICAL, MECHANICAL, EEE, ECE, CSE, MBA, MCA, MATHEMATICS, STATISTICS
M.Sc. (PHYSICS,CHEMISTRY, COMP.SC., BIOTECH)
Eligibility: B.Tech, M.Tech., MCA, MBA, M.Sc. (with M.Phil, Ph.D.)
Relevant Experience in the respective field is essential for the post of Associate Professors & Assistant Professors
MARKETING & CONSULTING : Graduates / Postgraduates with relevant experience
ADMINISTRATIVE STAFF : Graduates / Postgraduates with 3-5 years working experience in Engineering & Management Colleges
Salary will be best in the industry as per the ability and experience
Interested candidates are advised to send their latest CV by email to hr@niisgroup.org within 2 weeks of publication of the advertisement. Only shortlisted candidates will be called for interview.
SARADA VIHAR, MADANPUR, BHUBANESWAR - 752054
Visit us: www.niisgroup.org

# ଚିହ୍ନଟ ପାଇଁ ଏମ୍‌ସ ଆସିବ ଆଉ ୩୯ ମୃତଦେହ

## ଡିଏନ୍‌ଏ ଟେଷ୍ଟ ପାଇଁ ଦିଲ୍ଲୀ ଯିବ ନମୁନା

**ଭୁବନେଶ୍ୱର, ୬।୬ (ବ୍ୟୁରୋ)**

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୋଟ୍ ୨୮୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ଏମ୍ସ ଭୁବନେଶ୍ୱରକୁ ୧୨୩ଟି ମୃତଦେହ ଆସିଛି। ତେବେ ମଙ୍ଗଳବାର ବିଳମ୍ବିତ ରାତି ସୁଦ୍ଧା ଆଉ ୩୯ଟି ମୃତଦେହ ଆସିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ସର କାର୍ଯ୍ୟନିର୍ବାହୀ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସବୁ ମୃତଦେହ କେବଳ ଏମ୍‌ସରେ ରହିବ। ଆମ ପାଖରେ ସବୁ ସାଧନ ଅଛି। ଏପର୍ଯ୍ୟନ୍ତ ୭୧ଟି ମରଶରୀରକୁ ସେମାନଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର ସରିଥିବାବେଳେ ୫୨ଟି ମୃତଦେହ ଚିହ୍ନଟ ପାଇଁ ରହିଛି। ଚିକିତ୍ସିତ ହେଉଥିବା ଦୁଇଜଣ ଗୁରୁତର ଯାତ୍ରୀ ଏବେ ସୁସ୍ଥ ଅଛନ୍ତି। କିନ୍ତୁ ମୃତକଙ୍କ ମଧ୍ୟରୁ କେତେଜଣଙ୍କ ଚେହେରା ଚିହ୍ନି ହେଉ ନ ଥିବାରୁ ତାହାକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ଗୋଟିଏ ମୃତଦେହ ପାଇଁ ଏକାଧିକ ଦାବିଦାର ବାହାରୁଛନ୍ତି। ମୃତକଙ୍କ ଆଇଡେଣ୍ଟିଫିକେଶନ ମାର୍କକୁ ଦେଖି ମୃତଦେହ ହସ୍ତାନ୍ତର କରାଯାଉଛି। ଏହି ସମୟରେ ସେମାନଙ୍କ ପରିଜନ ଆଣିଥିବା ଆଧାର କାର୍ଡକୁ ଯାଞ୍ଚ କରାଯାଉଛି। ସମସ୍ତ ମୃତଦେହର ଫଟୋ ରହିଛି, ଯାହାକୁ ଦେଖି ପରିବାର/ସମ୍ପର୍କୀୟ ଚିହ୍ନଟ କରୁଛନ୍ତି। ଦେହରେ ଥିବା ଚିହ୍ନ, ସେମାନେ ପିନ୍ଧିଥିବା କୌଣସି ମେଟାଲ, ଗହଣା ଆଦିକୁ ମଧ୍ୟ ଯାଞ୍ଚ କରାଯାଉଛି। ଏହାବାଦ୍ ମୃତକଙ୍କୁ ଚିହ୍ନିବାରେ ସମସ୍ୟା ହେଲେ ଡିଏନ୍‌ଏ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଡିଏନ୍‌ଏ ସେଣ୍ଟର ଖୋଲାଯାଇଛି। ରେକର୍ଡ ପାଇଁ ସମସ୍ତ ମୃତଦେହର ନମୁନା ସଂଗ୍ରହ କରି ରଖାଯାଇଛି। ତେବେ ଏକାଧିକ ଦାବିଦାର ଥିବା, ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଓ ଚିହ୍ନଟ ହୋଇପାରି ନ ଥିବା ୨୦ରୁ ଊର୍ଦ୍ଧ୍ୱ ମୃତଦେହ ଓ ପରିବାର ସଦସ୍ୟଙ୍କଠାରୁ ସଂଗୃହୀତ ନମୁନାର ଡିଏନ୍‌ଏ ପରୀକ୍ଷା ପାଇଁ ଦିଲ୍ଲୀ ପଠାଯିବ। ରିପୋର୍ଟ ଆସିବା ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ। ଅପରପକ୍ଷେ ଭୁବନେଶ୍ୱର ସମେତ ବାହାରେ ଥିବା ସମସ୍ତ ମୃତଦେହକୁ ଏମ୍‌ସ ଅଣାଯିବ। ଗୋଟିଏ ଜାଗାରେ ମୃତଦେହ ରହିଲେ ମୃତକଙ୍କ ପରିବାରଙ୍କୁ ସୁବିଧା ହେବ ବୋଲି ଡା. ବିଶ୍ୱାସ କହିଥିଲେ। ଅନ୍ୟପକ୍ଷରେ ଟ୍ରେନ୍ ଦୁର୍ଘଟଣାରେ ୧୧ଶହରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଏବେ ୧୬୦ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେଥିରୁ ଅଧିକାଂଶ ଆହତ କଟକ ଏସ୍‌ସିବିରେ ଅଛନ୍ତି। ସେହିପରି କ୍ଷତିଗ୍ରସ୍ତ ରେଳଲାଇନ୍‌କୁ ମରାମତି କରାଯାଇ ଉକ୍ତ ରୁଟ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଛି। ଏହାଯୋଗୁ ଯୋଗାଯୋଗରେ ସୁଧାର ଆସିପାରିଛି। ମୃତଦେହ ନେବାପାଇଁ ଲୋକଙ୍କ ସଂଖ୍ୟା ମଧ୍ୟ ବଢ଼ିଛି ବୋଲି ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ ରିଙ୍କେଶ ରାୟ କହିଛନ୍ତି।

# ହାତୀ ଆକ୍ରମଣରେ ୩ ମୃତ

**ବେଗୁନିଆ/ବଡ଼ସାହି(ଡି.ଏନ୍.ଏ./ ସ୍ୱ.ପ୍ର.)/ଅନୁଗୋଳ ଅଫିସ ୬।୬**

ହାତୀ ଭଳି ବିଶାଳକାୟ ପ୍ରାଣୀଙ୍କୁ ଜଙ୍ଗଲରେ ମିଳୁନାହିଁ ପର୍ଯ୍ୟାପ୍ତ ଖାଇବା। ଏହା ସେମାନଙ୍କୁ ଅଧିକ ହିଂସ୍ର କରୁଛି। ଖାଦ୍ୟ ଅନ୍ୱେଷଣରେ ସେମାନେ ଜନବସତିମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ଭୟଙ୍କର ରୂପ ଧାରଣ କରିଛି। ମଙ୍ଗଳବାର ରାଜ୍ୟର ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ସମେତ ୩ ଜଣଙ୍କ ଜୀବନ ଯାଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଦଲକ ଗ୍ରାମର ଦେବରାଜ ହରିଚନ୍ଦନ (୬୩) ଭୋର୍ ସାଢ଼େ ୫ଟାରେ ଶୌଚ ହେବାକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ, ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅନୁରୂପ ଭାବେ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଗଜଡି ସଂରକ୍ଷିତ ଜଙ୍ଗଲର ଡାହି ଅଞ୍ଚଳରେ ଏକ ହିଂସ୍ର ଦନ୍ତା ଆକ୍ରମଣରେ ଭରତଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ରାମଜିତ୍ ଟୁଡୁଙ୍କ ଦିବ୍ୟାଙ୍ଗ ସ୍ତ୍ରୀ ସୀତା (୫୬)ଙ୍କ ମୃତ୍ୟୁ ଘଟିଛି। ମହୁଲ ଫଳ ଗୋଟାଇବା ପାଇଁ ଯାଇଥିବାବେଳେ ତାଙ୍କୁ ଉକ୍ତ ଦନ୍ତା ଦଳିଦେଇଥିଲା। ହାତୀକୁ ଦେଖି ଅନ୍ୟ ମହିଳାମାନେ ଦୌଡ଼ି ପଳାଇ ଆସିଥିଲେ। ବନପାଳ ସୁଶୀଳ ମହାନ୍ତ ମୃତଦେହ ଜବତ କର ବଡ଼ସାହି ପୋଲିସ ସହାୟତାରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସେହିପରି ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳରେ ହାତୀ ଆକ୍ରମଣରେ ହମାମିରା ଅଞ୍ଚଳର ଚମ୍ପା ସାହୁ (୭୦)ଙ୍କ ମୃତ୍ୟୁ ଘଟିଛି। ଗ୍ରାମର ନେହେରୁ ସାହୁ (୬୦) ଗୁରୁତର ହୋଇଛନ୍ତି।

DAYANAND PUBLIC SCHOOL
Padiabahal, Sambalpur, Odisha, Pin-768112
Mob- 9938895475, 7381058813, 9437055175
ADMISSION OPEN FOR 2023-24
+2 SCIENCE (CBSE)
FACILITIES
Hostel facility, Library
Special classes for NEET/JEE
Science/ Maths lab
Sports Campus, Bus facility
Accelerate your preparation with our learning partner
ICI IMMUNITY CAREER INSTITUTE
Special attention for poor performer

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - XII**

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ “ଏ” - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ “ବି” - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୨୩ରେ ସଞ୍ଚାଳନ କରାଯିବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ “ଏ” ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୩ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବି - XII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ ଇଣ୍ଟିମେଶନ ଦେୟ ପୈଠ | ୦୧।୦୬।୨୦୨୩ରୁ ୨୧।୦୬।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି)* ସଞ୍ଚାଳନ | ୧୭।୦୭।୨୦୨୩ରୁ ୨୨।୦୭।୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ / ସେପ୍ଟେମ୍ବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର, ୨୦୨୩ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୬।୨୦୨୩ — ନିର୍ଦ୍ଦେଶକ

# ଜନସ୍ୱାର୍ଥ ମାମଲାକୁ ଖାରଜ କଲେ ହାଇକୋର୍ଟ

**କଟକ ଅଫିସ,୬।୬**

କେନ୍ଦ୍ର ସରକାରଙ୍କ ୨୦୦୦ ଟଙ୍କିଆ ନୋଟ୍ ବନ୍ଦ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ଅବକାଶକାଳୀନ ଖଣ୍ଡପୀଠରେ ମଙ୍ଗଳବାର ହୋଇଥିଲା। ହାଇକୋର୍ଟର ଅବକାଶକାଳୀନ ବିଚାରପତି ଏସ୍. କେ. ସାହୁ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଖାରଜ କରିଦେଇଛନ୍ତି। ଏଭଳି ମାମଲା ପ୍ରଚାର ପାଇଁ ଉଦ୍ଦିଷ୍ଟ ଓ ଏଥିରେ କୌଣସି ଲୋକଙ୍କ ହିତ ନିହିତ ନାହିଁ। ଭାରତ ସରକାରଙ୍କର ଏହା ଅର୍ଥନୈତିକ ଯୋଜନା ସମ୍ପର୍କିତ ହୋଇଥିବାରୁ ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ଆଧାରରେ ଏଭଳି ମାମଲା ବିଚାରଯୋଗ୍ୟ ନୁହେଁ ବୋଲି ହାଇକୋର୍ଟ ବିଚାରପତି ମତ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା ଛପାଯାଇଥିବା ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଅବଧି ଏତେ କମ୍ ସମୟ କାହିଁକି ରହିଲା ଏବଂ ଅନ୍ୟ କୌଣସି ନୋଟ୍ କାହିଁକି ବଦଳାଗଲା ନାହିଁ ଏ ବାବଦରେ ଆରବିଆଇ ସ୍ପଷ୍ଟୀକରଣ ରଖିବା ନିମନ୍ତେ ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଗତ ମେ’ ୩୧ରେ ମାମଲା ଦାୟର ହୋଇଥିଲା। ୨୦୦୦ ଟଙ୍କିଆ ନୋଟ୍ ବଦଳ ସମୟରେ କୌଣସି ନିୟମାବଳୀ ରଖାଯାଇନାହିଁ। ଫଳରେ କେତେଜଣ ବ୍ୟକ୍ତି ବା ସଂସ୍ଥା ବାରମ୍ବାର ବ୍ୟାଙ୍କକୁ ଯାଇ ନୋଟ୍ ବଦଳାଉଛନ୍ତି। ଏଭଳି ନିୟମରେ ପରିବର୍ତ୍ତନ ଆଣିବା, ୨୦୦୦ ଟଙ୍କିଆ ନୋଟ୍ ବଦଳ ସମୟରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ମୋବାଇଲ ନମ୍ବର, ଆଧାର କାର୍ଡ, ଆୟର ଉତ୍ସ, ପାନ୍ କାର୍ଡର ବିବରଣୀ ପ୍ରଦାନ ବାଧ୍ୟତାମୂଳକ କରିବା ଏବଂ କେଉଁ ପରିସ୍ଥିତିରେ ଏହି ନୋଟ୍ ବଜାରରୁ ହଟାଇଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ପିଟିଶନରେ ଦର୍ଶାଯାଇଥିଲା। ଏଥିସହ ୨୦୦୦ ଟଙ୍କିଆ ନୋଟ୍ ବଦଳାଇବା ସମୟରେ କଳାଧନ ରଖିଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ କ’ଣ ପଦକ୍ଷେପ ନିଆଯାଇଛି ପ୍ରତିପକ୍ଷ ଭାରତ ସରକାରଙ୍କୁ ଜବାବ ରଖିବାକୁ ମଧ୍ୟ ନିବେଦନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ଓ ଭାରତ ସରକାରଙ୍କ ପକ୍ଷରୁ ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ପ୍ରସନ୍ନ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିଲେ।

**୨୦୦୦ ଟଙ୍କିଆ ନୋଟ୍ ବନ୍ଦ ପ୍ରସଙ୍ଗ**





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁନ୍ ୭/୨୦୨୩ Bhubaneswar, Wednesday, June 7/ 2023

# ଓଡ଼ିଶା ବାଳିକା ଦଳକୁ ସ୍ୱର୍ଣ୍ଣ ପଦକ

**ଜୁନିୟର ରଗ୍‌ବୀ**

ଭୁବନେଶ୍ୱର, ୬।୬ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ର ଆନୁକୂଲ୍ୟରେ ପୁଣେଠାରେ ଅନୁଷ୍ଠିତ ଜୁନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୫୦-୦ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୩୪-୦ରେ ଗୁଜରାଟ ଓ ୫୨-୦ରେ ଝାଡ଼ଖଣ୍ଡକୁ ହରାଇବା ପରେ ପ୍ରି-କ୍ୱାର୍ଟରରେ ହରିୟାଣାକୁ ୫୨-୦ରେ ପରାସ୍ତ କରିଥିଲା। ଏହାପରେ କ୍ୱାର୍ଟର ଫାଇନାଲରେ ଉତ୍ତରାଖଣ୍ଡକୁ ୪୯-୦ ଓ ସେମିଫାଇନାଲରେ ବିହାରକୁ ୨୨-୧୭ ପଏଣ୍ଟରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ନିର୍ମାଲ୍ୟା ରାଉତ ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ। **ଓଡ଼ିଶା ଦଳ:** ପାର୍ବତୀ ହାଁସଦା, ସନ୍ଧ୍ୟାରାଣୀ ଟୁଡୁ, ନିର୍ମାଲ୍ୟା ରାଉତ (ଅଧିନାୟିକା), ବର୍ଷାରାଣୀ ମାଝି, ମାମାଲି ସିଂ, ବର୍ଷା ସିଂ, ରିତୁ ମାଝି, ସରିତା ବର୍‌ହା, ସ୍ୱପ୍ନାରାଣୀ ସିଂ, ସଂଯୁକ୍ତା ଭୂମିଜ, ଗୀତାରାଣୀ ସାଇ, ମମତା ମୁର୍ମୁ। କୋଚ୍: ସଂଯୁକ୍ତା ମୁଣ୍ଡା, ମ୍ୟାନେଜର: ନିହାରିକା ପଣ୍ଡା, ଫିଜିଓ: ସୌମ୍ୟଶ୍ରୀ ମିଶ୍ର।



ପୁଣେରେ ଅନୁଷ୍ଠିତ ଜୁନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳ।

# ଭାରତ ସାମ୍ନାରେ ଅଷ୍ଟ୍ରେଲିଆ ଚ୍ୟାଲେଞ୍ଜ

ଲଣ୍ଡନ, ୬।୬ (ପି.ଟି.)

ବିଶ୍ୱର ଶ୍ରେଷ୍ଠ ଟେଷ୍ଟ ଦଳ ନିର୍ଦ୍ଧାରଣ ପାଇଁ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ। ଇଂଲଣ୍ଡର ଓଭାଲରେ ଖେଳାଯିବ ଏହି ମହାସମର। ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ ଖେଳିବାକୁ ଯାଉଥିବା ବେଳେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଫାଇନାଲ ଖେଳିବ। ଆଇସିସି ଟ୍ରଫି

**ଆଜିଠୁ ଡବ୍ଲ୍ୟୁଟିସି ଫାଇନାଲ**

ହାସଲରେ ରହିଥିବା ମରୁଡିକୁ ଭାରତ ଶେଷ କରିବା ପ୍ରୟାସରେ ରହିଥିବା ବେଳେ ଦଳ ସାମ୍ନାରେ ରହିଛି ଅଷ୍ଟ୍ରେଲିଆ ଚ୍ୟାଲେଞ୍ଜ। ଡବ୍ଲ୍ୟୁଟିସିର ଏହି ଦୁଇ ବର୍ଷ ମଧ୍ୟରେ ଭାରତୀୟ ଦଳର ପ୍ରଦର୍ଶନ ସବୁଠୁ ସ୍ଥିର ରହିଛି। ଏପରିକି ଦଳ ବିଗତ ୧୦ ବର୍ଷ ମଧ୍ୟରେ ଅନୁଷ୍ଠିତ ସମସ୍ତ ଆଇସିସି ଟୁର୍ନାମେଣ୍ଟର ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ୨୦୧୩ ମସିହାରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିବା ପରଠାରୁ ଦଳ ଆଉ କୌଣସ ଟ୍ରଫି ଜିତିବାରେ ସଫଳ ହୋଇ ନାହିଁ। ଏହି ସମୟ ମଧ୍ୟରେ ଦଳ ୩ଟି ଫାଇନାଲ ଓ ୪ଟି ସେମିଫାଇନାଲରେ ଚିତପଟାଙ୍ଗ ହୋଇଛି। ବିଗତ ଦୁଇ ବର୍ଷ ମଧ୍ୟରେ ଭାରତ ୬ଟି ଟେଷ୍ଟ ସିରିଜ୍ ଖେଳିଥିବା ବେଳେ କେବଳ ଗୋଟିଏରେ ପରାଜିତ ହୋଇଛି। ଦକ୍ଷିଣ ଆଫ୍ରିକା ନିକଟରୁ ଭାରତ ହାରିଥିବା ବେଳେ ଏହା ମଧ୍ୟରେ ବିରାଟ କୋହଲିଙ୍କ ହାତରୁ ଅଧିନାୟକତ୍ୱ ଭାର ରୋହିତ ଶର୍ମାଙ୍କ ହାତକୁ ଯାଇଛି। ଘରୋଇ ମାଟିରେ ଭାରତ ଅପରାଜେୟ ରହିଥିବା ବେଳେ ଇଂଲଣ୍ଡ ଓ ବାଂଲାଦେଶ ବିପକ୍ଷରେ ବିଜୟ ପାଇଁ ଦଳକୁ ସାମାନ୍ୟ ସଂଘର୍ଷ କରିବାକୁ ପଡିଥିଲା। ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ନିଜ ଦଳ ଉପରେ ଭରସା ଜାହିର କରିଛନ୍ତି। ଟାଇଟଲ ଜିତିବା ଦ୍ୱାରା ଦଳ ନିଜର ସାମ୍ରାଜ୍ୟ ସୃଷ୍ଟି କରିଥାଏ। ଓଭାଲରେ ପ୍ରଦର୍ଶନ ଯାହାବି ହେଉନା କାହିଁକି ଏହି ଦଳକୁ ନେଇ ରହିଥିବା ମତାମତ ସମାନ ରହିବ। ଦୁଇ ବର୍ଷର ଅକ୍ଳାନ୍ତ ପରିଶ୍ରମ ବଳରେ ହିଁ ଦଳ ଏଠାରେ ପହଞ୍ଚିବାରେ ସମର୍ଥ ହୋଇଛି। ଏହି ସମୟ ମଧ୍ୟରେ ଦଳକୁ ମିଳିଛି ଅନେକ ସଫଳତା। ଦଳ ଅଷ୍ଟ୍ରେଲିଆରେ ସିରିଜ୍ ବିଜୟୀ ହୋଇଥିବା ବେଳେ ଇଂଲଣ୍ଡରେ ସିରିଜ୍ ଡ୍ର କରିଥିଲା।



ଆଇସିସି ଟେଷ୍ଟ ମେସ୍ ସହ ରୋହିତ ଶର୍ମା, ରସ୍ ଟେଲର ଓ ପ୍ୟାଟ୍ କୁମିନ୍ସ।

## ଭୁଲରୁ ଶିକ୍ଷା

ଭାରତୀୟ ଦଳ ଅତୀତରେ କରିଥିବା ଭୁଲରୁ ଶିକ୍ଷା ଲାଭ କରିବା ନେଇ ଆଶା କରାଯାଉଛି। ପ୍ରଥମ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ସାଉଥାମ୍ପଟନ୍‌ରେ ଖେଳା ଯାଇଥିବା ବେଳେ ଭାରତ ଏଥିରେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇଥିଲା। ବିରାଟ କୋହଲିଙ୍କ ଏହି ନିଷ୍ପତ୍ତି ଭାରତ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ୧୪୩ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ଓଭାଲରେ ଜୁନ୍ ମାସରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପିଚ୍‌ରେ ପ୍ରଚୁର ପରିମାଣରେ ଘାସ ରହିଥିବା ବେଳେ ଏହା କିଭଳି ବ୍ୟବହାର କରିବ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ଏପରି ପରସ୍ଥିତିରେ ଭାରତର ରଣନୀତି କ'ଣ ରହିବ ତାହା ସ୍ପଷ୍ଟ ହୋଇନାହିଁ। ଭାରତ ୩-୨ ବା ୪-୧ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇବ ଏହା ଉପରେ ସଭିଙ୍କ ନଜର ରହିବ। ବ୍ୟାଟିଂରେ ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ଇଶାନ୍ କିଶନଙ୍କୁ ପ୍ରାଧାନ୍ୟ ମିଳିବାର ସମ୍ଭାବନା ରହିଛି। ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କ ଖେଳିବା ନିଶ୍ଚିତ ଥିବା ବେଳେ ଉମେଶ ଯାଦବ ଓ ଶାର୍ଦ୍ଦୂଳ ଠାକୁରଙ୍କ ମଧ୍ୟରୁ ଜଣେ ଅଥବା ଦୁଇ ଜଣଯାକ ଖେଳିପାରନ୍ତି।

## ଆଇପିଏଲ୍‌ରୁ ଟେଷ୍ଟ

ଭାରତୀୟ ଦଳର ଏକାଧିକ ଖେଳାଳି ଆଇପିଏଲ୍ ଖେଳି ଫେରିଥିବାରୁ ଫର୍ମାଟ ପରିବର୍ତ୍ତନ ପାଇଁ ସମୟ ଲାଗିପାରେ। ଇଂଲଣ୍ଡରେ ଟେଷ୍ଟ କ୍ରିକେଟ ସର୍ବଦା କଷ୍ଟସାଧ୍ୟ ହେଉଥିବା ବେଳେ ଟି୨୦ରୁ ଫେରିଥିବା କ୍ରିକେଟରଙ୍କ ପାଇଁ ଅଧିକ କଠିନ ପରିସ୍ଥିତି ସୃଷ୍ଟି ହୋଇପାରେ। ରୋହିତ ଶର୍ମାଙ୍କ ସହିତ ବିରାଟ କୋହଲି, ଶୁବମନ ଗିଲ୍ ଓ ଚେତେଶ୍ୱର ପୂଜାରାଙ୍କ ପରି ଖେଳାଳିଙ୍କ ପାଇଁ ନିଜକୁ ପ୍ରମାଣିତ କରିବାର ଏହା ଏକ ବଡ ସୁଯୋଗ। ସେହିପରି ଦୁଇ ବର୍ଷ ପରେ ଦଳକୁ ଫେରିଥିବା ଅଜିଙ୍କ୍ୟ ରାହାନେ ମଧ୍ୟ ଏକ ବୃହତ୍ ସ୍କୋର ପାଇଁ ପ୍ରୟାସ କରିବେ।

## ଆସେସ୍ ୱାର୍ମଅପ୍

ଏହି ମ୍ୟାଚ ପରେ ଅଷ୍ଟ୍ରେଲିଆ ଆସେସ୍ ସିରିଜ୍ ଖେଳିବ। ଆସେସ୍ ପୂର୍ବରୁ ଏହା ଦଳର ୱାର୍ମଅପ୍ ଗେମ୍। ଓଭାଲରେ ଷ୍ଟିଭ୍ ସ୍ମିଥ୍‌ଙ୍କ ଆଭରେଜ୍ ୧୦୦ ରହିଥିବା ବେଳେ ଅଷ୍ଟ୍ରେଲିଆ ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଅପରପକ୍ଷରେ ସ୍ମିଥ୍‌ଙ୍କୁ ଆଉଟ କରିବା ପାଇଁ ଭାରତ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିପାରେ। ନାଥନ ଲିୟନଙ୍କ ସ୍ପିନ୍ ଓ କାମେରନ୍ ଗ୍ରୀନ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ।

**ଅଷ୍ଟ୍ରେଲିଆ ଦଳ:** ପ୍ୟାଟ କୁମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କେରୀ, କାମେରନ୍ ଗ୍ରୀନ୍, ମାର୍କସ୍ ହାରିସ୍, ମାଇକେଲ ନେସର, ଟ୍ରାଭିସ୍ ହେଡ, ଉସମାନ୍ ଖ୍ୱାଜା, ମାର୍ନସ ଲାବୁଶେନ୍, ନାଥନ୍ ଲିୟନ୍, ଜୋଶ ଇଙ୍ଗଲିସ୍, ଟଡ୍ ମର୍ଫି, ଷ୍ଟିଭ୍ ସ୍ମିଥ୍, ମିଚେଲ ଷ୍ଟାର୍କ ଓ ଡେଭିଡ୍ ୱାର୍ନର। ରିଜର୍ଭ: ମିଚେଲ ମାର୍ଶ, ମ୍ୟାଟ ରେନ୍‌ଶ'।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ରବିଚନ୍ଦ୍ରନ ଅଶ୍ୱିନ୍, ଶ୍ରୀକର ଭରତ, ଶୁବମାନ ଗିଲ୍, ରବୀନ୍ଦ୍ର ଜାଡେଜା, ବିରାଟ କୋହଲି, ଈଶାନ କିଶନ, ଚେତେଶ୍ୱର ପୂଜାରା, ଅକ୍ଷର ପଟେଲ, ଅଜିଙ୍କ୍ୟ ରାହାନେ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଶାର୍ଦ୍ଦୂଳ ଠାକୁର, ଜୟଦେବ ଉନାଡକଟ, ଉମେଶ ଯାଦବ। **ରିଜର୍ଭ :** ଯଶସ୍ୱୀ ଜୟସ୍ୱାଲ, ମୁକେଶ କୁମାର, ସୂର୍ଯ୍ୟକୁମାର ଯାଦବ।

**ମ୍ୟାଚ ସ୍ଥାନ: ଦ ଓଭାଲ**
**ସମୟ: ଅପରାହ୍ଣ ୩.୦୦ଟା**

# ସମ୍ମାନ ହାସଲ କରିଛି ଭାରତ: କୋହଲି

ଲଣ୍ଡନ, ୬।୬ (ପି.ଟି.)

ସମୟ ସହିତ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆରେ ସମ୍ମାନ ହାସଲ କରିଛି ବୋଲି କହିଛନ୍ତି ଭାରତୀୟ ବ୍ୟାଟର ବିରାଟ କୋହଲି। ପୂର୍ବରୁ ଅଷ୍ଟ୍ରେଲିଆ ଭାରତକୁ ଏହାର ପ୍ରତିଦ୍ୱନ୍ଦ୍ୱୀ ଭାବରେ ଗଣୁଥିଲା। ତେବେ ଭାରତୀୟ ଦଳ କ୍ରମାଗତ ଦୁଇଟି ସିରିଜରେ ଅଷ୍ଟ୍ରେଲିଆକୁ ତାର ନିଜ ମାଟିରେ ହରାଇବା ପରେ ପ୍ରତିଦ୍ୱନ୍ଦ୍ୱିତାକୁ ବର୍ତ୍ତମାନ ଦଳ ସମ୍ମାନରେ ପରିଣତ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ବିରାଟ। ୨୦୧୮-୧୯ ଓ ୨୦୨୦-୨୧ରେ ଭାରତ ୨-୧ରେ ସିରିଜ ଜିତିବା ପରେ ଏହି ପରିବର୍ତ୍ତନ ଆସିଥିବା କୋହଲି କହିଛନ୍ତି। ପୂର୍ବରୁ ଉଭୟ ଦଳ ଖେଳୁଥିବା ବେଳେ ପଡିଆରେ ମାହୋଲ ଉତ୍ତେଜନାପୂର୍ଣ୍ଣ ରହୁଥିଲା। ସମୟକ୍ରମେ ଏଥିରେ ପରିବର୍ତ୍ତନ ଆସିଥିବା କହିଛନ୍ତି କୋହଲି। ଅଷ୍ଟ୍ରେଲିଆ ଏକ ଶକ୍ତିଶାଳୀ ଦଳ ହୋଇଥିବା ବେଳେ ସେମାନଙ୍କ ବିରୋଧରେ ପ୍ରଦର୍ଶନ କରିବା ପାଇଁ ନିଜକୁ ସର୍ବଦା ଉତ୍ସାହିତ କରିବାକୁ ପଡିଥାଏ ବୋଲି ସେ କହିଛନ୍ତି। ଉଭୟ ଦଳର ଓଭାଲରେ ରେକର୍ଡ ଭଲ ନ ଥିବା ବେଳେ ଏଥିରେ ଉନ୍ନତି ଆଣିବାକୁ ପ୍ରୟାସ କରାଯିବ ବୋଲି କୋହଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅଷ୍ଟ୍ରେଲିଆ ଏହି ଗ୍ରାଉଣ୍ଡରେ ୩୮ ମ୍ୟାଚ୍ ଖେଳି ୭ ବିଜୟ ହାସଲ କରିଥିବା ବେଳେ ଭାରତ ୧୪ ମ୍ୟାଚ୍‌ରୁ ୨ ବିଜୟ ହାସଲ କରିଛି।

# ଓଡ଼ିଶା ପ୍ରତିଯୋଗୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

**ସ୍ପେଶାଲ ଅଲିମ୍ପିକ୍ ୱାର୍ଲ୍ଡ ସମର ଗେମ୍ସ**

ଭୁବନେଶ୍ୱର, ୬।୬ (କ୍ରୀଡ଼ା ପ୍ରତିନିଧି)

ସ୍ପେଶାଲ ଅଲିମ୍ପିକ୍ ୱାର୍ଲ୍ଡ ସମର ଗେମ୍ସ ଜର୍ମାନୀର ବର୍ଲିନଠାରେ ଚଳିତ ମାସ ୧୭ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୯ ସଦସ୍ୟ (୭ ଖେଳାଳି, ୨ କୋଚ୍) ଅଂଶଗ୍ରହଣ କରିବେ। ମଙ୍ଗଳବାର ନୂଆଦିଲ୍ଲୀ ଯାତ୍ରା କରିଥିବା ଓଡ଼ିଶା ପ୍ରତିନିଧି ଦଳକୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ସ୍ପେଶାଲ ଅଲିମ୍ପିକ୍ ଭାରତ ଓଡ଼ିଶାର ଆଞ୍ଚଳିକ ମୁଖ୍ୟ ପ୍ରକାଶ ରଥ, ବିଆରଏମ୍-ଆଶାର ଉପସଭାପତି ପ୍ରତୀପ୍ତ କୁମାର ରଥ, ଏସ୍‌ଓବି-ଓଡ଼ିଶାର ରାଜ୍ୟ ପ୍ରକଳ୍ପ ସଂଯୋଜକ ଅର୍ପିତା ମହାପାତ୍ର, ନ୍ୟାଶନାଲ ଟ୍ରେନର୍ସ ଉମାକାନ୍ତ ଷଡ଼ଙ୍ଗୀ ଓ ସସ୍ମିତା ମହାପାତ୍ର ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପ୍ରତିଯୋଗୀମାନେ ଆଥ୍‌ଲେଟିକ୍ସ, ବାସ୍କେଟବଲ, ସାଇକ୍ଲିଂ, ଫୁଟସାଲ ଓ ୟୁନିଫାଏଡ୍ ବିଚ୍ ଭଲିବଲ୍ ଇଭେଣ୍ଟରେ ଭାଗନେବେ। ଭାରତୀୟ ଦଳରେ କିଟ୍‌ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍ ସାମିଲ ହୋଇଛନ୍ତି। ଏ ଦୁହେଁ ୟୁନିଫାଏଡ୍ ବିଚ୍ ଭଲିବଲରେ ଅଂଶଗ୍ରହଣ କରିବେ।

# ଭାରତ-କୋରିଆ ମ୍ୟାଚ ଡ୍ର

**କାକାମିଘରା, ୬।୬ (ପି.ଟି.):** ମହିଳା ଏସିଆ କପ୍ ଜୁନିୟର ହକିରେ ଭାରତୀୟ ଦଳ କୋରିଆ ସହିତ ପଏଣ୍ଟ ବାଣ୍ଟିଛି। ୨-୦ରେ ପଛୁଆ ରହିଥିବା ବେଳେ ଦଳ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦୀପିକା ସୋରେଙ୍ଗ(୪୩ ମିନିଟ) ଓ ଦୀପିକା(୫୪ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କୋରିଆ ପକ୍ଷରୁ ୟୁଜିନ୍ ଲି(୧୫ ମିନିଟ) ଓ ଜିଓନ୍ ଚୋଇ(୩୦ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମ ଦୁଇ କ୍ୱାର୍ଟର କୋରିଆ ଓ ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲା। ଏହା ସହିତ ପୁଲ୍ ଏ'ରେ ସ୍ଥାନ ପାଇଥିବା ଭାରତ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛି। ମଙ୍ଗଳବାର ମ୍ୟାଚ୍ ଆରମ୍ଭରୁ ଘରୋଇ ଦଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ମିନିଟରୁ ଭାରତୀୟ ରକ୍ଷଣ ଭାଗ ଖେଳାଳିଙ୍କୁ ଚାପରେ ରଖିଥିଲା କୋରିଆ। ପ୍ରଥମ କ୍ୱାର୍ଟରର ଅଧାରୁ ଅଧିକ ସମୟ କୋରିଆ ଖେଳାଳି ବଲକୁ ନିୟନ୍ତ୍ରଣରେ ରଖିଥିଲେ। ୦-୨ରେ ପଛୁଆ ରହିଥିବା ଭାରତ କାଉଣ୍ଟର ଆଟାକ୍ କରି ସଫଳ ହୋଇଥିଲା।

# ସେମିରେ ସାବାଲେଙ୍କା, ମୁଚୋଭା

**ଫ୍ରେଞ୍ଚ ଓପନ**

ପ୍ୟାରିସ୍, ୬।୬ (ପି.ଟି.)

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଆରିନା ସାବାଲେଙ୍କା ଓ କାରୋଲିନା ମୁଚୋଭା। ଏହା ବ୍ୟତିତ ଚତୁର୍ଥ ରାଉଣ୍ଡ ମ୍ୟାଚରେ ୱାକ୍ ଓଭର ପାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍। ମଙ୍ଗଳବାର ଦୁଇଟିଯାକ କ୍ୱାର୍ଟର ଫାଇନାଲ ଫିଲିପ୍ ଚାର୍ଟିଅର କୋର୍ଟରେ ଖେଳା ଯାଇଥିଲା। ପ୍ରଥମ କ୍ୱାର୍ଟରରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସାବାଲେଙ୍କା ୬-୪,୬-୪ ସେଟରେ ଏଲିନା ସ୍ୱିଟୋଲିନାଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଚେକ୍ ରିପବ୍ଲିକର କାରୋଲିନା ମୁଚୋଭା ୭-୫ ଓ ୬-୨ ସେଟ୍‌ରେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ପରାସ୍ତ କରିଥିଲେ।

ଏଲିନା ସ୍ୱିଟୋଲିନାଙ୍କ ବିପକ୍ଷରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ସାବାଲେଙ୍କା। ଏଲିନା ୪ ଡବଲ ଫଲ୍ଟ କରିଥିବା ବେଳେ ସାବାଲେଙ୍କା ୩ଟି ଡବଲଫଲ୍ଟ କରିଥିଲେ। ସେକେଣ୍ଡ ସର୍ଭରେ ୮୨ ପ୍ରତିଶତ ପଏଣ୍ଟ ହାସଲ କରିବା ସହିତ ସାବାଲେଙ୍କା ୬-୪, ୬-୪ରେ ସହଜ ବିଜୟ ହାସଲ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ କାରୋଲିନା ମୁଚୋଭା ମଧ୍ୟ ସିଧାସଳଖ ସେଟରେ ବିଜୟୀ ହୋଇଥିଲେ। ପ୍ରଥମ ସେଟରେ ପାଭ୍ଲ୍ୟୁଚେଙ୍କୋଭା ସଂଘର୍ଷ କରିଥିଲେ ମଧ୍ୟ ମୁଚୋଭା ୭-୫ରେ ମ୍ୟାଚ୍ ଜିତି ନେଇଥିଲେ। ପରବର୍ତ୍ତୀ ସେଟ୍‌କୁ ୬-୨ରେ ଜିତିବା ସହିତ ସେ ସେମିରେ ପ୍ରବେଶ କରିଥିଲେ। ଗୁରୁବାର ପ୍ରଥମ ସେମିରେ ଉଭୟ ଖେଳାଳି ପରସ୍ପରକୁ ଭେଟିବେ। ସୋମବାର ରାତିରେ ଖେଳା ଯାଇଥିବା ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଇଗା ସ୍ୱିଟେକ୍‌ଙ୍କୁ ୱାକ୍ ଓଭର ମିଳିଛି। ସ୍ୱିଡେନର ଲେସିଆ ଟିସୁରେଙ୍କୋଙ୍କ ବିପକ୍ଷ ମ୍ୟାଚ୍‌ରେ ସେ ୫-୧ରେ ଆଗୁଆ ରହିଥିଲେ। ଟିସୁରେଙ୍କୋ ଓହରିଯିବା କାରଣରୁ ସ୍ୱିଟେକଙ୍କୁ ୱାକ୍ ଓଭର ମିଳିଥିଲା।

ପୁରୁଷ ବର୍ଗରେ ପ୍ରଥମ ଖେଳାଳି ଭାବରେ ଆର୍ଜେଣ୍ଟିନାର ଥୋମାସ ମାର୍ଟିନ୍ ଏଚେଭେରୀ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଜାପାନର ୟୋଶିହିତୋ ନିଶିଓକାଙ୍କୁ ସେ ୭-୬(୧୦-୮), ୬-୦ ଓ ୬-୧ ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ଟି ଟାଇବ୍ରେକରେ ଫଇସଲା ହୋଇଥିବା ବେଳେ ପରବର୍ତ୍ତୀ ଦୁଇ ରାଉଣ୍ଡକୁ ଥୋମାସ ସହଜରେ ଜିତି ନେଇଥିଲେ।



ମ୍ୟାଚ ଜିତିବାପରେ ଆରିନା ସାବାଲେଙ୍କାଙ୍କ ପ୍ରତିକ୍ରିୟା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ